

ଧୋନିଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମୁମ୍ବାଇରେ ନୂଆ ଫ୍ଲାଟ କିଣିଲେ ସୋନାକ୍ଷୀ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୭୧ Vol. 20 No-71 2 JUNE 2023 FRIDAY BHUBANESWAR ଶୁକ୍ରବାର, ୨ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ମାଲକାନଗିରିରେ କାଳବୈଶାଖୀ ତାଣ୍ଡବ

# ଭାଙ୍ଗିଲା ଘର, ଉଡ଼ିଲା ଛପର

- କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ
- ବଡ଼ ବଡ଼ ଗଛ ପଡ଼ି ରାସ୍ତା ଅବରୋଧ
- ଏୟାରଷ୍ଟ୍ରିପ୍ ପାଚେରୀ ଭୁଶୁଡ଼ି ୨ ଶ୍ରମିକ ମୃତ
- ୨ ଡଙ୍ଗା ବୁଡ଼ି ୨ ନିଖୋଜ
- ଯୋଗାଯୋଗ ବିଚ୍ଛିନ୍ନ, ବିଦ୍ୟୁତ ସେବା ଠପ୍

ମାଲକାନଗିରି/ଭୁବନେଶ୍ୱର,୧।୬ (ଭାସ୍କର ନ୍ୟୁଜ): ମାଲକାନଗିରିରେ କାଳବୈଶାଖୀ ତାଣ୍ଡବ ରଚିଛି । ଘଡ଼ଘଡ଼ି ବର୍ଷା ସହ ପ୍ରବଳ ପବନରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଗୁରୁବାର ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ୫୦ରୁ ୬୦ କିମି ବେଗରେ ପବନ ବୋହିବା ଆରମ୍ଭ କରିଥିଲା । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ମାଲକାନଗିରି ସଦର ମହକୁମାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି । ବହୁ ଚାଳଛପର ଓ ଟିଣ ଘରର ଛାତ ଉଡ଼ିଯାଇଛି । ବିଦ୍ୟୁତ ଖୁଣ୍ଟ ଉପୁଡ଼ି ସେବା ଠପ୍ ହୋଇପଡ଼ିଛି । ଗଛ ପଡ଼ିଥିବାରୁ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ସେହିପରି ପ୍ରବଳ ପବନରେ ନବନିର୍ମିତ ଏୟାରଷ୍ଟ୍ରିପ୍ ପାଚେରୀ ଭୁଶୁଡ଼ି ପଡ଼ିବା ସହ ୨ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି । ଅନ୍ୟ ୨ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ସଦର ମହକୁମା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜିଲ୍ଲା କଂଗ୍ରେସ ଭବନ, ଆହାର କେନ୍ଦ୍ର, ହାଇସ୍କୁଲ ଓ ଶିରିଡି ସାଇମନ୍ଦିର ନିକଟରେ ଥିବା ବହୁ ଟିଣଘର ଉଡ଼ିଯାଇଛି । ସେହିପରି ସହରରେ ଥିବା ଅନେକ ଘର ଉପରେ ଗଛ ପଡ଼ି ଘର ନଷ୍ଟ ହୋଇଛି । ସତୀଗୁଡ଼ା ଡ୍ୟାମକୁ ଦୁଇଟି ଡଙ୍ଗାରେ ମାଛ ଧରିବାକୁ ଯାଇଥିବା ଦୁଇ ମତ୍ସ୍ୟଜୀବୀ ନିଖୋଜ ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି । ସ୍ୱତନ୍ତ୍ର ରିଲିଫ କମିଶନର ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବିଦ୍ୟୁତ ଭିତ୍ତିଭୂମି ତୁରନ୍ତ ସଜାଡ଼ିବା ନିମନ୍ତେ ଟିପିଏସଓଡିଏଲକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଉଦ୍ଧାର କାର୍ଯ୍ୟରେ ସହାୟତା କରିବାକୁ କୋରାପୁଟଠାରେ ଥିବା ଓଡ୍ରାଫ୍ ୟୁନିଟ୍‌କୁ ମାଲକାନଗିରି ପଠାଯାଇଛି । ମାଲକାନଗିରି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ତହସିଲଦାର, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ କ୍ଷୟକ୍ଷତି ଅଞ୍ଚଳ ପରିଦର୍ଶନ କରି ପୀଡ଼ିତଙ୍କୁ କିପରି ସହାୟତା ଯୋଗାଇ ଦିଆଯାଇପାରିବ ସେ ନେଇ ଆଲୋଚନା କରିଛନ୍ତି । ତେବେ ବହୁ ସ୍ଥାନରେ ଗଛପଡ଼ି ବିଦ୍ୟୁତ ସେବା ଠପ୍ ହୋଇଥିବାବେଳେ କେବେ ଏହା ପୁନର୍ବାହାଲ ● ପୃଷ୍ଠା ୮ ଦେଖନ୍ତୁ





## ଶେଷ ପର୍ଯ୍ୟାୟରେ ବରମୁଣ୍ଡା ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ

# ସମୀକ୍ଷା କଲେ ୫-ଟି ସଚିବ



ଭୁବନେଶ୍ୱର,୧।୬(ଭାସ୍କର ନ୍ୟୁଜ): ୫-ଟି ଉପକ୍ରମରେ ବରମୁଣ୍ଡା ବସ୍ ଟର୍ମିନାଲର ରୂପାନ୍ତର କାର୍ଯ୍ୟ ଚାଲୁ ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅପରାହ୍ନରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ବରମୁଣ୍ଡାସ୍ଥିତ ନିର୍ମାଣାଧୀନ ଆନ୍ତଃ-ରାଜ୍ୟ ବସ୍ ଟର୍ମିନାଲରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଥିଲେ । ନିର୍ମାଣସ୍ଥଳ ପରିଦର୍ଶନ କରିବା ସହ ଉପସ୍ଥିତ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ । ଏହି

### ଆନ୍ତଃରାଜ୍ୟ ବସ୍ ଚଳାଚଳ ପାଇଁ ପଦକ୍ଷେପ

### ୮୫ ପ୍ରତିଶତ କାର୍ଯ୍ୟ ଶେଷ

### ଜୁଲାଇ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

### ଦୈନିକ ଚାଲିବ ୨ହଜାରରୁ ଅଧିକ ବସ୍

ପ୍ରକଳ୍ପର ୮୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇସାରିଛି । ଚଳିତମାସ ଶେଷ ସୁଦ୍ଧା ସିଭିଲ କାମ ସରିବ ବୋଲି ଜଣାପଡ଼ିଛି । ତେବେ ଜୁଲାଇ ମାସସୁଦ୍ଧା ପୁରା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ବରମୁଣ୍ଡା ବସ୍ ● ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ଡଃ ମୃତ୍ୟୁଞ୍ଜୟ ମହାପାତ୍ର ବିଶ୍ୱ ପାଣିପାଗ ସଂଗଠନର ଉପାଧ୍ୟକ୍ଷ



ନୂଆଦିଲ୍ଲୀ,୧।୬: ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଏକ ବଡ଼ ଦାୟିତ୍ୱ ପ୍ରଦାନ କରାଯାଇଛି । ସେ ବିଶ୍ୱ ପାଣିପାଗ ସଂଗଠନର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ଡବ୍ଲୁଏମ୍‌ଓର ୩ଜଣ ଉପାଧ୍ୟକ୍ଷଙ୍କ ମଧ୍ୟରୁ ସେ ଜଣେ ବୋଲି ସୂଚନା ଦିଆଯାଇଛି ।

### ଆଜି ଓଜେଇଇ ରେଜଲ୍ଟ

ଭୁବନେଶ୍ୱର,୧।୬(ଭାସ୍କର ନ୍ୟୁଜ): ଶୁକ୍ରବାର ପ୍ରକାଶ ପାଇବ ଓଜେଇଇ ରେଜଲ୍ଟ । ପୂର୍ବାହ୍ନ ୧୧ଟାରେ ଏହା ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ଓଜେଇଇ ୱେବସାଇଟ୍‌ରୁ ରେଜଲ୍ଟ ପାଇପାରିବେ । ଗତମାସ ୮ ତାରିଖରୁ ୧୫ ତାରିଖ ଯାଏ ଏଥିପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ରାଜ୍ୟର ୩୩ଟି ସହରର ୪୭ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରେ ମଧ୍ୟ ତିନୋଟି କେନ୍ଦ୍ର ଖୋଲାଯାଇଥିଲା ।

### ଅଗ୍ନି-୧ ମିସାଇଲର ସଫଳ ପରୀକ୍ଷା

ବାଲେଶ୍ୱର,୧।୬(ଭାସ୍କର ନ୍ୟୁଜ): ଗୁରୁବାର ରାତିରେ ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟିର ୫ ନମ୍ବର ଲଞ୍ଚ ପ୍ୟାଡ୍‌ରୁ ଅଗ୍ନି-୧ ମିସାଇଲର ୧୯ ନମ୍ବର ଭର୍ସନର ସଫଳ ପରୀକ୍ଷଣ ହୋଇଛି । ଏହି ମିସାଇଲ ୭ ହଜାରରୁ ୧୦ ହଜାର କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରଖିଥିବା ଡିଆରଡିଓ ପକ୍ଷରୁ ସୂଚନା ଦିଆଯାଇଛି ।

ସେନ୍‌ସେକ୍ସ: ୬୨,୪୨୮.୫୪
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୯.୯ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

### ୧।୬ର ମତାମତ

ନିର୍ମାଣ କାର୍ଯ୍ୟ ସମୟରେ ଘଟୁଥିବା ଦୁର୍ଘଟଣା ପାଇଁ ଯନ୍ତ୍ରୀମାନଙ୍କୁ ଦାୟୀ କରାଯିବା ଉଚିତ୍ କି ?




### ଆଜିର ପ୍ରସଙ୍ଗ

ମହାନଦୀ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବା ଜରୁରି ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ସମୁଦ୍ର ଗାଧୁଆ କାଳ ପାଲଟୁଛି
ଚାଲିଯାଉଅଛି ଜୀବନ
କାଳବୈଶାଖୀଟା ତାଣ୍ଡବ ରଚୁଛି
ଜୀବନ ହେଉଛି ବିପନ୍ନ
ଜୀବ ଜଗତଟା ଉଚ୍ଛନ୍ନ
ଖରାବରଷାର ଖେଳାଟା ଭିତରେ
ଖେଳୁଛି ଜୀବନ ମରଣ..।

## ସମୁଦ୍ରରେ ଗାଧୋଇବା ବେଳେ ଭାସିଗଲେ ୬ ଛାତ୍ରୀ

# ୨ ମୃତ, ୪ ଉଦ୍ଧାର





ଫାଇଲ୍ ଫଟୋ

ବ୍ରହ୍ମପୁର/ଛତ୍ରପୁର,୧।୬ (ଭାସ୍କର ନ୍ୟୁଜ): ଗୁରୁବାର ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ଏକ ବଡ଼ ଧରଣର ଅଘଟଣ ଘଟିଛି । ସମୁଦ୍ରକୁ ଗାଧୋଇବା ପାଇଁ ଯାଇ ୬ ଛାତ୍ରୀ ଭାସି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୪ ଜଣଙ୍କୁ ଉଦ୍ଧାର କରାଯାଇଛି । ମୃତ୍ୟୁବରଣ କରିଥିବା ଛାତ୍ରୀ ୨ ଜଣ ହେଲେ କନିଷିର ସ୍ୱପ୍ନାରାଣୀ ପଣ୍ଡିତ ଓ ଶେରଗଡ଼ର ପ୍ରଜ୍ଞାରାଣୀ ତ୍ରିପାଠୀ । ଯାତ୍ରା ଦେଖିବା ପାଇଁ ନିଜ ସମ୍ପର୍କୀୟଙ୍କ ଘରକୁ ସେମାନେ ଆସିଥିଲେ । ଗୁରୁବାର ସକାଳେ ୬ ଜଣ ସାଙ୍ଗ ସମୁଦ୍ରକୁ ଗାଧୋଇବା ପାଇଁ ଯାଇଥିଲେ । ତେବେ ଗାଧୋଇବା ସମୟରେ ସେମାନେ ଗଭୀର ସମୁଦ୍ରକୁ ଚାଲି ଯାଇଥିଲେ । ସ୍ଥାନୀୟ ଲୋକେ ୪ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ୨ ଜଣଙ୍କ ପତ୍ତା ପାଇନଥିଲେ । ସେମାନଙ୍କୁ ଖୋଜିବା ପାଇଁ

### ଆର୍ଯ୍ୟପଲ୍ଲୀ ଟ୍ରାଜେଡି

କୋଷ୍ଟଗାର୍ଡ ପକ୍ଷରୁ ଏୟାର କ୍ରାଫ୍ଟ ନିୟୋଜିତ କରାଯାଇଥିବା ବେଳେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ପ୍ରଥମେ ସ୍ୱପ୍ନାରାଣୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜ୍ଞାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟ କରିଛି ।

## ଉତ୍ତରାଖଣ୍ଡରେ ଭୂସ୍ଖଳନ

# ଭାଙ୍ଗିଲା ପାହାଡ଼, ଧସିଲା ରାସ୍ତା

- ଫସିଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ
- ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ
- ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଜାରି



ଡେରାଡୁନ,୧।୬: ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାରେ ଭୟଙ୍କର ଭୂସ୍ଖଳନ ଘଟିଛି । ଧୂଳିଝଡ଼ ସାଙ୍ଗକୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଲାଗି ରହିଛି । ଭୂସ୍ଖଳନରେ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଧସିଯିବା ଫଳରେ ଯାତାୟତ ଠପ୍ ହୋଇପଡ଼ିଛି । ପ୍ରାୟ ୩ଶହରୁ ଅଧିକ ଯାତ୍ରୀ ଅଧା ରାସ୍ତାରେ ଅଟକି ରହିଛନ୍ତି । ସେହିପରି ଲଖନପୁର ନିକଟ ଧାରଚୁଲ୍ଲାରୁ ୪୫ କିମି ଉପରେ ଲିପୁଲେଖ-ତଓ୍ୱାଘାଟ ସଡ଼କରେ ପାହାଡ଼ର ଏକ ବିଶାଳ ଅଂଶ ଭାଙ୍ଗି ରାସ୍ତାରେ ପଡ଼ିଛି । ଫଳରେ ପ୍ରବଳ ବର୍ଷା ଓ ପାହାଡ଼ ଖଣ୍ଡ ଯୋଗୁ ୧୦୦ ମିଟର ରାସ୍ତା ଭାସିଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପିଥୋରାଗଡ଼ ବାହ୍ୟ ଅଞ୍ଚଳରେ ଏହି ଅଘଟଣ ଘଟିଛି । ତେବେ ଏହାକୁ ମରାମତି ଲାଗି ୨ରୁ ୩ ଦିନ ସମୟ ଲାଗିବ ବୋଲି କୁହାଯାଇଛି । ଉତ୍ତରାଖଣ୍ଡର ଆଲମୋଡ଼ା, ବାଗେଶ୍ୱର, ଚମୋଲି, ଚମ୍ପାବତ, ଡେରାଡୁନ, ଗଡ଼ୱାଲ, ହରିଦ୍ୱାର, ନୈନିତାଲ, ଉତ୍ତରକାଶୀ ଆଦି ଅଞ୍ଚଳରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ଲାଗି ରହିଛି । ସବୁ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି । ଯଦି ଅତ୍ୟନ୍ତ ଜରୁରି ନାହିଁ ● ପୃଷ୍ଠା ୮ ଦେଖନ୍ତୁ

## ତାତିରୁ ମିଳୁନି ନିସ୍ତାର

# ପଶ୍ଚିମ ଓଡ଼ିଶା ସ୍ଥିତି ସଙ୍ଗୀନ

ଭୁବନେଶ୍ୱର,୧।୬(ଭାସ୍କର ନ୍ୟୁଜ): ତାତିରୁ ମିଳୁନି ନିସ୍ତାର । ପଶ୍ଚିମ ଓଡ଼ିଶା ଜଳୁଛି । ଉପକୂଳରେ ଗୁଳୁଗୁଳି ରାଜ କରୁଛି । ରାଜ୍ୟବାସୀ ଅତିଷ୍ଠ । ସକାଳ ୮ଟା ପରେ ସୂର୍ଯ୍ୟଙ୍କ ତେଜ ବାରିହୋଇ ପଡୁଛି । ଦେହରୁ ଗମ୍‌ଗମ୍ ଝାଳ ବୋହିଯାଉଛି । ଯଦିଓ ବହୁ ସମୟରେ ରାଜ୍ୟର ସବୁଠୁ ଉତ୍ତପ୍ତ ସହରର ମାନ୍ୟତା ପାଇଛି । ତା ତଳକୁ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୨.୬ ଡିଗ୍ରୀ ରହିଥିବାବେଳେ ହୀରାକୁଦରେ ୪୨.୬, ସୋନପୁରରେ ୪୨.୪, ବୌଦ୍ଧରେ ୪୨.୨, ରାଉରକେଲାରେ ୪୧.୨, ବରଗଡ଼, ଟିଟିଲାଗଡ଼, ବାରିପଦା ଓ

### ୪୦ ଡିଗ୍ରୀ ଉପରେ ୧୬ ସହର

### ୪୩.୪ ଡ୍ରିଗୀ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ

### ୩ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା

ଅପରାହ୍ନରେ କାଳବୈଶାଖୀ ବର୍ଷା ହେଉଛି, ତଥାପି ତାତିର ପ୍ରଭାବ ହ୍ରାସ ପାଉନାହିଁ । ବିଶେଷକରି ପଶ୍ଚିମ ଓଡ଼ିଶାର ସ୍ଥିତି ସଙ୍ଗୀନ ହୋଇପଡ଼ିଛି । ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି । ଗୁରୁବାର ରାଜ୍ୟର ୫ଟି ସହରର ତାପମାତ୍ରା ୪୨ ଡିଗ୍ରୀ ରହିଥିବାବେଳେ ୧୬ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ତେବେ ୪୩.୪ ଡିଗ୍ରୀ ସହ ସମ୍ବଲପୁର ମାଲକାନଗିରିରେ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଯାଜପୁରରେ ୪୦.୯, ତାଳଚେରରେ ୪୦.୮, ଭବାନୀପାଟଣା ଓ ଅନୁଗୋଳରେ ୪୦.୫, ସୁନ୍ଦରଗଡ଼ରେ ୪୦.୨, ନୂଆପଡ଼ାରେ ୪୦.୧ ଓ କେନ୍ଦୁଝରରେ ୪୦ ଡିଗ୍ରୀ ତାପମାତ୍ରା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମଣିପୁର ଦଙ୍ଗାକାରୀଙ୍କୁ ଶାହାଙ୍କ ଚେତାବନୀ

# ଅସ୍ତ୍ର ଛାଡ଼, ଆତ୍ମସମର୍ପଣ କର



ନୂଆଦିଲ୍ଲୀ,୧।୬: ଗତ ୧ ମାସ ଧରି ମଣିପୁରରେ ହିଂସାକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଲାଗି ରହିଛି । ଏବେବି ମଣିପୁରର ୧୧ଟି ଜିଲ୍ଲାରେ କର୍ଫ୍ୟୁ ବଳବତ୍ତର ରହିଛି । ଇତିମଧ୍ୟରେ ଏକ ୪ ଦିନିଆ ଗସ୍ତରେ ମଣିପୁର ଯାଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସ୍ଥିତିର ସମୀକ୍ଷା କରିବା ସହ ଦଙ୍ଗାକାରୀଙ୍କୁ କଠୋର ଚେତାବନୀ ଦେଇଛନ୍ତି । ଏଥିସହ ହିଂସା ରୋକିବା ପାଇଁ ଦଙ୍ଗାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ସେ କହିଛନ୍ତି ଏକ ଭୁଲ ବୁଝାମଣା ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଏହି ହିଂସା ଘଟଣାର ଯାଞ୍ଚ ପାଇଁ ଏକ ନ୍ୟାୟିକ ଆୟୋଗ ଗଠନ କରାଯିବ । ହାଇକୋର୍ଟଙ୍କ ନେତୃତ୍ୱରେ ଆୟୋଗ ● ପୃଷ୍ଠା ୮ ଦେଖନ୍ତୁ

## ଅଘଟଣ ସ୍ତ୍ରୀକୁ ପିଟିପିଟି ମାରିଲା ସ୍ୱାମୀ

ବଲାଙ୍ଗିର,୧।୬(ଭାସ୍କର ନ୍ୟୁଜ): ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ ସ୍ତ୍ରୀକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିବା ଭଳି ଅଭାବନୀୟ ଘଟଣା ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା ଘୁମେର ଗାଁରେ ଘଟିଛି । ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇ ଯାଇଛି । ପୋଲିସ ତାକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ ଘୁମେର ଗାଁର ହାଡୁ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପତ୍ନୀ ରାଏମତୀ ଜଙ୍ଗଲକୁ ମହୁଲ ଗୋଟାଇବା ପାଇଁ ଯାଇଥିଲେ । ତାଙ୍କ ସାଙ୍ଗରେ ହାଡୁ ମଧ୍ୟ ସାମିଲ ରହିଥିଲେ । ତେବେ ଜଙ୍ଗଲ ଭିତରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ହାଡୁ ଠେଙ୍ଗାରେ ରାଏମତିଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ରାଏମତି ତଳେ ପଡ଼ି ବେହୋସ ହୋଇ ଯାଇଥିଲେ । ଏହାପରେ ହାଡୁ ତାଙ୍କ ମୁହଁରେ ପାଣି ଛିଞ୍ଚି ଉଠାଇବାକୁ ଉଦ୍ୟମ କରିଥିଲେ । ହେଲେ ରାଏମତି ସେତେବେଳକୁ ମୃତ୍ୟୁବରଣ କରି ସାରିଥିଲେ । ସ୍ତ୍ରୀ ମରି ଯାଇଥିବା ଜାଣି ହାଡୁ ଭୟରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ବାପାକୁ ହାଣିଲା ପୁଅ

ପୁରୀ,୧।୬ (ଭାସ୍କର ନ୍ୟୁଜ): ଯେଉଁ ବାପା ଦିନେ କୋଳେଇ କାଖେଇ ମଣିଷ କରିଥିଲା, ପୁଅର ସବୁ ଅଳି ଅର୍ଦ୍ଦଳି ସହିଥିଲା ସେହି ବାପାକୁ ଶେଷରେ ହତ୍ୟା କରିବା ପାଇଁ ପୁଅ ପଛାଇଲା ନାହିଁ । ସାମାନ୍ୟ କଥାକୁ କେନ୍ଦ୍ର କରି ବାପାକୁ କୁରାଢିରେ ହାଣି ହତ୍ୟାକଲା ପୁଅ । ଏପରି ଏକ ଅଭାବନୀୟ ଘଟଣା ପୁରୀ ଜିଲ୍ଲା ପିପିଲି ଥାନା ● ପୃଷ୍ଠା ୮ ଦେଖନ୍ତୁ



ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍): ରାଜଗାଙ୍ଗପୁର ପୌରପାଳିକା ରେ ଥିବା ସପ୍ତାହିକ ବଜାରର ବହୁ ବାଦବିବାଦ ପରେ ନିଲାମ ନେଇ ଟେଣ୍ଡର ଆହ୍ୱାନ କରାଯାଇଛି। ଆସନ୍ତା ୨ ତାରିଖ ରେ ପୌରପାଳିକା କାର୍ଯ୍ୟାଳୟ ରେ ଏହାର ଟେଣ୍ଡର ପ୍ରକ୍ରିୟା କରାଯିବା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞାପନ ଜାରି କରିଛନ୍ତି। କରୋନା ପ୍ରଭାବରେ ଟିକସ ଆଦାୟ ବନ୍ଦ କରାଯାଇଥିଲା। ଏହା ପରେ ପୌରପାଳିକା ତରଫରୁ ଟିକସ ଆଦାୟ କରାଯାଉଛି। ଟିକସ ଆଦାୟ ରେ ନିୟୋଜିତ ଥିବା କର୍ମଚାରୀ ମାନେ ଟିସକ ଅର୍ଥ କୁ ହେରଫେର କରିବା ନେଇ ଅଭିଯୋଗ ହୋଇଥିଲା ଯାହା ଫଳରେ କର୍ତ୍ତୃପକ୍ଷ କିଛି କର୍ମଚାରୀ ଙ୍କୁ ଏହି କାର୍ଯ୍ୟ କରିବା ପାଇଁ ବାରଣ କରିଥିଲେ। ବିଭିନ୍ନ ଗଣମାଧ୍ୟମ ରେ ଖବର ପାଇ ପ୍ରକାଶିତ ହେବା ପରେ କର୍ତ୍ତୃପକ୍ଷ ତତପରତା ଦେଖାଇ ୨ ତାରିଖ ଦିନ ଟେଣ୍ଡର ପ୍ରକ୍ରିୟା କରାଯିବା ନେଇ ନୋଟିସ ଜାରି କରିଛନ୍ତି। ପୂର୍ବରୁ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଟିକସ ଆଦାୟ କରିବା ପାଇଁ ଟେଣ୍ଡର କରିଥିଲେ କିନ୍ତୁ ଏହାକୁ ସାଧାରଣ ବ୍ୟବସାୟୀ ମାନେ ବିରୋଧ କରିଥିଲେ ଯାହା ଫଳରେ ଟେଣ୍ଡର ଟି ବାତିଲ କରାଯାଇଥିଲା।

# ଅଙ୍ଗନବାଡି ଚାକିରି ଦେବା ନାଁରେ ଟଙ୍କା ମାଗି ଅଡୁଆରେ ଧାମନଗର ସିଡିପିଓ



ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ସିଡିପିଓ ନମିତା ଦାସଙ୍କ ମେ ୩୧ରେ ଚାକିରିରୁ ଅବସର ନେବାର କିଛି ଘଣ୍ଟା ପୂର୍ବରୁ ତାଙ୍କ ଦେହରେ ଏକ କଳା ଦାଗ ଲାଗିଛି । ଅଙ୍ଗନବାଡି କର୍ମୀ ପାଇଁ ଆବେଦନ କରିଥିବା ଜଣେ ଯୁବତୀଙ୍କୁ ଟଙ୍କା ମାଗି ହରଡ ଘଣାରେ ପଡିଛନ୍ତି ନମିତା । ପ୍ରକାଶ ଥାଉକି ଧାମନଗର ବ୍ଲକରେ ଅଙ୍ଗନବାଡି ଚାକିରୀ ଦେବା ନାଁରେ ଜଣେ ଦରଖାସ୍ତ କରିଥିବା ତଥା ଅଧିକ ମାର୍କ ରଖିଥିବା ଯୁବତୀଙ୍କୁ ଧାମନଗର ସିଡିପିଓ ଟଙ୍କା ମାଗିବା ଅଡିଓ ଭାଇରଲ ହେବା ପରେ ଏବେ ଅଡୁଆରେ ସିଡିପିଓ । ମିଳିଥିବା ସୂଚନା ଅନୁଯାୟୀ ଧାମନଗର ବ୍ଲକ ଧୂଷୁରୀ ପଛାଲୋ ପ୍ରଧାନସାହି ଅଙ୍ଗନବାଡି କର୍ମୀ ପାଇଁ ଗତ ୨୦୧୯ ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ଗାଁର ସୁଷମା ପ୍ରଧାନଙ୍କ ସହିତ ସୁମନ ପ୍ରିୟଦର୍ଶନୀ ମଳିକ ଓ ଅନ୍ୟ ତିନିଜଣ ମଧ୍ୟ ଆବେଦନ କରିଥିଲେ । ତେବେ ସିଲେକସନକୁ କେନ୍ଦ୍ରକରୀ ଆରମ୍ଭ ହେଇଥିଲା ବିବାଦ । ଏହି ବିବାଦ ପରେ ସେତେବେଳେ ଅନ୍ୟ ଆବେଦନକାରରୀମାନେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଭଦ୍ରକ ଉପ ଜିଲ୍ଲାପାଳଙ୍କୁ ଉକ୍ତ ମକଦ୍ଦମା ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେତେବେଳେ ଅଙ୍ଗନବାଡି ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ମେଟ୍ରିକ ଥିବାବେଳେ ବର୍ତ୍ତମାନ +୨ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସରକାର ନିୟମ କରିଥିବା ବେଳେ ଗତ ଦୁଇଦିନ ପୂର୍ବେ ଧାମନଗର ସିଡିପିଓ ନମିତା ଦାସ ସୁଷମା ପ୍ରଧାନଙ୍କୁ ଫୋନ କରି ତୁମର ଅଧିକ ମାର୍କଥିବାରୁ ନିଯୁକ୍ତି ପାଇଁ ଯୋଗ୍ୟ ବୋଲି କହିବା ସହ ନିଯୁକ୍ତି ପୂର୍ବରୁ କିଛି ଟଙ୍କା ମାଗିଥିଲେ ସିଡ଼ିପିଓ । ଯାହାର ଅଡିଓ ଏବେ ହେଉଛି ଭାଇରଲ୍ ସୁଷମା ଗରିବ ପରିବାରର ହେଇଥିବାରୁ ଟଙ୍କା ଦେଇ ପାରିବେନି ବୋଲି ସିଡିପିଓଙ୍କୁ କହିବା ପରେ ସିଡିପିଓ ତୁ ଆଉ ଚାକିରୀ ପାଇବୁନି ବୋଲି କହିଥିଲେ । ଶେଷରେ ନ୍ୟାୟ ପାଇଁ ସୁଷମା ଭଦ୍ରକ ଜିଲ୍ଲାପାଳଙ୍କୁ ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ଏକ ଲିଖିତ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ସିଡିପିଓ ନମିତା ଦାସ ୩୧.୫.୨୩ରେ ଚାକିରିରୁ ଅବସର ନେଇଥିବାରୁ ତାଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ଉଚ୍ଚ ଅଧିକାରୀ ନେଉଛନ୍ତି ଦେଖିବାକୁ ବାକି ରହିଲା ।

# ନିଜ ନିର୍ବାଚନ ମଣ୍ଡଳୀରେ ଅର୍ଥମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା



ଭଞ୍ଜନଗର,(ଭାସ୍କର ନ୍ୟୁଜ୍) : ନିଜ ନିର୍ବାଚନ ମଣ୍ଡଳୀରେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୂର୍ବାହ୍ନରେ ଜଗନ୍ନାଥ ପ୍ରସାଦ କଲେଜ ପଡ଼ିଆରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିବାବେଳେ ସନ୍ଧ୍ୟାରେ ଭଞ୍ଜନଗର କବିସମ୍ରାଟ ଷ୍ଟାଡିୟମ ଠାରେ ଅଞ୍ଚଳବାସୀଙ୍କ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅର୍ଥମନ୍ତ୍ରୀ ଆରୁଖଙ୍କ ସହ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତାନନ୍ଦ ସାମନ୍ତ ମଧ୍ୟ ଏହି ନାଗରିକ ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଭଞ୍ଜନଗର ଠାରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ଏନ୍.ଏସି, ନଗରପାଳ ଓ ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଘରୋଇ ବସ୍ ମାଲିକ ସଂଘ, କେଏସୟୁବି କଲେଜ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ମହାବିଦ୍ୟାଳୟ, ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟ, ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ, ବ୍ଲକ ପ୍ରଶାସନ, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ରାଜ୍ୟ ମୋଟର ଚାଳକ ସଂଘ, ଘୁମୁସର ଗବେଷଣା ପ୍ରତିଷ୍ଠାନ, ସାମ୍ବାଦିକ ସଂଘ ସମେତ ଶତାଧିକ ବିଭିନ୍ନ ଅନୁଷ୍ଠାନ, ବହୁ ସ୍ୱେଚ୍ଛାସେବୀ ସଂଗଠନ ନିଜକୁ ସାମିଲ କରିଥିଲେ। ଜଗନ୍ନାଥ ପ୍ରସାଦ ଠାରେ ୧୦ କୋଟି ଟଙ୍କା ବ୍ୟୟରେ ଜଗନ୍ନାଥ ପ୍ରସାଦ - ସୁନାଭୂମି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସେହିପରି ୪୫ କୋଟି ଟଙ୍କା ବ୍ୟୟରେ ନୟାଗଡ- ଜଗନ୍ନାଥ ପ୍ରସାଦ- ଭଞ୍ଜନଗର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଭୂମିପୂଜନ କାର୍ଯ୍ୟ ଭଞ୍ଜନଗର ବେଲଗୁଣ୍ଠା ରାସ୍ତାରେ ଅର୍ଥମନ୍ତ୍ରୀ ଓ ସାଂସଦଙ୍କ ଦ୍ୱାରା ଆୟୋଜିତ ହୋଇଛି । ଭଞ୍ଜନଗର ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିଜ ପ୍ରତିକ୍ରିୟାରେ ଭଞ୍ଜନଗର ମାଟି ତାଙ୍କୁ ଯେଉଁ ବିପୁଳ ଭଲ ପାଇବା ଦେଇଛି ସେଥିପାଇଁ ସେ ଚିର ଋଣୀ ବୋଲି ଉଲ୍ଲେଖ କରିଥିଲେ। ଏଥିସହ ରାଜନୀତିରେ ଦୀର୍ଘକାଳ ରହି ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପଦବୀ ମଣ୍ଡନ କରିଥିଲେ ମଧ ତାକୁ ନିଷ୍ଠାର ସହ ତୁଲାଇବାକୁ ଭରପୁର ପ୍ରୟାସ କରିଥିବା ବେଳେ କେବେବି ଭଞ୍ଜ ମାଟିର ସମ୍ମାନକୁ ଭୁଲୁଣ୍ଠିତ ହେବାକୁ ଦେଇନଥିବା ଉଲ୍ଲେଖ କରିଥିଲେ। ବିଧାନସଭାର ବାଚସ୍ପତି ପଦବୀରେ ରହି ଏହି ସାମ୍ବିଧାନିକ ପଦବୀର ଗାରିମାକୁ ମଧ୍ୟ ଅକ୍ଷୁର୍ଣ୍ଣ ରଖିଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଅର୍ଥ ମନ୍ତ୍ରଣାଳୟର ଗୁରୁ ଦାୟିତ୍ୱ ଦେଇଛନ୍ତି। ଏହି ଗୁରୁ ଦାୟିତ୍ୱ ମଧ ଆପଣମାନଙ୍କ ଆର୍ଶୀବାଦରୁ ଠିକଣା ବାଟରେ ପରିଚାଳିତ ହେବ। ଦେଶରେ ଏବେ ଓଡ଼ିଶାର ଆର୍ଥିକ ପ୍ରଗତି ବେଶ ଉଲ୍ଲେଖନୀୟ ଭୂମିକା ନେଇଛି। ଏଣୁ ଆଗାମୀ ଦିନରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଓଡିଶା ଯେପରି ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ରେ ପରିଣତ ହେବ ସେ ଦିଗରେ ସେ କାର୍ଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ନିକଟରେ ରାଜ୍ୟ କ୍ୟାବିନେଟରେ ଭଞ୍ଜନଗର ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର ଲାଭ କରିଛି। ଖୁବଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗଞ୍ଜାମ ଜିଲ୍ଲାର ଅଧା ବ୍ଲକ ସହ ୫ଟି ଏନ୍.ଏସିର ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇବେ ବୋଲି ସେ ଉଲ୍ଲେଖ କରି ଏଦିଗରେ ଜନସାଧାରଣ ସହଯୋଗ କରିବାକୁ ନିବେଦନ କରିଥିଲେ। ଟାଉନ୍ ବିଜେଡି ସଭାପତି ରାଜେନ୍ଦ୍ର ବିଶୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ନଗରପାଳ ଗୋପବନ୍ଧୁ ମହାପାତ୍ର, ଟାଉନ୍ ଯୁବ ବିଜେଡି ସଭାପତି ସୁଧୀର ରଞ୍ଜନ ବେହେରା, ଜିଲ୍ଲା ବିଜେଡ଼ି ଉପସଭାପତି ରାଜକୁମାର ସାହୁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶୈଳବାଳା ବିଶୋୟୀ, ଟାଉନ୍ ମହିଳା ବିଜେଡି ସଭାନେତ୍ରୀ ସୁଜ୍ଞାନୀ କୁମାରୀ ଗୌଡ, ଜିଲ୍ଲା ସଂପାଦିକା ସଂଯୁକ୍ତା କୁମାରୀ ବେହେରା, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ବ୍ଲକ ଅଧକ୍ଷ ନରିସଭା ନାୟକ, ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଜଗଦୀଶ ପାଣିଗ୍ରାହୀ, ଶୁଳପାଣି ଶତପଥୀ, ପ୍ରମୋଦ କୁମାର ପ୍ରଧାନ, ଚିଦାନନ୍ଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## ବିଏନ୍ଏମଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପରୀକ୍ଷାଫଳ ପ୍ରକାଶିତ

# ବିଜ୍ଞାନରେ ଦେବସ୍ମିତା, ବାଣିଜ୍ୟରେ ଗୀତାଞ୍ଜଳି ଟପ୍ପର



ଦେବସ୍ମିତା ଆଚାର୍ଯ୍ୟ



ଗୀତାଞ୍ଜଳି ପୃଷ୍ଟି

ତିହିଡ଼ି,(ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ +୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ବିଜ୍ଞାନରେ ମୋଟ ୫୨ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୪୯ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନ ଛାତ୍ରୀ ଦେବସ୍ମିତା ଆଚାର୍ଯ୍ୟ ସର୍ବାଧିକ ୪୩୩ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଚଳିତ ବର୍ଷ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ୭ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ଜଣ ଓ ତୃତୀୟ ଶ୍ରେଣୀରେ ୧୯ଜଣ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୮୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୮୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୀତାଞ୍ଜଳି ପୃଷ୍ଟି ୫୦୮ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୧୮ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ ଓ ତୃତୀୟ ଶ୍ରେଣୀରେ ୩୯ଜଣ ଛାତ୍ରଛାତ୍ରୀ ପାସ୍ କରିଥିବା ଜଣାଯାଇଛି।

# ନୂତନ ଥାନାଧିକାରୀଙ୍କ ଯୋଗଦାନ



କାକଟପୁର, (ଭାସ୍କର ନ୍ୟୁଜ୍) : ରଥଯାତ୍ରା ପୂର୍ବରୁ ପୁରୀ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀଙ୍କ କ୍ଷେତ୍ରରେ ହୋଇଛି ଅଦଳବଦଳ। ୨୮.୫. ୨୩ରେ ଏନେଇ ପୁରୀ ଜିଲ୍ଲା ଆରକ୍ଷୀ ଅଧକ୍ଷକଙ୍କ ନିକଟରୁ ଚିଠି ନଂ୧୮୬୬ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ କାକଟପୁର ଥାନାକୁ ବଦଳି କରାଯାଇଛି। ଶ୍ରୀ ମଲ୍ଲିକ କୋଣାର୍କ ଥାନାରେ ଚାରି ବର୍ଷ କାର୍ଯ୍ୟକାଳ ଭିତରେ ତାଙ୍କର ଆଇନ ଶୃଙ୍ଖଳା ବ୍ୟବସ୍ଥା, କୋଣାର୍କ ଅଞ୍ଚଳରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। କିଛି ଅସାମାଜିକ ଯୁବକଙ୍କୁ ମଧ୍ୟ ନିଜର ଉତ୍ତମ ବ୍ୟବହାର ଯୋଗେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାରେ ସହଯୋଗ କରିଥିଲେ । ସେ କାକଟପୁର ଥାନାରେ ଯୋଗଦେବା ଖବର ପ୍ରଚାରିତ ହେବାପରେ କାକଟପୁର ଜନସାଧାରଣ, ଗରିବ, ଖଟିଖିଆ ମାନେ ପ୍ରକୃତ ନ୍ୟାୟ ପାଇପାରିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ସେହିଭଳି କାକଟପୁର ଥାନା ଅଧିକାରୀ ପ୍ରିୟରଞ୍ଜନ ନାୟକଙ୍କୁ ଅରଖକୁଦ ଥାନାକୁ ଏବଂ ରାମଚଣ୍ଡୀ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କାଙ୍କୁ ଅସ୍ତରଙ୍ଗ ଥାନାକୁ ବଦଳି କରାଯାଇଛି ।

# ଆସିକା ଏନ୍ଏସି ସଭା ଗୃହରେ ଜାଗା ମିଶନ ପାଇଁ ସମୀକ୍ଷା ବୈଠକ




ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ଏନ୍ଏସି କନଫର୍ଶନ ହଲାରେ ଜାଗା ମିଶନ ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍ଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଜାଗା ମିଶନ ସମୀକ୍ଷା ବୈଠକରେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇଥିବା ବେଳେ ଜାଗା ମିଶନର ଉପଦେଷ୍ଟା ସାସ୍ୱତୀ ମିଶ୍ର ଯୋଗ ଦେଇ ସରକାରଙ୍କ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ନେଇ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସତ୍ୟ ନାରାୟଣ ସ୍ୱାଇଁ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ସମେତ ସମସ୍ତ ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ ।

# କଳାକାର ଶୋଭାଯାତ୍ରା ନିମନ୍ତେ ପ୍ରସ୍ତୁତି



ବ୍ରହ୍ମପୁର,(ଭାସ୍କର ନ୍ୟୁଜ୍): କଳାକାର ହିତୈଷୀ ଦାବି ନେଇ ଆଗାମୀ ଜୁଲାଇ ତିନି ତାରିଖ ଦିନ ରାଜ୍ୟବ୍ୟାପୀ କଳାକାର ଶୋଭାଯାତ୍ରା ସହ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ କମିଶନରଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦେବା ପରିପ୍ରେକ୍ଷୀରେ ସ୍ଥାନୀୟ ସୁବାରାଓ ଛକ ସ୍ଥିତ ଶ୍ରୀ ଜଗନ୍ନାଥ ଚିତ୍ରାଳୟ ପରିସରରେ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ'ର ଏକ ପ୍ରସ୍ତୁତି ବୈଠକ କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ଅନୁଦାନ କଳାକାର ଭତ୍ତା ନୁହଁ। ଏହା କେବଳ ସରକାରୀ ସହାୟତା ମାତ୍ର। ଫଳରେ ବରିଷ୍ଠ କଳାକାରମାନେ କେନ୍ଦ୍ର ସରକାରଙ୍କ କଳାକାର ଭତ୍ତା ପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି । କଳାକାର ଭତ୍ତାର ପରିମାଣ ବୃଦ୍ଧି ଓ ପୂର୍ବବତ୍ ମୃତକଙ୍କ ବିଧବା ପତ୍ନୀ ବା ସ୍ୱାମୀଙ୍କୁ ପ୍ରଦାନ ଆଦି କେତେକ ସାମ୍ପ୍ରତିକ ପ୍ରମୁଖ ଦାବି ସମ୍ବଳିତ ପତ୍ର ଚଳିତ ମାସରେ ବ୍ଲକ ସ୍ତରରେ ବିଡ଼ିଓଙ୍କ ମାଧ୍ୟମରେ ସରକାରଙ୍କୁ ଅବଗତ କରେଇବା ନେଇ ଜିଲ୍ଲା ସଂଘ ପ୍ରସ୍ତୁତ ହେବା ସହ ତାହାର ପ୍ରତିଷ୍ଠା ଦିବସ ଜୁଲାଇ ତିନି ତାରିଖରେ ଏକ ବିରାଟ କଳାକାର ଶୋଭାଯାତ୍ରାରେ ଯାଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିବା ନେଇ ସ୍ଥିର କରାଗଲା । ସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ କ୍ରମରେ ଉପରୋକ୍ତ ସମସ୍ୟାର ଅବତାରଣା କରିଥିଲେ । ଏଥିରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ, ବରିଷ୍ଠ ଶିକ୍ଷବିତ୍ ତଥା ମଞ୍ଚ ନିର୍ଦ୍ଦେଶକ ଶଙ୍କର୍ଷଣ ସାବତ, ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା, ନାଟ୍ୟ ବିଦ୍ୟା ବୃଦ୍ଧ ପ୍ରଫୁଲ୍ଲ ବେହେରା, ନାଟ୍ୟକାର ଉମା ଶଙ୍କର ଦାଶ, ପାଣ୍ଡବ ପ୍ରଧାନ, ବରିଷ୍ଠ ଅଭିନେତ୍ରୀ ଗୀତା ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ କିଶୋର କପୁର, ସୁବାସ ସାହୁ ମାମା, କୁନୁ ବେହେରା, ଦେବେନ୍ଦ୍ର ଶର୍ମା, ବନ୍ଦନା ନନ୍ଦ ପ୍ରମୁଖ ସହାୟତା କରିଥିବା ବେଳେ ପରିଶେଷରେ ବିଜୟ କୁମାର ଶତପଥୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦର୍ପେଶ୍ୱର ମନ୍ଦିରରୁ ଚୋରି ଅଭିଯୋଗ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବଜାର ମଧ୍ୟସ୍ଥଳରେ ଅବସ୍ଥିତ ଦର୍ପେଶ୍ୱର ମନ୍ଦିର ହୁଣ୍ଡିବାକ୍ସରୁ ଗତ ବୁଧବାର ରାତ୍ରରେ ଚୋରି ହୋଇଥିବା ଜଣାଯାଇଛି। ହୁଣ୍ଡିବାକ୍ସର ତାଲା ଭଙ୍ଗାଯାଇଥିଲା ଓ ତାଲାକୁ ବାକ୍ସ ଉପରେ ରଖାଯାଇଛି। ବାକ୍ସରେ ଥିବା ସମସ୍ତ ଅର୍ଥକୁ ଚୋରି କରି ନିଆଯାଇଛି। ଗତ ରାତ୍ରରେ ମନ୍ଦିର ପୂଜକ ସନ୍ତୋଷ କୁମାର ଦାଶ ସନ୍ଧ୍ୟା ଆରତୀ ପରେ ତାଲା ପକାଇ ଯାଇଥିଲେ। ଗୁରୁବାର ସକାଳୁ ଆସି ହୁଣ୍ଡିବାକ୍ସ ତାଲା ଭଙ୍ଗାଯାଇ ବାକ୍ସ ଖୋଲାଥିବା ଦେଖିଥିଲେ। ମନ୍ଦିର କାନ୍ଥ ସହ ସଂଲଗ୍ନ ଥିବା ହୁଣ୍ଡିବାକ୍ସ ଖୋଲାରେ ରହିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଥିବା ପୂଜକ ପ୍ରକାଶ କରିଛନ୍ତି। ଆନୁମାନିକ ଭାବେ ବାକ୍ସରେ ଥିବା ୬ରୁ ୭ ହଜାର ଟଙ୍କା ଚୋରି ଯାଇଛି। ଏଥିପୂର୍ବରୁ ୨ ଥର ମଧ୍ୟ ଅନୁରୂପ ଭାବେ ଚୋରି ହୋଇଥିଲା। ତେବେ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ ହୋଇନଥିବା ଜଣାଯାଇଛି।

## ବଜ୍ରପାତରେ ଘର ପୋଡିଯିବା ଘଟଣା

# ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚିଲା ବ୍ଲକ୍ ପ୍ରଶାସନ



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ବୁଧବାର ବଜ୍ରପାତରେ ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗ୍ରାମ ୩ନଂ ୱାର୍ଡର ତୋଫାନ ଦାସଙ୍କ ଚାଳଘର ପୋଡି ପାଉଁଶ ହୋଇଯାଇଥିଲା। ସରପଞ୍ଚ ଧର୍ମେନ୍ଦ୍ର ମଲ୍ଲିକ ତୁରନ୍ତ ପହଞ୍ଚି ମୁଣ୍ଡ ଗୁଞ୍ଜିବା ପାଇଁ ପାଲ ଓ ଶୁଖିଲା ଖାଦ୍ୟ ଅଗ୍ନିବିପନ୍ନଙ୍କୁ ଯୋଗାଇ ଦେଇଥିଲେ। ଗୁରୁବାର ବିଡିଓ ତପନ କୁମାର ସେନାପତି, ଏମଆଇ ବାବୁଲାଲ ବାରିକ, ବିପିସି ଅନିତା ମହାପାତ୍ର ଓ ବିପିଏମ କଳ୍ପନା ଦଳାଇ ତୋଫାନଙ୍କ ପରିବାର ନିକଟରେ ପହଞ୍ଚି ସାନ୍ତ୍ୱନା ଦେବା ସହ ୫୦ କେଜି ଚାଉଳ ଓ ଡାଲି ଯୋଗାଇ ଦେଇଛନ୍ତି। ଏହାଛଡା ପକ୍କାଗୃହ ଯୋଜନାରେ ସାମିଲ କରି ଘରଟିଏ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତୋଫାନ ଟ୍ରଲି ଚଳାଇ ଯେତିକି ରୋଜଗାର କରନ୍ତି ସେତିକରେ ପରିବାର ପ୍ରତିପୋଷଣ ହୁଏ। ଘର ପୋଡିଯିବା ପରେ ପରିବାରର ୫ ପ୍ରାଣୀ ପାଲ ତଳେ ଆଶ୍ରୟ ନେଉଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଯଥାଶୀଘ୍ର ଘରଟିଏ ଯୋଗାଇଦେଲେ ପରିବାର ଲୋକେ ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ଚଳିତ +୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷା ଫଳ ପ୍ରକାଶିତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଚଳିତ +୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ପ୍ରକାଶିତ ଏଥିରେ ବିଜ୍ଞାନରେ ଆରଏନ କଲେଜ କାଦଡିହାର ମୋଟ ୩୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆବେଦନ କରିଥିଲେ ହେଲେ ସେଥିରୁ ଜଣେ ଅନୁପସ୍ଥିତ ଥିବାବେଳେ ୨୨ ଜଣ କୃତକାର୍ଯ୍ୟ ହୋଇଛନ୍ତି ।
ସଫଳ ହୋଇଥିବା ପରୀକ୍ଷାର୍ଥୀ ମଧ୍ୟରୁ ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟ ଶ୍ରେଣୀରେ ୭ଜଣ ତୃତୀୟ ଶ୍ରେଣୀରେ ୧୦ଜଣ ପାସ୍ କରିଛନ୍ତି ।
ସେହିପରି ପାଞ୍ଚପିଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ମୋଟ ୪୮ଜଣ ପରୀକ୍ଷା ଦେବାକୁ ଆବେଦନ କରିଥିଲେ ହେଲେ ଜଣେ ଅନୁପସ୍ଥିତ ଥିଲେ । ତେବେ ୪୭ଜଣ ପରୀକ୍ଷାର୍ଥୀ ପରୀକ୍ଷାଦେଇଥିଲେ ସେଥିରୁ ୨୮ଜଣ ପାସ୍ କରିଛଅନ୍ତି । ସେଥିରୁ ପ୍ରଥମ ଶ୍ରେଣୀରେ ୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫ଜଣ ଓ ତୃତୀୟ ଶ୍ରେଣୀରେ ୧୧ଜଣ ପରୀକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି ।
କରଞ୍ଜିଆ କଲେଜ +୨ ବିଜ୍ଞାନରେ ୨୨୫ ପରୀକ୍ଷାର୍ଥୀ ଆବେଦନ କରିଥିଲେ ସେଥିରୁ ୩ଜଣ ଅନୁପସ୍ଥିତ ଥିଲେ ୨୨୨ ପରୀକ୍ଷାର୍ଥୀ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୪ ଦ୍ୱିତୀୟ ଶ୍ରେଣୀ ୬୬ ଓ ତୃତୀୟ ଶ୍ରେଣୀ ରେ ୫୬ ଜଣ କୃତକାର୍ଯ୍ୟ ହୋଇଛନ୍ତି । ମହାବିଦ୍ୟାଳୟର ସୟଦ ଉଆସିଫ ଅନସରି ମୋଟ ୪୯୫ ନମ୍ବର ରଖି ପ୍ରଥମ ସେହିପରି ଇତିଶ୍ରୀ ଗୋଛାୟତ ୪୯୦ ନମ୍ବର ରଖି ଦ୍ୱିତୀୟ ଓ ଶ୍ରୀତମ ବେହେରା ୪୭୬ ନମ୍ବର ରଖି କରଞ୍ଜିଆ ବ୍ଲକରେ ବିଜ୍ଞାନ ବିଭାଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୮୫ଜଣ ପରୀକ୍ଷାର୍ଥୀରୁ ୩ଜଣ ଅନୁପସ୍ଥିତ ଥିଲେ। ତେବେ ମୋଟ ୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ପ୍ରଥମ ଶ୍ରେଣୀରେ ୧୧ଜଣ, ଦ୍ୱିତୀୟ ଶ୍ରେଣୀରେ ୧୦ଜଣ ଓ ତୃଟିଭିରେ ୧୬ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ମହାବିଦ୍ୟାଳୟରେ ତଥା ବ୍ଲକରେ ମଇନା ମୁର୍ମୁ ୪୯୩ ନମ୍ବର ରଖି ପ୍ରଥମ, ବିଦୁସ୍ମିତା ସିଂ ୪୯୦ ନମ୍ବର ରଖି ଦ୍ୱିତୀୟ ଓ ପବିତ୍ର ନାଏକ ୪୦୯ ନମ୍ବର ରଖି ତୃତୀୟ ହୋଇଛନ୍ତି।

# ଇଂରାଜୀ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲିପାଟଣା, (ଭାସ୍କର ନ୍ୟୁଜ୍) : ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବନମାଳୀପୁର ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ କଲ୍ୟାଣ କୁମାର୍ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ୬୬୨ କଲେଜ୍ ଶିକ୍ଷକ, କର୍ମଚାରୀ ସଂଘର ସଭାପତି ଗୋଲକ ନାୟକ, ଯୁକ୍ତ ଦୁଇ ସମ୍ପାଦକ ସଉାପୌଦ୍ଦିନ ଅହମ୍ମଦ ଏବଂ ଯୁକ୍ତ ତିନି ସମ୍ପାଦକ ଡ. ଗଗନ ବେଉରା ଯୋଗଦେଇ ବିଦାୟୀ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଣ୍ଟପୁର୍ କଲେଜ୍ ଅଧକ୍ଷ ପ୍ରଶାନ୍ତ ଦାସ, ଓଡ଼ଖଣ୍ଡ କଲେଜ୍ ଅଧକ୍ଷ ସୁବାସ ନାୟକ, ଚନ୍ଦକା କଲେଜ୍ ଅଧକ୍ଷ ଅକ୍ଷୟ ଶତପଥୀ, ନୟାଗଡ଼ ଜିଲ୍ଲା ସଂଘ ସଭାପତି ସରୋଜ ରଥ, ଅଧ୍ୟାପକ ସୋମନାଥ ମିଶ୍ର, ପଟିଆ କଲେଜ୍ ଅଧକ୍ଷ ପ୍ରଶାନ୍ତ ରାଉତ ଯୋଗଦେଇ ବିଦାୟୀ ଅଧ୍ୟାପକଙ୍କ ସ୍ମୃତିଚାରଣ କରିଥିଲେ। ମହାବିଦ୍ୟାଳୟ ର ପୂର୍ବତନ ପରିଚାଳନା କମିଟି ସଦସ୍ୟ ରମେଶ ଚନ୍ଦ୍ର ସାହୁ ଓ ଭାରତ ଚନ୍ଦ୍ର ପାତ୍ର ଯୋଗଦେଇ ଶ୍ରୀଯୁକ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ। ମହାବିଦ୍ୟାଳୟ ତ ପୁରାତନ ଏବଂ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଦାୟୀ ଅଧ୍ୟାପକଙ୍କୁ ଉତ୍ତରୀୟ, ଉପଢୌକନ ଏବଂ ଫୁଲତୋଡ଼ା ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରଶ୍ମି ରଥ, ରଶ୍ମି ବାରିକ, ମମତା ମିଶ୍ର, ରଞ୍ଜନ ପ୍ରଧାନ, ଅଜିତ ମହାନ୍ତି ସହଯୋଗ କରିଥିଲେ । ସଭା ଶେଷରେ ମୁରଲୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ଅନନ୍ତ ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରୀ ଟପ୍ପର





ବାଲିପାଟଣା, (ଭାସ୍କର ନ୍ୟୁଜ୍) : ପ୍ରକାଶ ପାଇଥିବା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳରେ ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ବିଜ୍ଞାନରେ ଶତପ୍ରତିଶତ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବାଣିଜ୍ୟ ବିଭାଗରେ ଶତକଡା ୯୮ ଭାଗରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି । ବିଜ୍ଞାନରେ ଶୁଭଲକ୍ଷ୍ମୀ ସାହୁ ୫୨୪ (୮୭.୩୩%) ଏବଂ ବାଣିଜ୍ୟରେ ସ୍ମୃତି ମହାପାତ୍ର ସମୁଦାୟ ୫୦୪ ମାର୍କ (୮୪%) ରଖି କଲେଜ ଟପ୍ପର ହୋଇଥିବା ମହାବିଦ୍ୟାଳୟର ଅଧକ୍ଷ ନିମାଇଁ ଚରଣ ଜେନା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ମୋଟ ୭୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୩୪ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ, ୩୦ ଜଣ ଦିତ୍ୱୀୟ ଶ୍ରେଣୀରେ ଏବଂ ୮ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ମୋଟ ୫୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୧ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ, ୧୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୧୦ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପରୀକ୍ଷାଫଳ ପ୍ରକାଶ ପାଇବା ପରେ ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଆଜି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ କପିଳେଶ୍ୱର-ଜଟଣୀ ରୋଡ ଯାହାକୁ କେଜେ ରୋଡ଼ ବୋଲି କହନ୍ତି ସେହି ରୋଡ଼ର ନବୀକରଣ ପାଇଁ ସେ ବାରମ୍ବାର ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ଠାରୁ ଆରମ୍ଭକରି ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ମଧ୍ୟ ବାରମ୍ବାର ଅନୁରୋଧ କରିଥିଲେ। ଏପରିକି ମନ୍ତ୍ରୀଙ୍କୁ ନିମନ୍ତ୍ରିତ କରି ସେ ରାସ୍ତା ନବୀକରଣର କଣ ଆବଶ୍ୟକତା ରହିଛି କ୍ଷେତ୍ର ପରିଦର୍ଶନ ମଧ୍ୟ କରିଥିଲେ। ଗତକାଲି ପଧାନସାହି ଠାରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଉପସ୍ଥିତିରେ ଏହି ରାସ୍ତା ନିର୍ମାଣର ଶୁଭଉଦଘାଟନ ହୋଇଥିଲା ଯେଉଁଥିରେ ୮୧ କୋଟି ଟଙ୍କା ଖର୍ଚ୍ଚ ହେବାର ବ୍ୟୟବରାଦ ହୋଇଛି। ଡିପିଆଇ ଏବଂ ରୋଡ଼ର ମୁଖ୍ୟ ନିର୍ବାହୀଯନ୍ତ୍ରୀ ତାରା ପ୍ରସାଦ ମିଶ୍ର ନାରିକେଳ ଭାଙ୍ଗି ଏହି ନିର୍ମାଣର ଶୁଭ ଉଦ୍‌ଘାଟନ କରିଥିଲେ।

# ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୨.୯୮ ପ୍ରତିଶତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୦୨- ୦୩ରୁ ୨୦୨୧-୨୨ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୨.୯୮ ପ୍ରତିଶତ ହୋଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ଶିଳ୍ପ ଓ ଶିଳ୍ପାୟନ କ୍ଷେତ୍ରରେ ବେଶ୍ ଅଗ୍ରଗତି ହୋଇପାରିଛି। ଆଂଚଳିକ ବୈଷମ୍ୟକୁ ପରାହତ କରିବାକୁ ଶିଳ୍ପ ବିକାଶରେ ମଧ୍ୟ ଆଂଚଳିକ ସମାନତା ଉପରେ ଗୁରୁତ୍ୱ ଦିଆଯାଉଛି । ଶିଳ୍ପ ବିକାଶରେ ଆଞ୍ଚଳିକ ସମାନତାକୁ ଦୃଷ୍ଟିରେ ରଖି ବିଜୁ ଏକ୍ସପ୍ରେସ୍‌ୱେ ଓ ବିଜୁ ଆର୍ଥିକ କରିଡରର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ସୂଚନା ଦେଇଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ଶିଳ୍ପ ବିଭାଗର ସମୀକ୍ଷା କରିଥିଲେ। ସମୀକ୍ଷା ପରେ ମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ ଓଡ଼ିଶା ଦେଶର ଦ୍ରୁତତମ ଅଭିବୃଦ୍ଧିଶୀଳ ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଓ ପୁଞ୍ଜିବିନିଯୋଗକୁ ଆକର୍ଷିତ କରିବାରେ ଦ୍ୱିତୀୟ ସ୍ଥାନରେ ରହିଛି । ଶିଳ୍ପନୀତି, ଭିତିଭୂମି ବିକାଶ ଏବଂ କର୍ମକୁଶଳତାର ତିନୋଟି ବିନ୍ଦୁ ଉପରେ ଧ୍ୟାନ ରଖି ରାଜ୍ୟ ନିବେଶକମାନଙ୍କ ପାଇଁ ପସନ୍ଦଯୋଗ୍ୟ ସ୍ଥାନ କରିପାରିଛି। ସେହିପରି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ମେଟାଲ୍, ମେଟାଲ୍ ଡାଉନ୍ ଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ ଶିଳ୍ପ, କେମିକାଲସ୍ ଏବଂ ପେଟ୍ରୋକେମିକାଲସ୍, ଟେକ୍ସଟାଇଲ୍ ଏଣ୍ଡ ଟେକ୍‌ନିକାଲ ଟେକ୍ସଟାଇଲ୍, ଆଇ.ଟି/ ଆଇଟିଏସ୍, ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ଇତ୍ୟାଦି କ୍ଷେତ୍ରକୁ ସରକାରଙ୍କ ଗୁରୁତ୍ୱ ଯୋଗୁ ପ୍ରମୁଖ ଶିଳ୍ପ ନିବେଶମାନଙ୍କୁ ଓଡ଼ିଶା ଆକର୍ଷିତ କରିପାରୁଛି। ପୁଞ୍ଜି ବିନିଯୋଗରେ ଅଭିବୃଦ୍ଧି, ଶିଳ୍ପ ପାର୍କ, ସ୍ୱତନ୍ତ୍ର ଇକୋନୋମିକ୍ ଜୋନ୍ ଏବଂ ଉତ୍ସର୍ଗୀକୃତ ଶିଳ୍ପ କରିଡର ପରି ବିଶ୍ୱସ୍ତରୀୟ ଶିଳ୍ପ ଭିତିଭୂମି ପ୍ରତିଷ୍ଠା ଦ୍ୱାରା ନିବେଶକମାନେ ଆକୃଷ୍ଟ ହୋଇପାରୁଛନ୍ତି। ଏହି ପଦକ୍ଷେପଗୁଡ଼ିକ କେବଳ ବୃହତ୍ ଶିଳ୍ପଗୁଡ଼ିକୁ ଆକୃଷ୍ଟ କରିନାହିଁ ବରଂ ଏମ୍.ଏସ୍.ଏମ୍.ଇ ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀ ଶର୍ମା କହିଥିଲେ।

## ପ୍ରତାପ ସାମଲଙ୍କର ୧୧ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କଲା ଇଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପୋଲିସ ଗୃହ ନିର୍ମାଣ ନିଗମ ପୂର୍ବତନ ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କର ୧୧ କୋଟି ୩୫ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ଆଟାଚ୍ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି)। ପୂର୍ବରୁ ପ୍ରତାପଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ୧୪ କୋଟିର ସମ୍ପତି ପାଇଥିଲା । ଗତବର୍ଷ ନଭେମ୍ବର ୧୦ ତାରିଖରେ ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଉଭୟ ସାମଲ ସ୍ୱାମୀ -ସ୍ତ୍ରୀଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ସେତେବେଳେ ତାଙ୍କର ୧୪ କୋଟି ୮୭ ଲକ୍ଷ ଟଙ୍କାର ଆୟ ବର୍ହିଭୂତ ସମ୍ପତି ଠାବ ହୋଇଥିଲା। ଯାହା ତାଙ୍କର ଆୟ ତୁଳନାରେ ୧୦୨୧ ପ୍ରତିଶତ ଅଧିକ ଥିଲା। ଯେଉଁଥିପାଇଁ ରାଜ୍ୟସରକାର ତାଙ୍କୁ ବାଧ୍ୟତା ମୂଳକ ଅବସର ଦେଇଥିଲେ। ପରେ ଏହି ମାମଲାର ତଦନ୍ତ ଇଡି କରିଥିଲା।

## 'ଆର୍ଟ ଅଫ୍ ଗିଭିଙ୍ଗ୍'ର ଦଶବର୍ଷ ପୂର୍ତ୍ତି

# ଡ. ଅଚ୍ୟୁତ ସାମନ୍ତଙ୍କୁ 'ମାନବବାଦର ମହାନାୟକ ସମ୍ମାନ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ଆର୍ଟ ଅଫ୍ ଗିଭିଙ୍ଗ୍' ଏକ ଅଗ୍ରଣୀ ସାମାଜିକ ଆନ୍ଦୋଳନ ଭାବରେ ସାରା ବିଶ୍ୱରେ ଲୋକପ୍ରିୟତା ଅର୍ଜନ କରିଥିବା ବେଳେ ଗରିବ ଓ ଅସହାୟଙ୍କ ମୁହଁରେ ହସ ଫୁଟାଇବାରେ ଏହା ସହାୟକ ହୋଇପାରିଛି । ଏହି ମାନବବାଦୀ ଚେତନାର ସ୍ରଷ୍ଟା ଡଃ ଅଚ୍ୟୁତ ସାମନ୍ତ ଜନସେବା କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମତବ୍ୟକ୍ତ କରିଛନ୍ତି । 'ଆର୍ଟ ଅଫ୍ ଗିଭିଙ୍ଗ୍' ଅଭିଯାନର ଦଶବର୍ଷ ପୂର୍ତ୍ତି ତଥା ଏହାର ଅଭୁତପୂର୍ବ ସଫଳତା ଅବସରରେ 'ଓଡ଼ିଶା ସଚେତନ ନାଗରିକ ଫୋରମ୍' ଏବଂ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ପକ୍ଷରୁ ରାଜଭବନର ଅଭିଷେକ ହଲ୍‌ରେ ଆୟୋଜିତ ଏକ ଉତ୍ସବରେ ଏହାର ସ୍ରଷ୍ଟା 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା, ସାଂସଦ ଡଃ ଅଚ୍ୟୁତ ସାମନ୍ତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜନସେବା କ୍ଷେତ୍ରକୁ ଅନନ୍ୟ ଅବଦାନ ନିମନ୍ତେ ଡଃ ସାମନ୍ତଙ୍କୁ 'ମାନବବାଦର ମହାନାୟକ' ଉପାଧି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କର ବକ୍ତବ୍ୟରେ ଡଃ ସାମନ୍ତଙ୍କ ସେବା ଓ ସାଧନା ଭବିଷ୍ୟତରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅଧିକ ସ୍ୱୀକୃତି ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଡଃ ସାମନ୍ତ 'ଆର୍ଟ ଅଫ୍ ଗିଭିଙ୍ଗ୍'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ନୂତନ ପିଢିକୁ ଏହା ବେଶ୍ ଅନୁପ୍ରାଣିତ କରିଛି ବୋଲି କହିଥିଲେ । ପ୍ରାରମ୍ଭରେ ଦୁଇ ଅନୁଷ୍ଠାନର ସଭାପତି ତଥା 'ଓଡିଶା ଭାସ୍କର' ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସଚେତନ ନାଗରିକ ଫୋରମ୍‌ର ଉପସଭାପତି ପ୍ରଯୋଜକ ଲୁଟୁ ମହାନ୍ତି ମାନପାତ୍ର ପାଠ କରିଥିଲେ ଓ ଯୁବନେତା ତନ୍ମୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଡଃ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ । ଆଧ୍ୟାତ୍ମିକ ଗୁରୁ ରାମନାରାୟଣ ଦାସଜୀ ମହାରାଜାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉତ୍ସବରେ ଯୋଗ ଦେଇଥିଲେ ।

# ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା







ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ୨୦୨୩ ମସିହାର +୨ ବିଜ୍ଞାନ ଫଳ ପ୍ରକାଶ ପାଇଛି। ଉକ୍ତ ପରିକ୍ଷାରେ ସାରା ରାଜ୍ୟରେ ବିଜ୍ଞାନରେ ପାସ ହାର ୮୪.୯୩% ଏବଂ ପ୍ରଥମ ଶ୍ରେଣୀର ପାସ ହାର ୪୩.୩% ରହିଅଛି। କିନ୍ତୁ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶତପ୍ରତିଶତ (୧୦୦%) ସଫଳତା ହାସଲ କରିଛନ୍ତି ଓ ୮୭% ଛାତ୍ରଛାତ୍ରୀ ୧ମ ସ୍ଥାନରେ ଉତ୍ତର୍ଣ୍ଣ ହୋଇ ବିଦ୍ୟାଳୟର ପୂର୍ବ ଗୌରବ ବଜାଇ ରଖିବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟର ୨୩୮ ଜଣ ଛାତ୍ରଛାତ୍ରୀ ପରିକ୍ଷା ଦେଇଥିଲେ ଓ ସମସ୍ତେ ଉତ୍ତିର୍ଣ୍ଣ ହେବା ସହିତ ୩୦ ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଅଧିକ ରଖି ଅନୁଷ୍ଠାନର ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱ ବଜାୟ ରଖିଛନ୍ତି। ଛାତ୍ର କ୍ଷିତିସ୍ ଚନ୍ଦ୍ର ନାୟକ ୫୫୫ ନମ୍ବର (୯୨.୫) ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୫୫୨ ନମ୍ବର (୯୨%) ରଖି ଆଦିତ୍ୟ ସ୍ୱାଇଁ ଦ୍ୱିତୀୟ ସ୍ଥାନ ଓ ସୌମ୍ୟା ପ୍ରୀୟଦର୍ଶିନୀ ୫୪୯ ନମ୍ବର (୯୧.୫%)ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପିଲାମାନେ କରୋନା ସମୟରେ ବିନା ପରିକ୍ଷାରେ ୧୦ମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବାରୁ ସେମାନଙ୍କର ଗୁଣାତ୍ମକମାନ ଉନ୍ନତ ନଥିଲେ ମଧ୍ୟ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରି ଓ ସମସ୍ତ କର୍ମଚାରୀମାନଙ୍କର କଠିନ ପରିଶ୍ରମ ଓ ନିଷ୍ଠାପର ଜନ୍ ପିଲାମାନଙ୍କର ସଫଳତାରେ ଅନେକ ମାତ୍ରାରେ ସହାୟକ ହୋଇ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପରିଚୟ ଦେଇଛନ୍ତି। ଅନୁଷ୍ଠାନର ୬ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୨୦୭ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟଙ୍କର ତତ୍ୱାବଧାନରେ ସମସ୍ତ କର୍ମଚାରୀମାନେ ନିଷ୍ଠାପର କାର୍ଯ୍ୟକରି ଉକ୍ତ ଅନୁଷ୍ଠାନର ସଫଳ ବଜାୟ ରଖିଥିବାରୁ ଅନୁଷ୍ଠାନର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଶୁଭେଚ୍ଛା ଜଣାଇ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କର ମଙ୍ଗଳ କାମନା କରିଛନ୍ତି।

# 'ଫତୁରାନନ୍ଦ ଥିଲେ ସଂସ୍କାରବାଦୀ ଚେତନାର ସ୍ରଷ୍ଟା'



କଟକ(ଭାସ୍କର ନ୍ୟୁଜ୍): ଫତୁରାନନ୍ଦ ଥିଲେ ସଂସ୍କାରବାଦୀ ଚେତନାର ଅନନ୍ୟ ସ୍ରଷ୍ଟା। ସମାଜର ନାନା ବ୍ୟଥା, ବେଦନାରୁ ମଣିଷକୁ ମୁକ୍ତି ଦେବାପାଇଁ ସେ ନିରନ୍ତର ଲେଖନୀ ଚାଳନା କରୁଥିଲେ। ବ୍ୟଙ୍ଗ ଓ କାରୁଣ୍ୟର ସେ ଥିଲେ ସମନ୍ୱୟ ବୋଲି ବିଶିଷ୍ଟ ହାସ୍ୟ ଲେଖକ ଫତୁରାନନ୍ଦଙ୍କ ୧୦୮ତମ ଜୟନ୍ତୀରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ କଟକ ତେଲେଙ୍ଗାବଜାରସ୍ଥିତ ହାସ୍ୟ ବିକାଶକେନ୍ଦ୍ର କାର୍ଯ୍ୟାଳୟଠାରେ ଫତୁରାନନ୍ଦଙ୍କ ୧୦୮ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ବିଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ ଯେ, ଫତୁରାନନ୍ଦ ଥିଲେ ଅନନ୍ୟ ମାନବିକଭାବର ସ୍ରଷ୍ଟା। ହୃଦୟ ଭିତରେ ଥିଲା ତାଙ୍କର ମଣିଷପ୍ରତି ଅମାପ ସ୍ନେହ, ଶ୍ରଦ୍ଧା ଓ କରୁଣା। ମୁଖ୍ୟବକ୍ତା ଭାବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗମୁଖ୍ୟ ଡକ୍ଟର ସଂଘମିତ୍ରା ଭଞ୍ଜ ଯୋଗଦେଇ କହିଲେ ଯେ, ହାସ୍ୟ ସାହିତ୍ୟର ଉନ୍ନତି ଥିଲା ଫତୁରାନନ୍ଦଙ୍କର ଆନ୍ତରିକ ପ୍ରୟାସ। ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ।





ରଘୁନାଥପୁର, (ଭାସ୍କର ନ୍ୟୁଜ୍): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ମାନ ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି । ନିଜର ଗନ୍ତବ୍ୟ ସ୍ଥଳକୁ ଯିବା ବାଟରେ ବାଟୋଇ ଓ ପଥଚାରିମାନେ କିପରି ତୃଷାର୍ତ୍ତ ମେଣ୍ଟାଇ ପାରିବେ ଏହାର ଉଦେଶ୍ୟ ରହିଛି । ଏଥି ପାଇଁ ସରକାରଙ୍କ ତାହବିଲରୁ ବ୍ୟୟବରାଦ କରାଯାଉଛି । ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ରାହାଡିଙ୍ଗା ତ୍ରିନାଥ ମଣ୍ଡପରେ ଗତ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ଖୋଲାଯାଇଥିବା ଜଳଛତ୍ର ଏବେ କେବଳ ରେକର୍ଡପତ୍ରରେ ସୀମିତ ରହିଛି । ଉଦଘାଟନ ହେବାର ୪/୫ ଦିନ ପରେ ମଣ୍ଡପ ଉପରୁ ହାଣ୍ଡିମାଠିଆ ଉଭାନ ହୋଇଯାଇଛି । ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକେ ପାଣି ପିଇବାରୁ ବଞ୍ଚିତ ହେଉଥିବାବେଳେ ସରକାରଙ୍କ ଜଳଛତ୍ର ଯୋଜନା ଏକପ୍ରକାର ଦିଗହରା ହୋଇପଡିଛି । ଏ ସମ୍ପର୍କରେ କୌଣସି ତର୍ଜମା ହେଉନଥିବାରୁ ପ୍ରତିବର୍ଷ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡୁଛି । ଅନ୍ୟପକ୍ଷେ ଏହା ଏକ ଶସ୍ତା ରୋଜଗାରର ମାଧ୍ୟମ ବୋଲି ଅଭିଯୋଗ ହେଉଛି । ୧୫ ଦିନ ତଳୁ ଜଳଛତ୍ର ବନ୍ଦ ପଡିଥିବା ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ତ୍ରିପାଠୀ ପ୍ରକାଶ କରିଛନ୍ତି । ଏଥିପ୍ରତି ବ୍ଲକ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ପାଇଁ ଦାବି ହେଉଛି ।

# ଭିନ୍ନକ୍ଷମଙ୍କୁ ମିଳୁନି ସରକାରୀ ସହାୟତା



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଭିନ୍ନକ୍ଷମ ହୁଅନ୍ତୁ ଅବା ବିକଳାଙ୍ଗ ବା ଅସହାୟ ଗରିବଙ୍କ ପାଇଁ ମାଳମାଳ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି । ଶିଶୁମାନଙ୍କ କ୍ଷେତ୍ରରେ ହେଉ ଅଥବା ବୟସ୍କ ବ୍ୟକ୍ତିଙ୍କ ପାଇଁ ହେଉ, ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ସରକାରଙ୍କ ସହାୟତା ପାଇଁ ଦୀର୍ଘ ବର୍ଷ ଧରି ଅପେକ୍ଷା କଲେ ସୁଦ୍ଧା ପାଇ ପାରନ୍ତି ନାହିଁ ସୁବିଧା । ମୟୁରଭଞ୍ଜ ଜିଲ୍ଲାର ଯଶିପୁର ବ୍ଲକ୍ ଅନ୍ତର୍ଗତ ଅସନବଣି ଗାଁର ନାନେ ସରେନ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ସରେନଙ୍କ ଏକ ମାତ୍ର ପୁଅ ଗୁନୁ ସରେନ ବୟସ ୧୦ ବର୍ଷ ଏକ ଆଦିବାସୀ ପରିବାରରେ ଜନ୍ମ । ଜନ୍ମର ୩ ବର୍ଷ ପର୍ଯ୍ୟନ୍ତ ନାନେ ଓ ବାସନ୍ତୀ ଏବଂ ତାଙ୍କ ପୁଅ ଗୁନୁ ବେଶ ହସ ଖୁସିରେ ଚାଲିଥିଲା ସଂସାର, ପୁଅକୁ ନେଇ ବେଶ ସ୍ୱପ୍ନ ଦେଖିଥିଲେ ନାନେ ଓ ବାସନ୍ତୀ, ହେଲେ ତାଙ୍କର ଏହି ଖୁସିର ଦିନ ବେଶି ଦିନ ରହିଲା ନାହିଁ । ୦୩ ବର୍ଷ ପରେ ଆରମ୍ଭ ହେଲା ଶରୀରରେ ପରିବର୍ତ୍ତନ, ହଠାତ ଏକ ଅଜଣା ରୋଗରେ ତାଙ୍କ ଗୋଡର ପାଦ ବଙ୍କା ହେବାକୁ ଲାଗିଲା ଫଳରେ ବହୁ କଷ୍ଟ ଅନୁଭବ କଲେ ଗୁନୁ, ଚାଲିବାକୁ ଆଉ ବଳ ମିଳିଲା ନାହିଁ, ଠିକ ସେ ଚାଲି ପାରିଲେ ନାହିଁ । ତେଣୁ ସେ ସ୍କୁଲକୁ ଯାଇ ପାଠ ପଢ଼ିବା ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ନାନେ ସରେନ ଓ ତାଙ୍କ ସ୍ତ୍ରୀ ଦିନ ମଜୁରିଆ ଭାବେ କାମ କରି ପରିବାରକୁ ଚଳେଇ ନିଅନ୍ତି, ଦିନ ମଜୁରିଆ ଭାବେ ଯୋଉ ଦିନ ଯାହା କାମ ମିଳେ ସେଇଥିରେ ତାଙ୍କ ପରିବାରର ଭରଣ ପୋଷଣ ହୁଏ, ଏପଟେ ପୁଅ ଗୁନୁର ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ତାଙ୍କୁ ଛାଡି କୁଆଡେ ବାହାରକୁ ଯାଇ କାମ କରିବା ଅସମ୍ଭବ ହୋଇ ପଡେ । ଗୁନୁର ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି, ଅର୍ଥ ଅଭାବରୁ ଭଲ ଡାକ୍ତରଙ୍କ ପରାମର୍ଶ ନେଇ ଉଚିତ ଚିକିତ୍ସା କରାଇ ପାରୁନାହାନ୍ତି ବୋଲି ପ୍ରକାଶ କରନ୍ତି ତାଙ୍କ ପିତା ମାତା । ଅନ୍ୟପଟେ ମା' ବାସନ୍ତୀ ଓଡ଼ିଆ କଥା ଠିକରେ କହି ପାରନ୍ତି ନାହିଁ ବୋଲି ତାଙ୍କର ପ୍ରତିକ୍ରିୟା ଦେଲା ବେଳେ ମଧ ସେ ତାଙ୍କ ଆଦିବାସୀ ଭାଷାରେ ଅନୁବାଦ କରି କହିଥିଲେ, ଏଣୁ ତାଙ୍କ କଥା ମଧ ବୁଝି ବାକୁ କଷ୍ଟ ହେଉଥାଏ । ତାଙ୍କର ଏଭଳି ଦୁଃଖ ଦେଖି ଗାଁରେ ବସ ବାସ କରୁଥିବା ଲୋକେ ମଧ ତାଙ୍କ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ଜଣେଇଛନ୍ତି । ଗୁନୁର ଚିକିତ୍ସା ପାଇଁ ବାପା ନାନେ ସରେନ ଉପଖଣ୍ଡ ଡାକ୍ତର ଖାନାରୁ ଆରମ୍ଭ କରି କଟକ ବଡ଼ ମେଡ଼ିକାଲକୁ ମଧ ନେଇ ଥିଲେ ହେଲେ ଅର୍ଥ ଅଭାବରୁ ତାଙ୍କର ସଠିକ ଭାବେ ଚିକିତ୍ସା ହୋଇ ପାରିଲା ନାହିଁ । ତେବେ ଜନ୍ମର ୩ ବର୍ଷ ପରଠାରୁ ଆଜକୁ ୭ ବର୍ଷ ବିତି ଯାଇଥିଲେ ସୁଧା ନା ପାଇ ପାରିଲେ ଭିନ୍ନକ୍ଷମ ଭତ୍ତା, ନା ପାଇଲେ ରାସନ ବା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା, ବହୁବାର ଅଭିଯୋଗ କରିଥିଲେ ମଧ କୌଣସି ସହଯୋଗ ଆଜି ଯାଏଁ ପାଇ ପାରିଲେ ନାହିଁ । ଏଣୁ ଶିଶୁର ଭବିଷ୍ୟତ ଆଜି ଅନ୍ଧାର ଆଡକୁ ଗତି କରିବାକୁ ବସିଲାଣି । ଏ କ୍ଷେତ୍ରରେ ଶିଶୁର ସରକାରୀ ସହାୟତା ଯୋଗାଇଦେବାକୁ ବାପା ମା' ନିବେଦନ କରିଛନ୍ତି ।

# ଏରସମା ବ୍ଲକ୍‌ରେ ସ୍ଥାୟୀ କମିଟି ଗଠିତ

ଏରସମା, (ଭାସ୍କର ନ୍ୟୁଜ୍): ଏରସମା ବ୍ଲକ୍ ପଞ୍ଚାୟତ ସମିତିର ବ୍ଲକ୍‌ସ୍ତରୀୟ ନିରୋଧ ଯୋଜନା ଓ ସମନ୍ୱୟ କମିଟି ଗଠନ କରାଯାଇଛି ।

ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ବିଭାଗର ସ୍ଥାୟୀ କମିଟିରେ ଏରସମା ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଅଧକ୍ଷା ଥିବାବେଳେ ନୂଆଗାଁ ପଞ୍ଚାୟତର ତମିଲ୍ ପ୍ରଧାନ, ବାମଦେଇପୁରର ଜ୍ୟୋତି ପ୍ରକାଶ ମହାନ୍ତି ଓ ଗଡ଼କୁଜଙ୍ଗର ସମ୍ପଦ ବାରିକ ସ୍ଥାୟୀ କମିଟିର ସଦସ୍ୟ ରହିଛନ୍ତି ।

ହସ୍ତକମ, କୁଟୀର ଶିଳ୍ପ, ଖଦୀ ଓ ଗ୍ରାମ ଉଦ୍ୟୋଗ ଏବଂ ଗ୍ରାମ୍ୟ ଗୃହ ନିର୍ମାଣ ସ୍ଥାୟୀ କମିଟିର ଜପା ପଞ୍ଚାୟତ ସମିତି ସଭ୍ୟ ସୁନିଲ ଗଛାୟତ କମିଟିର ଅଧକ୍ଷ ଥିବାବେଳେ ଚଟୁଆ ପଞ୍ଚାୟତର ଅଂଶୁମାନ ମିଶ୍ର, ବାଲିତୁଠର କୈଳାସ ଦାସ ଓ ବଳେଇପୁରର ସତିକାନ୍ତ ସ୍ୱାଇଁ ସ୍ଥାୟୀ କମିଟିର ସଦସ୍ୟ ଅଛନ୍ତି । ସାଧାରଣ ବଣ୍ଟନ ବ୍ୟବସ୍ଥା, ଜଙ୍ଗଲ ଜାଳେଣି ଓ ଗୋଖାଦ୍ୟ ସ୍ଥାୟୀ କମିଟିର ପୋଖରୀଆପଡା ପଞ୍ଚାୟତ ସମିତି ସଭ୍ୟା ସ୍ୱର୍ଣ୍ଣଲତା ସେନାପତି ଅଧକ୍ଷା ଥିବା ବେଳେ କୁଞ୍ଜକୋଠୀର ପଞ୍ଚାୟତର ପୁଷ୍ପାଞ୍ଜଳି ବେଉରା, ଭିତର ଅନ୍ଧାରୀର ସମୀର ରଞ୍ଜନ ସ୍ୱାଇଁ ଓ ନୂଆଡିହିର ପ୍ରଶାନ୍ତ କୁମାର ସାହୁ କମିଟି ସଦସ୍ୟ ଅଛନ୍ତି ।

ସ୍ୱାସ୍ଥ୍ୟ ମହିଳା ଓ ଶିଶୁ ବିକାଶ ସ୍ଥାୟୀ କମିଟିର ଏରସମା ସମିତି ସଭ୍ୟା ଦେବଜାନୀ ସେଠୀ ଅଧକ୍ଷା ଥିବା ବେଳେ କିରାଇଲୋ ପଞ୍ଚାୟତର ଉତ୍ତମ ଦାସ, ଏରସମାର ଦୀପ୍ତି ରଞ୍ଜନ କୁଅଁର ଓ ଜପା ପଞ୍ଚାୟତର ଦୀନବନ୍ଧୁ ନାୟକ ସ୍ଥାୟୀ କମିଟିର ସଦସ୍ୟ ଅଛନ୍ତି ।

ଜଳସେଚନ, ବିଦ୍ୟୁତ ଓ ପାନୀୟ ଜଳଯୋଗାଣ ସ୍ଥାୟୀ କମିଟିର ବ୍ଲକ୍ ଉପାଧକ୍ଷ ବିକାଶ ପରିଡ଼ା ଅଧକ୍ଷ ଥିବା ବେଳେ, ଗଡବିଶୁନୁପୁର ପଞ୍ଚାୟତର ଶ୍ରୀକାନ୍ତ କୁମାର ଗୁରୁ, ପଦ୍ମପୁରର ଅରୁଣ କୁମାର ବେହେରା ଓ ଆମ୍ବିକିର ସୁଶାନ୍ତ କୁମାର ମାଇତି ସଦସ୍ୟ ଅଛନ୍ତି ।

ସେହିପର କୃଷି ଏବଂ ମତ୍ସ୍ୟ ଚାଷ ସ୍ଥାୟୀ କମିଟିର ଅମ୍ବିକା ପଞ୍ଚାୟତର ଧନଞ୍ଜୟ ସାହୁ ଅଧକ୍ଷ ଥିବାବେଳେ ସୋମପୁର ପଞ୍ଚାୟତର ଶ୍ୟାମସୁନ୍ଦର ମୁଦୁଲି, ନାରଦିଆର ଜତିନ୍ଦ୍ର ପ୍ରସାଦ ମିଶ୍ର ଓ ଗୋଡା ପଞ୍ଚାୟତର ସଞ୍ଜୟ ଦାସ ସ୍ଥାୟୀ କମିଟିର ସଦସ୍ୟ ଅଛନ୍ତି । ଉକ୍ତ ସ୍ଥାୟୀ କମିଟିଗୁଡିକକୁ ଆଜି ଏରସମା ପଞ୍ଚାୟତ ସମିତି ସାଧାରଣ ବୈଠକରେ ସର୍ବସମ୍ମତି କ୍ରମେ ଗୃହିତ କରାଯାଇଛି ।

# ବୈଷୟିକ ଶିକ୍ଷା ଓ ତାଲିମ ନିମନ୍ତେ ପଞ୍ଜିକରଣ ଶିବିର

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ଜ୍ୟୋତି ମହାସଂଘ ସଭାକକ୍ଷରେ ଗୁରୁବାର ୧୦ମ ପାସ କରିଥିବା ଛାତ୍ରୀଛାତ୍ରଙ୍କ ବୈଷୟିକ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ବ୍ଲକସ୍ତରୀୟ ପଞ୍ଜିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଶିବିରରେ ମୋଟ ୧୪୮ ଜଣ ଛାତ୍ରୀଛାତ୍ର ଆଇଟିଆଇ ଓ ଡିପ୍ଲୋମାରେ ନାମ ଲେଖାଇବା ପାଇଁ ପଞ୍ଜିକୃତ କରିଥିଲେ । ସେମାନଙ୍କ ମଧ୍ୟରେ ୯୩ ଜଣ ବାଳିକା ଓ ୫୫ ଜଣ ବାଳକ ଅଛନ୍ତି । ଇୟଙ୍ଗ ପ୍ରଫେସନାଲ ରଞ୍ଜିତ ଲେଙ୍କାଙ୍କ ତତ୍ତ୍ୱବଧାନରେ ନାଉଗାଁ ପଲ୍ଲୀଟେକ୍ନିକ ପକ୍ଷରୁ ଶୁଭ୍ରାଂଶୁ ରଞ୍ଜନ ସ୍ୱାଇଁ, ରମାକାନ୍ତ ଜେନା ଓ ଆଶିଷ କୁମାର ଦାସ ଏବଂ କଟକ ଖପୁରିଆ ସ୍ଥିତ ସରକାରୀ ଆଇଟିଆଇ ପକ୍ଷରୁ ଏଟିଓ ଶ୍ୟାମଳି ଦେ ଓ ପାୟଲ ବାନାର୍ଜୀ ଉପସ୍ଥିତ ଥିଲେ । ଶିବିରରେ ଅଧିକାରୀମାନେ ପିଲାଙ୍କ ମାନସିକତାକୁ ପରଖି କେଉଁ ଟ୍ରେଡ୍‌ରେ ତାଲିମ ନେବା ପାଇଁ ଇଚ୍ଛୁକ ଅଛନ୍ତି ଏବଂ ଏଥିପାଇଁ ଆନୁସଙ୍ଗିକ ସୁବିଧା ଓ ସୁଯୋଗ କଣ ରହିଛି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ବିଶେଷ କରି ଅଧିକରୁ ଅଧିକ ବାଳିକାମାନେ କିପରି ତାଲିମ ନେଇ ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ସେମାନଙ୍କ ପାଇଁ ସରକାରଙ୍କ ଆଭିମୁଖ୍ୟ କଣ ରହିଛି ଅଧିକାରୀମାନେ ଶିବିରରେ ପ୍ରକାଶ କରିଥିଲେ । ସକାଳ ୮ ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଶିବିର ଚାଲିଥିଲା । ଯେଉଁମାନେ କୌଣସି କାରଣରୁ ଶିବିରରେ ଯୋଗ ଦେଇପାରି ନାହାନ୍ତି ସେମାନେ ଅନଲାଇନ ମାଧ୍ୟମରେ ଆବେଦନ କରିବା ପାଇଁ ଲେଙ୍କା ପ୍ରକାଶ କରିଛନ୍ତି ।

# ଆସିକା ଉପକାରାଗାରରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ




ଆସିକା, (ଭାସ୍କର ନ୍ୟୁଜ୍): ୩୧ ମଇ, ୨୦୨୩ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଅବସରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ଆସିକା ଉପକାରାଗାର ପରିସରରେ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ତମ୍ବାଖୁର କୁପରିଣାମ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପକାରାଗାର ଅଧିକ୍ଷକ ଦିଲ୍ଲୀପ କୁମାର ଜେନାଙ୍କ ପୌରୋହିତ୍ୟ ତଥା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଆସିକା ସେବାକେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ବିଭିନ୍ନ ମାଦକ ଦ୍ରବ୍ୟ ତଥା ତମ୍ବାଖୁ ସେବନର କୁପରିଣାମରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜର ଆତ୍ମିକ ଶକ୍ତିକୁ ଜାଗ୍ରତ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ରାଜଯୋଗର ସରଳ ଅଭ୍ୟାସ କରାଇବା ସହ ସେ ସମସ୍ତ ଅନ୍ତେବାସୀଙ୍କୁ ତମ୍ବାଖୁ ଠାରୁ ଦୁରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ । ଉପକାରାଗାର ଅଧକ୍ଷ ଦିଲ୍ଲୀପ କୁମାର ଜେନା ସୁସ୍ଥ ଜୀବନ ଯାପନ କରିବା ପାଇଁ ତମ୍ବାଖୁ ବର୍ଜନର ଗୁରୁତ୍ୱ ବର୍ଣ୍ଣନା କରିବାକୁ ଅନେକ ଘଟଣାର ଦୃଷ୍ଟାନ୍ତ ଦେଇ ପ୍ରକାଶ କରିଥିଲେ ଯେ ନିଶା ସେବନ ବ୍ୟକ୍ତିର ମାନସିକ ଦୁର୍ବଳତାର ପରିପ୍ରକାଶ । ଏହା ପରିବାର, ସମାଜ ଓ ରାଷ୍ଟ୍ରକୁ ରୁଗଣ କରିବା ସଙ୍ଗେ ସଙ୍ଗେ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଥାଏ । ନିଶା ଖୋର ନିଜର ଏବଂ ନିଜ ପରିବାରର ଦୁର୍ଦ୍ଦଶାର କାରଣ ବନିଥାଏ ବୋଲି ସେ ସମସ୍ତଙ୍କୁ ଏଥିରୁ ଦୁରେଇ ରହିବା ପାଇଁ ଆହ୍ୱାନ ଦେଇଥିଲେ । ନିଶା ମୁକ୍ତି କ୍ଷେତ୍ରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଏଭଳି ଅନନ୍ୟ ପ୍ରୟାସ ପାଇଁ ସେ ସାଧୁବାଦ ଜଣାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଲଘୁ ନାଟକ ମାଧ୍ୟମରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀ ଭାଇଙ୍କ ଦ୍ୱାରା ମଞ୍ଚସ୍ଥ ନିଶା ମୁକ୍ତି ସନ୍ଦେଶ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । କାର୍ଯ୍ୟକ୍ରମରେ ଉପକାରାଗାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ମିଳିତ ଅମଲା ମହାସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଚେତାବନୀ

# ଦାବି ପୂରଣ ନ ହେଲେ ସାମୁହିକ ଛୁଟି

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ବିଭିନ୍ନ ଦାବି ନେଇ ରାଜ୍ୟ ମିଳିତ ଅମଲା ମହାସଂଘ ପକ୍ଷରୁ କଳା ବ୍ୟାଚ ପିନ୍ଧି ଆନ୍ଦୋଳନ ଜାରି ରଖିଥିବା ବେଳେ ଏହି ଆନ୍ଦୋଳନକୁ ବଲାଙ୍ଗିର ଜିଲ୍ଲା ମିଳିତ ଅମଲା ମଞ୍ଚ ସମର୍ଥନ ଜଣାଇଛି । ଗତ ୨୨ ତାରିଖରୁ କଳା ବ୍ୟାଚ୍ ପିନ୍ଧି ଅଫିସ କାର୍ଯ୍ୟ କରୁଛନ୍ତି ।
ହେଲେ ସରକାର ସଂଘର ଦାବି ପୁରଣକୁ ଅଣଦେଖା କରୁଥିବାରୁ ଆଗାମୀ ୧ ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିବେ ବୋଲି ଖପ୍ରାଖୋଲ ବ୍ଲକ୍ ଅମଲା ସଂଘ ପକ୍ଷରୁ ଚେତାବନୀ ଦେଇଛି । ଓଡ଼ିଶା ମିଳିତ ଅମଲା ମହାସଂଘର ଆନ୍ଦୋଳନକୁ ସମର୍ଥନ ଜଣାଇ ଖପ୍ରାଖୋଲ ବ୍ଲକ୍ ପରିସରରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା ।
ଏହି ଅବସରରେ ବ୍ଲକ୍ ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର, ରମାକାନ୍ତ ସାହୁ, ମାଧବ ସାହୁ, ରବିକାନ୍ତ ଲୁହା, ନିତ୍ୟାନନ୍ଦ ବେହେରା, ଅକ୍ଷୟ ପଧାନ, କାହ୍ନୁ ଚରଣ ସାହୁ, ଦୀପକ ସାହୁ ଓ ସଂଘର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟବନ୍ଦ ଆନ୍ଦୋଳନ କଲେ ବିଭିନ୍ନ ବିଭାଗର କାର୍ଯ୍ୟ ପ୍ରଭାବିତ ହେବ ।

### କେନାଲ ବନ୍ଧ ନିମ୍ନମାନର, ଅଧାପାନ୍ତରିଆ ରାସ୍ତା କାହା ସ୍ୱାର୍ଥରେ

# ଲୁଚାଇ ବିଲ୍ କରିବାକୁ ମସୁଧା



ବଡ଼ଚଣା, (ଭାସ୍କାର ନ୍ୟୁଜ୍): ଗମନା ଗମନ ଓ ପରିବହନ ପାଇଁ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ପ୍ରଶାସନିକ ଅଧିକାରୀ ଓ ଠିକାଦାରମାନଙ୍କ ମଧ୍ୟରେ ମଧୁଚନ୍ଦ୍ରୀକା ଯୋଗୁ ଏହାର ସୁଫଳ ଜନସାଧାରଣ ପାଇ ପାରୁନାହାଁନ୍ତି । ଚଣ୍ଡିଖୋଲ ଜଳ ସମ୍ପଦ ବିଭାଗ ତରଫରୁ ପୂର୍ତ୍ତ ବିଭାଗ ରାସ୍ତାଠାରୁ ସୁଙ୍ଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ୧୧ନଂ କେନାଲ ବନ୍ଧ କାର୍ଯ୍ୟ ଚାଲୁଥିଲେ ମଧ ଏହା ଅତି ନିମ୍ନମାନର ବୋଲି ଅଭିଯୋଗ ହେଉଛି । ୪୭ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତାଟି ଅତିନିମ୍ନମାନର କାର୍ଯ୍ୟ ହେଉଛି । କାର୍ଯ୍ୟ ତଦାରଖ କରିବା ପାଇଁ କୌଣସି ପ୍ରଶାସନିକ ଅଧିକାରୀ ଉକ୍ତସ୍ଥାନକୁ ନ ଆସିବା ଫଳରେ ଠିକାଦାର ନିଜର ମନମାନୀରେ କାମ କରୁଅଛି । ରାସ୍ତାନିର୍ମାଣ ସମୟରେ ମାନ ପ୍ରତି ଗୁରତ୍ୱ ଦିଆଯାଉନାହିଁ । ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀ କେହିହେଲେ ଉକ୍ତ ସ୍ଥାନକୁ ସଠିକ୍ ତଦାରଖ କରିବା ପାଇଁ ଆସୁ ନାହାଁନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ରାସ୍ତା ନିର୍ମାଣ ସମ୍ପର୍କରେ ଲୋକଙ୍କୁ ଅନ୍ଧାରରେ ରଖି କୌଣସି ସ୍ଥାନରେ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସୂଚନା ଫଳକ ଲଗାଯାଇ ନାହିଁ ଏବଂ ବ୍ୟବହୃତ ହେଉଥିବା ଚିପ୍‌ସ, ମେଣ୍ଟାଲ ଓ ସିମେଣ୍ଟ ଅତି ନିମ୍ନମାନର ବ୍ୟବହାର କରାଯାଉଛି ଯାହା ରାସ୍ତାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ନିର୍ଦ୍ଧାରିତ ୯ଶହ ମିଟରରୁ କାଣ୍ଟ ଛାଣ୍ଟ କରାଯାଇ କାହା ସ୍ୱାର୍ଥରେ ଏହି ରାସ୍ତାଟି ଅର୍ଦ୍ଧ ନିର୍ମାଣ କରାଯାଉଛି । ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ ରାସ୍ତାଟି ଯେତିକି ହେବା କଥା ଲମ୍ବ କମ୍ କରାଯାଇଛି । ଏବଂ ରାତି ଅଧିଆ କାମ ଚାଲୁ ରହୁଛି । ଠିକାଦାର ଅଧାପାନ୍ତରିଆ କାମ କରି ସମ୍ପୂର୍ଣ୍ଣ ବିଲ୍ କରିବା ପାଇଁ ବିଭାଗକୁ ଚାପ ପକାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏହି ପରି ଅଧାପାନ୍ତରିଆ ଭାବରେ ରାସ୍ତାଟି ପଡ଼ି ରହିଲେ ଲୋକ ଏବଂ ଚାଷୀମାନେ ହନ୍ତସନ୍ତ ହୋଇଥିବା ଅଭିଯୋଗ କରିଛନ୍ତି । ରାସ୍ତା କଡ଼ରେ ହୋଇଥିବା ପିଲର ଗୁଡ଼ିକ ଭାଙ୍ଗି ଗଲାଣି । ଏଥିପ୍ରତି ବିଭାଗୀୟ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ସର୍ପାଘାତରେ ଯୁବକଙ୍କ ମୃତ୍ୟୁ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବ୍ଲକ୍ ଅନ୍ତର୍ଗତ ତୁଙ୍କୁଣୀ ଗ୍ରାମର ଜନୈକ ବ୍ୟକ୍ତି ସଞ୍ଜୟ କୁମାର ନାୟକଙ୍କ ଏକ ଅଜଣା ବିଷଧର ସର୍ପାଘାତରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତ୍ୟୁ ବେଳକୁ ତାଙ୍କର ବୟସ ପ୍ରାୟ ୫୦ ବର୍ଷ ହେବ । ଉକ୍ତ ଦିନ ଅପରାହ୍ନ ୫:୦୦ ଘଣ୍ଟା ସମୟରେ ମଦୀୟ ବାସ ଭବନର ବାରୀପଟ କୃଷିକ୍ଷେତ୍ରରେ ଘାସ ଉପାଡିବା ସମୟରେ ଏକ ଅଜଣା ବିଷଧର ସର୍ପାଘାତରେ ସଞ୍ଜୟ ଅଚେତ ହୋଇ ପଡିଥିଲେ । ଏହାର ସୂଚନା ପାଇ ତୁରନ୍ତ ସାହି ପଡ଼ୋଶୀ ଏବଂ ତାଙ୍କର ବଡ଼ ଭାଇ ବିଜୟ କୁମାର ନାୟକ ସରକାରୀ ଆମ୍ବୁଲାନ୍ସକୁ ଅପେକ୍ଷା ନ କରି ଅଟୋରିକ୍ସା ଯୋଗେ ଆସିକା ସରକାରୀ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଚିକିତ୍ସିତ ନ ହୋଇପାରିବାରୁ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମ୍‌କେସିଜି ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଭାଗ୍ୟର ବିଡ଼ମ୍ବନା, ରାତି ୮:୧୦ ମିନିଟ୍‌ରେ ସେଠାରେ କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ କରବା ପରେ ପରିବାରକୁ ହସ୍ତାନ୍ତର କରିଥିଲେ ।

# ଆମ ପୋଲିସ ସମିତି ପକ୍ଷରୁ ଭଲିବଲ୍ ଉଦ୍‌ଯାପିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ମୋହନା ବ୍ଲକ୍ ଅନ୍ତର୍ଗତ ଅଡ଼ବା ଥାନା ଗୁଲୁବା ଗ୍ରାମଠାରେ ୨୭ ତାରିଖଠାରୁ ୧୦ଟି ଟିମ୍‌କୁ ନେଇ ଚାଲୁ ରହିଥିବା ଭଲିବଲ୍ ଖେଳ ଉଦ୍‌ଯାପିତ ହୋଇଯାଇଛି । ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍ ସ୍ୱାତୀ କୁମାରଙ୍କ ନିର୍ଦ୍ଦେଶକ୍ରମେ ଓ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭଲିବଲ ଟୁର୍ଣ୍ଣାମେଣ୍ଟରେ ଗୁଲୁବା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୦ଟି ଭଲିବଲ ଟିମ ଅଂଶଗ୍ରହଣ କରିଥିଲେ । ଶେଷ ଦିନରେ ସମସ୍ତ ଟିମ୍‌କୁ ପଛରେ ପକାଇ କାଲେମା ଟିମ୍ ବିଜୟୀ ଘୋଷିତ ହୋଇଥିଲା ଓ ତୁବୁରୀ ଟିମ ରନର୍ସ ହୋଇଥିଲା । ଉଭୟ ଦଳଙ୍କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଲ୍ ସହ ଅର୍ଥରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଡ଼ବା ପୁଲିସ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ମିଶନ ଶକ୍ତିର ପ୍ରତିନିଧିତ୍ୱ ପାଇଁ ସିଙ୍ଗାପୁର ଯାତ୍ରା

ଭଦ୍ରକ, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ ଦୁବାଇକୁ ସିଧା ସଳଖ ବିମାନ ଉଡ଼ାଣର ଶୁଭାରମ୍ଭ କରାଯିବା ପରେ ଆସନ୍ତା ୩ ତାରିଖରେ ଭୁବନେଶ୍ୱରରୁ ସିଙ୍ଗାପୁରକୁ ବିମାନ ଉଡ଼ାଣ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଦୁବାଇକୁ ବିମାନ ଯାତ୍ରାରେ ଓଡ଼ିଶା ମିଶନ ଶକ୍ତିର ପ୍ରତିନିଧିତ୍ୱ ପାଇଁ ୧୦ଟି ଜିଲ୍ଲାରୁ ୧୦ ଜଣ ଡେଲିଗେଟସ୍‌ଙ୍କୁ ପ୍ରେରଣ କରାଯାଇଥିଲା । ସିଙ୍ଗାପୁର ଯାତ୍ରାରେ ମଧ ମିଶନ ଶକ୍ତିର ପ୍ରତିନିଧିତ୍ୱ ପାଇଁ ସାମିଲ କରାଯାଇଥିବା ୧୧ଟି ଜିଲ୍ଲା ମଧ୍ୟରେ ଭଦ୍ରକ ଜିଲ୍ଲା ସ୍ଥାନ ପାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାର ୨୪୦୦ ରୁ ଉର୍ଦ୍ଧ ଏସ୍‌ଏଚ୍‌ଜିର ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟାମାନଙ୍କ ପ୍ରତିନିଧି ହିସାବରେ ସିଙ୍ଗାପୁର ଯାତ୍ରାରେ ଯିବାକୁ ଥିବା ଜିଲ୍ଲାସ୍ତରୀୟ ଫେଡେରେସନ୍ ସଦସ୍ୟ କଲ୍ୟାଣୀ ଦାସଙ୍କୁ ଆଜି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଓଏଲଏମ୍‌ର ଡିପିଏମ୍ ସଞ୍ଜୟ କୁମାର ବାରିକ୍, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ସୀତାଂଶୁ ଶେଖର ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ସିଡିଓ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରୀମତୀ ଦାସଙ୍କ ଯାତ୍ରାର ଶୁଭ ମନାସି ଥିଲେ । ସୂଚନା ଯୋଗ୍ୟ କି କଲ୍ୟାଣୀ ଦାସ ୨୦୦୪ ମସିହାରୁ ଏସ୍‌ଏଚ୍‌ଜିରେ ଜଣେ ସଦସ୍ୟ ହିସାବରେ ଯୋଗଦେଇ ବିଏଲ୍‌ଏଫ୍‌ର ସେକ୍ରେଟେରୀ ଏବଂ ବର୍ତ୍ତମାନ ଡିଏଲ୍‌ଏଫ୍‌ର ସଦସ୍ୟ ହିସାବରେ କାର୍ଯ୍ୟରତ । ତିହିଡ଼ି ବ୍ଲକ୍‌ର ଭାଟପଡ଼ା ଗ୍ରାମପଞ୍ଚାୟତର ମା' ମଙ୍ଗଳା ଏସ୍‌ଏଚ୍‌ଜିର ସଦସ୍ୟା ଶ୍ରୀମତୀ ଦାସ ଏହି ଯାତ୍ରା ତାଙ୍କ ପାଇଁ ପରମ ସୌଭାଗ୍ୟ ବୋଲି ପ୍ରକାଶ କରିଛନ୍ତି । ଏସ୍‌ଏଚ୍‌ଜି ଜରିଆରେ ମା'ମାନଙ୍କୁ ରୋଜଗାରକ୍ଷମ କରାଇ ମହିଳା ସଶକ୍ତକରଣ ଦିଗରେ ମିଶନ ଶକ୍ତିର ଉଲ୍ଲେଖନୀୟ ଅବଦାନ ସମ୍ବନ୍ଧରେ ବିଦେଶରେ ବାର୍ତ୍ତା ପ୍ରଦାନ ସହିତ ମହିଳାମାନଙ୍କ ଲାଗି ସେ ଦେଶରେ ନିଆଯାଉଥିବା ପଦକ୍ଷେପ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରି ଆମ ଜିଲ୍ଲାର ମା'ମାନଙ୍କୁ ଅବଗତ କରାଇବା ନେଇ ମନରେ ଆଶା ପୋଷଣ କରିଛନ୍ତି ବୋଲି ମଧ ସେ ପ୍ରକାଶ କରିଥିଲେ ।

# ଶ୍ରୀ'ମା ଦିବ୍ୟ ସ୍ୱରୂପାନନ୍ଦଙ୍କ ଦ୍ୱାରା ବିନୋଦବିହାରୀ ମନ୍ଦିର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଗରାପୁର ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀ'ମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆଇତିପୁରସ୍ଥିତ ଶ୍ରୀ ବିନୋଦବିହାରୀଙ୍କ ମନ୍ଦିରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ଉଦ୍‌ଘାଟନ ପରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମରେ ସେହି ଗ୍ରାମ ଓ ଆଖପାଖ ଗ୍ରାମଗୁଡିକର ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀ'ମା ଦୈନନ୍ଦିନ ଜୀବନ ଦର୍ଶନରେ ରାଧାଗୋବିନ୍ଦ ଏବଂ ବିନୋଦବିହାରୀଙ୍କୁ ସକାଳ ଓ ସନ୍ଧ୍ୟାରେ ସମସ୍ତେ ପ୍ରାର୍ଥନା କରିବା ଉଚିତ ବୋଲି କହିଥିଲେ । ଏଥିସହିତ ଗ୍ରାମରେ ବୃକ୍ଷରୋପଣ କରିବା, ସ୍ୱଚ୍ଛତା ରକ୍ଷା ଏବଂ ସେବା ମନୋଭାବକୁ ଜାଗ୍ରତ କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଲେ ଜୀବନରେ ପରିବର୍ତ୍ତନ ଆସିବ ବୋଲି ମା'ପରାମର୍ଶ ଦେଇଥିଲେ । ଏହା ବ୍ୟତିତ ଭାଇଚାରା ସୃଷ୍ଟି ହୋଇ ସମାଜର ମଙ୍ଗଳ ହୋଇପାରିବ ବୋଲି ଶ୍ରୀ'ମା କହିଥିଲେ । ପରେ କନ୍ତିଆ ମଠର ମହନ୍ତ ସିଦ୍ଧାର୍ଥଶଙ୍କର ଦାସ, ଓଳାଶୁଣୀଗୁମ୍ଫା ମହନ୍ତ ଓ ଅନ୍ୟ ସାଧୁମାନେ ଭାଗବତର ମହିମା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମର ପ୍ରତାପ କୁମାର ଦାସ, ଅରୁଣ ସାମନ୍ତରାୟ, ରଞ୍ଜିତା ମହାନ୍ତି, ରୁଦ୍ର ପ୍ରସାଦ ସାମନ୍ତରାୟ, ଉମେଶ ସାମନ୍ତରାୟ ଓ କଲ୍ୟାଣୀ ସାମନ୍ତରାୟଙ୍କ ସମେତ ଅନ୍ୟ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

# ପରିବେଶ ସୁରକ୍ଷା ସପ୍ତାହ: ଦେଶୀ ଚାଷ ପାଇଁ ସଚେତନତା ସଭା




ଦିଗପହଣ୍ଡି, (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନ ଅଗ୍ରଗତି ସହିତ ସାରାଦେଶରେ ପରିବେଶ ଦୂଷିତ ହୋଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲାଣି ତେଣୁ ପରିବେଶର ସୁରକ୍ଷା ଯଦି ନ କରାଯିବ ତେବେ ଜୀବଜଗତ ତିଷ୍ଠି ରହିବା ଅତି କଷ୍ଟକର ବ୍ୟାପାର ଓ ଆଧୁନିକ ଚାଷରେ ହାଇବ୍ରିଡ଼ ବିହନ ସହ ରାସାୟନିକ ସାରର ମାତ୍ରାଧିକ ପ୍ରୟୋଗ ଯୋଗୁଁ ଜଳ, ଜମି ଓ ବାୟୁମଣ୍ଡଳ ଉପରେ ସିଧାସଳଖ ପ୍ରଭାବ ପଡୁଛି । ବିଷ ଦିଆ ଖାଦ୍ୟ ଖାଇ ଆମେ ନାନାଦି ରୋଗରେ ପଡୁଛନ୍ତି ତେଣୁ ବର୍ତ୍ତମାନ ଆମେ ପୂର୍ବର ଦେଶୀ ଚାଷକୁ ଫେରିବା ପାଇଁ ଅବସମ୍ଭାବି ହୋଇ ପଡିଛି । ଦେଶୀ ବିହନ ଓ ଜୈବିକ ସାରର ପ୍ରୟୋଗରେ ଚାଷ କରିବା ଦ୍ୱାରା ମାଟି, ପାଣି, ଓ ପବନର ସୁରକ୍ଷା ହେବା ସହ ପରିବେଶ ସୁରକ୍ଷା ହେଉଛି ଏବଂ ଚାଷୀ ବିହନ, ସାର, ଆଦିରେ ସ୍ୱଳମ୍ବୀ ମଧ ହୋଇଥାଏ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବ୍ଲକ୍ ଗଣିଆ ନାଳଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ୍ ନାହାକ ଓ ଅଭିମନ୍ୟୁ ପାତ୍ର । ସଭାପତିତ୍ୱ କରିଥିବା ବେଳେ ଜଳବାୟୁ ନ୍ୟାୟ ଅଧ୍ୟୟନ କେନ୍ଦ୍ରର ଅଧକ୍ଷା ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ । ଓ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ଉପସ୍ଥିତ ରହି ୭୦ ଜଣ ଜଣ ଚାଷୀଙ୍କୁ ଦେଶୀ ବିହନ ଜୈବିକ ଚାଷ ପାଇଁ ବଣ୍ଟନ କରାଯାଇଛି । ଦେଶିଚାଷି ଲଡୁ ଡାକୁଆ, ବଳରାମ ରାଉତ, ଅଧାପକ ଲୋକନାଥ ପରିଡ଼ା, ଶ୍ରମିକ ନେତା ପ୍ରତାପ ପ୍ରଧାନ, ଲକ୍ଷ୍ମୀ ନୃସିଂହ ରଥ, ଶେରଗଡ଼ ପୂର୍ବତନ ବ୍ଲକ ଉପାଧକ୍ଷ ପିତାମ୍ବର ସ୍ୱାଇଁ, ଆଡଭୋକେଟ ପ୍ରଭାକର ରାଉତ ପ୍ରମୁଖ ସ୍ୱାସ୍ଥ୍ୟ ରକ୍ଷା ଓ ପରିବେଶ ସୁରକ୍ଷା ପାଇଁ ରାସାୟନିକ ଚାଷ ବଦଳରେ ଦେଶୀ ଚାଷକୁ ଆପଣାଇବା ପାଇଁ ଉଦ୍ୟମ କରିବା ବୋଲି କହିଥିଲେ । ପୂର୍ବତନ ସିଦ୍ଧେଶ୍ୱର ସରପଞ୍ଚ ବନମାଳୀ ଜେନା, ଶିକ୍ଷକ ଉଦୟନାଥ ହୋତା, ଉମା ପଟ୍ଟନାୟକ, ଭଗବାନ ସ୍ୱାଇଁସମେତ ୫ଟି ଗ୍ରାମର ମହିଳା ଓ ପୁରୁଷ ଚାଷୀ ପ୍ରମୁଖ ଯୋଗ ଦେଇଥିଲେ । ଦେଶର ସରକାରମାନେ ଦେଶୀ ଚାଷ ପାଇଁ ଅଧିକ ସଚେତନତା ସହିତ ଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ କୃଷିନୀତି ବଦଳାଇବାକୁ ପ୍ରଫୁଲ୍ଲ ସାମନ୍ତରା ଆହ୍ୱାନ କରିଥିଲେ । ଆଜିଠାରୁ ଦେଶସାରା ଏନ୍‌ଏପିଏମ୍ ତରଫରୁ ପ୍ରାକୃତିକ ସମ୍ପଦ ସୁରକ୍ଷା ସପ୍ତାହ ଆରମ୍ଭ ପରିପ୍ରେକ୍ଷୀରେ ଦେଶୀ ଚାଷ ଆପଣାଅ ପରିବେଶ ବଞ୍ଚାଅ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆଗାମୀ ଦିନରେ ଜୈବିକ ସାର ପ୍ରୟୋଗ କରି ଦେଶୀ ଚାଷ ପାଇଁ ଅନୁଷ୍ଠାନ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ମଧ କରାଯିବ ।



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ଓରିଏଣ୍ଟ ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ୯ ନମ୍ବର ମୁଣ୍ଡାପଡାର ଜଣେ କାର୍ଯ୍ୟରତ ରାଜମିସ୍ତ୍ରୀ ବିଦ୍ୟୁତ ଆଘାତରେ ଗୁରୁତର ହୋଇଥିବା ଜଣାଯାଇଛି । ଘଟଣା ଅନୁଯାୟୀ ୪୯ ନମ୍ବର ଜାତୀୟ ରାଜପଥ ୯ ନମ୍ବର ମୁଣ୍ଡା ପଡାର ସନ୍ତୋଷ ମୁଣ୍ଡା (୪୩) ୯ ନମ୍ବର ଢାବା ନିକଟରେ ଏକ ଘର ତିଆରି କରୁଥିବାବେଳେ ଘର ଉପରେ ଯାଇଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଭାବେ ଆହତ ହୋଇଥିଲେ । ନିକଟରେ କାମ କରୁଥିବା ତାର ଝିଅ ଶାନ୍ତି ଗୋପ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମଣ୍ଡଳିଆ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ତାର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ । ପରିବାର ଲୋକେ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ଚିକିତ୍ସାଳୟ ନନେଇ ଘରକୁ ଫେରାଇଆଣିଥିଲେ । ସେହି ଅଞ୍ଚଳର ଜଣେ ସମାଜସେବୀ ମନୋରମା ସାହୁ ଖବର ପାଇ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ବୁଝାଇ ସନ୍ତୋଷକୁ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡ଼ାକ୍ତରଙ୍କ ପରାମର୍ଶ କରି ଚିକିତ୍ସା ପାଇଁ ସନ୍ତୋଷଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ରାଜ୍ୟ ଶ୍ରମ ଓ ଯୋଜନା ସ୍ୱତନ୍ତ୍ର ସଚିବ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ରଜ୍ୟ ଶ୍ରମ ଓ ଯୋଜନା ସ୍ୱତନ୍ତ୍ର ସଚିବ ଚିତ୍ରା ଆରାଉଙ୍ଗମ୍ ଗଜପତି ଜିଲ୍ଲାର ଦିନିକିଆ ଗ୍ରସ୍ତରେ ଆସି ବିଭିନ୍ନ ଉନ୍ନତମୂଳକ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ସହିତ କଥା ହୋଇଥିଲେ। ରାୟଗଡ଼ା ବ୍ଲକ୍‌ର ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିବା ସହିତ ଗ୍ରାମ ପଞ୍ଚାୟତକୁ ଯାଇ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହିତ କଥା ହୋଇଥିଲେ। ଜୀରଙ୍ଗରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସିଲେଇ କାମ ବୁଲି ଦେଖିବା ସହିତ ସେମାନଙ୍କର ଉନ୍ନତି ଉପରେ ଆଲୋଚନା କରିବା ସହିତ ଜିରାଙ୍ଗରେ ଭତ୍ତା ହିତାଧିକାରୀମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କ ସହିତ ଆଚର ତିଆରି ହେଉଥିବା ୟୁନିଟ୍‌କୁ ଦେଖିଥିଲେ। ଡ଼ମ୍ବାଲରେ ଥିବା ୫ଟି ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ପରିଦର୍ଶନ କରିଥିଲେ। ଉଦ୍ୟାନ ଓ ସମ୍ମାନିତ ଅଧିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ମିଳିତ ସହଯୋଗରେ ସପୁରୀ ଜୁସ ୟୁନିଟ୍ ବୁଲି ଦେଖିବା ସହିତ ସେଠାରେ ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ସହିତ ଆଲୋଚନା କରିଥିଲେ। କଇଁପୁର ରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା କାଫ କେନ୍ଦ୍ରକୁ ଦେଖିବା ସହିତ ସେଠାରେ ଭଜନ କରିଥିଲେ। ରାୟଗଡ଼ା ବ୍ଲକ କାର୍ଯ୍ୟାଳୟରେ ଯାଇ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ସହିତ କଥା ହେବା ସହିତ ନୀତି ଆୟୋଗର ସମସ୍ତ ବ୍ଲକରେ କିପରି କାର୍ଯ୍ୟକାରୀ ହେଉଛି ସେ ବିଷୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ରାୟଗଡ଼ା ବ୍ଲକରେ ସିଲେଇ ତାଲିମ କେନ୍ଦ୍ର ବୁଲି ଦେଖିବା ସହିତ ମା'ମାନଙ୍କ ଦ୍ୱରା ପ୍ରସ୍ତୁତ ହେଉଥିବା ୟୁନିଟ୍‌କୁ ଯାଇ ବୁଲି ଦେଖି ଥିଲେ। ସେହିପରି ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଗୋଷାଣୀ ବ୍ଲକର ପୁଣ୍ଡୁକି ଠାରେ ଥିବା ମୁଖ୍ୟମନ୍ତ୍ରୀ କୃଷିଭିତ୍ତିକ ଯୋଜନାର ଛତୁ ୟୁନିଟ୍‌କୁ ମଧ ବୁଲି ଦେଖିଥିଲେ।

## +୨ ପରୀକ୍ଷାଫଳରେ ତ୍ରିବେଣୀ ବିଜ୍ଞାନ ଉଚ୍ଚମାଧମିକ ବିଦ୍ୟାଳୟର ବାଜିମାତ୍

# ପରମାନନ୍ଦ ରାଉତ ଜିଲ୍ଲା ଟପ୍ପର



ପଦ୍ମପୁର (ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ, ବାଣିଜ୍ୟ ଫଳାଫଳ ପ୍ରକାଶିତ ହୋଇଛି। ରାୟଗଡ ଜିଲ୍ଲା ପଦ୍ମପୁର ତ୍ରିବେଣୀ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ବାଜିମାତ କରିଛନ୍ତି ଛାତ୍ରଛାତ୍ରୀ। ପରମାନନ୍ଦ ରାଉତ ମୋଟ ୫୪୫ ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରିୟଦର୍ଶନୀ ମିଶ୍ର ୫୪୨ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ମୋଟ ୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୬୬ ଜଣ ପ୍ରଥମ ସ୍ଥାନ, ୧୫ ଜଣ ଦ୍ୱିତୀୟ ସ୍ଥାନ ଓ ଜଣେ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ଅନୁଷ୍ଠାନ ଲଗାତାର ଅଷ୍ଟମ ଥର ଶତପ୍ରତିଶତ ସଫଳତା ହାସଲ କରିଛି। ଅନୁଷ୍ଠାନର ଅଧ୍ୟାପକଅଧ୍ୟାପିକା, ସମସ୍ତ କର୍ମଚାରୀ, ଅଭିଭାବକ, ସ୍ଥାନୀୟ ବାସିନ୍ଦା ଏହି କୃତିତ୍ୱ ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅଧକ୍ଷ ଗୌରୀ ଦାଶ ଏଥିପାଇଁ ସମସ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ନିର୍ଦ୍ଦେଶକ ସ୍ୱାଗତ ଶେଖର ଜେନା ଓ ସମ୍ପାଦକ ସାଗର କାନ୍ତ ଜେନା ଏବଂ ପ୍ରଶାସନିକ ଅଧିକାରୀ ଦେବବ୍ରତ ପରିଚ୍ଛା ସମସ୍ତଙ୍କୁ ସଫଳତାର ଶ୍ରେୟ ଦେଇଥିଲେ ।

## ଆନ୍ତର୍ଜାତୀୟ ମିଲଟସ୍ ମିଶନ ପାଳିତ



ବରଗଡ଼(ଭାସ୍କର ନ୍ୟୁଜ): ବରଗଡ଼ ସ୍ଥିତ ମିଲଟସ୍ ମିଶନ୍ ତରଫରୁ ସ୍ଥାନୀୟ ଟାଉନ୍ ହଲ୍ ଠାରେ ଆନ୍ତର୍ଜାତୀୟ ମିଲଟସ୍ ମିଶନ୍ ପାଳନ ଅବସରରେ ମିଲଟସ୍ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବରଗଡ଼ ପୌରାଞ୍ଚଳର ପାଞ୍ଚଟି ସ୍ୱୟଂସହାୟକ ଗୋଷ୍ଠୀର ପନ୍ଦର ଜଣ ସଦସ୍ୟ ଅଂଶଗ୍ରହଣ କରି ଚଉଦ୍ଧରୀ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ । ଆଞ୍ଚଳିକ ସଂଯୋଜକ ସୁରେନ୍ଦ୍ର ମେହେର, ଖୁସବୁ ଅଗ୍ରୱାଲ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା , କୃଷି ଅଧିକାରୀ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।

## କଣ୍ଟେନରରୁ ଗଞ୍ଜେଇ ଜବତ: ୧ ଗିରଫ, ଜଣେ ଫେରାର




ପଦ୍ମପୁର ( ଭାସ୍କର ନ୍ୟୁଜ): ଗଞ୍ଜେଇର ଗନ୍ତାଘର ପାଲଟିଛି ପଦ୍ମପୁର । ରାୟଗଡା ଜିଲ୍ଲା ପଦ୍ମପୁର ଥାନା ପୋଲିସ ଜଣେ ବ୍ୟକ୍ତିକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା। କଣ୍ଟେନରରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ , ରାତିରେ ପଦ୍ମପୁର ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ କୋଣସି ସୂତ୍ରରୁ ଖବର ପାଇ କେନ୍ଦୁଗୁଡା ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସମୟରେ ପଦ୍ମପୁର ବ୍ଲକ ଆଖୁସିଙ୍ଗ ପଞ୍ଚାୟତ ବଲ୍ଲଭପୁର ଛକଠାରେ ପଦ୍ମପୁର ଥାନା ଏସଆଇ ପଞ୍ଚାଶ୍ରୀ ନାୟକ ଓ ତାଙ୍କ ଟିମ ଗୋଟିଏ କଣ୍ଟେନର ଗାଡିକୁ ଯାଞ୍ଚ କରିଥିଲେ। ସେହି କଣ୍ଟେନରରୁ ପୋଲିସ ୪୦୬ କେଜି ୬୦୦ଗ୍ରାମ ଗଞ୍ଜେଇ ଜବତ କରିଥି। ଗିରଫ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ମଠାପଦର ଗ୍ରାମର ବାପିନି ଗୌଡ଼ (୨୮) କୁ ପୋଲିସ ଗିରଫ କରିଛି। ତା ନନିକଟରୁ ଗୋଟିଏ ମୋବାଇଲ ,ନଗଦ ୭୩୦ ଟଙ୍କା, ଆଧାର କାର୍ଡ, ଭୋଟର କାର୍ଡ, କଣ୍ଟେନର ଗାଡି ସହ ଜଣେ ବକ୍ତିଙ୍କୁ ପୋଲିସ ଗିରଫ କରିଛନ୍ତି । ଅନ୍ୟ ଜଣେ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛନ୍ତି। ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଉପସ୍ଥିତି ରେ ଗଞ୍ଜେଇକୁ ଓଜନ କରିଥିଲେ । ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୨୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛନ୍ତି । ପଦ୍ମପୁର ଥାନାରେ କେସ ନମ୍ବର ୮୭/୨୦୨୩ ଏନଡିପିଏସ ଧାରା ଅନୁସାରେ ମାମଲା ରୁଜୁ କରି ଗିରଫ ବ୍ୟକ୍ତିକୁ ଗୁଣପୁର କୋର୍ଟ ଚାଲାଣ କରିଥିବା ନେଇ ପଦ୍ମପୁର ଥାନା ଅଧିକାରୀ ମୁକୁନ୍ଦ ଦେବ ନାୟକ ସୂଚନା ଦେଇଛନ୍ତି ।

## +୨ବିଜ୍ଞାନ ପରୀକ୍ଷା ଫଳରେ ଗୁଣପୁର ମହର୍ଷି ଗୁରୁକୁଳର ସଫଳତା

# ବଂଶଧାରା ବିଜ୍ଞାନ କଲେଜର ନୀତିଶ କୁମାର ଗୁଣପୁର ଟପ୍ପର

**ଗୁଣପୁର (ଭାସ୍କର ନ୍ୟୁଜ):** ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଗୁଣପୁର ମହର୍ଷି ଗୁରୁକୁଳର ଛାତ୍ରଛାତ୍ରୀ ରାୟଗଡା ଜିଲ୍ଲାରେ ଉତ୍କର୍ଷତା ପ୍ରତିପାଦନ କରିଥିବା ବେଳେ ଗୁଣପୁର ବଂଶଧାରା ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁବୁଦ୍ଧି ନୀତିଶ କୁମାର ୫୨୫ ମାର୍କ ରଖି ଗୁଣପୁର ଟପ୍ପର ହୋଇଥିବା ବେଳେ ରାୟଗଡା ଜିଲ୍ଲାରେ ୩ୟ ସ୍ଥାନରେ ରହିଛନ୍ତି । ରାୟଗଡା ଜିଲ୍ଲାର ପ୍ରଥମ ଦଶଟି ସ୍ଥାନରୁ ଗୁଣପୁର ମହର୍ଷି କଲେଜର ଛାତ୍ରଛାତ୍ରୀ ୭ଟି ସ୍ଥାନ ହାସଲ କରି କଲେଜକୁ ଗୌରବାନ୍ୱିତ କରିଛନ୍ତି । ଗୁଣପୁର ମହର୍ଷି ଗୁରୁକୁଳର ଶତପ୍ରତିଶତ ପରିକ୍ଷାଫଳ ହୋଇଥିବା ବେଳେ ଏଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୭୮ଜଣ, ଦ୍ୱିତୀୟ ଶ୍ରେଣୀରେ ୩୮ଜଣ ଓ ତୃତୀୟ ଶ୍ରେଣୀରେ ୪ଜଣ ପାସ କରିଛନ୍ତି । ମହର୍ଷି ଗୁରୁକୁଳର ଏଭଳି ସଫଳତା ଆଗାମୀ ଦିନରେ ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଛିଡା କରାଇବାରେ ସହାୟକ ହେବ ବୋଲି ଅନୁଷ୍ଠାନର ସଭାପତି ସନ୍ତୋଷ ଗୁରୁ ଓ ସଂପାଦକ ରାଜେଶ କୁମାର ପଣ୍ଡା ପ୍ରତିକ୍ରିୟାରେ ପ୍ରକାଶ କରିବା ସହ ଏଭଳି ସଫଳତା ପାଇଁ ଅଭିଭାବକ, ଛାତ୍ରଛାତ୍ରୀ , ଅଧ୍ୟାପକ, ଅଧ୍ୟାପିକା ଓ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ବଂଶଧାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୮୨ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୨ଜଣ,ଦ୍ୱିତୀୟ ଶ୍ରେଣୀରେ ୮ଜଣ ଓ ତୃତୀୟ ଶ୍ରେଣୀରେ ୨ଜଣ ପାସ୍ କରିଛନ୍ତି । ଏହି ସଫଳତା ପାଇଁ ଅନୁଷ୍ଠାନର ସଭାପତି ଲକ୍ଷ୍ମୀନାରାୟଣ ମହାଂକୁଡ ଅଭିଭାବକ,ଛାତ୍ରଛାତ୍ରୀ ଓ ଅନୁଷ୍ଠାନର ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ

# ଜିଲ୍ଲାରେ ପାସ୍ ହାର ୭୦.୦୮ ପ୍ରତିଶତ

କୋରାପୁଟ (ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟାମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ବିଜ୍ଞାନ ଓ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି । କୋରାପୁଟ ଜିଲ୍ଲାରେ ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୨୬୯୧ ଜଣ ପରୀକ୍ଷା ଦେଇଥିବା ବେଳେ ୧୮୮୬ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଜିଲ୍ଲାରେ ମୋଟ ପାସ୍ ହାର ୭୦.୦୮ ପ୍ରତିଶତ ରହିଥିବା ବେଳେ ପ୍ରଥମ ଶ୍ରେଣୀରେ ୬୩୩ଜଣ, ଦ୍ୱିତିୟ ଶ୍ରେଣୀରେ ୬୧୩ଜଣ, ତୃତୀୟ ଶ୍ରେଣୀରେ ୬୩୩, ୧୪ଜଣ କପି କରି ଧରାପଡିଥିବା ବେଳେ ୭ଜଣ କମ୍ପ୍ଲିମେଣ୍ଟରେ ପାସ୍ କରିଛନ୍ତି । ସେହିପରି ବାଣିଜ୍ୟରେ ୮୫୫ ଜଣ ପରୀକ୍ଷା ଦେଇଥିବା ବେଳେ ୬୦୩ ଜଣ ପାସ୍ କରିଛନ୍ତି । ଜିଲ୍ଲାରେ ପାସ୍ ହାର ୭୦.୫୨ ପ୍ରତିଶତ ରହିଥିବା ବେଳେ ପ୍ରଥମ ଶ୍ରେଣୀରେ ୧୮୮ଜଣ, ଦ୍ୱିତିୟ ଶ୍ରେଣୀରେ ୧୨୭ଜଣ, ତୃତୀୟ ଶ୍ରେଣୀରେ ୨୮୬ଜଣ, ୨ଜଣ କପି କରି ଧରାପଡିଥିବାବେଳେ ୨ଜଣ କମ୍ପ୍ଲିମେଣ୍ଟରେ ପାସ୍ କରିଛନ୍ତି । ତେବେ ଯୁକ୍ତଦୁଇ ବିଜ୍ଞାନରେ ଚଳିତ ବର୍ଷ କୋରାପୁଟ ଲାଣ୍ଡିଗୁଡାସ୍ଥିତ ସରକାରୀ କଲେଜର ପରୀକ୍ଷା ଫଳ ନୈରାଶ୍ୟଜନକ ରହିଛି । ରେଗୁଲାର ମହାବିଦ୍ୟାଳୟର ମୋଟ ୨୬୩ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୪ଜଣ, ଦ୍ୱିତିୟ ଶ୍ରେଣୀରେ ୩୦ଜଣ, ତୃତୀୟ ଶ୍ରେଣୀ ୩୭ଜଣ ପାସ୍ କରିଥିବାବେଳେ ୧୮୨ଜଣ ଫେଲ୍ ହୋଇଛନ୍ତି । ମହାବିଦ୍ୟାଳୟର ଛାତ୍ର ରାଜ ରାହୁଲ ବିଶ୍ୱାଳ ୭୫ ପ୍ରତିଶତ ନମ୍ବର ରଖି ଟପର ହୋଇଛନ୍ତି । ସେହିପରି ବାଣିଜ୍ୟରେ ରେଗୁଲାରେ ମହାବିଦ୍ୟାଳୟର ମୋଟ ୧୩୫ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୮ଜଣ, ଦ୍ୱିତିୟ ଶ୍ରେଣୀରେ ୨୮ଜଣ ଓ ତୃତୀୟ ଶ୍ରେଣୀରେ ୨୮ଜଣ ପାସ୍ କରିଥିବା ବେଳେ ୫୨ଜଣ ଫେଲ୍ ହୋଇଛନ୍ତି । ମହାବିଦ୍ୟାଳୟର ଛାତ୍ର ସୁମିତ କୁମାର ମହାନ୍ତି ୮୧ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତା

## ମାତୃପିତୃହୀନ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୈଷୟିକ ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମେଳନ କକ୍ଷରେ ଚଳିତ ବର୍ଷ ପ୍ରକାଶ ପାଇଥିବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିତୃମାତୃହୀନ ଛାତ୍ରଛାତ୍ରୀଙ୍କ ନିମନ୍ତେ ବୈଷୟିକ ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନ, ଆଶୀର୍ବାଦ ହିତାଧିକାରୀ, ମାତୃପିତୃ ହୀନ କାର୍ଯ୍ୟକ୍ରମରେ ଚିହ୍ନଟ ହୋଇଥିବା ମାତୃପିତୃହୀନ ଶିଶୁ, ଆଇନକୁ ନେଇ ଦ୍ୱନ୍ଦ୍ୱରେ ଥିବା ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ଶିଶୁ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନଙ୍କୁ କିପରି ବୈଷୟିକ ଶିକ୍ଷା ଉପରେ ଆଗ୍ରହ ସୃଷ୍ଟି କରାଯିବ। ସେଥିପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ ଏହି ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ମାତୃପିତୃହୀନ ଶିଶୁଙ୍କୁ ବୈଷୟିକ ଶିକ୍ଷା ଉପରେ ଆଗ୍ରହ ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ସେଥିମଧ୍ୟରୁ ଆଜିର କାର୍ଯ୍ୟକ୍ରମ ଥିଲା ଅନ୍ୟତମ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଥିବା ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନର ଶିକ୍ଷକମାନେ ଯୋଗଦେଇ ପିଲାମାନଙ୍କୁ କିପରି ବୈଷୟିକ ଶିକ୍ଷା ଉପରେ ଆଗ୍ରହ ସୃଷ୍ଟି କରାଯାଇପାରିବ ସେଥିପାଇଁ ବିସ୍ତୃତ ଭାବେ ପ୍ରତି ପିଲାଙ୍କ ସହିତ ଆଲୋଚନା ରଖିଥିଲେ। ଅଂଶଗ୍ରହଣ କାରୀଙ୍କ ମଧରେ ଜିଲ୍ଲା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଗୁମ୍ମା ଆଇ.ଟି.ଆଇର ଅଧକ୍ଷ ରବୀନ୍ଦ୍ର କୁମାର ମିଶ୍ର ଏବଂ ଆଇ.ଟି.ଆଇର ଅନ୍ୟ ଶିକ୍ଷକ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପରିଚାଳନା କରିଥିଲା ବେଳେ ଏହାର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## +୨ ବିଜ୍ଞାନରେ ଲକ୍ଷ୍ମୀପୁର ମହାବିଦ୍ୟାଳୟ ପାସ୍‌ହାର ୭୦, ବୁର୍ଜା ମାଧମିକ ବିଦ୍ୟାଳୟରେ ୩୦ ପ୍ରତିଶତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟ ଠାରେ ଚଳିତ ବର୍ଷ +୨ବିଜ୍ଞାନରେ ପାସ୍ ହାର ୭୦ ପ୍ରତିଶତ ରହିଥିବା ଜଣା ପଡିଛି ।ସେଥିମଧ୍ୟରୁ ଦୁଇଜଣ ୬୪ ପ୍ରତିଶତ ମାର୍କ ରଖି ଫାଷ୍ଟ ଡିଭିଜନ୍‌ରେ ପାସ୍ ହୋଇଥିବା ଜଣାପଡିଛି। ଚଳିତ ବର୍ଷ ମହାବିଦ୍ୟାଳୟରେ ସମୁଦାୟ ୧୦୧ ଜଣ ଛାତ୍ର ଛାତ୍ରୀ +୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ମାତ୍ର ୭୧ ଜଣ ପାସ୍ ୩୦ ଜଣ ଫେଲ୍ ହୋଇଥିବା ଜଣାପଡିଛି। ପାସ୍ ହୋଇ ଥିବା ୭୧ ଜଣଙ୍କ ମଧ୍ୟରୁ ସୋନାଲି ଗରଡା ୩୮୮ ନମ୍ବର ରଖିଥିବା ବେଳେ ବାପୁନ୍ ସବର ୩୮୭ ନମ୍ବର ରଖି ଫାଷ୍ଟ ଡିଭିଜନରେ ପାସ୍ ହୋଇଛନ୍ତି। ଏଥିସହ ୧୯ ଜଣ ସେକେଣ୍ଡ ଡିଭିଜନ୍ ଓ ୫୦ ଜଣ ଛାତ୍ର ଛାତ୍ରୀ ଥାର୍ଡ଼ ଡିଭିଜନରେ ପାସ ହୋଇ ଥିବା ଜଣାପଡିଛି। ସେହିପରି ୨୦୧୮ ମସିହାରୁ ଆରମ୍ଭ ହୋଇଥିବା ବୁର୍ଜା ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ନୈରାଶ୍ୟଜନକ ପରୀକ୍ଷା ଫଳ ହୋଇଥିବା ଜଣାପଡିଛି। ମାତ୍ର ୩୦ ପ୍ରତିଶତ ପାସହାର ଥିବାବେଳେ ସବୁ ମହଲରେ ଚିନ୍ତା ପ୍ରକଟ କରାଯାଇଛି। ମାଧମିକ ବିଦ୍ୟାଳୟରେ ସମୁଦାୟ ୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ମାତ୍ର ୧୩ ଜଣ ପାସ୍ ହୋଇଛନ୍ତି। ସେଥି ମଧରେ ଜଣେ ମାତ୍ର ଛାତ୍ରୀ ମାଧୁରି ବେନିଆ ୩୬୦ ମାର୍କ ରଖି ପ୍ରଥମ ହୋଇଥିବା ବେଳେ ୩ ଜଣ ଦ୍ୱିତୀୟ ଓ ୯ ଜଣ ତୃତୀୟ ହୋଇଥିବା ଜଣାପଡିଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବରଗଡ଼ (ଭାସ୍କର ନ୍ୟୁଜ):** ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ୍ ଗ୍ରୀଞ୍ଜାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦେବତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶିବ ମହାନନ୍ଦଙ୍କ ସଭାପତିତ୍ୱରେ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ, ରୁକ୍ମଣ ମହାପାତ୍ର, ସୋହେଲା ଏବିଇଓ ଗୋଲାପଚାନ୍ଦ ମିଶ୍ର ଏବଂ ମନୋହର ଉଟି, ପୂର୍ବତନ ଶିକ୍ଷା ନୀରିକ୍ଷକ ଗୋଲକ ବିହାରୀ ଦାଶ, ସବିତା ପଧାନ, ସମ୍ବାଦିକ ରଞ୍ଜନ ଦେବତା , ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୋଜରାଜ ବେହେରା, ଏମଇ ସ୍କୁଲର ପ୍ରଧାନ ଶିକ୍ଷକ କୋଦଣ୍ଡ ବେହେରାଙ୍କ ସହ ଅଞ୍ଚଳର ବହୁ ଅବସରପ୍ରାପ୍ତ ତଥା କାର୍ଯ୍ୟରତ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ସିଆରସିସି ,ଅଭିଭାବକ, ଅଭିଭାବିକା, ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ କ୍ଷୀରୋଦ୍ର ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ସନ୍ତୋଷ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଏକ ଭବ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପ୍ରଧାନଶିକ୍ଷକଙ୍କ କେନ୍ଦମୁଣ୍ଡି ବାସଭବନକୁ ପାଛୋଟି ନେଇ ଥିଲେ ।

## ଶାବର ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



କୋରାପୁଟ (ଭାସ୍କର ନ୍ୟୁଜ୍): ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶାବର ଶ୍ରୀକ୍ଷେତ୍ର କୋରାପୁଟ ବଡଦାଣ୍ଡରେ ଗଡିବି ତନି ରଥ। କୋରାପୁଟ ଅତରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନଷ୍ପତ୍ତି ହୋଇଛି । ଜୁନ୍ ୨୦ ତାରିଖ ଦିନ ଶ୍ରୀଗୁଣ୍ଡିଚା ଯାତ୍ରା ହୋଇଥିବା ବେଳେ ପୂର୍ବରୁ ତିନି ରଥର ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରଥ ଯାତ୍ରାରୁ ବାହାଡୁ ପର୍ଯ୍ୟନ୍ତ କିଭଳି ଶାନ୍ତି ଶୃଙ୍ଖଳା ସହ ଯାତ୍ରା ଅନୁଷ୍ଠିତ ହେବ ଏବଂ କେଉଁ ବିଭାଗ କେଉଁ ଦାୟିତ୍ୱ ତୁଲାଇବେ ସେନେଇ ଆଲୋଚନା ହୋଇଥିଲା । ଏଥିସହ ସ୍ୱଚ୍ଛତା, ପାନୀୟ ଜଳ, ଅସ୍ଥାୟୀ ଫାଣ୍ଡି, ବିଦ୍ୟୁତ ସେବା ଭଳି ବିଷୟରେ ଆଲୋଚନା ହୋଇଥିଲା । ସ୍ନାନ ପୂର୍ଣ୍ଣମା ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କିଭଳି ଶୃଙ୍ଖଳିତ ଭାବେ ସମାପନ ହେବେ ତାହା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ରଥରେ ଜିଲ୍ଲାର ତିନି କୋଣରୁ ୩ଜଣ ଆଦିବାସୀ ସେବକଙ୍କୁ ଛେରା ପହଁରା ଦାୟିତ୍ୱ ଦିଆଯିବ । ରଥଯାତ୍ରା ଦିନ ସୁଭଦ୍ରାଙ୍କ ପହଣ୍ଡି ଠାରୁ ରଥଟଣା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ମହିଳାଙ୍କ ଦ୍ୱାରା ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଟାଉନ୍ ଥାନା ଅଧିକାରୀ ମାଉସୀମା ପୋଡପିଠି ପ୍ରସ୍ତୁତି କାର୍ଯ୍ୟ ସମ୍ପାଦନ କରିବେ । ରଥଯାତ୍ରା ଦିନ ସହରରେ ମଦ ବିକ୍ରି ସଂପୂର୍ଣ୍ଣ ଭାବେ ବନ୍ଦ କରାଯିବ ସହ ହୋଟେଲ ଓ ଟିଫିନ ଦୋକାନର ଖାଦ୍ୟର ମାନ ଯାଞ୍ଚ ହେବ । ରଥ ପାଖରେ ଅତ୍ୟାଧୁନିକ ଆଲୋକୀକରଣ ବ୍ୟବସ୍ଥା କରାଯିବ । ରଥ ଟାଣିବା ପାଇଁ ନୂତନ ରଥ ଦଉଡି ବ୍ୟବସ୍ଥା କରାଯିବ । ପ୍ରସ୍ତୁତି ବୈଠକରେ ମନ୍ଦିର ପରିଚାଳନା ସଂସ୍ଥାର ସମ୍ପାଦକ ଜଗବନ୍ଧୁ ସାମଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ପୌରାଧ୍ୟକ୍ଷ ଲଲାଟ ରନ ସେଠୀ, ଜଳା ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାଶ, ଏଡିପିଏଚଓ ଭିବିଡି ଡ. ସୁଶାନ୍ତ କୁମାର ଦାଶ, ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ମୋନାଲିସା ଦେବତା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱରାଜ ଶିଶା , କୋରାପୁଟ ଏସଡିପିଓ ମନୋଜ କୁମାର ପୁଜାରି, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ସମେତ ମନ୍ଦିର ପରିଚାଳନା ସଂସ୍ଥାର କର୍ମକର୍ତ୍ତା ଓ ବୁଦ୍ଧୀଜିବୀ ଉପସ୍ଥିତ ଥିଲେ ।

## ପାରଳାଖେମୁଣ୍ଡିରେ ନିଆରା ବିବାହ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ର ସଦରମହକୁମା ପାରଳାଖେମୁଣ୍ଡି ସହର ଥିବା ରେଳଷ୍ଟେସନ ପାଖରେ ଅବକାରୀ ବିଭାଗ ପରିସରରେ ଅବସ୍ଥିତ ବରଗଛ, ଓସ୍ତ ଗଛର ବାହାଘର ସଂପନ୍ନ ହୋଇଛି । ୨୫ ବର୍ଷ ତଳେ ଶରତ ଚନ୍ଦ୍ର ଭଞ୍ଜ ଏହି ଗଛକୁ ରୋପଣ କରିଥିଲେ। ଗୁରୁବାର ସକାଳ ୧୦ ଘଣ୍ଟା ସମୟରେ କନ୍ୟା ପିତା ଶରତ ଚନ୍ଦ୍ର ଭଞ୍ଜଙ୍କ ସ୍ତ୍ରୀ ଅଳିତା ଭଞ୍ଜ ଘରେ ପହଞ୍ଚିଥିଲେ। ବର ପିତା ବ୍ରଜ ସୁନ୍ଦର ରାଏ ଆସିଥିଲେ। ଦିନ ୧୧ ଘଣ୍ଟା ସମୟରେ ହସ୍ତ ଘଣ୍ଟି ପଡ଼ିଥିଲା। ବ୍ରହ୍ମଣ ବୁଢ଼ା ତ୍ରିପାଠୀ, ଜଗଦୀଶ ମିଶ୍ର ଉପସ୍ଥିତି ଥିଲେ। ଏଥିରେ କନ୍ୟା ପିତା ପରଫ ଜାନି ଯୌତୁକ ଦେଇଥିଲେ। ପରେ ଭୋଜନ ଆୟୋଜନ ହୋଇଥିଲା। ଏହି ଅବକାରୀ ବିଭାଗର ଏ ସ ଇ ଲିଙ୍ଗରାଜ ଜାନୀ,ମଙ୍ଗଳ ଗୁଡିରିଆ , ପ୍ରକାଶ କୁମାର ଷଡଙ୍ଗୀ ଓ କିଶୋର ଚନ୍ଦ୍ର ରଥ ସହ କର୍ମଚାରୀ ସହଯୋଗ କରିଥିଲେ।

## ଗ୍ରେଡ୍ ପେ' ଲାଗୁ ନେଇ ଅନିର୍ଦ୍ଦିଷ୍ଟକାଳ ସାମୂହିକ ଛୁଟିରେ ଗଲେ ଅମଲା ସଂଘ




ବରଗଡ଼(ଭାସ୍କର ନ୍ୟୁଜ): ନିଜର ବିଭିନ୍ନ ଦାବି ପୂରଣ ନେଇ ସରକାରୀ କାର୍ଯାଳୟମାନଙ୍କରେ କାର୍ଯ୍ୟରତ ଅମଳାମାନେ ଆଜିଠୁ କାର୍ଯ୍ୟ ବନ୍ଦ କରି ସମୂହ ଛୁଟିରେ ଯାଇଛନ୍ତି । ବିଶେଷ କରି ଅମଲାମାନଙ୍କର ୪୨୦୦ ଗ୍ରେଡ୍ ପେ' ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବି କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଅମଲା ସଂଘର ଡ଼ାକରା କ୍ରମେ ଜିଲ୍ଲାସ୍ତରୀୟ ମିଳିତ ଅମଲା ସଂଘ ବରଗଡ଼ ଶାଖା ପକ୍ଷରୁ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଦିଆଯାଇଛି । ଅମଲା ସଂଘ ପକ୍ଷରୁ କୁହାଯାଇଛି ଯେ ଅମଲାମାନଙ୍କ ଠାରେ ରାଜ୍ୟ ସରକାର ପାତରଅନ୍ତର କରିଆସୁଛନ୍ତି। ତା'ସହିତ ଅମଲାମାନଙ୍କ ଯୋଗ୍ୟତା ଭିତ୍ତିକ ଦରମା ଦିଆଯାଉନାହିଁ । ଏଣୁ ଗ୍ରେଡ୍ ପେ' ୪୨୦୦ ଲାଗୁ କରିବା ପାଇଁ ଦୀର୍ଘ ବର୍ଷ ହେବ ଅମଲା ସଂଘ ପକ୍ଷରୁ ଦାବି ହୋଇଆସୁଛି । ନିକଟରେ ସଂଘ ପକ୍ଷରୁ ଚରମପତ୍ର ମଧ ପ୍ରଦାନ କରାଯାଇଥିଲା । ମାତ୍ର ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବାରୁ ଓଡ଼ିଶା ଅମଳା ସଂଘ ଡାକରାକ୍ରମେ ବରଗଡ ଜିଲ୍ଲା ସମେତ ସମଗ୍ର ରାଜ୍ୟର ଅମଲାଗଣ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମୂହିକ ଛୁଟିରେ ଯାଇଛନ୍ତି । ଅମଲାମାନଙ୍କ ସାମୂହିକ ଛୁଟି ଯିବାପରେ ଜିଲ୍ଲାର ରାଜସ୍ୱ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସମସ୍ତ ବିଭାଗରେ କାର୍ଯ୍ୟ ଠପ୍ ହୋଇଯାଇଛି ।

## ଉପଜିଲ୍ଲାପାଳ ଓ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀଙ୍କ ବିକ୍ଷୋଭ



ପାଟଣାଗଡ (ଭାସ୍କର ନ୍ୟୁଜ): ଓଡଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସଂପାଦକ ତଥା ପାଟଣାଗଡ ଡିଭିଜନ ସଂପାଦକ ଶିବାନନ୍ଦ ପରିଚ୍ଛାଙ୍କ ନେତୃତ୍ୱରେ ହଜାର ହଜାର କେନ୍ଦୁପତ୍ର କର୍ମଚାରୀଙ୍କୁ ନେଇ ପାଟଣାଗଡ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଏବଂ କେନ୍ଦୁଲିଫ ଡିଏଫଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କେନ୍ଦୁପତ୍ର କର୍ମଚାରୀ ସଂଘର ଉପଦେଷ୍ଟା ସଞ୍ଜିତ ମହାନ୍ତି ଏଥିରେ ଯୋଗ ଦେଇଥିଲେ। ପାଟଣାଗଡ ପଞ୍ଚମୁଖି ହନୁମାନ ମନ୍ଦିର ଠାରୁ ପ୍ରାୟ ୫ ରୁ ୬ ହଜାର ଲୋକଙ୍କ ଏକ ରାଲି କରି ପ୍ରଥମେ ପାଟଣାଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଡିଏଫଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧରେ କର୍ମଚାରୀଙ୍କୁ ବୋନ୍‌ସ ପ୍ରଦାନ, କେନ୍ଦୁପତ୍ରରୁ ଜିଏସ୍‌ଟି ପ୍ରତ୍ୟାହାର, ତୋଳାଳି ଓ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି, ଅବସରକାଳୀନ ବୟସ ୬୦ ରୁ ୬୨କୁ ବୃଦ୍ଧି ଆଦି ପ୍ରମୁଖ ଦାବି ରହିଛି। ଅନ୍ୟପକ୍ଷରେ ନିକଟରେ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଶିବାନନ୍ଦ ପରିଚ୍ଛାଙ୍କ ଏହା ଶକ୍ତି ପ୍ରଦର୍ଶନ ବୋଲି ସହର ସାରା ଚର୍ଚ୍ଚା ଲାଗିଛି। ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଯୁବ ନେତା ଶିବାନନ୍ଦ ପରିଚ୍ଛା ନିଜର ଶତାଧିକ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ଶୈଳଶ୍ରୀ ପ୍ୟାଲେସ ଠାରେ ସାମିଲ ହୋଇଥିଲେ। ବିଜୁ ଜନତା ଦଳରେ ଯୋଗ ଦେବା ଦିନ ଠାରୁ ପାଟଣାଗଡ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମଗୁଡିକରେ ସଭା ମାନ କରି ଚାଲିଥିବାବେଳେ ବୁଧବାର ପ୍ରାୟ ୫ରୁ ୬ ହଜାର କେନ୍ଦୁପତ୍ର ତୋଳାଳି ଏବଂ କର୍ମଚାରୀଙ୍କୁ ନେଇ ପାଟଣାଗଡରେ ଏକ ବିଶାଳ ରାଲି କରିବା ଆଗାମୀ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ଏହା ତାଙ୍କର ରାଜନୈତିକ ଷ୍ଟଣ୍ଟ ବୋଲି ଚର୍ଚ୍ଚା ଲାଗି ରହିଛି।



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ରାଜ୍ୟରେ ଦୁର୍ନୀତି ବିରୋଧୀ ଅଭିଯାନ

# ସବୁ ସ୍ତରରୁ ସହଯୋଗ ଲୋଡ଼ା

ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଯେପରି କାୟାବିସ୍ତାର କରି ମାଡ଼ି ଚାଲିଲା, ତାହା ତତ୍କାଳୀନ ଶାସକ ବର୍ଗଙ୍କୁ ବେଶ୍ ଚିନ୍ତିତ କରି ପକାଇଥିଲା । ସାଧାରଣ ଜନତାଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଣରେ କଳାବଜାର ଚରମ ସୀମାରେ ପହଞ୍ଚିଥିବାବେଳେ ବିନା ଉତ୍କୋଚରେ ପ୍ରଶାସନରୁ ନ୍ୟାୟ ମିଳିବା ଏକରକମ ଅସମ୍ଭବ ହୋଇ ପଡିଥିଲା । ଏହାକୁ ଦୃଷ୍ଟିରେ ରଖି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ମୁନାଫାଖୋର କଳାବଜାରୀ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ନିକଟବର୍ତ୍ତୀ ବିଦ୍ୟୁତ୍ ଖୁଣ୍ଟରେ ଝୁଲାଇ ଦିଆଯିବାକୁ ଘୋଷଣା କରିଥିଲେ । ମାତ୍ର ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରବର୍ତ୍ତୀ ସମୟରେ ମୂଲ୍ୟହୀନ ହୋଇପଡିଥିଲା ଏବଂ ଦେଶବ୍ୟାପୀ ଦୁର୍ନୀତି ଓ ଭ୍ରଷ୍ଟାଚାରର ଅବାରିତ ଧାରା ଦେଖିବାକୁ ମିଳିଲା । ଦେଶର ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟ ଓଡ଼ିଶା ମଧ୍ୟ ଦୁର୍ନୀତିରୂପୀ ରାକ୍ଷସର ଶିକାର ହୋଇଥିଲା ଓ ଯେକୌଣସି ସରକାରୀ କାର୍ଯ୍ୟ ସମ୍ପାଦନ ନିମନ୍ତେ ଲାଞ୍ଚ ଦେବା ଓ ନେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲା । ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟର କୌଣସି ସରକାର ଦୁର୍ନୀତି ବିରୋଧରେ ଯେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନଥିଲେ । ସୁଦୂର ଅତୀତରେ ରାଜ୍ୟରେ କ୍ଷମତାସୀନ ହୋଇଥିବା ଅନେକ ମୁଖ୍ୟମନ୍ତ୍ରୀ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ହୋଇଥିଲେ ହେଁ ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବାକୁ ସକ୍ଷମ ହୋଇପାରିନଥିଲେ । ଏହାର ପରିଣତି ସ୍ୱରୂପ ଆଜି ଯେକୌଣସି ସରକାରୀ କାର୍ଯ୍ୟାଳୟରେ ଦି'ପଇସା ହାତଗୁଞ୍ଜା ନଦେଲେ ଫାଇଲଟିଏ ଉପରକୁ ଘୁଞ୍ଚିବା ସମ୍ଭବପର ହେଉନାହିଁ । ଅଫିସ୍‌ରେ ସାନବାବୁଙ୍କ ଠାରୁ ଆରମ୍ଭ କରି ବଡ଼ବାବୁଙ୍କ ପର୍ଯ୍ୟନ୍ତ ଭଣା ଅଧିକ ସମସ୍ତେ ପି.ସି. କାରବାରରେ ସଂପୃକ୍ତ ରହୁଥିବାର ଦେଖାଯାଉଛି । ପ୍ରତିବର୍ଷ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଏବଂ ଦୁର୍ନୀତି ନକରିବାକୁ ଅଫିସର ଓ କର୍ମଚାରୀଙ୍କ ଶପଥ ପାଠ ଭିତରେ ଅତୀତରେ ସରକାରମାନେ ଦୁର୍ନୀତି ବିରୋଧୀ ଅଭିଯାନକୁ ସୀମିତ ରଖୁଥିଲେ । ଏହି ପୃଷ୍ଠଭୂମିରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧୀ ଅଭିଯାନର ମୂଲ୍ୟାୟନ କରାଯିବାର ଆବଶ୍ୟକତା ରହିଛି । ନବୀନବାବୁଙ୍କ ପଞ୍ଚମ ପାଳି ଶାସନରେ ଦୁର୍ନୀତି ବିରୋଧୀ ଅଭିଯାନକୁ ଏଭଳି ଶାଣିତ ଓ ଶକ୍ତିଶାଳୀ କରାଯାଇଛି ଯେ, ସରକାରୀ ବାବୁମାନେ ମାନସିକ ସ୍ତରରେ ଦୁର୍ନୀତି କରିବାକୁ ସାହସ କରିପାରୁନାହାନ୍ତି । ସାଧାରଣ ଜନତାଙ୍କୁ ବିନା ପିସି ବା ଉତ୍କୋଚରେ ଯେପରି ପ୍ରଶାସନରୁ ନ୍ୟାୟ ମିଳିପାରିବ, ସେଥିପାଇଁ ୫-ଟି ବିଭାଗ ସୃଷ୍ଟି କରାଯାଇ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଆଯାଇଛି । ଦୁର୍ନୀତି ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରାଯାଇ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ କୌଣସି ନା କୌଣସି ସ୍ଥାନରେ ଉଚ୍ଚ ପଦସ୍ଥ ଅଧିକାରୀ, କର୍ମଚାରୀ, ଡାକ୍ତର, ଇଞ୍ଜିନିୟର ଅବା ଶିକ୍ଷକଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ ସମ୍ପର୍କୀୟ ଖବର ନଜରକୁ ଆସୁଛି । ଅନେକ ପଦସ୍ଥ ଅଧିକାରୀ ଓ ଇଞ୍ଜିନିୟରଙ୍କ ଘରୁ ବିପୁଳ ପରିମାଣର ଆୟ ବହିର୍ଭୂତ ନଗଦ ଅର୍ଥ ଏବଂ ସମ୍ପତ୍ତି ଜବତ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ଅତୀତ ଦିନରେ ଭିଜିଲାନ୍ସ ଜାଲରେ କେବଳ ତଳିଆ କର୍ମଚାରୀ ବିଶେଷ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଡୁଥିଲେ । ଉପର ସ୍ତରର କର୍ମଚାରୀଙ୍କୁ ଛୁଇଁବା ପାଇଁ କେହି ସାହସ କରୁନଥିଲେ । ମାତ୍ର ନବୀନ ସରକାର ସମୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଅଧିକାରୀ ଅଧିକ ସଂଖ୍ୟାରେ ଭିଜିଲାନ୍ସ ଦ୍ୱାରା ଧରାପଡୁଥିବାର ଦେଖାଯାଉଛି । ପରିସଂଖ୍ୟାନ ଅନୁଯାୟୀ ୨୦୨୨ ମସିହାର ଶେଷ ୯ମାସ ମଧ୍ୟରେ ରାଜ୍ୟର ୪୪ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୪୦ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିଲେ । ସେମାନଙ୍କ ଭିତରୁ ୨୬ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ସମେତ ୧୫୨ଜଣଙ୍କୁ ଗିରଫ କରାଯାଇଥିଲା । ଓଡ଼ିଶା ପାଇଁ ଆଉ ଏକ ଖୁସି ଖବର ହେଉଛି ଯେ, ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତିର ପର୍ଦ୍ଦାଫାସ୍ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାରରେ ଓଡ଼ିଶା ଭିଜିଲାନ୍ସ ବିଭାଗ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ଗତ ବର୍ଷକ ଭିତରେ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସର୍ବାଧିକ ପରିମାଣର ଟଙ୍କା ଓ ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିବାରେ ରେକର୍ଡ ସୃଷ୍ଟି କରିପାରିଛି । ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ଦ୍ୱାରା ଏହି ତଥ୍ୟ ପ୍ରଦାନ କରାଯାଇଛି । ଦୁର୍ନୀତି ବିରୋଧରେ ଏବେସବୁ କଠୋର ପଦକ୍ଷେପ ଗ୍ରହଣ କରାଯିବା ସତ୍ତ୍ୱେ ଅନେକ କ୍ଷେତ୍ରରେ ଦୁର୍ନୀତିକୁ ରୋକାଯିବା ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । ପ୍ରଶାସନରେ ଦୁର୍ନୀତି ବୃଦ୍ଧି ପାଇଲେ ଗରିବ ଓ ନିମ୍ନମଧ୍ୟବିତ୍ତ ବର୍ଗର ଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏବଂ ସେମାନେ ସହଜରେ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି । ତେଣୁ ଏବକା ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗରିବ ଲୋକଙ୍କୁ 'ମାଡ଼ ଡର'ର ବାଣୀ ଶୁଣାଇଥିଲେ । ନ୍ୟାୟ ପାଇବାରୁ ବଞ୍ଚିତ ଲୋକ ଦୁର୍ନୀତିଗ୍ରସ୍ତଙ୍କୁ ମାଡ଼ ମାରିବା ପାଇଁ ତାଙ୍କର ପରାମର୍ଶ ସେତେବେଳେ ଆଲୋଡ଼ନ ସୃଷ୍ଟି କରିଥିଲା । ବର୍ତ୍ତମାନ ତାଙ୍କର ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ବିରୋଧରେ ଯେଉଁ ଆବାଜ୍ ଉଠାଇଛନ୍ତି, ତାହାକୁ ସଫଳ କରିବା ପାଇଁ ସବୁ ସ୍ତରରୁ ସହଯୋଗର ହାତ ବଢ଼ିବା ଆବଶ୍ୟକ ।

# ଦୁର୍ଗତିରେ ଭାରତୀୟ ଦୁର୍ଗତିନାଶିନୀ



ଡ. ମାନସ ରଞ୍ଜନ ଶତପଥି
ମଡେଲ ଡିଗ୍ରୀ କଲେଜ, ନୟାଗଡ
ମୋ:୯୪୩୭୪୭୯୦୪୫

ଭାରତୀୟଗଣମାଧ୍ୟମ କିଛିବର୍ଷ ତଳେ କନ୍ୟାଭୃଣ ହତ୍ୟାର ଏକ ଶୀର୍ଷକ ପରିବେଷଣ କରିବା ଦ୍ୱାରା ଓଡ଼ିଶାବାସୀ ସାମଗ୍ରୀକ ଭାବେ ନିନ୍ଦିତ ହୋଇଥିଲେ ଯାହା ସଭିଁଙ୍କ ମାନସ ପଟକୁ ଆନ୍ଦୋଳିତ କରିଥିଲା । ସେ ସମୟରେ ଅଭୂତପୂର୍ବ କନ୍ୟାଭୃଣ ହତ୍ୟା ଘଟଣା ଏକ ଘୃଣ୍ୟ ଓ ଜଘନ୍ୟ ଭାବେ ଲୋକ ଲୋଚନକୁ ଆସିଥିଲା କାରଣ ନିର୍ଦ୍ଦିଷ୍ଟ କିଛି ଜାଗାରୁ କୁଢ଼ କୁଢ଼ ଅକାଳେ ମୃତକନ୍ୟା ଭୃଣ ଜବତ ହୋଇଥିଲା । ତାହାଏକ ନିନ୍ଦନୀୟ ଓ କୁତ୍ସିତ ଅଧ୍ୟାୟର ମୂଳଦୁଆ ପକାଇବାରେ ସାହାଯ୍ୟ କରିଥିଲା ଫଳରେ ସରକାର ମଧ୍ୟ ଆଇନ ଅନୁଯାୟୀ ଅନେକ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, କିନ୍ତୁ ଯଦି ପ୍ରଚ୍ଛଦପଟକୁ ଦେଖିବା ଏହାର ମହାନାୟକ ହେଲା ସେହି ଲାଭାନ୍ୱେଷୀ ମଣିଷ । ସୁଶିକ୍ଷିତ, ଲୋଭି ଓ ଅନେକାଂଶରେ ମହତ୍ୱାକାଂକ୍ଷୀ ମଣିଷ ଆଜି କନ୍ୟା ସନ୍ତାନ ଏକ ବୋଝ ସଦୃଶଚିନ୍ତା କରୁଛି । ଯୌତୁକ ପ୍ରଥା ଫଳରେ ସେ ବିବାହ କରିବାଯୋଗୁଁ ନିଜର ଅନେକ ସମ୍ପତି କ୍ଷୟ ହୋଇଯିବା, ପୁତ୍ରବିନା ବଂଶ ବିନାଶ ହେବା ସହିତ ମୃତ୍ୟୁ ଉପରାନ୍ତେ ପିଣ୍ଡ ନପାଇବା ଇତ୍ୟାଦି ଅନେକ ଭୟ ସୃଷ୍ଟିକାରୀ କାରଣ । ସମସ୍ତେ ଭୁଲିବା ଅନୁଚିତ ଯେ ଜଣ ଜଣକରି ଆମେ ସମସ୍ତେ ଜନ୍ମ ନେଇଛନ୍ତି କାହାର କନ୍ୟାର ଗର୍ଭରୁ । ଯଦି ଏପରି ହୀନ ମାନସିକତା ସହ ସଂସାର ଆଗେଇବ ତେବେ ସାମାଜିକ ଅସନ୍ତୁଳନ ଅବଶ୍ୟମ୍ଭାବୀ ଯାହା ଆଉ ବେଶୀ ଦିନ ନୁହେଁ । ଭାରତୀୟ ପରମ୍ପରା ଓ ହିନ୍ଦୁ ଶାସ୍ତ୍ରାନୁସାରେ ଯେବେ ଯେବେ ମନୁଷ୍ୟ ଅସୁରକ୍ଷିତ ମଣିଛି କେହି ଏକ ମହିଳା, ମା' ଦୁର୍ଗତିନାଶିନୀ ରୂପେ ଅବତାରଣା ପୂର୍ବକ ସୁରକ୍ଷା କବଚ ପ୍ରଦାନ କରନ୍ତି । କିନ୍ତୁ ସେହି ମା' ଆଜି ନିଜେ ଦୁର୍ଦ୍ଦଶାରେ କାରଣ ଅଧୁନା ପୁ-ଲିଙ୍ଗ ଓ ସ୍ତ୍ରୀ-ଲିଙ୍ଗର ଅନୁପାତ ଅତ୍ୟନ୍ତ ଚିନ୍ତାଜନକ ସ୍ଥିତି ଆଡକୁ ମୁହାଇଁଛି । ପୁତ୍ର ମୋହରେ କୌରବ ବଂଶର କିପ୍ରକାର ବିନାଶ ହୋଇଥିଲା ସମସ୍ତଙ୍କ ଜ୍ଞାତସାରରେ ଅଛି । ସାମଗ୍ରିକ ଭାବେ ଏକବିଂଶ ଶତାବ୍ଦୀର ଭାରତୀୟ ମହିଳା ଯେ କୌଣସି ବୟସରେ ମଧ୍ୟ ଆଜି ଅସୁରକ୍ଷିତ । ଯଦି ସାମ୍ପ୍ରତିକ ସାମାଜିକ ସ୍ଥିତିକୁ ପରଖିବା ଦେଖାଯାଏ ପୁରୁଷ ଅପେକ୍ଷା ନାରୀ ଏକ ଶକ୍ତି ଭାବେ ଅଧିକାଂଶ ସ୍ଥାନରେ ନିଜର କୃତିତ୍ୱ ଜାହିର କରି ଆଗେଇ ଚାଲିଛନ୍ତି । ଉଦାହରଣ- ଏବର୍ଷ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସୁଶ୍ରୀ ଶୃତି ଶର୍ମା ନାମ୍ନୀ ଏକ କନ୍ୟା ପ୍ରଥମ ହୋଇଥିବା ବେଳେ ତାଙ୍କ ପଛକୁ ଆହୁରି ତିନି ଜଣ କନ୍ୟା କ୍ରମ ଅନୁସାରେ ପଛକୁ ପଛ ସ୍ଥାନିତ ହୋଇଛନ୍ତି । ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ତେଜସ୍ୱିନୀ ବେହେରା ନାମ୍ନୀ କନ୍ୟା ଅନୁରୂପ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ସେ ତାଙ୍କର ପ୍ରଥମ ଉଦ୍ୟମରେ ଏତେ ବଡ ସଫଳତା ପାଇଛନ୍ତି ତା ପୁଣି ବିନା ଅନୁଶୀକ୍ଷଣରେ । ଚଳିତ ବର୍ଷ ଶ୍ରେୟା ପଟ୍ଟନାୟକ ସମଗ୍ର ଓଡ଼ିଶାରେ ସିବିଏସ୍‌ଇ । ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ହୋଇଥିବା ବେଳେ ଏବର୍ଷ 'ନିଟ' ପରୀକ୍ଷାରେ ପ୍ରଥମ ତନିଷ୍କା ନାମ୍ନୀ ଏକ କନ୍ୟା । କେବଳ ପାଠରେ ନୁହେଁ, ୨୦୨୦ ଅଲମ୍ପିକ କ୍ରୀଡାରେ ମୀରାବାଈ ଚାନୁ, ଲଭିଲିନା ବୋରଗହେନ, ପି.ଭି.ସାନ୍ଧୁ ପ୍ରଭୃତି ପଦକ ଜିତି ଭାରତ ଦେଶର ଟେକ ରଖିପାରିଛନ୍ତି । ପ୍ରତିଟି ମହାବିଦ୍ୟାଳୟରେ ସମସ୍ତ ଶ୍ରେଣୀ ଗୃହରେ ଆଜି ବାଳିକା ବର୍ଗ ସଂଖ୍ୟାଧିକ ଏବଂ ଉତ୍ତମ ଫଳାଫଳର ଅଧିକାରିଣୀ । ଆଜିର ନାରୀ ମହାକାଶ ଠାରୁ ସେନାବାହିନୀ ପର୍ଯ୍ୟନ୍ତ ସବୁଠାରେ ନିରନ୍ତର ପାରଦର୍ଶିତା ପ୍ରଦର୍ଶନ କରିଥିବାବେଳେ ସେ ତିନି ଚକିଆ ଅଟୋରିକ୍ସା ଠାରୁ ଟ୍ରେନ ତଥା ବ୍ୟୋମଜାନ କିମ୍ବା ଲଢୁଆ ବିମାନ ଚଳେଇବାରେ କୃତିତ୍ୱ ହାସଲ କରି ନିଜର ସାହାସିକତାର ପରିଚୟ ପ୍ରଦାନ କରିବାରେ ଲାଗିଛି । ଆଗରୁ ଦେଖାଯାଉଥିଲା ପାଶ୍ଚାତ୍ୟ ଦେଶର ମହିଳାଙ୍କ ତୁଳନାରେ ଭାରତୀୟ ମହିଳା କମ୍ ପାରଙ୍ଗମ କିନ୍ତୁ ତାହା ଆଜି ସମ୍ପୂର୍ଣ ଭୁଲ୍ ପ୍ରମାଣିତ ହେଉଅଛି । ଏସବୁ ଉଦାହରଣ ଇଙ୍ଗିତ କରି ଦର୍ଶାଇ ଦିଏ ଯେ ମହିଳାମାନେ କେତେ ବିଜ୍ଞା ଓ ବୁଦ୍ଧିମତା ଏବଂ ସେମାନଙ୍କୁ ରତ୍ନ ବ୍ୟତୀତ ଅନ୍ୟ କିଛି ସମ୍ବୋଧନ କରା ନଯିବା ଧୃଷ୍ଟତାର ପରିଚୟ । ଏପରି ଦୃଷ୍ଟାନ୍ତ ସବୁ ନଜର ଅନ୍ଦାଜ ନକରିପାରି ଗତବର୍ଷ ମାନ୍ୟବର ସର୍ବୋତମ ନ୍ୟାୟାଳୟ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ.ଡି.ଏ.) ପରୀକ୍ଷାରେ ବାଳିକାମାନଙ୍କୁ ବସିବାକୁ ଅନୁମତି ଦେଇଛନ୍ତି । ଝିଅମାନେ ଏତେ ପାରଙ୍ଗମ ହେଲେଣି ଯେ ଆଜି କାଲି 'ହମ କିସି ସେ କମ ନେହିଁ' ଶୁଣିବାକୁ ମିଳେ ସେମାନଙ୍କ ମୁହଁରୁ । ତଥାପି, ଆଜି ବି ଭୃଣ ହତ୍ୟା ଜାରି ରହିଛି । ଲୋକମାନଙ୍କ ମନରେ କନ୍ୟା ସନ୍ତାନ ପାଇଁ ଏକ ନିରାଶା ଭାବ କମି ନାହିଁ । ସରକାରୀ ପ୍ରଚେଷ୍ଟାକୁ ଧନ୍ୟବାଦ ନଦେବା ଏଠାରେ ଅନୁଚିତ ହେବ କାରଣ ସର୍ବଭାରତୀୟ ସ୍ତରରେ ୨୦୧୫-୧୬ରେ ପ୍ରତି ହଜାର ପୁରୁଷ ଜନସଂଖ୍ୟାରେ ମହିଳା ୯୯୧ ଥିବାବେଳେ ୨୦୧୯-୨୦ ବେଳକୁ ଏହା ବୃଦ୍ଧି ଘଟିଛି ୧୦୨୦କୁ । ଭାରତ ସରକାରଙ୍କର ଅଭିନବ ପ୍ରଚେଷ୍ଟା 'ବେଟି ବଚାଓ ବେଟି ପଢ଼ାଓ' ଯାହାକି ୨୦୧୫ ମସିହାରେ ଆରମ୍ଭ କରାଯାଇଥିଲା । ଏହା ମୁଖ୍ୟତଃ ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ ଇତ୍ୟାଦି ରାଜ୍ୟକୁ ଲକ୍ଷ୍ୟରେ ରଖିଥିଲା ଯେଉଁଠାରେ ସ୍ଥିତି ଉଦ୍‌ବେଗଜନକ ଥିଲା । ୨୦୧୧ରେ ହୋଇଥିବା ଜନଗଣନାରେ ଭାରତରେ ୦-୬ ବର୍ଷୀୟ ଶିଶୁ କନ୍ୟାଙ୍କ ଅନୁପାତ ୯୧୯ରେ ସୀମିତ ହୋଇଯାଇଥିଲା । କନ୍ୟା ଶିଶୁ ହାର କମିବା ଭାରତରେ ପ୍ରାୟ ୧୯୯୧ ଜନଗଣନା ଠାରୁ କ୍ରମାଗତ ଭାବେ ପରିଲକ୍ଷିତ ହେଇଥିଲା । ତେଣୁ, ଏହି ଯୋଜନା ଭାରତ ସରକାରଙ୍କର ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟର ଯୁଗ୍ମ ଉଦ୍ୟମରେ ପରିଚାଳିତ ଥିଲା ଯାହାର ତାରକା ପ୍ରଚାରକ ଭାବେ ୨୦୧୬ ଅଲମ୍ପିକ ପଦକ ବିଜେତା ସାକ୍ଷୀ ମଲ୍ଲିକ ନିଯୁକ୍ତି ପାଇଥିଲେ । ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଏହି ଅନୁପାତ ଉଉଦ୍‌ବେଗଜନକ ଭାବେ ୨୦୧୧ ମସିହାରେ ୯୧୮କୁ ହ୍ରାସ ପାଇଥିବାବେଳେ ଅନୁମାନ କରାଯାଉଥିଲା ଏହା ୨୦୨୧ ସୁଦ୍ଧା ୯୦୦କୁ ଖସି ପାରେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେରଳ ଏପରିଏକମାତ୍ର ରାଜ୍ୟ ଯେଉଁଠି ଏହି ଅନୁପାତ ସାରା ଦେଶରେ ସର୍ବାଧିକ ଯାହାକି ଉତ୍ସାହଜନକ ୧୦୮୪ ଅଟେ । ୨୦୨୧ ଜନଗଣନାରେ ଓଡ଼ିଶାର ସହରାଞ୍ଚଳରେ ସ୍ଥିତି ଏବେ ବି ଉଦ୍‌ବେଗଜନକ ଯେଉଁଠାରେ ଏହି ହାର ୯୩୨ ଥିବାବେଳେ ଗ୍ରାମାଞ୍ଚଳରେ ୯୮୯ରେ ସୀମିତ । ଉକ୍ତ ଯୋଜନାଟିର ମୁଖ୍ୟ ଉଦେଶ୍ୟ ଥିଲା ଲିଙ୍ଗଗତ ବୈଷମ୍ୟତାକୁ କିପରି ଦୂରକରି କେବଳ ଗୋଟିଏ ଲିଙ୍ଗକୁ ପ୍ରୋତ୍ସାହନ ନଦେବା ତଥା କିପରି କନ୍ୟାମାନଙ୍କର ବଞ୍ଚି ରହିବା ଓ ସୁରକ୍ଷା ସୁଚାରୁରୂପେ କରାଯାଇପାରିବ । ଏଥିରେ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଅଲଟ୍ରାସାଉଣ୍ଡ ଯନ୍ତ୍ର ଦ୍ୱାରା ମାତୃ ଗର୍ଭରେ ଲିଙ୍ଗ ନିରୂପଣ କରିବା ଉପରେ ଅଙ୍କୁଶ ଲଗେଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । କିନ୍ତୁ ଦୁଃଖର ବିଷୟ ଉକ୍ତ ଯୋଜନାଟି ବିଭିନ୍ନ କାରଣ ବଶତଃବିଶେଷ ଫଳପ୍ରଦ ହୋଇ ନଥିଲେ ମଧ୍ୟ ଅନେକ ସକାରାତ୍ମକ ଦିଗ ଦେଖାଇପାରିଛି ଯଥା କନ୍ୟାମାନଙ୍କର ବିଦ୍ୟାଳୟ ଉପସ୍ଥାନ କ୍ରମାଗତ ବଢ଼ିବାରେ ଲାଗିଛି, ସରକାର ପୁଅ ଝିଅଙ୍କୁ ସମାନ ବିବେଚନା କରି ଉଭୟଙ୍କ ବିବାହ ବୟସ ୨୧ କରିଛନ୍ତି । ଭାରତ ସରକାର ନିଜର ପ୍ରଚେଷ୍ଟାକୁ ଆହୁରି ସୁଦୃଢ କରିବାକୁ ଯାଇ କନ୍ୟା ସନ୍ତାନମାନଙ୍କ ପିତାମାତାଙ୍କୁ ଦାୟିତ୍ୱ ମୁକ୍ତ କରିବା ଉଦ୍ଦେଶ୍ୟରେ ମଧ୍ୟ 'ସୁକନ୍ୟା ସମୃଦ୍ଧି ଯୋଜନା' ପ୍ରଚଳନ ବିଭିନ୍ନ ବ୍ୟାଙ୍କମାନଙ୍କରେ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ସରକାର କନ୍ୟା ସନ୍ତାନର ପାଠପଢା ଓ ବିବାହ ଖର୍ଚ୍ଚ ବାବଦରେ କିଛି ସାହାଯ୍ୟ ନିମନ୍ତେ ଆକର୍ଷଣୀୟ ସୁଧ ସହିତ ଏକ ସଞ୍ଚୟ ବାଟ ଦେଖାଇଛନ୍ତି । ବାଳିକାମାନଙ୍କୁ ସାମାଜିକ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ଗଠନ ହୋଇ ଉନ୍ନତି ମୂଳକ କାର୍ଯ୍ୟ ହେଉଅଛି ଏବଂ ସେମାନଙ୍କୁ 'ବ୍ୟାଙ୍କିଙ୍ଗ ସଖୀ' ଭାବେ ନିୟୋଜିତ କରିଛନ୍ତି । ମୁସଲମାନ ବର୍ଗ କନ୍ୟାମାନଙ୍କ ସାମାଜିକ ସୁରକ୍ଷା ପାଇଁ 'ଟ୍ରିପଲ ତଲାକ'କୁ ରଦ୍ଦ କରାଯାଇଛି ଏବଂ ମହିଳା ସୁରକ୍ଷା ଉଦେଶ୍ୟରେ 'ଉଜ୍ଜ୍ୱଳା' ଯୋଜନା ଲାଗୁ କରିଛନ୍ତି । ଓଡ଼ିଶା ସରକାର କାନ୍ଧରେ କାନ୍ଧ ମିଶେଇ 'ମିଶନ ଶକ୍ତି' ମାଧ୍ୟମରେ ମହିଳା ସୁରକ୍ଷା ଓ ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଆଗକୁ ବଢିବାକୁ ସହାୟତା ପ୍ରଦାନ କରୁଛନ୍ତି ଯାହାର ଦୁଇଟି ପ୍ରମୁଖ ଲକ୍ଷ୍ୟ ରହିଅଛି, ଯଥା 'ସମ୍ବଳ ଓ ସାମର୍ଥ୍ୟ' । ନାରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ଆରକ୍ଷୀ ବାହିନୀ ସହିତ ମହିଳା ଥାନା ଗଠନ ହୋଇଛି । ସରକାରୀ ବିଦ୍ୟାଳୟରେ ପଠନ କରୁଥିବା ବାଳିକାମାନଙ୍କ ଆଗ୍ରହ ବଢେଇବା ଉଦ୍ଦେଶ୍ୟରେ ସେମାନଙ୍କୁ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯାଉଅଛି, ଯଥା- ମାଗଣା ପୋଷାକ, ସାଇକେଲ ଅବା ପାଠ୍ୟ ପୁସ୍ତିକା ବଣ୍ଟନ, ଇତ୍ୟାଦି... । ଭାରତୀୟ ରୀତିରେ ଏହା ଏକ ପୁରୁଷକୈନ୍ଦ୍ରିକ ରାଷ୍ଟ୍ରଭାବେ ଜଣା । ଯେଉଁଠାରେ ପୁରୁଷମାନଙ୍କର ଆଧିପତ୍ୟ ରାଜାରାଜୁଡ଼ା ଅମଳରୁ ସମାଜରେ ଅଦ୍ୟାବଧି ରହିଅଛି । କିନ୍ତୁ ଆଜିର ନାରୀଶକ୍ତି ଏତେ ଅଗ୍ରଗତି କରିଅଛି ଯେ ଏ ପରମ୍ପରା ଧରାଶାୟୀ ହେବାକୁ ବସିଲାଣି । ନାରୀଶକ୍ତିର ଅଭ୍ୟୁଦୟ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଠାରୁ ଆଜି ପର୍ଯ୍ୟନ୍ତ ଅନେକ ରୂପରେ କ୍ରମାଗତ ଭାବେ ହୋଇଚାଲିଛି । ନାରୀ ଆଜି ବିଚାରପତି ଆସନ ଅଳଙ୍କୃତ କରିଥିବାବେଳେ ଏକ ସଫଳ ଆରକ୍ଷୀ ରୂପେ ନିଜକୁ ପ୍ରତିପାଦିତ କରିପାରଛି ସତ ତଥାପି, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଭାରତରେ ଆଜି ନାରୀ ଅସୁରକ୍ଷିତ । ଜନ୍ମ ପୂର୍ବରୁ କୋଉଠି ଭୃଣ ଅବସ୍ଥାରେ ହତ୍ୟା କରାଯାଉଛି ତ, ଶିଶୁ କିମ୍ବା ଯୌବନ ଅବସ୍ଥାରେ ସେ ଦୁଷ୍କର୍ମର ଶିକାର ହେଉଛି ବା ବିବାହ ପରବର୍ତ୍ତୀ ଅବସ୍ଥାରେ ଯୌତୁକ ଜୁଇରେ ଜଳିବାକୁ ବିବଶ ହେଉଅଛି । ଆଜି ମହାତ୍ମା ଗାନ୍ଧୀ ଚିନ୍ତା କରିଥିବା 'ରାମ ରାଜ୍ୟ' ଯଦି ସ୍ଥାପିତ ହୋଇଥାନ୍ତା ତେବେ ସମସ୍ତ ପ୍ରକାରର ମହିଳା (କନ୍ୟା, ଯୁବତୀ, ବିବାହିତା ଅବା ବୟସ୍କା) ସ୍ୱାଚ୍ଛନ୍ଦରେ ମଧ୍ୟ ରାତ୍ରରେ ବିଚରଣ କରିବା ସମ୍ଭବ ହୋଇଥାଆନ୍ତା କିନ୍ତୁ ତାହା କେବଳ ଗାନ୍ଧିଜୀଙ୍କ ସ୍ୱପ୍ନ ହୋଇ ରହି ଯାଇଛି । ସରକାରୀ ପ୍ରଚେଷ୍ଟା ସହିତ ପୁରୁଷ ଜାତିର ମାନବିକ ଚେତନାରେ ବିଶେଷ ଅଭିବୃଦ୍ଧି ସାମ୍ପ୍ରତିକ ପରିସ୍ଥିତିରେ ନିତାନ୍ତ ଆବଶ୍ୟକ ଯାହାଦ୍ୱାରା ସମାଜରେ ନାରୀ ପ୍ରତି ବିପରୀତ ମନୋଭାବ, ହିଂସା ଓ ଅରାଜକତା ଅନେକାଂଶରେ ହ୍ରାସ ପାଇପାରିବ । ସମସ୍ତ ପୁରୁଷ ସମାଜ ପାଇଁ ଏହା ଆଜି ଏକ ମସ୍ତବଡ ଆହ୍ୱାନ, ସେମାନେ ସବୁ ମହିଳାଙ୍କ ମଧ୍ୟରେ ନିଜ ମା', ଭଉଣୀ ବା ପରିଜନକୁ ଉପଲବ୍ଧି କରିପାରିଲେ ନାରୀ ସମ୍ବଳ ଏଠି ସୁରକ୍ଷିତ ରହିପାରିବେ । ଯଦି ନାରୀ ଆଜି ସୁରକ୍ଷିତ ହୋଇଥାନ୍ତା ହୁଏତ କୌଣସି ଅଭିଭାବକ କନ୍ୟାଭୃଣ ହତ୍ୟା କଥା କଦାଚିତ ଚିନ୍ତା କରନ୍ତେ ବା ନାରୀ ଲିଙ୍ଗ ସଂଖ୍ୟା କ୍ରମାଗତ କମିବା ଭଳି ସମସ୍ୟା ଦୃଶ୍ୟ ହୁଅନ୍ତା ନାହିଁ ତଥା ସରକାରଙ୍କୁ ମଧ୍ୟ ମୁଣ୍ଡବିନ୍ଧାର କାରଣ ହୁଅନ୍ତା ନାହିଁ ଯଦ୍ଦ୍ୱାରା ରାଜକୋଷରୁ ବ୍ୟୟବହୁଳ ଯୋଜନା ବାବଦ ଅର୍ଥ ଅନ୍ୟ ଜନହିତକାରୀ କାର୍ଯ୍ୟରେ ଉପଯୋଗ ହୋଇପାରନ୍ତା ।

# ସ୍ଥିତପ୍ରଜ୍ଞ ବ୍ୟକ୍ତିତ୍ୱ



ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି
ଏସ୍‌ବିଆଇ କଲୋନୀ
କେଶୁରା, ଭୁବନେଶ୍ୱର
ମୋ : ୯୪୩୮୬୭୨୩୧୧

ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଗଠନ ହୋଇଥିଲା ୨୦୦୬ ମସିହା ଉତ୍କଳ ଦିବସ ଦିନ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଆମେ ଦୁଇଜଣ ସଭାପତି ଓ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଅଛୁ । ସଭାପତି ଅଛନ୍ତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ସମ୍ପାଦକ ଭାବେ ମୋତେ କାମ କରିବାର ସୁଯୋଗ ମିଳିଛି । ଉତ୍କଳ ସମ୍ମିଳନୀର ଏହି ଶାଖା ଗଠନ ହୋଇଛି ଦିଲ୍ଲୀପ ବାବୁଙ୍କ ପ୍ରଚେଷ୍ଟାରେ । ସେ ହେଉଛନ୍ତି ଏହି ଶାଖାର ପ୍ରତିଷ୍ଠାତା ଓ ପ୍ରଥମ ସଭାପତି । ଏହି ଶାଖା ଗଠନର ଇତିହାସ ଦେଖିଲେ ଦିଲ୍ଲୀପ ବାବୁ କେତେ ଏକଜିଦିଆ ଓ ଯେଉଁ କାମ ହାତକୁ ନେଇଥିବେ କିଭଳି ନିଶ୍ଚୟ କରିବେ ତାହା ଜଣାଯାଏ । ଦିଲ୍ଲୀପ ଦାଶଶର୍ମା ତା୨୮.୦୩.୨୦୦୨ ମସିହାରେ ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟତା ଗ୍ରହଣ କରନ୍ତି । ଭୁବନେଶ୍ୱରରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ ଥିବାରୁ ଭୁବନେଶ୍ୱରରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମିତି ଓ ଆଞ୍ଚଳିକ ଶାଖା ଭାବରେ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖା ଥାଏ । ତେଣୁ ସଦସ୍ୟତା ଗ୍ରହଣ କରିବା ପରେ ଦିଲ୍ଲୀପ ବାବୁଙ୍କୁ କୁହାଯାଏ ତୁମେ ଭୁବନେଶ୍ୱର ଶାଖାର ସଦସ୍ୟ ଭାବେ କାମ କରିପାରିବ । ଏହା ଭିତରେ କିଛିଦିନ ବିତିଯାଏ କିନ୍ତୁ ଉତ୍କଳ ସମ୍ମିଳନୀରେ କିଛି ସେମିତି କାମ କରିବାର ସେ ସୁଯୋଗ ପାଇନଥାନ୍ତି । ତା ୨୫.୦୮.୨୦୦୩ ରିଖ ଦିନ ଭୁବନେଶ୍ୱର ଶାଖାର ନିର୍ବାଚନ କଟକ ରୋଡ ସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଥାଏ । ଏଥିରେ ଭୁବନେଶ୍ୱର ଶାଖା ଉତ୍କଳ ସମ୍ମିଳନୀର ସଭାପତି ଭାବେ ବରିଷ୍ଠ ଅଧିବକ୍ତା ଗଙ୍ଗାଧର ପାଣିଗ୍ରାହୀ ନିର୍ବାଚିତ ହୋଇଥାଆନ୍ତି । ନିର୍ବାଚନ ପରେ ମଧ୍ୟ ଏକ ବର୍ଷରୁ ଅଧିକ ସମୟ ଚାଲି ଯାଇଥାଏ କିନ୍ତୁ ଉତ୍କଳ ସମ୍ମିଳନୀ କ'ଣ କାମ କରୁଛି ଦିଲ୍ଲୀପ ବାବୁ ଜାଣି ନପାରିବାରୁ ସେ ଭୁବନେଶ୍ୱର ଶାଖା ସଭାପତି ଅଧିବକ୍ତା ଗଙ୍ଗାଧର ପାଣିଗ୍ରାହିଙ୍କୁ ଏକ ପତ୍ର ଲେଖନ୍ତି । ଏହି ପତ୍ରରେ ଥାଏ- ଭୁବନେଶ୍ୱର ଶାଖାର ମୁଁ ଜଣେ ଆଜୀବନ ସଦସ୍ୟ । ଭୁବନେଶ୍ୱର ଶାଖାର କ'ଣ କାର୍ଯ୍ୟକ୍ରମ ହେଉଛି ମୁଁ ଜାଣି ପାରୁନାହିଁ । ଏହା ପରଠାରୁ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖାର କାର୍ଯ୍ୟକ୍ରମ ହେଲେ ମୋତେ ଜଣାଇବା ପାଇଁ ଅନୁରୋଧ । ଜାଣି ପାରିଲେ ମୁଁ ନିଶ୍ଚୟ ଯୋଗ ଦେବି । ଭୁବନେଶ୍ୱର ଶାଖା ସଭାପତି ଶ୍ରୀଯୁକ୍ତ ପାଣିଗ୍ରାହୀ ଦିଲ୍ଲୀପ ବାବୁଙ୍କ ପତ୍ର ପାଇ ଏହାର ଉତ୍ତରରେ ଲେଖିଥିଲେ, 'ମୋତେ ଯେଉଁମାନେ ସଭାପତି ଭାବେ ନିର୍ବାଚିତ କରାଇଥିଲେ ସେମାନେ ବୋଧହୁଏ ନିଜର ବ୍ୟକ୍ତିଗତ କାମ ପାଇଁ ଉତ୍କଳ ସମ୍ମିଳନୀର କାମ କରି ପାରୁ ନାହାଁନ୍ତି କି ମୁଁ ମଧ୍ୟ ଏଥିପାଇଁ କିଛି କରିପାରିନାହିଁ । କିନ୍ତୁ ଆପଣଙ୍କ ପତ୍ର ମୋତେ ଉତ୍ସାହିତ କରିଛି । ଏହା ପରେ ମୁଁ ଆପଣଙ୍କୁ ପତ୍ର ଦେବି ।' ଏହା ପରେ ଏକ ବର୍ଷ ପର୍ଯ୍ୟନ୍ତ ଭୁବନେଶ୍ୱର ଶାଖାର କୌଣସି କାର୍ଯ୍ୟକ୍ରମର ସୂଚନା ନପାଇବାରୁ ଦିଲ୍ଲୀପ ବାବୁ କେନ୍ଦ୍ରୀୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତି ଓ ତତ୍କାଳୀନ ଉତ୍କଳ ସମ୍ମିଳନୀର ସଭାପତି ବସନ୍ତ କୁମାର ପାଣିଗ୍ରାହୀ ଓ ତାଙ୍କ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଗଠନ କରି ରାଜଧାନୀ ଭୁବନେଶ୍ୱରରେ ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରନ୍ତି । ଉତ୍କଳ ସମ୍ମିଳନୀର ବିଭିନ୍ନ କାମ କରିବା ସମୟରେ ଦିଲ୍ଲୀପ ବାବୁ ଥରେ ମୋତେ କହିଲେ, ସୁବୁଦ୍ଧି ବାବୁ ଭୁବନେଶ୍ୱରରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିମାନଙ୍କୁ ଠିକ ଭାବରେ ସମ୍ମାନ ଦିଆଯାଉ ନାହିଁ । ଜନ୍ମ ଦିନ, ଶ୍ରାଦ୍ଧ ଦିବସ ଓ ଉତ୍କଳ ଦିବସରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଉଚିତ୍ । ମୁଁ କହିଲି ଆମେ ଉତ୍କଳ ସମ୍ମିଳନୀ ପକ୍ଷରୁ ସରକାରଙ୍କ ପାଖରେ ଦାବି କରିବା । ସେ କହିଲେ ଖାଲି ଦାବି କଲେ କାମ ହେବ ନାହିଁ, ଆମେ କାମ କରିବା ଓ କାମ ସହିତ ଦାବି କରିବା । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛି । କେବଳ ସେତିକି ନୁହେଁ ମାଲ୍ୟାର୍ପଣ କରିବା ସହିତ ଦାବି କରିବା ପରେ ଗତ ଚାରି ପାଞ୍ଚ ବର୍ଷ ହେଲା ରାଜ୍ୟ ସରକାର ଉତ୍କଳ ଦିବସ ଦିନ ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଥିବାବେଳେ ଗତ ବର୍ଷେ ହେଲା ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ ମଧ୍ୟ ମାଲ୍ୟାର୍ପଣ କରୁଛନ୍ତି । କେବଳ ସେତିକି ନୁହେଁ, ବିଭିନ୍ନ ଦିବସ ପାଳନ କରିବା, ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ଜ୍ଞାନ ବଢାଇବା ପାଇଁ ଓଡ଼ିଆ ଅଲମ୍ପିକ୍ ପରୀକ୍ଷା କରାଇବା, ଉତ୍କଳ ପ୍ରଭାତ, ସ୍ମୃତି ଦିବସ ଓ ଉତ୍କଳ ସମ୍ମିଳନୀ ସମାଚାର ଆଦି ପୁସ୍ତକ ଓ ପତ୍ରିକା ପ୍ରକାଶ କରିବା ଆଦି ବହୁ କାମ ହାତକୁ ନେଇଛି ଏହି ଶାଖା । ସେହିଭଳି ସୀମା ସୁରକ୍ଷା ପାଇଁ ହେଉ କିମ୍ବା ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ ହେଉ ନିଜ ନିଷ୍ପତିରେ ଦିଲ୍ଲୀପ ବାବୁ କଠୋର ଓ ଅବିଚଳିତ । ଆମ ଦୁଇ ଜଣଙ୍କର ୧୯୯୦ ମସିହାରୁ ପରିଚୟ ଆରମ୍ଭ ହୁଏ, ତେଣୁ ମୁଁ ଦିଲ୍ଲୀପ ବାବୁଙ୍କୁ ଗତ ୩୩ ବର୍ଷ ହେଲା ଜାଣେ । କେବଳ ଉତ୍କଳ ସମ୍ମିଳନୀ ନୁହେଁ ଆମେ ଦୁଇଜଣ ରେଡକ୍ରସ୍, ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ, ଭୁବନେଶ୍ୱର ଓକିଲ ସଂଘ ଓ ହାଇକୋଟ ଓକିଲ ସଂଘ ଭଳି ବହୁ ଅନୁଷ୍ଠାନର ସଦସ୍ୟ ଅଛୁ । ବହୁ ଅନୁଷ୍ଠାନର ସେ ନେତୃତ୍ୱ ନେଇଛନ୍ତି ଓ ନେଉଛନ୍ତି ମଧ୍ୟ । ତାଙ୍କର ନେତୃତ୍ୱ ନେବାର କିମ୍ବା କୌଣସି ନିଷ୍ପତି ନେବାର ଶୈଳି ନିଆରା । ନିଷ୍ପତି ନେବା ସମୟରେ ସେ ପୁରା ସ୍ଥିତପ୍ରଜ୍ଞ, କେବେ ଓ କୌଣସି ସମୟରେ ସେ ବିଚଳିତ ହୁଅନ୍ତି ନାହିଁ । ଏପରିକି ତାଙ୍କ ବିରୋଧୀମାନେ ତାଙ୍କପାଇଁ ବହୁ ସମସ୍ୟା ସୃଷ୍ଟି କରିଛନ୍ତି, କିନ୍ତୁ ସେ କେବେ ହେଲେ ବିଚଳିତ ହୋଇ ନାହାଁନ୍ତି । ୧୯୯୦ ମସିହା ପୂର୍ବ ଘଟଣା ତାଙ୍କ ପାଖରୁ ଶୁଣିଛି ଓ ଗତ ୩୩ ବର୍ଷ ହେଲା ଦେଖି ଆସୁଛି । ଅବିଚଳିତ ଭାବେ ସେ କାମ କରୁଛନ୍ତି । ଦିଲ୍ଲୀପ ବାବୁ ଢେଙ୍କାନାଳ ମହାବିଦ୍ୟାଳୟରେ ବାଣିଜ୍ୟରେ ଅଧିସ୍ନାତକ ପାଠ ପଢିବା ସମୟରେ ସେ ଦାବି କରି ବାଣିଜ୍ୟ ବିଭାଗରେ ପ୍ରଥମେ ସେମିନାର ସୋସାଇଟି ଖୋଲିଥିଲେ ଓ ସେ ଥିଲେ ପ୍ରଥମ ସେମିନାର ସେକ୍ରେଟାରୀ । ସେହିଭଳି ଅନୁଗୋଳ ଜିଲ୍ଲାରେ ଥିବା ତାଙ୍କ ଗ୍ରାମ ତଳମୂଳ ଶାସନ ନୂଆସାହି ଗ୍ରାମରେ ଯୁବକ ସଂଘ ଗଠନ କରି ପଞ୍ଜୀକରଣ କରାଇ ବହୁ କାମ କରିଥିଲେ । ସେହି ସମୟରେ ସେ କେନ୍ଦ୍ର ସରକାରଙ୍କର ନେହେରୁ ଯୁବ କେନ୍ଦ୍ରରେ ଜାତୀୟ ସେବାରେ ସ୍ୱେଚ୍ଛାସେବକ ଭାବେ ମଧ୍ୟ କାମ କରିଥିଲେ । ଭୁବନେଶ୍ୱର ଆସି ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଠପଢି ଆଇନରେ ସ୍ନାତକ ଉପାଧି ଗ୍ରହଣ କରିବା ପରେ ଆଇନକୁ ସେ ପେସା ଭାବରେ ଗ୍ରହଣ କରିନେଲେ ସିନା ତାଙ୍କର ନିଶା ଥିଲା ସମାଜସେବା । ପରେ ପରେ ସେ ରେଡକ୍ରସ୍‌ର ସଦସ୍ୟତା ଗ୍ରହଣ କରିବା ସହିତ ନିଷ୍ଠାର ସହିତ ଆଜି ପର୍ଯ୍ୟନ୍ତ କାମକରି ଚାଲିଛନ୍ତି । କେତେବେଳେ ସେ ରେଡକ୍ରସ୍ ରାଜ୍ୟ ଶାଖାର ସଦସ୍ୟ ଭାବେ କାମ କରୁଛନ୍ତି ତ ପୁଣି କେତେବେଳେ ସେ ପୋଲିସ କମିସନରେଟ ରେଡକ୍ରସ୍‌ର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ କାମକରି ଚାଲିଛନ୍ତି । ଆମ ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନର ପରିମାଣ ବହୁ କମ୍ ମାନେ ମାତ୍ର ୧୦ ପ୍ରତିଶତ ବୋଲି ସେ ରେଡକ୍ରସ୍‌ରେ ଆଜୀବନ ସଦସ୍ୟ ଭାବେ କାମ କରିବା ସମୟରେ ଜାଣିପାରନ୍ତି । ରକ୍ତର ଅଭାବ ଦୂର କରିବା ପାଇଁ ନିଷ୍ପତି ନେଇ ସେ ଏହା ଉପରେ କାମ କରିବା ଆରମ୍ଭ କରନ୍ତି । ସେ ପ୍ରଥମେ ଆବାହକ ଓ ପରେ ପ୍ରତିଷ୍ଠାତା ସଭାପତି ଭାବେ ରାଜ୍ୟରେ ଗଠନ କରନ୍ତି 'ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ' । ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ବିଶାଳ ରକ୍ତଦାନ ଶିବିରମାନ ଆୟୋଜନ କରନ୍ତି । ୨୦୦୫ ସମିହା ଉତ୍କଳ ଦିବସ ଦିନ ଭୁବନେଶ୍ୱରରେ ତାଙ୍କ ନେତୃତ୍ୱରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୁଏ ଯେଉଁଥିରେ ୨୦୦୨ ଜଣ ରକ୍ତଦାତା ରକ୍ତଦାନ କରନ୍ତି । ସେ ନିଜେ ମଧ୍ୟ ଜଣେ ରକ୍ତଦାତା । ସେ ପ୍ରାୟ ୧୦୦ ଥରରୁ ଅଧିକ ଥର ରକ୍ତଦାନ କରି ସାରିଲେଣି । ମାତ୍ର ସେ ଏହାର ରେକର୍ଡ ରଖନ୍ତି ନାହିଁ । ତାଙ୍କୁ ଥରେ ପଚାରିଲି, ଆପଣତ ନିଜେ ୧୦୦ରୁ ଅଧିକ ଥର ରକ୍ତଦାନ କରିଛନ୍ତି ଏହାର ରେକଡ ରଖୁ ନାହାଁନ୍ତି କାହିଁକି ? ସେ ମୋତେ ପ୍ରଶ୍ନ କଲେ, ଆପଣ ନଡିଆ ଓ କଦଳୀ ଆଦି ଭୋଗ ନେଇ ମନ୍ଦିର ଯାଆନ୍ତି ? ମୁଁ କହିଲି ହଁ । ସେ ପଚାରିଲେ, ଆଜି ପର୍ଯ୍ୟନ୍ତ ଠାକୁରଙ୍କ ପାଖରେ ଆପଣ କେତୋଟି ନଡିଆ ଭୋଗ ଲଗାଇଛନ୍ତି ତା'ର ଲିପିବଦ୍ଧ କରି ରଖିଛନ୍ତି କି ? ମୁଁ କହିଲି, ଏହା କ'ଣ ଲିପିବଦ୍ଧ କରାଯାଏ ? ଦିଲ୍ଲୀପ ବାବୁ କହିଲେ ଜଣେ ହିନ୍ଦୁ ମନ୍ଦିରକୁ କେତୋଟି ନଡିଆ ନେବେ କିମ୍ବା ଜଣେ ଖ୍ରୀଷ୍ଟିଆନ ଚର୍ଚ୍ଚରେ କେତୋଟି ମହମବତୀ ଜାଳିବେ କିମ୍ବା ଜଣେ ମୁସଲିମ ଦରଘା ଉପରେ କେତୋଟି ଚାଦର ଘୋଡାଇବେ ତାହା ଯଦି ଲିପିବଦ୍ଧ ହେବ ନାହିଁ ତେବେ ଦାନ କରିଥିବା ରକ୍ତର ରେକର୍ଡ ରହିବ କାହିଁକି ? କେବଳ ସେତିକି ନୁହେଁ, ଦିଲ୍ଲୀପ ବାବୁ ବହୁ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି । ଯେପରିକି ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗାପୂଜା ସମିତିର ପୂର୍ବତନ କୋଷାଧକ୍ଷ ଓ ଏବେ ଉପ-ସଭାପତି, ଭୁବନେଶ୍ୱର ଭଷାଣୀ ସମିତିର ଉପ-ସଭାପତି ଓ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଭାବେ କାମ କରୁଛନ୍ତି । ସେହି ଭଳି ସେ ଗଙ୍ଗାଧର ମେହେର ଜୟନ୍ତୀ କମିଟି, ହରିଶ୍ଚନ୍ଦ୍ର ବକ୍ସିପାତ୍ର ଜୟନ୍ତୀ କମଟି, ପୋଲିସ୍ କମିସନରେ ରେଡକ୍ରସ୍ ଓ ଭୁବନେଶ୍ୱର ନାଗରିକ ମହାସଂଘର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ, ଭାରତୀୟ ରେଡକ୍ରସ୍ ସୋସାଇଟି ଓ ସେଣ୍ଟ ଜୋନ ଆମ୍ବୁଲାନ୍ସ ଆସୋସିଏସନ୍ ଭଳି ସର୍ବଭାରତୀୟ ତଥା ଆନ୍ତର୍ଜାତିକ ଅନୁଷ୍ଠାନର ଆଜୀବନ ସଦସ୍ୟ ଭାବେ କାର୍ଯ୍ୟରତ । ତାଙ୍କ ଲିଖିତ ପୁସ୍ତକ ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତର ଇତିହାସ, ଉତ୍କଳ ପ୍ରଭାତ, ରେଡକ୍ରସ୍‌ର କଥା ଓ ସ୍ମୃତି ଦିବସ ଆଦି ବହୁ ତଥ୍ୟ ସମ୍ବଳିତ ଯାହା ପାଠକମାନଙ୍କର ଆଦୃତି ଲାଭ କରିଛି । ଆଜି ତାଙ୍କର ଜନ୍ମଦିନ ଅବସରରେ ଅଭିନନ୍ଦନ ଜ୍ଞାପନ କରିବା ସହିତ ଏହି ଲେଖା ତାଙ୍କ ପାଇଁ ଉତ୍ସର୍ଗୀକୃତ ।

# ବୃତ୍ତିରୁ ମୁକ୍ତି...



ମନୋଜ କୁମାର ବେହେରା
୨୧୭, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ-୭୯୭୮୮୩୦୬୧୧

ସୁଖ ଆଉ ଦୁଃଖ ଦୁହେଁ ଜାଆଁଳା ଭାଇ । ଯେମିତି ଦୁଃଖର ପଛରେ ଦୌଡିବା ଆମ ମନୁଷତ୍ୱର ବିଡମ୍ବନା ଅଟେ, ସେହିପରି ସୁଖରେ ପଛରେ ଦୌଡିବା ମଧ୍ୟ । ଯାହାର ବୁଦ୍ଧି ସନ୍ତୁଳନ ହୋଇଥାଏ, ତାକୁ ଏହି ଦୁହିଁଙ୍କୁ ତ୍ୟାଗ କରିବା ଉଚିତ୍ । ନିଜର ବୃତ୍ତିକୁ ହାତର ଖେଳନା ବନେଇବାକୁ ଚେଷ୍ଟା କରନାହିଁ । ଜ୍ଞାନୀ ପୁରୁଷମାନେ ବୃତ୍ତିର ସ୍ୱାଧୀନତା ଚାହାନ୍ତି । ସେମାନେ ଜାଣନ୍ତି ଯେ ବିଷୟ ଭୋଗ ନିସ୍ତାର ଅଟେ ଆଉ ସୁଖ-ଦୁଃଖର କୌଣସି ଅନ୍ତ ନାହିଁ । ଦୁନିଆରେ କେତେ ଧନବାନ ନୂଆ ସୁଖ ଖୋଜିବାରେ ଲାଗିଛନ୍ତି, କିନ୍ତୁ ଯେଉଁ ସୁଖ ତାଙ୍କୁ ମିଳେ, ତାହା ପୁରୁଣା ହୋଇଯାଏ । ଯେତେବେଳେ ମନୁଷ୍ୟର ସାଂସାରିକ ବିଷୟ ନିସ୍ତାର ପ୍ରତୀତ ହେବାକୁ ଲାଗିଥାଏ, ସେତେବେଳେ ସେ ନିଜର ବୃତ୍ତିରୁ ଏହି ପ୍ରକାରର ଖେଳନା ନବନୋଉ । ଏହା ତ ପରିତନ୍ତ୍ରତା ଅଟେ । ଯଦି କିଏ ଦୁଇ-ଚାରି ପଦ ମିଠା କଥା ଶୁଣେଇ ଦିଏ, ତା'ହେଲେ ମନୁଷ୍ୟ ହସିବାକୁ ଲାଗିଥାଏ । ଆଉ ଯଦି କିଏ କଡା ଶବ୍ଦ ଶୁଣେଇ ଦିଏ ତା'ହେଲେ ଆଖିରୁ ଲୁହ ଝରି ପଡ଼େ । ଏହି ପରି ଚାରିଆଡୁ ପରାଧୀନତାର ଅନୁଭବ ହୋଇଥାଏ । ଯେତେବେଳେ ମନୁଷ୍ୟକୁ ନିଜର ପରାଧୀନତାର ଅନୁଭବ ହେଇଥାଏ, ସେତେବେଳେ ତା' ମନରେ ସ୍ୱତନ୍ତ୍ର ହେବାର ଅଦ୍ୟମ ଇଛା ହୋଇଥାଏ । ଯଦି କୌଣସି ମନୁଷ୍ୟର ମୁଣ୍ଡରେ ଜଳନ୍ତା ଅଙ୍ଗର ରଖି ଦିଆଯାଏ, ସେହି ମନୁଷ୍ୟ ତାକୁ ଦୂରକୁ ଫିଙ୍ଗିବା ପାଇଁ କେମିତି ଛଟ-ପଟ ହେଉଥାଏ । ଠିକ୍ ସେହିଭଳି ସେହି ମନୁଷ୍ୟ, ଯିଏ ପ୍ରକୃତରେ ବୁଝି ପାରିଲା କି ଏହା ନିଜର ବୃତ୍ତିର ଅଧୀନରେ ଅଛି, ସେ ସ୍ୱତନ୍ତ୍ରତାକୁ ପାଇବା ପାଇଁ ଛଟ-ପଟ ହୋଇଥାଏ । ବୃତ୍ତିରୁ ସ୍ୱତନ୍ତ୍ରତା ପାଇବାର ଇଛା ଅର୍ଥାତ୍ ମୁମୁକ୍ଷୁତ୍ୱ ଅଟେ । ଏହା ପରେ ଆସେ ନିତ୍ୟାନିତ୍ୟ ବିବେକ । ସତ୍ୟ କ'ଣ ଆଉ ମିଥ୍ୟା କଣ, କ'ଣ ଚିରନ୍ତନ ଅଟେ ଆଉ ନଶ୍ୱର କ'ଣ, ଏହି ଭେଦ ଜାଣିବା ହିଁ ନିତ୍ୟାନିତ୍ୟ ବିବେକ ଅଟେ । କେବଳ ପରମେଶ୍ୱର ହିଁ ଶ୍ୱାଶତ ଅଟନ୍ତି ଆଉ ବାକି ସବୁ ନଶ୍ୱର । ଦେବଦୂତ, ମନୁଷ୍ୟ, ପଶୁ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ତାରା ସବୁ ନଷ୍ଟ ହେବାକୁ ଯାଉଛନ୍ତି । ସମସ୍ତଙ୍କ ବିନାଶ ଅବଶ୍ୟମ୍ଭାବୀ । ପ୍ରତ୍ୟେକ ବସ୍ତୁ ଅସ୍ଥିର ଅଟେ । ଏହି ପୁରା ବିଶ୍ୱ ହିଁ ଗୋଟିଏ ପରିବର୍ତ୍ତନଶୀଳ ପିଣ୍ଡ ଅଟେ । ଏକମାତ୍ର ପରମାତ୍ମା ଏମିତି ଅଟନ୍ତି, ତାଙ୍କର ଯେତିକି ନିକଟତର ହେବ, ଆଉ ତାହାଠୁ କମ୍ ଆମଠି ପରିବର୍ତ୍ତନ ହେବ । ଆତ୍ମା ଉପରେ ଆମର ବୃତ୍ତିର ଆବରଣ ଚଢି ଯାଇଛି । ଆମକୁ କେବଳ ଏହି ଆବରଣକୁ ଦୂରକୁ ହଟେଇ ଦେବେକୁ ହେବ । ଆଉ ଆତ୍ମା ନିଜର ନିତ୍ୟ ଶୁଦ୍ଧ, ନିତ୍ୟମୁକ୍ତ ରୂପରେ ପ୍ରକଟ ହୋଇଯାଏ ।






## ପାରିବାରିକ କଳହରୁ ଜଘନ୍ୟ ହତ୍ୟାକାଣ୍ଡ

# ବାପକୁ ବିଭତ୍ସଭାବେ ହାଣିଲା ପୁଅ

ନର୍ଲା, (ଭାସ୍କର ନ୍ୟୁଜ୍): ପୁଅ କୂଳକୁ ପାଣି ଦେବ, ବଂଶ ରକ୍ଷା ହେବା ସହ ବୃଦ୍ଧ ଅବସ୍ଥାରେ ଟିକିଏ ସେବା ଯତ୍ନର ଆଶା ନେଇ ଜନ୍ମିତ ପୁଅକୁ ଦେହର ରକ୍ତ ନିଗାଡି, ତାର ଅଳି ଅଝଟକୁ ପୂରଣ କରି ଛୋଟରୁ ବଡ କରେ ବାପ। ହେଲେ ଏମିତି ପୁଅ ବି ଜନ୍ମ ହୋଇଛନ୍ତି ଯିଏ ନିଜର ଜନ୍ମଦାତା ବାପାକୁ ସାଧାରଣ କଳି କଜିଆରେ ଉଗ୍ରରୂପ ନେଇ ବିଭତ୍ସ ଭାବରେ ହତ୍ୟା କରିବାକୁ ପଛାଉ ନାହିଁ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ନର୍ଲା ବ୍ଲକ୍ ଅନ୍ତର୍ଗତ କରୁମେଲ ପଞ୍ଚାୟତର ପଞ୍ଚାୟତ ପଡାରେ। ଯାହାକୁ ନେଇ



ଏ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହେବା ସହ ପିତା ପୁତ୍ର ଭଳି ପବିତ୍ର ସମ୍ପର୍କ ଭିତରେ ଏଭଳି ଏକ ଘଟଣା ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି। ଏକ ଆଦିବାସୀ କନ୍ଧ ପରିବାରର ନନ୍ଦକିଶୋର ମାଝୀ (୪୫)କୁ ତାର ପ୍ରଥମ ପତ୍ନୀଙ୍କ ପୁଅ ପୁରୁଷୋତ୍ତମ ମାଝୀ (୧୯) ଗତ ମଙ୍ଗଳବାର ସଧା ୭ଟା ସମୟରେ ଟାଙ୍ଗିଆ ଚୋଟ ମାରି ନିର୍ମମ ହତ୍ୟା କରିଛି। ବାପା ନନ୍ଦକିଶୋର ନିଜ ଘରେ ରାତ୍ରି ଭୋଜନ କରୁଥିବା ସମୟରେ ପୁଅ ବାପା ବେକରେ ଟାଙ୍ଗିଆ ଚୋଟ ମାରି ଏହି ହତ୍ୟାକାଣ୍ଡ ଘଟାଇଛି। ତେବେ ଗତ ଦୁଇ ଦିନ ହେଲା ବାପ ପୁଅ ମଧ୍ୟରେ ପାରିବାରିକ କୌଣସି ଘଟଣାକୁ ନେଇ ଗଣ୍ଡଗୋଳ ହେଉଥିଲା ବୋଲି ନର୍ଲା ପୁଲିସ ସୂଚନା ଦେଇଛି। ଏ ସଂପର୍କରେ ମୃତକର ଦ୍ୱିତୀୟ ପତ୍ନୀ ଗୁଆଦେଇ ମାଝୀ ନର୍ଲା ଥାନାରେ ନିଜ ସ୍ୱାମୀଙ୍କୁ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଛି। ନର୍ଲା ପୋଲିସ ଘଟଣାସ୍ଥଳକୁ ସଦଳବଳେ ପହଞ୍ଚି ହତ୍ୟାକାରୀ ବ୍ୟବହାର କରିଥିବା ଟାଙ୍ଗିଆକୁ ଜବତ କରିଛି ହେଲେ ହତ୍ୟାକାରୀ ପୁଅ ଘଟଣା ଘଟାଇବା ପରେ ଘରୁ ଚମ୍ପଟ ମାରିଛି। ସନ୍ଧାନୀ କୁକୁର ସାହାର୍ଯ୍ୟରେ ପୁଲିସ ଘଟଣାର ଛାନଭିନ୍ କରୁଥିବା ଜଣାପଡିଛି। ପୁଲିସ ଶବକୁ ଜବତ କରି ମଦନପୁର ରାମପୁରକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରୀ ରଖିଛି। ନର୍ଲା ଥାନା ସବ୍‌ଇନ୍ସପେକ୍ଟର କୃତ୍ତିବାସ ପୁଜାରୀ ଏହି ହତ୍ୟାକାଣ୍ଡର ତଦନ୍ତ କରୁଥିବା ଜଣାପଡିଛି।

# +୨ ବିଜ୍ଞାନରେ ସୁଜିତ, କମର୍ସରେ ତନିଶା ଜିଲ୍ଲା ଟପ୍ପର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଫଳ କଳାହାଣ୍ଡି ଜିଲ୍ଲାର ବିଭିନ୍ନ କଲେଜରେ ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ବେଶ୍ ସନ୍ତୋଷଜନକ ହୋଇଥିବା ଜଣାପଡିଛି। ବିଜ୍ଞାନ ଓ କମର୍ସରେ ଭବାନୀପାଟଣା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ଏଭଳି ସଫଳତା ଲାଭ କରିଥିବାରୁ ଛାତ୍ରଛାତ୍ରୀ, ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷ ମଧ୍ୟ ଖୁସି ଅଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଭବାନୀପାଟଣା ବିକାଶ ରେସିଡେନ୍ସିଆଲ କଲେଜର ଛାତ୍ର ସୁଜିତ କୁମାର ସାହୁ ବିଜ୍ଞାନରେ (୯୨.୧୬%) ଓ ଛାତ୍ରୀ ତନିଆ ବନସଲ୍ କମର୍ସରେ (୯୨.୬୬%) ନମ୍ବର ରଖି କଳାହାଣ୍ଡି ଜିଲ୍ଲାର ଟପ୍ପର ହୋଇଛନ୍ତି। ସେହିପରି ଭବାନୀପାଟଣାର ପ୍ରଗତି କଲେଜରେ



ବିଜ୍ଞାନରେ ୨୭୧ ପ୍ରଥମ ହୋଇଥିବା ବେଳେ ୬୧ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାଶ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ବର୍ଷାରାଣୀ ବାଗ ୯୦.୫୫ ପ୍ରତିଶତ ଓ ବିଭୂତି ଭୂଷଣ ନାଗ ୯୦.୩୩ ପ୍ରତିଶତ ନମ୍ବର ରଖିଛନ୍ତି। ଅନୁରୂପ ଭାବେ ଭବାନୀପାଟଣା ସରକାରୀ ଯୁକ୍ତ ଦୁଇ କଲେଜରେ ବିଜ୍ଞାନରେ ପ୍ରିୟାନ୍‌ଶୁ ସାହୁ ୮୩.୮୩ ପ୍ରତିଶତ ଓ କମର୍ସରେ ସାଇବନ୍ଦନା ପାଣିଗ୍ରାହୀ ୯୦ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲାରେ ବିଜ୍ଞାନରେ ମୋଟ ୨୯୦୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୨୫୮୫ ଜଣ ଛାତ୍ରଛାତ୍ରୀ ପାଶ୍ କରିଥିଲେ। ସେଥିମଧ୍ୟରୁ ୧୦୪୮ ଜଣ ପ୍ରଥମ ଶ୍ରେଣୀରେ ପାଶ୍ କରିଥିଲେ। ଅନୁରୂପ ଭାବେ କମର୍ସରେ ମଧ ଜିଲ୍ଲାରେ ୬୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨୧ ଜଣ ପାଶ୍ କରିଥିଲେ। ପ୍ରଥମ ଶ୍ରେଣୀରେ ୧୦୫ ଜଣ ପାଶ୍ କରିଥିଲେ।

## କଳାହାଣ୍ଡିର ପୁଅ ନବରଙ୍ଗପୁର ଜିଲ୍ଲାରେ ବାଣିଜ୍ୟରେ ଟପ୍ପର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଜୟନ୍ତପୁର ପଞ୍ଚାୟତ ଏକ ରୂପାନ୍ତ ଗାଉଁଲି ଗାଁ ରଇନଗୁଡ଼ା ଗ୍ରାମର ଅତି ଗରିବ ପରିବାରର ପୁଅ ଦଳେନ୍ଦ୍ର ଦୁରିଆ ନବରଙ୍ଗପୁର ଜିଲ୍ଲାରେ ଟପ୍ପର ହୋଇଛନ୍ତି। ବୁଧବାର ଦିନ ଫଳାଫଳ ପ୍ରକାଶ ପାଇଥିବା ବେଳେ ମୋଟ ୬୦୦ରୁ ୫୨୭ ମାର୍କ ରଖି ନବରଙ୍ଗପୁର ଜିଲ୍ଲାରେ ଟପ୍ପର ହେବାରେ ସଫଳ ହୋଇଛନ୍ତି। ସେ ନବରଙ୍ଗପୁର ଜିଲ୍ଲା ଚାନ୍ଦାହାଣ୍ଡି ବ୍ଲକ୍ ଅଧିନସ୍ଥ ଧଡ଼ିପାଣି ସ୍ଥିତ



ଏସ୍ଏସ୍‌ଡି ଉଚ୍ଚତମ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ପରିବାର ଅତି ଗରିବ ହୋଇଥିବାରୁ ତାଙ୍କ ବାପା ଧୋଡିପାଣି ଆଶ୍ରମରେ ନାମ ଲେଖାଇଥିଲେ। ତେବେ ଏକାଗ୍ରତ ଓ ଧ୍ୟାନ ସହ ଦୈନିକ ୧୦-୧୨ଘଣ୍ଟା ଅଧ୍ୟୟନ ପ୍ରତି ପରିଶ୍ରମ କରିଥିବା ଦଳେନ୍ଦ୍ର ପ୍ରକାଶ କରନ୍ତି। ଏଥିପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ଗାଇଡ଼ ଯୋଗୁଁ ସଫଳତା ହାସଲ କରିଥିବା କହନ୍ତି। ଆଗକୁ ବିକମ୍ ପଢିବା ଇଛା ରଖିଥିଲେ ହିଁ ପରିବାରର ଅର୍ଥନୈତିକ ଦୁର୍ବଳତା ଯୋଗୁଁ ଏବେ ଚିନ୍ତାରେ ଥିବା ଜଣାପଡିଛି। ସରକାର ସହାୟତା ଯୋଗାଇଲେ ମେଧାବୀ ଛାତ୍ର ଜଣକ ଉଚ୍ଚଶିକ୍ଷା କରିପାରିବ ଏଥିରେ ଦ୍ୱିଧା ନାହିଁ। ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ବ୍ୟବସ୍ଥା କରିବାକୁ ପରିବାର ପକ୍ଷରୁ ଭାସ୍କର ନ୍ୟୁଜ ମାଧ୍ୟମରେ ନିବେଦନ କରିଛନ୍ତି। ଅନ୍ୟପଟେ ଦଳେନ୍ଦ୍ର ଟପ୍ପର ହୋଇଥିବା ନେଇ ପଞ୍ଚାୟତରେ ଖୁସିର ମାହଲ ପ୍ରଲକ୍ଷିତ ଦେଖାଯାଏ। ଏପରିକି ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁ ଥିବା ଦେଖା ଯାଇଛି।

# ଚତୁର୍ଥ ଜିଲ୍ଲା ଦକ୍ଷତା ପରିଷଦ ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ଜିଲ୍ଲା ଦକ୍ଷତା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜିଲ୍ଲା ଦକ୍ଷତା ପରିଷଦର ଆବାହକ ଅଜିତ କୁମାର ଉତ୍ତରାୟ ବୈଠକର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଏଥିରେ ଆଇଟିଆଇ ଏବଂ ପଲିଟେକ୍ନିକ୍‌ରେ ବାଳିକାଙ୍କ ସଂଖ୍ୟା ବଢାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ମିଶନ ଶକ୍ତି ବିଭାଗ ଓ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ନିଯୋଜନ ଅଧିକାରୀ ଏବଂ ଆଇଟିଆଇ, ପଲିଟେକ୍ନିକର ଅଧ୍ୟକ୍ଷମାନଙ୍କୁ ଅଧିକରୁ



ଅଧିକ ପରାମର୍ଶ ଶିବିର ଏବଂ ସ୍ୱଟ୍ ରେଜିଷ୍ଟ୍ରସନ୍ ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଚାଲୁଥିବା ସମସ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ନିଯୁକ୍ତି ମେଳା, ନିଯୁକ୍ତି ଅଭିଯାନର ସମୀକ୍ଷା କରିଥିଲେ ଓ ସମସ୍ତ ଅଧିକାରୀଙ୍କୁ ଏକତ୍ରିତ ହୋଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ସୂଚନା ଅନୁସାରେ ୨୦୨୨-୨୩ ବର୍ଷରେ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ନିଯୁକ୍ତି ମେଳାରେ ୬୦ଟି ବିଭିନ୍ନ ନିଯୁକ୍ତିଦାତା କମ୍ପାନୀ ଯୋଗ ଦେଇ ଜିଲ୍ଲାର ମୋଟ ୭୧୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଛନ୍ତି। ଆତ୍ମ ନିର୍ଭରଶୀଳ ଦକ୍ଷତା ବିକାଶରେ ପ୍ଲମ୍ବିଂ, ବିଉଟି କେଆର, ବାମ୍ବୁ କ୍ରାଫ୍ଟ, ଟେଲରିଂ, ୱେଲ୍ଡିଙ୍ଗ, ମୋଟର ସାଇକେଲ ମରାମତି, ଇଲେକ୍ଟ୍ରିସିଆନ, ସେଲ୍ ଫୋନ୍ ମରାମତି ଇତ୍ୟାଦିର ବ୍ୟବସ୍ଥା ରହିଛି। ସେଇଭଳି ଆଇଟିଆଇ ଏବଂ ପଲିଟେକନିକ୍ ଅନୁଷ୍ଠାନରୁ ଉତ୍ତିର୍ଣ୍ଣ ପରେ ପ୍ରାର୍ଥୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ସିଟିଟିସି ଦ୍ୱାରା ସ୍ୱଳ୍ପ ଅବଧି ଏଡଭାନ୍ସଡ୍ ଟ୍ରେନିଂ ଦିଆଯାଉଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁବ୍ରତ କୁମାର ନାୟକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳ ସଚିବ ପିତାମ୍ବର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ସରକାରୀ ପଲିଟେକ୍ନିକ, ଭବାନୀପାଟଣାର ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା, ଆଇଟିଆଇ ଅଧ୍ୟକ୍ଷ ସ୍ନେହାଶିଷ ମୁଦୁଲି, ଓର୍ମାସ ଅଧିକାରୀ ଜର୍ଜ କେର୍କେଟା, ଡିପିସି, ମିଶନ ଶକ୍ତି ଅମୃତ ପାଢୀ, ଡିପିଏମ୍, ଓଏଲ୍ଏମ୍ ପ୍ରଶାନ୍ତ ମିଶ୍ର, ବେଦାନ୍ତ ଆଲୁମିନାରୁ ଅଭିନୟ ପ୍ରତାପ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ତରଫରୁ ଉଦୟନ ମହାପାତ୍ର ଓ ଅମ୍ବୁଜ ତିୱାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦାଦନ ଖଟିବାକୁ ଯାଇ ଝିଅ ନିଖୋଜ

# ଅପହରଣ ସନ୍ଦେହ, ଥାନାରେ ଏତଲା

ନର୍ଲା, (ଭାସ୍କର ନ୍ୟୁଜ୍): ପରିବାରର ବୋଝକୁ ଟିକିଏ ଲାଘବ କରିବାକୁ ଯାଇ ଦାଦନ ଖଟୁଥିବା ଝିଅ ପୁଣି ନିଖୋଜ ହେବା ଘଟଣା ପରିବାର ପ୍ରତି ବୋଝ ଉପରେ ନଳିତା ବିଡା ହୋଇଛି। ସୁଦୂର ବିଶାଖାପାଟଣାରେ କିଛି ସାଙ୍ଗସାଥୀ ଝିଅଙ୍କ ସହ ଘଣ୍ଟମାଳ ଗ୍ରାମର ଝିଅ ରେବତୀ ଏକ କମ୍ପାନୀରେ କାମ କରୁଥିଲେ। ହଠାତ୍ ସେହି କମ୍ପାନୀରୁ ଝିଅ ନିଖୋଜ ହେବା ଘଟଣାକୁ ନେଇ ନର୍ଲା ଥାନାରେ ଏକ ଲିଖିତ ଅଭିଯୋଗ ବାପା ରାମଦାଶ କରୁଆଁ ଦେଇଛନ୍ତି। ଖବର ମତେ ନର୍ଲା ଥାନା ଅନ୍ତର୍ଗତ ଘଣ୍ଟମାଳ ଗ୍ରାମର ରାମଦାଶ କରୁଆଁଙ୍କ ଝିଅ ରେବତୀ କରୁଆଁ ନିଜ ଗାଁର କିଛି ସାଙ୍ଗସାଥୀ ଝିଅଙ୍କ ସହ ମିଶି ଆଜକୁ ପ୍ରାୟ ଦୁଇ ମାସ ତଳେ ବିଶାଖାପାଟଣାରେ ଏକ କମ୍ପାନୀରେ କାମଧନ୍ଦା କରୁଥିଲେ। ଗତ ମଇ ୧୮ ତାରିଖ ଦିନ ଉକ୍ତ କମ୍ପାନୀ ମଧ୍ୟରୁ ରେବତୀ ନିଖୋଜ ହେବା ନେଇ ସାଙ୍ଗସାଥୀ ଝିଅମାନେ ପରିବାର ଲୋକଙ୍କୁ ଖବର କରିଥିଲେ। ଏହା ପରେ ପରିବାର ଲୋକେ ବିଭିନ୍ନ ସ୍ଥାନକୁ ଖବର ପଠାଇ ଝିଅକୁ ଖୋଜାଖୋଜି କଲା ପରେ ଶେଷରେ ନର୍ଲା ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏତଲା ଅନୁଯାୟୀ ପାଖ ବୁରାଟ ଗ୍ରାମର ସୁନୀଲ ସାହୁ କୁଆଡ଼େ ଝିଅକୁ ଅପହରଣ କରିନେଇଥିବାର ସନ୍ଦେହରେ ବାପା ରାମଦାଶ କରୁଆଁ ନର୍ଲା ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିବା ବେଳେ ଅଭାବି ପରିବାର ଲୋକଙ୍କ ଉପରେ ଏବେ ଅକାଳ ଚଡକ ପଡ଼ିଛି ବୋଲି ଘରଲୋକେ କହିଛନ୍ତି।

# ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର, ରାଜ୍ୟରେ ପଞ୍ଚମ ସ୍ଥାନ



ସୁବାସ ବାଗ
ଧର୍ମଗଡ଼ ପ୍ରତିନିଧି

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ବୁଧବାର ପ୍ରକାଶ ପାଇଲା ଯୁକ୍ତ ଦୁଇ ବାଣିଜ୍ୟ ଏବଂ ବିଜ୍ଞାନ ପରୀକ୍ଷାର ଫଳାଫଳ। ସୌଜନ୍ୟ ଭାବେ କଳାହାଣ୍ଡି ପାଇଁ ସନ୍ତୋଷ ଜନକ ଭାବେ ଛାତ୍ରଛାତ୍ରୀ ଉର୍ତ୍ତିର୍ଣ୍ଣ ହୋଇଛନ୍ତି।

ଏଥିମଧ୍ୟରୁ ବାଣିଜ୍ୟରେ ମୋଟ ୬୦୦ମାର୍କରୁ ୫୫୬ ମାର୍କ ତଥା ୯୨.୬୬% ପ୍ରତିଶତ ପାଇଁ ତନିଶା ଅଗ୍ରୱାଲ କଳାହାଣ୍ଡି ଜିଲ୍ଲାରେ ଟପ୍ପର ହୋଇଥିବା ବେଳେ ରାଜ୍ୟରେ ପଞ୍ଚମ ସ୍ଥାନ ଅକ୍ତିଆର କରିଛନ୍ତି।



ଧର୍ମଗଡ଼ ସହରର ବିଜେଶ ବଂଶଲ ଏବଂ ସୀମା ବଂଶଲଙ୍କ ଝିଅ ତନୀଷା ଅଗ୍ରୱାଲ। କଳାହାଣ୍ଡିରେ ଟପ୍ପର ରାଜ୍ୟରେ ପଞ୍ଚମ ସ୍ଥାନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିବାରେ ସଫଳ ହୋଇଛନ୍ତି।

ଏହି ଖବର ସାରା ସହରରେ ଖୁସିର ମାହଲ ଖେଳି ଯାଇଛି। ତନୀଶା ଭବାନୀପାଟଣା ସ୍ଥିତ ବିକାଶ ରେସିଡେନସିଆଲ କଲେଜରେ ଅଧ୍ୟୟନ କରୁଥିଲେ।

ଏହି ସଫଳତା ପାଇଁ ତାଙ୍କୁ ସମଗ୍ର ଜିଲ୍ଲାରୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାଙ୍କ ସହ **'ଓଡ଼ିଶା ଭାସ୍କର'** ନ୍ୟୁଜ୍‌ର ସୌଜନ୍ୟ ସାକ୍ଷାତକାର...

**ପ୍ରଶ୍ନ:** ଦ୍ୱାଦଶ ପରୀକ୍ଷା ଫଳାଫଳ ବାହାରି ସାରିଛି। ଫଳାଫଳରେ ଆପଣ କେତେ ସନ୍ତୁଷ୍ଟ ?

**ତନିଶା:** ବେଶ ସନ୍ତୁଷ୍ଟ ହୋଇ ପାରିଛି। ହେଲେ କୋଉଠି ନା କୋଉଠି ପରିଶ୍ରମ କରିବାରେ ଟିକେ କମି ରହିଥିଲା। ଆଉ ଟିକେ ଅଧ୍ୟୟନ ପାଇଁ ସମୟ ଦେଇଥିଲେ ଭଲ ମାର୍କ ଆସିପାରିଥାନ୍ତା।

**ପ୍ରଶ୍ନ:** ୬୦୦ରୁ ୫୫୬ ମାର୍କ ରଖି ଜିଲ୍ଲାରେ ଟପ୍ପର। ସମ୍ଭବ ହେଲା କିପରି ?

**ତନିଶା:** ଏଥିପାଇଁ ମନବୃତ୍ତିର ଆବଶ୍ୟକ ରହିଛି। ଲକ୍ଷ୍ୟ ସାଧିତ କରିବାକୁ ହେଲେ ଅକ୍ଳାନ୍ତ ପରିଶ୍ରମ ଥିବା ଜରୁରୀ। ତାହା ସହ ଅଧ୍ୟାପକ ଅଧ୍ୟାପିକାଙ୍କ ଗାଇଡ଼ ମୋତେ ବେଶ ସହାୟତା କରିଛି।

**ପ୍ରଶ୍ନ:** ଦୈନିକ କେତେ ଘଣ୍ଟା ଅଧ୍ୟୟନ କରୁଥିଲେ ?

**ତନିଶା:** ଅଧ୍ୟୟନ କରିବା ସମୟ ସୀମା ନ ଥାଏ ତଥାପି ଦୈନିକ ୧୦-୧୨ଘଣ୍ଟା ପାଠପଢାରେ ସମୟ ଦେଉଥିଲି। ଏଥିସହ ଡାଉଟ ସବଜେକ୍ଟ ପାଇଁ ଏକ୍ସଟ୍ରା ସମୟ ଦେବାକୁ ପଡୁଥିଲା। **ପ୍ରଶ୍ନ:** ଆଗକୁ କଣ ଲକ୍ଷ୍ୟ ରଖିଛନ୍ତି ?

**ତନିଶା:** ପିଲାଦିନରୁ ଜଣେ ନିଷ୍ଠାବାନ ଓଡ଼ିଶା ପ୍ରଶାସନିକ ଅଧିକାରୀ ହୋଇ ଜିଲ୍ଲା ତଥା ରାଜ୍ୟର ସେବା କରିବା ଉଦ୍ଦେଶ୍ୟ ରହିଛି।

**ପ୍ରଶ୍ନ:** ସଫଳତାର ଶ୍ରେୟ କାହାକୁ ଯିବ ?

**ତନିଶା:** ନିଶ୍ଚିତ ଭାବେ ମୋର ଶିକ୍ଷକ ଶିକ୍ଷୟିତ୍ରୀ ସହପାଠୀ ଆଉ ବିଶେଷ କରି ବାପା ମା'ଙ୍କୁ ଦେବି। ତାଙ୍କର ପ୍ରେରଣା ଆଉ ଆଶୀର୍ବାଦ ଲାଗି ସଫଳ ହୋଇ ପାରିଛି।

**ପ୍ରଶ୍ନ:** ଶେଷରେ ଅଧ୍ୟୟନ ଛାତ୍ରଛାତ୍ରୀଙ୍କୁ କି ବାର୍ତ୍ତା ଦେବେ ?

**ତନିଶା:** ଲକ୍ଷ୍ୟ, ଏକାଗ୍ରତା ଆଉ ଧ୍ୟାନ ସହ କଠିନ ପରିଶ୍ରମ ସହ ଜଡିତ ରୁହନ୍ତୁ। ସହଜରେ ସଫଳ ପ୍ରାପ୍ତ ହେବ।

## ଭୂ-ବନ୍ଦୋବସ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍): ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ଗ୍ରାମରେ ଭୂ-ବନ୍ଦୋବସ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଧର୍ମଗଡ଼ ଉପଜିଲ୍ଲାପାଳ ବେଦ ଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି ଭୋ ବନ୍ଦୋବସ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଉପଜିଲ୍ଲାପାଳ ଉପସ୍ଥିତ ଗ୍ରାମର ସମସ୍ତ ଜନସାଧାରଣଙ୍କୁ ନିର୍ଭୁଲ ଏବଂ ଠିକ ଭାବରେ ସେଟେଲ ମେଣ୍ଟ କାର୍ଯ୍ୟ କରାଯିବ ବୋଲି ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଦୀର୍ଘ ବର୍ଷ ପରେ ଗ୍ରାମରେ ଏହି ଜମି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ହେଉଥିବାରୁ ବିଭାଗୀୟ କର୍ମଚାରୀଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ତହସିଲଦାର ସୁଭଦୀପ୍ତ। ମହାନ୍ତି, ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ଶଙ୍କର ରାୟଗୁରୁ, ସମିତି ସଭ୍ୟ ଖଲିଲ ନ ଏକ, ପ୍ରୋଜେକ୍ଟ ମେନେଜର ଅଶୋକ କୁମାର ଦାସ, ସତ୍ୟ ନାରାୟଣ ପ୍ରମୁଖ ଉପସ୍ଥିତ ରହିଥିଲେ। ଦୀର୍ଘ ବର୍ଷ ପରେ ଗ୍ରାମରେ ଏହି ସେଟେଲ ମେଣ୍ଟ କାର୍ଯ୍ୟକ୍ରମ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନୀଳକଣ୍ଠ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ଚିଲିଗୁଡା ଆର୍‌ଆଇ ସସ୍ମିତା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଦାବି ପୂରଣ ନ ହେବାରୁ ସାରା ଜିଲ୍ଲାର ଅମଲାମାନେ ଛୁଟିରେ ରହିଲେ

# ଅଫିସ କାମ ଅଚଳ, ହାତବାନ୍ଧି ବସିଛନ୍ତି ଅଧିକାରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଦାବି ପାଞ୍ଚ ନୁହେଁ କି ଦଶ, ଅନୁରୋଧ ଆଜିର ନୁହେଁ କି ମାସେ ତଳର ନୁହେଁ, ହେଲେ ନୀରବ ଦ୍ରଷ୍ଟା ସାଜିଛନ୍ତି ସରକାର। ଦାବି ମାତ୍ର ଗୋଟିଏ,'ମିଶନ୍ ଗ୍ରେଡ୍ ପେ'। ଦାବି ପୁଣି ଚାଲିଛି ୨୦୧୭ ମସିହାରୁ। ପୂରଣ ହେବ ହେବ ବୋଲି ସରକାର ଦେଲେ ଆଶ୍ୱାସନା। ହେଲେ ଦିନ ଗଡିଲା ସିନା ପ୍ରତିଶ୍ରୁତି ପୂରଣ ହୋଇପାରିଲା ନାହିଁ। ପ୍ରତିବାଦର ସ୍ୱର ତୀବ୍ରତର ହେଲା। ସାରା ରାଜ୍ୟର ଅମଲା ଶକ୍ତ ଗୋଟିଏ ସୂତାରେ ବାନ୍ଧି ହେଇଗଲା। ଯେହେତୁ ଦାବି ଗୋଟିକ ଥିଲା ସମୟ ଉପଯୋଗୀ ଏବଂ ଏଥିରେ ସାରା ରାଜ୍ୟର ଅମଲାମାନେ ଉପକୃତ ହେଉଥିଲେ ତେଣୁ ବରିଷ୍ଠ ଓ କନିଷ୍ଠ ଭେଦଭାବ ଭୁଲି ରାଜ୍ୟର ସମସ୍ତ ଅମଲା ଏଇ ଦାବିକୁ ମିଳିତ




କଣ୍ଠରେ ଦୋହରାଇଲେ। ନିଦର୍ଶନ ସ୍ୱରୂପ ଓଡ଼ିଶା ଅମଲାସଂଘ, ଓଡ଼ିଶା ରାଜସ୍ୱ ଅମଲାସଂଘ, ଓଡିଶା ଟ୍ରେଜେରୀ ଅମଲାସଂଘ, ଓଡିଶା ସବ୍ ରେଜେଷ୍ଟି ଅମଲାସଂଘମାନଙ୍କୁ ନେଇ ୪.୯.୨୩ରେ 'ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ' ଗଠିତ ହୋଇ ସରକାରଙ୍କ ଉପରେ ଦାବି ପୂରଣ ପାଇଁ ଚାପ ପକେଇଲା। ୨୧.୫.୨୩ ଦିନ ବୈଠକରେ ସ୍ଥିର ହେଲା ଦାବି ପୂରଣ ପାଇଁ ସରକାର ରାଜି ନ ହେଲେ ଅମଲା ମାନେ ପ୍ରତୀକ ଧର୍ମଘଟ କରି ପ୍ରତିବାଦ ସ୍ୱରୂପ ସେମାନେ ୨୨.୫.୨୩ ଠାରୁ ୩୧.୫.୨୩ ଠାରୁ କଳାବ୍ୟାଚ୍ ପିନ୍ଧିବେ ଓ ଯଦି ୩୧ ତାରିଖ ସୁଦ୍ଧା ସରକାର କିଛି ନ ଶୁଣନ୍ତି ତାହେଲେ ରାଜ୍ୟର ସମସ୍ତ ଅମଲାମାନେ ଜୁନ୍ ପହିଲାଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟି ନେବେ। ସେହି କ୍ରମରେ ଆଜି କଳାହାଣ୍ଡି ଜିଲ୍ଲାର ୭୫୩ ଜଣ ଅମଲା ସାମୂହିକ ଛୁଟିରେ ରହିଛନ୍ତି। କଳାହାଣ୍ଡିର ୧୩ଟି ବ୍ଲକର କାର୍ଯ୍ୟାଳୟ, ତହସିଲ, ପିଡବ୍ଲୁଡି, ଏମ୍‌ଆଇ, ବିଭିନ୍ନ ଡାକ୍ତରଖାନାର ଅମଲମାନେ ଏମିତି କି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅମଲାମାନେ ମଧ ଧର୍ମଘଟରେ ସାମିଲ ହୋଇଛନ୍ତି। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଭୋଗ କରୁଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହରେ ଗ୍ରାମାଞ୍ଚଳରୁ ଲୋକମାନେ ବିଭିନ୍ନ ଅଫିସ କାମ ପାଇଁ ଗାଁ ଗହଳିରୁ ଆସି ଖରାରେ ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଜମି ରେଜିଷ୍ଟ୍ରେସନ୍ ଅଫିସ, ଆର୍‌ଟିଓ ଅଫିସ, କଲେଜ ସ୍କୁଲ୍‌ର କାର୍ଯ୍ୟାଳୟ ଖାଁ ଖାଁ। ଏ ଧର୍ମଘଟ ଯେ କେତେଦିନ ଚାଲିବ ଓ ଅଫିସ କାମ ଯେ କେବେ ସ୍ୱାଭାବିକ ହେବ ସେକଥା କେହି କହି ପାରୁ ନାହାଁନ୍ତି। ଏବେ ସରକାରୀ ଭାବେ କଣ ନିଷ୍ପତ୍ତି ନିଆଯିବ ତାହା ଉପରେ ସମସ୍ତଙ୍କ ଆଖି। ତେବେ ବୁଦ୍ଧିଜୀବୀମାନଙ୍କ କହିବା କଥା ହେଲା ସରକାର ଖୁବଶୀଘ୍ର ଅମଲାମାନଙ୍କ ଦାବିକୁ ମାନିନେବା ଦରକାର।

## ରାଶିଫଳ

ଶୁକ୍ରବାର, ୦୨ ଜୁନ୍ ୨୦୨୩



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ। ଆୟ ଅପେକ୍ଷା ଅଧିକ ବ୍ୟୟ ହେବ। ବ୍ୟପାରରେ ହାନି ସ୍ଥିତି ରହିବ। କୌଣସି କାମରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ। ବ୍ୟପାରିକ ଯାତ୍ରା ସଫଳ ରହି ପାରେ। ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ। ସୁଖ ସାଧନ ଉପରେ ଖର୍ଚ୍ଚ ହେବ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ମହିଳା ମିତ୍ରର ସାହାର୍ଯ୍ୟ କରି ପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ। ପିଲାମାନେ ଆପଣଙ୍କୁ ଘରର କାମ କାର୍ଯ୍ୟରେ ସାହାର୍ଯ୍ୟ କରିବେ। ପୂର୍ବରୁ କରିଥିବା କାମରେ ବର୍ତ୍ତମାନ ଲାଭ ମିଳିବ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ। ଆୟ ବ୍ୟୟରେ ସନ୍ତୁଳନ ରହିବ। ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ। ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ। କାହାର ଅପେକ୍ଷା କରନ୍ତୁ ନାହିଁ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ। ଆର୍ଥିକ ସମସ୍ୟା ଆସିବ। ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିପାରେ। ବ୍ୟୟ ଅଧିକ ହେବ। କୌଣସି ଖବର ମିଳିପାରେ। କୌଣସି ବି ଝଗଡ଼ାରେ ଭାଗୀଦାରୀ ହୁଅନ୍ତୁ ନାହିଁ। କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ। ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ। ଘର ପରିବାରରେ କିଛି ସ୍ଥିତି ଖରାପ ହୋଇପାରେ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ। ମିତ୍ରଙ୍କୁ ନିଜର ଦୁଃଖ ବ୍ୟଥା କୁହନ୍ତୁ। ଘରର କିଛି ପରିସ୍ଥିତି ଖରାପ ହୋଇପାରେ। ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି। ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ। ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ। ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ। ବାହାରକୁ ଯାଆନ୍ତୁ ନାହିଁ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ। ବିଦ୍ୟାଧାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି। ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ। ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ। ସମୟ ଅନୁକୂଳ ରହିବ। ଭରପୁର ପ୍ରୟାସ କରନ୍ତୁ। କୌଣସି ନୂଆ କାର୍ଯ୍ୟ ଆରମ୍ଭ ହୋଇପାରେ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। ଜୋଖିମ ଉଠାନ୍ତୁ ନାହିଁ। କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ। ଚାକିରି ଯାଇ ପାରେ। ଆକସ୍ମିକ ଧନଲାଭ ହୋଇପାରେ। ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ। ଆୟର ନୂତନ ସ୍ରୋତ ମିଳିପାରେ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ଉତ୍ସାହ ବର୍ଦ୍ଧକ ସୂଚନା ପ୍ରାପ୍ତ କରିବେ। କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢିବ। ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ। ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ। ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ। ବ୍ୟାପର ବ୍ୟବସାୟ ଭଲ ଚାଲିବ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢିବ। ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ। ଏକ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ। ଅଟକିଥିବା ଟଙ୍କା ମିଳିବ। ଆର୍ଥିକ ଅବସ୍ଥା ଭଲ ହୋଇଯିବ। ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ। ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୁରା ହେବ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ। ଧର୍ମ ପ୍ରତି ଆସ୍ଥା ବଢିବ। ପୂଜା ପାଠରେ ମନ ଲାଗିବ। ରାଜକୀୟ ସହଯୋଗ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଲାଭରେ ବୃଦ୍ଧି ହେବ। ପାରିବାରିକ ସହଯୋଗ ପ୍ରାପ୍ତ ହେବ। ନିଜର ଚିନ୍ତାକକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାର୍ଯ୍ୟ ନିଅନ୍ତୁ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ। ଦୁର୍ଘଟନାର ସମ୍ଭାବନା ଅଛି। କିଛି କାର୍ଯ୍ୟ ଖରାପ ହୋଇପାରେ। ବିବାଦକୁ ବଢାନ୍ତୁ ନାହିଁ। ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ। ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ। ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ। ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ। ଧନ ପ୍ରାପ୍ତି ସୁଗମ ହେବ। ଭୂମି ଭବନ କାର୍ଯ୍ୟ ହେବ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ। ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ। ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ। ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ। ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ। ଜୋଖିମ ଉଠାନ୍ତୁ ନାହିଁ। ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ। ଆର୍ଥିକ ଉନ୍ନତି ପାଇଁ ଯୋଜନା କରି ପାରନ୍ତି।



ପ୍ରସ୍ତୁତିରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର



ଧାମନଗର,(ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୫ବର୍ଷ ହେଲା କାର୍ଯ୍ୟରତ ଶିକ୍ଷକ ନାରାୟଣ ପତି ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୩୫ବର୍ଷର ଶିକ୍ଷକତା ନିର୍ଦ୍ଦିଷ୍ଟ ଗୋଟିଏ ବିଦ୍ୟାଳୟରେ କରିଥିବାରୁ ଉକ୍ତ ଶିକ୍ଷାନୁଷ୍ଠାନରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଶୃଙ୍ଖଳା ରକ୍ଷା କରିବାରେ ଶ୍ରୀଯୁକ୍ତ ପତିଙ୍କର ଯଥେଷ୍ଟ ଅବଦାନ ରହିଛି । ଉକ୍ତ ବିଦାୟକାଳୀନ ସମ୍ବର୍ଦ୍ଧନାରେ ମାନନୀୟ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ହରେକୃଷ୍ଣ ପାଢ଼ୀ, ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ପତି ଅବସର ନେଇଥିବା ଶ୍ରୀ ପତିଙ୍କ ଅବଶିଷ୍ଟ ଜୀବନ ସୁଖମୟ ହେଉ ବୋଲି କହିଛନ୍ତି । କୋରୁଆ ଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ମଲ୍ଲିକ, ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର ସାହୁ, ପଦ୍ମଲୋଚନ ମିଶ୍ରଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଶ୍ରୀ ପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ପରିଚାଳନା କମିଟି ଏବଂ ପୁରାତନ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।

## ଇବ ବ୍ରିଜ ଠାରେ ଦ୍ୱିତୀୟ ବ୍ରିଜ ନିର୍ମାଣ ଦାବି ତେଜିଲା




ବ୍ରଜରାଜନଗର,(ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ଜାତୀୟ ରାଜପଥ ୪୯ ଝାରସୁଗୁଡା-ଗାନ୍ଧୀଛକ ରାସ୍ତାର ଇବ ବ୍ରିଜ ଠାରେ ଗୁରୁବାର ସକାଳ ୭ରୁ ସ୍ଥାନୀୟ ଅଧିବାସୀମାନେ ରାଜପଥ ନିକଟରେ ବସି ପ୍ରତୀକ ଧାରଣା ଦେଇ ଥିଲେ । ପୋଲିସ ବୁଝାସୁଝା କଲା ପରେ ମଧ୍ୟ ଉଠି ନଥିଲେ। ଦାବି ଥିଲା ଇବ ବ୍ରିଜ ୫୬ ବର୍ଷରୁ ଉର୍ଦ୍ଧ୍ୱ ହୋଇ ଭାଙ୍ଗିବା ଅବସ୍ଥାରେ ଥିଲେ ମଧ୍ୟ ଦ୍ୱିତୀୟ ବ୍ରିଜ ନିର୍ମାଣ କରାଯାଉ ନାହିଁ । ସରକାର ଏଠାରୁ କୋଟି କୋଟି ଟଙ୍କା ଟିକସ ନେଲା ପରେ ମଧ୍ୟ ବ୍ରିଜ ନିର୍ମାଣ ନକରିବା ଦୁଃଖ ଓ ପରିତାପର ବିଷୟ । ବ୍ରିଜ ନିର୍ମାଣ ବେଳେ ଏହି ବ୍ରିଜ ଉପରେ ମାତ୍ର ୨୦ଟନ ଓଜନ ଧରି ଯାନ ବାହାନ ଯିବାବେଳେ ଏବେ ୧୦୦ ଟନ ନେଇ ଯିବା ଆସିବା କରୁଛି । ଜିଲ୍ଲାର କଳ କାରଖାନାମାନଙ୍କୁ କୋଇଲା ପରିବହନ ବଡ଼ ବଡ଼ ମେସିନ ନେବା ଆଣିବା ଫଳରେ ବ୍ରିଜ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ବ୍ରିଜ ଉପରେ କୌଣସି ଗାଡି ଦୁର୍ଘଟଣା ହେଲେ ଦିନ ସାରା ଉଭୟ ପକ୍ଷରେ ଗାଡି ଅଟକି ରହୁଛି । ବୁର୍ଲାକୁ ଗୁରୁତର ରୋଗୀଟିଏ ଯିବାକୁ ମଧ୍ୟ ବାଟ ନାହିଁ । ଏପରି ଅନେକ ସମସ୍ୟା ଦ୍ୱିତୀୟ ବ୍ରିଜ ନଥିବାରୁ ହେଉଛି । ତେଣୁ ଦ୍ୱିତୀୟ ବ୍ରିଜ ନିର୍ମାଣ ଅତି ଜରୁରୀ । ଆନ୍ଦୋଳନ ସକାଳ ୭ ରୁ ୯ ପର୍ଯ୍ୟନ୍ତ ଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡା ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏନଏଚ ୪୯ ଅଧିକାରୀଙ୍କୁ ଡକାଇଲେ ପରେ ଏନଏଚ ୪୯ ଝାରସୁଗୁଡା ଏସଡ଼ିଓ ଦିଲୀପ ମେହେର ଆସି ଦାବିପତ୍ର ଗ୍ରହଣ କରି ଆଗାମୀ ଦିନରେ ଏନଏଚଆଇ ପକ୍ଷରୁ ବ୍ରିଜ ନିର୍ମାଣ କରାଯିବା ଉପରେ ସ୍ପଷ୍ଟୀକରଣ ଦେଇଥିଲେ । ପରେ ଆନ୍ଦୋଳନ ସମାପ୍ତ ହୋଇ ଥିଲା । ସ୍ଥାନୀୟ ଗ୍ରାମବାସୀ ପକ୍ଷରୁ ଶୈଳବାଳା ପ୍ରଧାନ, ପ୍ରଣବ ମିଶ୍ର, ସୁନୀଲ ସାହୁ, ନିର୍ମଳ ସାହୁ, ସୁନୀଲ ପ୍ରଧାନ, ବିଜୟ ପାଣି, ରଘୁ ମଣି ସାହୁ, ଆଦିତ୍ୟ ପ୍ରଧାନ, ଲୋକନାଥ ସାହୁ, ଭୁବନେଶ୍ୱର ପ୍ରଧାନ, ସରୋଜ ପ୍ରଧାନଙ୍କର ନେତୃତ୍ୱରେ ବହୁ ଗ୍ରାମବାସୀ ଥିଲେ । ସୂଚନାଯୋଗ୍ୟ ଯେ ଯଦି ଆଗାମୀ ଦିନରେ ବ୍ରିଜ ନିର୍ମାଣ ନେଇ ଟାଳଟୁଳ ନୀତି ହେଲେ ଆନ୍ଦୋଳନ ଆହୁରି ଭୟଙ୍କର ହେବ ବୋଲି ଆନ୍ଦୋଳନକାରୀ ଚରମ ବାଣୀ ଶୁଣେଇଛନ୍ତି । ସ୍ଥାନୀୟ ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ଗାନ୍ଧିଛକ ଫାଣ୍ଡି ଅଧିକାରୀ ପ୍ରମୁଖ ଅନେକ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ ।

## ସମବାୟ ବିଭାଗ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଜିଲ୍ଲାନାସୀ ପଞ୍ଚାୟତ ବରିହାଡିଆ ଗ୍ରାମରେ ଗତ ୨୬ ତାରିଖ ବିଳମ୍ବିତ ରାତିରେ ବଜ୍ରପାତ ଘଟି ରାଧେଶ୍ୟାମ ପରିଡ଼ା, ଗୌରାଙ୍ଗ ପରିଡ଼ା, ମଥୁରୀ ପରିଡ଼ାଙ୍କ ୩ ବଖରା ଘର ସମେତ ଗୁହାଳ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଫଳରେ ରାଧେଶ୍ୟାମଙ୍କର ଘରର ଆସବାସପତ୍ର ସମ୍ପୂର୍ଣ୍ଣ ପୋଡିଯାଇଥିବା ବେଳେ ମଥୁରୀଙ୍କ ପରିବାରର ୨ ଜଣ ସଦସ୍ୟ ପୋଡିହୋଇ ଗୁରୁତର ଆହତ ହୋଇଥିଲେ। ଗୁରୁତର ବ୍ୟକ୍ତିମାନେ ଏବେ କଟକ ବଡ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଜଣାପଡ଼ିଛି। ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟଙ୍କ ନିର୍ଦ୍ଦେଶ କ୍ରମେ ସମବାୟ ବିଭାଗ ପକ୍ଷରୁ ମହଲାସାହି ସେବା ସମବାୟ ସମିତିର ସଭାନେତ୍ରୀ ସୁବାସିନୀ କର, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଲିଃ ଉପ-ସଭାନେତ୍ରୀ ଆରତି ମହାନ୍ତିଙ୍କ ନେତୃତ୍ୱରେ ଅଗ୍ନି ବିପନ୍ନଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆହାତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ସମବାୟ ବ୍ୟାଙ୍କ୍ ମୁଖ୍ୟ ପରିଚାଳକ ସୁଜିତ୍ କୁମାର ଦାସ, ମହଲାସାହି ସେବା ସମବାୟ ସମିତିର ସମ୍ପାଦକ ଶତ୍ରୁଘ୍ନ ବାରିକ, ବିଜେଡି ନେତା ବିଷ୍ଣୁପ୍ରସାଦ କର, ସମାଜସେବୀ ଶରତ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ପରିଡ଼ା, ଆଦିତ୍ୟ ରାଉତ, ଅଲେଖ ପରିଡ଼ା ଓ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ରବୀନ୍ଦ୍ର ପାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ଆଜି ଆଳିଶି ଶାସନ ପଞ୍ଚାୟତ ଅନ୍ତର୍ଗତ ଭଇରିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ପାଳଙ୍କ ପାଇଁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜଣେ ଲୋକପ୍ରିୟ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ତାଙ୍କୁ ଯଥୋଚିତ ଅବସର ସମ୍ବର୍ଦ୍ଧନା ବିଦ୍ୟାଳୟ ଓ ଗ୍ରାମବାସୀ ଙ୍କ ତରଫରୁ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ଶୈଳାଧିରାଜତନୟା ଶତପଥୀ, ସହ ଶିକ୍ଷା ଅଧିକାରୀ ସରୋଜିନୀ ପାଣିଗ୍ରାହୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିକ୍ରମ କୁମାର୍ ଦାସ, କିଶୋର ଚନ୍ଦ୍ର ମହାରଥା, ବାଲିଅନ୍ତା ସହ ଶିକ୍ଷା ଅଧିକାରୀ କୁନି ଦେଇ ଯୋଗ ଦେଇଥିଲେ। ଜଗନ୍ନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁଦର୍ଶନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରମାରଞ୍ଜନ ଦାସ, ନିରଞ୍ଜନ ନାୟକ, ଘନଶ୍ୟାମ ସେଠୀ ପ୍ରମୁଖ ଶ୍ରୀ ପାଳଙ୍କର ଶିକ୍ଷକ ଜୀବନର ଅନୁଭୂତି ବର୍ଣ୍ଣନା କରିଥଲେ।

## ଛତ୍ରପୁର ରୋଟାରୀ କ୍ଲବ ପରିଦର୍ଶନ କଲେ ଜିଲ୍ଲା ଗଭର୍ଣ୍ଣର




ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ରୋଟାରୀ କ୍ଲବକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ପ୍ରଭୁଦତ୍ତ ସୁବୁଦ୍ଧି ଛତ୍ରପୁର ରୋଟାରୀ କ୍ଲବ ପରିଦର୍ଶନରେ ଆସିଥିଲେ । ଅନୁଷ୍ଠିତ ସାମାରୋହରେ ଅନୁଷ୍ଠାନର ଆଭିମୁଖ୍ୟ ଏବଂ ବିଭିନ୍ନ ଜନସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ଛତ୍ରପୁରର ରୋଟାରୀୟାନମାନଙ୍କୁ ସାଧୁବାଦର ସହ ଶ୍ରୀ ସୁବୁଦ୍ଧି କ୍ଲବର କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଛତ୍ରପୁର ରୋଟାରୀ କ୍ଲବର ସଭାପତି ଏମ୍. ଧନଞ୍ଜୟ ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ରୋଟାରୀ ଗଭର୍ଣ୍ଣର ଶ୍ରୀ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଟାରିୟାନମାନଙ୍କୁ ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟରେ ସମସ୍ତେ ଏକାଠି ହୋଇ ସାମୂହିକ କାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହା ସାଙ୍ଗକୁ ଛତ୍ରପୁର ରୋଟାରୀ କ୍ଲବ ପରିସରରେ ଏକ ଚକ୍ଷୁ ପରୀକ୍ଷା କେନ୍ଦ୍ର ସ୍ଥାପନ କରିବା ନିମନ୍ତେ ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଛତ୍ରପୁର ସହରର ସମାଜସେବୀ ଡମ୍ବରୁଧର ସାହୁ ଓ ଓକିଲ ପଦ୍ମଚରଣ ସାହୁଙ୍କ ସହଧର୍ମିଣୀ ଗୋଲାପୀ ସାହୁ ନୂତନ ସଦସ୍ୟ ଭାବେ ସଂଶ୍ଳିଷ୍ଟ ହେଲେ । ଜିଲ୍ଲା ରୋଟାରୀ ଗଭର୍ଣ୍ଣର ଆନୁଷ୍ଠାନିକ ଭାବେ ତାଙ୍କୁ ପଦକରେ ସମ୍ମାନୀତ କରି ସଭ୍ୟ ଭୁକ୍ତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆସିଷ୍ଟାଣ୍ଟ ଗଭର୍ଣ୍ଣର ଅସିତ୍ ଦତ୍ତ, ରୋଟାରୀୟାନ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୁରଜିତ ସାମନ୍ତରାୟ, ନିରଞ୍ଜନ ପାତ୍ର, ହାଇକୋର୍ଟ ଓକିଲ ପଦ୍ମଚରଣ ସାହୁ, ରମଣୀ ରଞ୍ଜନ ସାହୁ, ବିଘ୍ନେଶ୍ୱର ରଥ, ନିରୋଦ ନାୟକ, ଏସ୍. ରେଖା ମହାନ୍ତି, ସ୍ମରପ୍ରିୟା ପଲାଇ, ସ୍ୱାଗତିକା ସାମନ୍ତରାୟଙ୍କ ସମେତ ବହୁ ସଭ୍ୟସଭ୍ୟା ଉପସ୍ଥିତ ଥିଲେ । ଶେଷରେ ରୋଟାରୀ କ୍ଲବର ସମ୍ପାଦକ ଇ. ନାଗେଶ୍ୱର ରାଓ ଧନ୍ୟବାଦ ଦେଇଥିଲେ ।

## କଦଳୀବଣ ଚାଷୀଙ୍କ ପାଳିଘରକୁ ପୋଡ଼ିଦେଲେ ଦୁର୍ବୃତ୍ତ

ଏରସମା,(ଭାସ୍କର ନ୍ୟୁଜ୍): ଏରସମା ତହସିଲ ଅଧୀନ ଅନ୍ଧାରୀ ରାଜସ୍ୱ ନିରୀକ୍ଷକଙ୍କ କଦଳୀ ବଣ ମୌଜାରେ ଥିବା ନୂଆଗାଁ ଚାଷୀଙ୍କ ପାଳିଘରକୁ କେହି ଦୁର୍ବୃତ୍ତ ବିଳମ୍ବିତ ରାତ୍ରିରେ ନିଆଁ ଲଗାଇ ଜାଳିଦେଇଥିବା ଜଣାପଡିଛି। ସୂଚନାନୁସାରେ, କଦଳୀ ବଣ ଓ ପଇଁଛି ମଣିଆ ମୌଜା ଲୁଣାବନ୍ଧ ରାସ୍ତାରେ ଅନେକ ଦିନ ଧରି କୁଜଙ୍ଗ ବ୍ଲକ ଗଣ୍ଡକୀପୁର ମୌଜାର କିଛି ମତ୍ସଜୀବୀ ରାସ୍ତା ମଝିରେ ଘର କରି ରାସ୍ତା ଅବରୋଧ କରିଥିଲେ। ଏନେଇ ଗତ ଏପ୍ରିଲ ୨୫ ତାରିଖରେ କଦଳୀ ବଣର ଚାଷୀ ଏରସମା ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ପରେ ଲୁଣା ଘେରିବନ୍ଧର ବରିଷ୍ଠ ଅଧିକାରୀ ଓ ଏରସମା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ଉପସ୍ଥିତ ରହି ରାସ୍ତା ଅବରୋଧକୁ ହଟାଇଥିଲେ। ସେହିଦିନ ଠାରୁ ଚାଷୀ ଓ ମତ୍ସଜୀବୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ, ଚାଷୀଙ୍କ ପାଳିଘର ନିଆଁ ଲଗାଇଦେଇଛି। ଏହି ଘଟଣାରେ ୨ ବଖରା ଘର ଓ କିଛି ଚାଷ ସରଞ୍ଜାମ ପଡିଯାଇଥିବା ଜଣାପଡିଛି। ଚାଷୀ ମାନେ ଅଗ୍ନିଶମ ବିଭାଗକୁ ଟେଲିଫୋନ କରିଥିଲେ। କୁଜଙ୍ଗ ଓ ଏରସମା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ୨ ବଖରା ଘର ଓ କୃଷି ସରଞ୍ଜାମ ପୋଡି ପାଉଁଶ ହୋଇଯାଇଥିଲା।

## ବ୍ଲକ ଶିକ୍ଷା ବିଭାଗ ଏବଂ ପରିମଳ ଫାଉଣ୍ଡେସନ ପକ୍ଷରୁ ପରାମର୍ଶ ଶିବିର

ଝରୀଗାଁ, (ଭାସ୍କର ନ୍ୟୁଜ୍) : ଝରୀଗାଁ ବ୍ଲକ ଶିକ୍ଷାବିଭାଗ ଏବଂ ପରିମଳ ଫାଉଣ୍ଡେସନ ଆନୁକୂଲ୍ୟରେ ଝରୀଗାଁ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପରାମର୍ଶ ଶିବିର ଜରିଆରେ ବିଦ୍ୟାଳୟ ପରିତ୍ୟାଗ କରି ରହିଥିବା ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବପିଢିଙ୍କୁ ଏକ ସୁଯୋଗ ଦିଆଯାଇଛି। ଯୁବପିଢ଼ିଙ୍କ କିଭଳି ଦକ୍ଷତା ବୃଦ୍ଧି ସାଙ୍ଗକୁ ଯୁବପିଢ଼ି କିଭଳି ସ୍ୱାବଲମ୍ବୀ ହୋଇପାରିବେ ଏହା ହେଉଛି ଏହି ପରାମର୍ଶ ଶିବିରର




ଆଭିମୁଖ୍ୟ। ଏହି ପରାମର୍ଶ ଶିବିରରେ ମୋଟ ୮ଟି ଟ୍ରେଡ଼ ପାଇଁ ଧନ୍ଦାମୂଳକ ତାଲିମ ଯୋଗେଇ ଦେବାର ବ୍ୟବସ୍ଥା ରହିଥିବା ବେଳେ ଚଳିତ ଦିନ ମୋଟ ୫୩ ଜଣଙ୍କୁ ସେମାନଙ୍କ ଦକ୍ଷତା ଏବଂ ଚାହିଦା ମୁତାବକ ତାଲିମ ଯୋଗାଇ ଦେବା ଲାଗି ଲକ୍ଷ୍ୟ ରଖାଯାଇଥିଲା, ତେବେ ଇଚ୍ଛୁକ ୧୯ଜଣ ଯୁବକ/ଯୁବତୀ ତାଲିମ ପାଇଁ ନାମ ପଞ୍ଜିକରଣ କରିଥିଲେ। ତେବେ କୃଷି, ଅଟୋ ମୋବାଇଲ, ସୌନ୍ଦର୍ଯ୍ୟ ଏବଂ ସୁସ୍ଥତା, ନିର୍ମାଣ କାର୍ଯ୍ୟ, ଇଲେକ୍ଟ୍ରୋନିକ ଏବଂ ହାର୍ଡୱେର, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ପ୍ଲମ୍ବର, ଟେଲରିଂ ଭଳି ୮ଟି ଟ୍ରେଡ଼ ରହିଥିବା ସ୍ଥଳେ ଅଟୋମୋବାଇଲରେ ୩ଜଣ ପୁଅ, ଇଲେକ୍ଟ୍ରିକାଲରେ ୬ଜଣ ପୁଅ, ନିର୍ମାଣ କାର୍ଯ୍ୟରେ ୩ଜଣ ପୁଅ ଏବଂ ଟେଲରିଂରେ ୭ଜଣ ଝିଅଙ୍କ ନାମ ପଞ୍ଜିକରଣ ହୋଇଛି। ତେବେ କୁହାଯାଉଛି କି ଏହି ପରାମର୍ଶ ଶିବିର ଜରିଆରେ ଯୁବପିଢିଙ୍କ ଦକ୍ଷତା ବୃଦ୍ଧି ସାଙ୍ଗକୁ ସେମାନଙ୍କ ଯୋଗ୍ୟତା ମୁତାବକ ନିଯୁକ୍ତିର ମଧ୍ୟ ସମ୍ଭାବନା ରହିଛି । ଆଜି ଏହି ପରାମର୍ଶ ଶିବରଟି ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପରିମଳ ଫାଉଣ୍ଡେସନର ଚୈତନ୍ୟ ପଟେଲଙ୍କ ସମେତ ଝରୀଗାଁ ବ୍ଲକ ଶିକ୍ଷା ବିଭାଗର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦଶରଥ ଗଣ୍ଡ, ସୁରେନ୍ଦ୍ର ନାଥ ନାୟକ, ବଳଭଦ୍ର ବିଶୋଇ ଏବଂ ସିଆରସିସି କ୍ଷମା ହରିଜନଙ୍କ ସମେତ ପଦାରବିନ୍ଦ ମହାଳିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାର ସଠିକ ପରିଚାଳନା କରିଥିଲେ ।

## ଆରମ୍ଭ ହେଲା ମିଳିତ ଅମଲା ମଞ୍ଚ ଆନ୍ଦୋଳନ



ଜୟପୁର, (ଭାସ୍କର ନ୍ୟୁଜ୍) : ଆଜି ଜୟପୁର ଉପଖଣ୍ଡର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଅମଲାମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ସରକାର ଅମଲାମାନଙ୍କ ଏକମାତ୍ର ଦାବି କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ ୩୫ ଗୋଟି ବିଭାଗର ସମସ୍ତ ଅମଲାମାନେ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିବା ସହିତ ଜୁନ ୧ ତାରିଖ ଠାରୁ ସମୂହ ଛୁଟିରେ ରହିଥିବା ସଂଘ ପକ୍ଷରୁ ସୂଚନା ମିଳିଛି । ଶ୍ରୀ ଶଶିଭୂଷଣ ଦାଶ ସଭାପତି ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନକ୍ରମେ ଜୟପୁର ଉପଖଣ୍ଡରେ କାର୍ଯ୍ୟରତ କୋଷାଧ୍ୟକ୍ଷ ବିଭାଗ, ଉପନିବନ୍ଧକ ବିଭାଗ, ରାଜସ୍ୱ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜଙ୍ଗଲ ବିଭାଗ, ଜଳ ସେଚନ ବିଭାଗ ସମେତ ୩୫ଟି ବିଭାଗର ଅମଲାମାନେ ଜୟନଗର ସ୍ଥିତ ସଙ୍ଗମ କଲ୍ୟାଣ ମଣ୍ଡପ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି । ଜୟପୁର ଉପଖଣ୍ଡ ଅନ୍ତର୍ଗତ ବୈପାରିଗୁଡା, କୁନ୍ଦୁରା, କୋଟପାଡ଼ ବୋରିଗୁମ୍ମା ସମେତ ଜୟପୁରର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଅମଲାମାନେ ଯୋଗଦାନ କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ ସରକାର ଯେ ପର୍ଯ୍ୟନ୍ତ ଦାବି ପୁରଣ ନକରିଛନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଜଣାପଡିଛି । ଅମଲାମାନେ ସମୂହ ଛୁଟିରେ ରହିବା ଦ୍ୱାରା ସରକାରୀ କାର୍ଯ୍ୟରେ ବାଧା ଉପୁଜିବା ସହିତ ଜନସାଧାରଣ ମଧ୍ୟ ଅସୁବିଧାର ଶିକାର ହେବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପ୍ରଧାନଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ସାଉରିଆ ପଞ୍ଚାୟତ ଅଧୀନ କୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପ୍ରଧାନଶିକ୍ଷକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ ଏକ ଭାବ ଗମ୍ଭୀର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ମୁଦୁଲିଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ବ୍ରହ୍ମଗିରୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବଳିୟାରସିଂହ, ଅବସରପ୍ରାପ୍ତ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ସତ୍ୟବାଦୀ ସହମଣ୍ଡଳ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ଉପାଧ୍ୟାୟ, ସାଉରିଆ ପଞ୍ଚାୟତ ସମିତି ସଭ୍ୟା ଅନ୍ନପୂର୍ଣ୍ଣା ରଣଜିତ୍, ପ୍ରାକ୍ତନ ସମିତି ସଭ୍ୟ ଦୁଷ୍ମନ୍ତ କୁମାର ପାଟଶାଣୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ କୁମାର ସ୍ୱାଇଁ, ଉଦୟ ନାଥ ମେଷ୍ଟା, ନାରାୟଣ ପାତ୍ର, ଗୋଦାସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାପାତ୍ର, ଶିକ୍ଷକ ନରେନ୍ଦ୍ର ଜଗଦେବ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଲକ୍ଷ୍ମୀଧର ଜେନା, ପ୍ରାଥମିକ ଶିକ୍ଷକ ସଂଘ ପୂର୍ବତନ ସଭାପତି ପ୍ରହ୍ଲାଦ ସ୍ୱାଇଁ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ପାଟଶାଣୀ, ଯୁବ ସମାଜସେବୀ ଲିଳେନ୍ଦ୍ର ଜେନା, ଅବସରପ୍ରାପ୍ତ ସହକାରୀ ଶିକ୍ଷକ ମିଟୁ କିଶୋର ପ୍ରଧାନ, ପୁରୀ ନିମାପଡ଼ା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ପୁରାତନ ଛାତ୍ର ଚିତ୍ରସେନ ନିଶଙ୍କ, ପୁରାତନ ଛାତ୍ର ଦାଶରଥି ନିଶଙ୍କ ଓ ଶତ୍ରୁଘ୍ନ ବଳିୟାରସିଂହ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠା, ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ଆଦି ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଶିକ୍ଷକ ସୁଧୀର କୁମାର ଜେନା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ବସନ୍ତ କୁମାର ସେଠୀ ଓ ସୁରେନ୍ଦ୍ର କୁମାର ନାୟକ ମିଳିତ ଭାବେ କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ହରିଚନ୍ଦନ ଉତ୍ସବ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଆଲୋଚନା ମାଧ୍ୟମରେ ବିଦ୍ୟାଳୟର ସମସ୍ତ ସମସ୍ୟା ପୂରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ଶ୍ରୀ ମହାରଥୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ଘୋରଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ଶିକ୍ଷକ କୁଣ୍ଟୁଲୁ ଧବଳେଶ୍ୱର, ପୁରାତନ ଛାତ୍ର ଗଙ୍ଗାଧର ନିଶଙ୍କ ଓ ମେଧାବୀ ଛାତ୍ର ବିଶ୍ୱଜିତ୍ ଜେନାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦାୟୀ ପ୍ରଧାନଶିକ୍ଷକ ଦୀନବନ୍ଧୁ ମୁଦୁଲିଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ପୂରାତନ ଛାତ୍ରଛାତ୍ରୀ, ଅଭିଭାବକ ଓ ସହକର୍ମୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଲଲାଟ କେଶରୀ ପାଇକରାୟ, ବସନ୍ତ କୁମାର ପାଟଶାଣୀ,ଓକିଲ ଜେନା, ଚିତ୍ତରଞ୍ଜନ ଜେନା, ପ୍ରଦୀପ ପାଇକରାୟ, ଅଜୟ ମାର୍ଥା, ବିଭୂତି ଭୂଷଣ ହରିଚନ୍ଦନ ଓ ଦିଲ୍ଲୀପ କୁମାର ବେହେରାଙ୍କ ସମେତ କୁଆପଦା ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହଯୋଗ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀତା ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଶିଫଳ

**ଶୁକ୍ରବାର, ୨ ଜୁନ୍ ୨୦୨୩**



**ମେଷ:** ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।



**ବୃଷ:** ଆଜି କାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସହ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



**ମିଥୁନ:** କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆଜି ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।



**ସିଂହ:** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ବନ୍ଧୁଙ୍କ ମାଧ୍ୟମରେ ଅଭିଳାଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।



**କନ୍ୟା:** ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ। ଏଥିରେ ଆଦୌ ସନ୍ଦେହ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ।



**ତୁଳା:** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ। ପାରିବାରିକ କଳହ ଦୂରିଭୁତ ହେବ।



**ବିଛା:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି। ପାରିବାରିକ କଳହ ଦୂରିଭୁତ ହେବ। କିଛି ପରିବାରର ସଦସ୍ୟମାନଙ୍କୁ ଅଳ୍ପ ଅସୁବିଧାର ସାମ୍ନା କରିବାକୁ ପଡିପାରେ।



**ଧନୁ:** ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ବ୍ୟାପାରରେ ନୂଆ ଅନୁବନ୍ଧ ହୋଇପାରେ । ଉତ୍ସାହର ସହିତ କାର୍ଯ୍ୟ କରିବେ ।



**ମକର:** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି। ଦୁର୍ଘଟଣା ଦ୍ୱାରା ଶାରୀରିକ ହାନି ହୋଇପାରେ। କୌଣସି ପ୍ରକାରର ଝଗଡା କରନ୍ତୁ ନାହିଁ।



**କୁମ୍ଭ:** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ସାବଧାନ ରୁହନ୍ତୁ ।



**ମୀନ:** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଯିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



ଶ୍ରୀପତି ଉବାଚ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଗୋଟିଏ ହାତରେ ଠେଙ୍ଗା, ଅନ୍ୟ ହାତରେ ଟର୍ଚ୍ଚ ଲାଇଟ୍, କିଟିକିଟି ଅନ୍ଧାର ରାତିରେ ଉଜାଗର ରହି ଗାଁ କୁ ସୁରକ୍ଷା ଦେଉଛନ୍ତି ଲୋକେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମୁଦୁଗଲ ଗ୍ରାମରେ କିଛି ଦିନ ତଳେ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ବେଳେ ପୁନର୍ବାର ଚୋର ଅନ୍ୟ ଜଣକ ଘରୁ ଚୋରି କରିବାକୁ ଚେଷ୍ଟା କରିଥିଲେ। ଯାହାକି ଚୋର ଆତଙ୍କ ଅଂଚଳରେ ଖେଳି ଯିବାରୁ ରାତିରେ ଗାଁ ଜଗୁଛନ୍ତି ଗ୍ରାମବାସୀ। ହାତରେ ଠେଙ୍ଗା, ଟର୍ଚ୍ଚ ଲାଇଟ ଧରି ପୁରୁଷ ସମସ୍ତେ ରାତି ତମାମ ଗାଁରେ ନାଇଟ ପେଟ୍ରୋଲିଙ୍ଗ କରୁଛନ୍ତି। କାରଣ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ଥିବା ବେଳେ ପୋଲିସ ପ୍ରଶାସନ ଅବହେଳା ସହ ପୋଲିସ ତରଫରୁ ଗ୍ରାମାଞ୍ଚଳରେ ପେଟ୍ରୋଲିଙ୍ଗ ହେଉନଥିବାରୁ ଗ୍ରାମବାସୀ ରାତିରେ ଉଜାଗର ରହି ଗାଁ ଜଗୁଛନ୍ତି। ପନ୍ଦର ଦିନ ହେଲା ଭୟରେ ଜୀବନ କାଟୁଛନ୍ତି ମୁଦୁଗଲ ଗ୍ରାମବାସୀ। ଚୋର ଭୟରେ ଘର ଛାଡି ଘରୁ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ଚୋରି ଅଭିଯୋଗ ପରେ ଅସ୍ତରଙ୍ଗ ପୁଲିସ ତରଫରୁ ତାଲିମ୍ ପ୍ରାପ୍ତ କୁକୁର ପହଂଚି ତଦନ୍ତ କରିବା ପରେ ମଧ୍ୟ ଏ ପର୍ଯ୍ୟନ୍ତ ପୁଲିସ ଚୋର କୁ ଧରି ପାରିନାହିଁ। ଅନ୍ୟ ପଟେ ସ୍ଥାନୀୟ ବାସିନ୍ଦା ପ୍ରଶାନ୍ତ ନାୟକ, ସୁଧାଂଶୁ ନାୟକ, ଗଣେଶ ସ୍ୱାଇଁ ଦାବୀ କରିଛନ୍ତି ତୁରନ୍ତ ଚୋରକୁ ଧରିବା ସହ ରାତ୍ରରେ ପୋଲିସ ତରଫରୁ କଡା ପେଟ୍ରୋଲିଙ୍ଗ କରାଯାଉ ନଚେତ ଗ୍ରାମବାସୀ ଆଗାମୀ ଦିନରେ ଥାନା ଘେରାଉ କରିବେ। ଚୋର ବିଭିନ୍ନ ଲୋକଙ୍କ ଘରୁ ଚୋରି କରୁଥିବା ଘଟଣା ଅଞ୍ଚଳରେ ଖେଳିଯିବା ପରେ ଏବେ ଭୟଭୀତ ଅବସ୍ଥାରେ ଲୋକେ ରହିଛନ୍ତି।

### ବର୍ଜ୍ୟବସ୍ତୁ ହ୍ରାସ ଅଭିଯାନ

## ବିକାଶ ଭବନରେ ଖୋଲିଲା 'ଆର୍-ଆର୍-ଆର୍' କେନ୍ଦ୍ର



କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ (ସିଏମ୍ସି) ବାଦାମବାଡି ସ୍ଥିତ ବିକାଶ ଭବନଠାରେ ଗୁରୁବାର ପୂର୍ବାହ୍ନରେ ଏକ 'ଆର୍-ଆର୍-ଆର୍' (ୠ-ଆର) କେନ୍ଦ୍ର (ରିଡ୍ୟୁସ୍-ରିୟୁଜ୍-ରିସାଇକଲ୍) ଉଦ୍‌ଘାଟିତ ହୋଇଯାଇଛି। ସିଏମ୍ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଏହି କେନ୍ଦ୍ରଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଶେଷକରି ବର୍ଜ୍ୟବସ୍ତୁ ହ୍ରାସ, ପୁନଃ ବ୍ୟବହାର ଓ ପ୍ରକ୍ରିୟାକରଣ କରାଯାଇ ପରିବେଶକୁ ସୁସ୍ଥ ରଖିବା ଏହାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଅବ୍ୟବହୃତ ପୁରୁଣା ପୋଷାକ, ବହିପତ୍ର, କାଗଜ, ଜୋତା, ଚପଲ, କଣ୍ଢେଇ, ଶାଢି ଆଦି ଏଣେ ତେଣେ ନ ଫୋପାଡି ଏହି କେନ୍ଦ୍ରରେ ଜମା ଦେବାକୁ ସାଧାରଣ ଜନତାଙ୍କୁ ସେ ନିବେଦନ କରିଥିଲେ। ଏହାଫଳରେ ବର୍ଜ୍ୟବସ୍ତୁ ହ୍ରାସ କରାଯିବା ସହ ପୁନଃ ବ୍ୟବହାର ଏବଂ ପ୍ରକ୍ରିୟାକରଣ କରାଯାଇ ଏକ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ ବୋଲି ଅନ୍ୟତମ ଅତିଥି ସହକାରୀ କମିଶନର ତ୍ରିନାଥ ବେହେରା କହିଥିଲେ। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରୁ ଗୃହିଣୀମାନେ ପହଂଚି କେନ୍ଦ୍ରରେ ଅବ୍ୟବହୃତ ପୋଷାକ, ଖେଳନା, ଜୋତା, ଚପଲ ଓ ବହିପତ୍ର ଆଦି ଦାନ କରିବା ପରେ ପୁନଃ ବ୍ୟବହାର ପାଇଁ ସେସବୁକୁ ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉକି, ଦେଶବ୍ୟାପି ଚାଲିଥିବା 'ମେରି ଲାଇଫ ଓ ମେରା ସ୍ୱଚ୍ଛ ସହର' ଅଭିଯାନ ନେଇ ଏହି ଆର୍-ଆର୍-ଆର୍ କେନ୍ଦ୍ର (ୠ-ଆର) ପରୀକ୍ଷାମୂଳକ ଭାବେ ସ୍ଥାନୀୟ ବିକାଶ ଭବନରେ ଆରମ୍ଭ କରାଯାଇଛି। ପରବର୍ତ୍ତୀ ସମୟରେ ସହରର ବିଭିନ୍ନ ସ୍ଥାନରେ ଥିବା ଆହାର କେନ୍ଦ୍ରଗୁଡିକରେ ଏହି ୠ-ଆର କେନ୍ଦ୍ର ଖୋଲାଯିବ। ଅନୁକୂଳ ପ୍ରତିକ୍ରିୟା ମିଳିବା ପରେ ସମସ୍ତ ୫୯ଟି ୱାର୍ଡରେ ଏହି କେନ୍ଦ୍ର ଖୋଲାଯିବ ବୋଲି ସହକାରୀ କମିଶନର ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ସେଞ୍ଚୁରିଆନ୍ କ୍ୟାମ୍ପସ ପରିସରରେ ଭୌଗୋଳିକ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସେଞ୍ଚୁରିଆନ୍ ୟୁନିଭରସିଟି ଜଟଣୀ କ୍ୟାମ୍ପସ ପରିସରରେ ପ୍ୟାନ୍ ଇଣ୍ଡିଆ (ଟ୍ରିମ୍ବଲ୍) ସହଯୋଗିତାରେ ତା୨୯.୦୫.୨୦୨୩ ଓ ତା ୩୦.୦୫.୨୦୨୩ ରିଖ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାକୁ କ୍ୟାମ୍ପସ ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢ଼ୀ ଓ ଡିନ୍ ଡକ୍ଟର ସୁଜାତା ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ପ୍ୟାନ୍ ଇଣ୍ଡିଆ କର୍ମକର୍ତ୍ତା ଉମେଶ କୁମାର ଏବଂ ଶ୍ରୀ ଭି ଶର୍ମା ସହଯୋଗିତାରେ କର୍ମଶାଳା ପରିଚାଳନା କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ପ୍ରଫେସର ଡକ୍ଟର ଆଶିଷ କୁମାର ପାଢ଼ୀ ଏଥିରେ ବକ୍ତା ଭାବରେ ଯୋଗ ଦେଇଥିଲେ। ଭୁବନେଶ୍ୱର କ୍ୟାମ୍ପସର ସିଭିଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡକ୍ଟର କମଲ କୁମାର ବାରିକ ଛାତ୍ରଛାତ୍ରୀମାନଙ୍କୁ ସାଂପ୍ରତିକ ଅତ୍ୟାଧୁନିକ ସର୍ଭେ ଜ୍ଞାନକୌଶଳର ଉପଯୋଗିତା ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ। ସ୍ମାର୍ଟ ଏବଂ ସବୁଜ ଭାରତର ଆଗମନ ସମୟରେ ଜିଓସ୍ପାସିଆଲ୍ ଡୋମେନ୍‌ରେ ଉନ୍ନତ ଯୋଜନା ଏବଂ ପରିଚାଳନା ପାଇଁ ପୁରାତନ, ସମୟସାପେକ୍ଷ ଏବଂ ସ୍ୱଳ୍ପ ସଠିକତା ସର୍ବେକ୍ଷଣ ପ୍ରଣାଳୀକୁ ବଦଳାଇ ଅତ୍ୟାଧୁନିକ ସର୍ବେକ୍ଷଣ ଟେକ୍ନୋଲୋଜି ଯଥା ଟୋଟାଲ୍ ଷ୍ଟେସନ, ଜିପିଏସ୍/ଜିଏନ୍ଏସ୍ଏସ୍, ଡ୍ରୋନ୍ ଏବଂ ଲିଡାରର ବ୍ୟବହାର ଆବଶ୍ୟକତା ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ଉଭୟ କ୍ୟାମ୍ପସର ଛାତ୍ରଛାତ୍ରୀ ଏବଂ ସିଭିଲ୍ ଇଞ୍ଜିନିୟରିଂ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ପାରଳାଖେମୁଣ୍ଡି କ୍ୟାମ୍ପସର ସିଭିଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡକ୍ଟର ପ୍ରଫୁଲ୍ଲ କୁମାର ପଣ୍ଡା, କର୍ମଶାଳାରେ ଯୋଗ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱର ନୂଆ ବଜାରରେ ଭୟାବହ ଅଗ୍ନିକାଣ୍ଡ

ବାଲେଶ୍ୱର (ଭାସ୍କର ନ୍ୟୁଜ): ଗୁରୁବାର ସନ୍ଧ୍ୟାରେ ଜନଗହଳିପୂର୍ଣ୍ଣ ବାଲେଶ୍ୱର ନୂଆବଜାର ଅଞ୍ଚଳରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ହୋଟେଲରୁ ପ୍ରଥମେ ନିଆଁଲାଗି ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପୀଯାଇଥିଲା। ଏପରିକି ଦୋକାନରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏକ ନର୍ସରୀରେ ମଧ୍ୟ ନିଆଁଲାଗି ଗୋଟିଏ ଗାଇ ଓ ଦୁଇଟି ବାଛୁରୀ ଜୀବନ୍ତ ଦଗ୍ଧ ହୋଇଥିବା ସୂଚନା ମିଳିଛି। ଅଗ୍ନିଶମବାହିନୀ, ବିଦ୍ୟୁତ ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏସ୍‌ପି ସାଗରିକା ନାଥ ଓ ବିଧାୟକ ସ୍ୱରୂପ ଦାସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।


**कार्यालय मुख्य अभियंता,**
**लो.नि.वि. राष्ट्रीय राजमार्ग परिक्षेत्र, रायपुर (छ.ग.)**

दिनांक 30.05.2023

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से निम्नलिखित निर्माण कार्य हेतु ऑनलाईन (Online) निविदा आमंत्रित की जाती है :-

| क्र. | नि.आ.सू.क्र. दिनांक | सिस्टम आईडी क्र. | कार्य का नाम | कार्य की अनुमानित लागत |
|---|---|---|---|---|
| 1 | 10/CE/NH/TC/44-13/2023 (1ST Call) | 2023 MoRTH_755479_1 | Maintenance work on Km. 481.350 to 481.750, 482.600 to 484.000, 515.000 to 531.250 in Patthalgaon to Kunkuri Road NH-43 under risk and cost of original contractor (Job No. 078-CHH-NHDP-IV- 2015-16-40) Under NH Division Ambikapur | Rs 320.68 Lakh (i/c GST) |

निविदा डाउनलोड करने की अंतिम तिथि दिनांक 20.06.2023 समय शाम 17.30 बजे तक।

2. उपरोक्त निर्माण कार्यों की निविदा की सामान्य शर्तें, धरोहर राशि, विस्तृत निविदा विज्ञप्ति निविदा दस्तावेज व अन्य जानकारी सड़क परिवहन एवं राजमार्ग मंत्रालय (MORT&H'S) के ई-प्रोक्योरमेंट वेब पोर्टल https://eprocure.gov.in/eprocure/app से डाऊनलोड की जा सकती है।

मुख्य अभियंता
लो.नि.वि. राष्ट्रीय राजमार्ग
परिक्षेत्र, रायपुर (छ.ग.)

G- 01856/6


## ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲର କନିଷ୍ଠ କିରାଣି ଦେବାଶିଷ ପଣ୍ଡା ଜଣେ ବ୍ୟକ୍ତିଙ୍କଠାରୁ ଜମିପଟ୍ଟା କରାଇ ଦେବାପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତଦନ୍ତ ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ତାଙ୍କ ପୈତୃକ ଘର ସହ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଛି।

## ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତିରେ ଉବୁଟୁବୁ

ଯାଜପୁର, (ଭାସ୍କର ନ୍ୟୁଜ୍): କ୍ଷେତକୁ ଜଗିବା ନିମନ୍ତେ ତିଆରି ହୋଇଥିବା ବାଡ଼ ଯଦି ଫସଲ ଖାଏ ତେବେ କପାଳରେ ହାତ ମାରିବା ସାର ହୋଇଥାଏ। ଜିଲ୍ଲାରେ ଦୁର୍ନୀତିକୁ ମୂଳୋତ୍ପାଟନ କରିବା ନିମନ୍ତେ ରହିଥିବା ଦୁର୍ନୀତି ନିବାରଣ ବିଭାଗ ଏବେ ଦୁର୍ନୀତିରେ ବୁଡ଼ି ରହିଥିବା ଦେଖାଯାଇଛି। ଖୋଦ୍ ବିଭାଗୀୟ ଡି.ଏସ୍.ପି ଏହି କାର୍ଯ୍ୟରେ ଲିପ୍ତ ବୋଲି ଗୁରୁତର ଅଭିଯୋଗ ହେଉଅଛି। ସ୍ଥାନୀୟ ବରୁଣେଶ୍ୱର ମହାବିଦ୍ୟାଳୟରେ ହୋଇଥିବା ମହାଘୋଟାଲା ସମ୍ପର୍କରେ ତଦନ୍ତ କରୁଥିବା ଡି.ଏସ୍.ପି କୁଆଡ଼େ ମୋଟା ଅଙ୍କରେ ଲାଞ୍ଚ ଖାଇ ଦୁର୍ନୀତି ଖୋଜିବା ନିମନ୍ତେ କରାଯାଇଥିବା ଅନୁସନ୍ଧାନ କାର୍ଯ୍ୟ ଏବେ ପୋଥିରେ ଡୋରି ବାନ୍ଧିବା ପରି ଶୀତଳଭଣ୍ଡାରକୁ ଚାଲିଯାଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ରମେଶ ଚନ୍ଦ୍ର ପାତ୍ର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ କରିଥିବା ଜଣାଯାଇଛି।

### ଧନ୍ଦାମୂଳକ ପ୍ରଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ଦାବିକୁ ଯୁବ କଂଗ୍ରେସର ସମର୍ଥନ

## ସମାନ କାମକୁ ସମାନ ଦରମା ଦିଅନ୍ତୁ ସରକାର: ଡ. ସ୍ମୃତି ଲେଙ୍କା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଲ୍ ଓଡ଼ିଶା ଭୋକେସନାଲ ଟ୍ରେନର ମହାସଂଘର ନିଯୁକ୍ତିକୁ ସ୍ଥାୟୀ ତଥା ସେମାନଙ୍କୁ ପୂର୍ଣ୍ଣ ଶିକ୍ଷକତା ମାନ୍ୟତା, ସମାନ କାମକୁ ସମାନ ଦରମା ପ୍ରଦାନ ଦାବିରେ ଗତ ୪ ଦିନ ଧରି ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜିଠାରେ ଚାଲିଥିବା ବିକ୍ଷୋଭ ଓ ଧାରଣାକୁ ସମର୍ଥନ ଜଣାଇଲା ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ। ଆଜି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ଆନ୍ଦୋଳନକାରୀଙ୍କୁ ବିକ୍ଷୋଭ ସ୍ଥଳରେ ଭେଟି ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଭାପତି ସୁନିଲ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଜିର ବିକ୍ଷୋଭ ସଭାରେ ଡ. ଲେଙ୍କା ରାଜ୍ୟ ସରକାରଙ୍କ ଆଉଟ୍ ସୋର୍ସିଂ ନିଯୁକ୍ତି ପ୍ରଥାକୁ ଘୋର ବିରୋଧ କରିଥିଲେ। ସମାନ କାମକୁ ସମାନ ଦରମା ପ୍ରଦାନ ଏବଂ ଆଉଟ୍ ସୋର୍ସିଂ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ଯୁବ କଂଗ୍ରେସ ନିରନ୍ତର ଆନ୍ଦୋଳନ ଜାରି ରଖିଛି ବୋଲି ଡ. ଲେଙ୍କା କହିବା ସହ ଧନ୍ଦାମୂଳକ ପ୍ରଶିକ୍ଷକଙ୍କ ନିଯୁକ୍ତି ସରକାର ନିଜ ହାତକୁ ନେଇ ଶିକ୍ଷା ବିଭାଗରେ କମ୍ପାନି ନିଯୁକ୍ତିକୁ ବନ୍ଦ କରିବା ପାଇଁ ଦାବି କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ରବୀନ୍ଦ୍ର ଆଚାର୍ଯ୍ୟ ଏହି ବିକ୍ଷୋଭ ସଭାରେ ଯୋଗଦେଇ ଆଉଟ୍ ସୋର୍ସିଂ ନିଯୁକ୍ତିକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ଦାବି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ସମ୍ପାଦକ ବିଶ୍ୱଜିତ ଲେଙ୍କା, ଆଉଟ୍ ସୋର୍ସିଂ ମହାସଂଘର ସଭାପତି ଓ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଗୁରୁତର

ବାଲିପାଟଣା, (ଭାସ୍କର ନ୍ୟୁଜ୍): ନିମାପଡା ସରଦେଇପୁର ରାସ୍ତାର ସ୍ୱସ୍ତିକ ହୋଣ୍ଡା ସୋରୁମ ସାମ୍ନାରେ ରାତି ପ୍ରାୟ ୯ ଟା ସମୟରେ ସଡ଼କ ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଗୁରୁତର ହୋଇଛନ୍ତି। ସେମାନେ ଆଳିସି ପଞ୍ଚାୟତ ଦନାପଡା ଗ୍ରାମର କାଶୀନାଥ ଭୋଇ (୪୭) ଏବଂ ସୁଲୋଚନା ଭୋଇ (୩୭)। ସେଠାରେ ଉପସ୍ଥିତ ଲୋକେ ଆହତ ଦ୍ୱୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବା ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଦଳକଷଟି ଅଞ୍ଚଳର ବନ୍ଧୁ ଘରୁକୁ ଭୋଜିରେ ଯୋଗ ଦେଇ ବାଇକରେ ଗାଁକୁ ଫେରୁଥିବା ବେଳେ ସାମ୍ନା ପଟୁ ଆସୁଥିବା ଗାଡି ଲାଇଟ ଆଖିରେ ପଡିବାରୁ ବାଇକ ଚାଳକ କାଶୀନାଥ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡିଛି। କାଶୀନାଥଙ୍କ ମୁହଁ, ମୁଣ୍ଡରେ ଗଭୀର ଆଘାତ ହୋଇଥିବା ବେଳେ ପତ୍ନୀ ସୁଲୋଚନାଙ୍କ ଛାତିରେ ଆଘାତ ଲାଗିଥିବା ଜଣାପଡିଛି।


**Government of Jharkhand**
**Directorate of Tourism MDI Building, 2nd Floor, Dhurwa, Ranchi-4**
**Ph.-0651-2400493, Fax-0651-2400492, E-mail:dirjharkhandtourism@gmail.com**

Ref. No. Tou/ Dir/Yoj/05/2023 **- 465** Dated:- **01/06/2023**

**Notice Inviting Tender forEmpanelment of Consultancy Agencies for Preparation of DPR for the Schemes of Tourism Department**

The Directorate of Tourism (DoT), Govt. of Jharkhand intends to Empanel Consultancy Agencies for Preparation of DPR for the Schemes of Tourism Department, Government of Jharkhand therefore, invites interested agencies to submit their Bids.

Interested agencies may download the document from **01/06/2023, 1700 Hours** onwards from the Department of Tourism website:–www.tourism.jharkhand.gov.in/_and submit their Applications. The Bid Due Date is on **23/06/2023 at 1400 hours**. A Technical Bid opening Conference will be held on **23/06/2023 at 1500 Hours** at the office of Directorate of Tourism (DoT), Govt. of Jharkhand.

A pre-application conference will be held on 09/06/2023 by 15:00 Hours at MDI Building, 2nd Floor, HEC Campus, Dhurwa, Ranchi–04, Tel Phone: 0651-2400493, e-mail: dirjharkhandtourism@gmail.com.

All subsequent notifications, changes and amendments will be posted only on the website www.tourism.jharkhand.gov.in

*DoT reserves the right to cancel this invitation and/or invite fresh Bid with or without amendments to this invitation, without liability or any obligation for such invitation and without assigning any reason.*

*Sd/-*
**Director,Tourism.**

PR 298895 (Tourism, Art Culture Sports And Youth Affairs )23-24*D



**REGULATED MARKET COMMITTEE CHANDBALI**
**At/Po- Chandbali, Dist: Bhadrak**
**Mail Id: rmcchandbali@gmail.com**
**short Tender Call Notice**

The A.D.M. Bhadrak-Cum-Chairman RMC Chandbali invites rate Quoted sealed tender vide short Tender Call Notice No.128, Dt.31.05.2023 from eligible authenticated suppliers/Manufacturers for purchase of LED Display Board P10 single Colour(Red) 10'X 6' for e-NAM operation under RMC Chandbali.
All detailed information & specification are available in the district website:www.bhadrak.nic.in.



**OFFICE OF THE NOTIFIED AREA COUNCIL, ASKA ( GANJAM )**
(Email: - askanac@gmail.com, Ph No: -06822-273068)

C-475

Letter No- 1773 Date-01.06.2023

**CORRIGENDUM**
*Call notice no-1713 dtd.-26.05.2023 & 1744 dtd.12.06.2023*

*The time given for opening of quotations invited vide this office letter No-1713 dtd.26.05.2023 for supply of one JCB 2DX Right backhoe Loader & vide office letter No 1744 dtd.30.05.2023 for supply of 6 Seater Ecco Buggy are 11.30 AM on 08.06.2023 &11.30AM on 12.06.2023 instead of 11.30 P.M on both the days .Other terms & conditions laid down in the said quotation call notice will remain same.*

Sd/- Executive Officer
NAC, Aska

OIPR 13181/11/0008/2324



**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

CAD-803

**No. HHEP/Tech-WK-36,Vol-III/2614** **Date :01.06.2023**

**NOTICE INVITING TENDER NO HHEP-44/2023**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers/ authorized dealers/ channel partners, reputed suppliers providing services as mentioned below

| Sl. No | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. | Period of sale / download of tender document | Last date & Time of receipt of tender document | Date & Time of opening of Techno Commercial bid |
|---|---|---|---|---|---|---|
| 1 | Supply, Installation, Testing and Commissioning of Control Panels of Ventilation Plant-I,II,III & IV of Burla Power House | Rs. 7080/- (Rs. 6000 + GST @ 18%) | 49,400/- | 07.06.2023 to 21.06.2023 | 22.06. 2023, 03:30PM | 22.06. 2023, 04:00PM |

For details of tender documents / terms & conditions / corrigendum / errata / addendum if any please visit our website **www.ohpcltd.com** Sd/-

C&P Head, HHEP, Burla

OIPR 04007/11/0020/2324



**GOVT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**HEAD WORKS DIVISION, SAMAL**
**AT/ PO- SAMAL BARRAGE, DIST- ANGUL.**
**e-mail.id.-(ee.hwd.samal@gmail.com)**

A-191

**EoI Identification No. SE_HWD-02/2023-24**
**Invitation for Expression of Interest (EoI)**

1. The Superintending Engineer, Head Works Division, Samal on behalf of the Governor of Odisha invites online Expression of Interest from registered firms /Agencies /Engineers/Architecture/Consultant having valid GST registration for preparation of DPR, Survey & Investigation, Architectural/Structural drawing & Design, Suitable architectural plan, Elevation with detailed cost estimate for the work **"Construction of Museum cum Park complex at Samal Barrage site"** near Gaham Ambatota on the river bank of Brahmani.
2. In accordance with the provision under the Guidelines for Engagement of Consultants and outsourcing of Services issued in the Office Memorandum No. 37323/F Dtd.30.11.2018 of the Finance Department, Government of Odisha, the Authority now invites eligible consulting firms / joint ventures to apply for the above assignment.
3. The registered firms /Agencies /Engineers/Architecture/Consultant should **quote** their **CONSULTANCY CHARGES** for the above work including preparation of DPR, Survey & Investigation, Architectural/Structural drawing & Design, Suitable architectural plan, Elevation with detailed cost estimate. The approximate cost of the project is Rs. 200.00 Lakh. **The consultancy charge should not be more than 1.5% of the approximate cost of the project i.e 3.0 lakh.**
4. Letter of Invitation of the Authority along with all other relevant details of Expression of Interest (EoI) will be available in the website: www.tendersodisha.gov.in from **10.00 AM of 02.06.2023 to 5.00 PM of 08.06.2023.** Further details can be seen from Portal: www.tendersodisha.gov.in. Any addendum / corrigendum / cancellation can also be seen in the said website. Interested Agencies /Engineers/Architecture/Consultant may obtain further information at O/o the Superintending Engineer, Head Works Division, Samal, Angul-759037.
5. The bidder must possess compatible Digital Signature Certificate (DSC) of Class III.
6. Expression of Interest should be submitted online latest by **5.00 PM of 08.06.2023.**
7. Proposals received online shall be opened at **11.00 AM of 09.06.2023** in the O/o the Superintending Engineer, Head Works Division, Samal, Angul-759037.
8. The EOI must be accompanied with the following documents:
   a) Attested photo copies of Valid Registration Certificate
   b) Copy of Pan card
   c) GST clearance certificate
   d) Experience certificate in similar nature of work issued by any head of the department.
   e) Income tax clearance Certificate for Last three years.
   f) Affidavit regarding authenticity of documents.
9. The undersigned reserves the absolute right to accept or reject any or all EOIs without assigning any reason thereof.
10. Any queries regarding the site, you can contact to concerned field officials (Contact No. 9853730342/7978541138/9439135836).

Sd/-Superintending Engineer
Head Works Division, Samal

OIPR 32020/11/0002/2324


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଅସ୍ତ୍ର ଛାଡ଼...

ପରିଚାଳିତ ହେବ। ଏଥିସହ ସିବିଆଇ ଯାଞ୍ଚ ମଧ୍ୟ କରାଯିବ। ସେ ସ୍ପଷ୍ଟ କହିଥିଲେ ଯେ ଶୁକ୍ରବାର ଠାରୁ ଦଙ୍ଗାଗ୍ରସ୍ତ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯିବ। କମ୍ବିଂ ସମୟରେ ଯଦି କାହା ନିକଟରୁ ଅସ୍ତ୍ରଶସ୍ତ୍ର ମିଳେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଇତିମଧ୍ୟରେ ମଣିପୁରର ଡିଜିପିଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ନୂତନ ଡିଜିପିଙ୍କୁ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୩ ତାରିଖରୁ ମଣିପୁରରେ ହିଂସାକାଣ୍ଡ ଲାଗି ରହିଛି। ଏଥିରେ ୮୦ ଲୋକଙ୍କର ମୃତ୍ୟୁ ହେବା ସହ ୩୦୦ ଆହତ ହୋଇଛନ୍ତି। ୩୫ ହଜାରରୁ ଉର୍ଦ୍ଧ୍ୱ ନାଗରିକ ଅନ୍ୟ ରାଜ୍ୟରେ ଆଶ୍ରୟ ନେଇଛନ୍ତି। ଗୁରୁବାର ଶ୍ରୀ ଶାହା ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଘୋଷଣା କରିବା ପରିବାରର ଜଣଙ୍କୁ ଚାକିରି ଦିଆଯିବ ବୋଲି ଘୋଷଣା କରିଛନ୍ତି। ୧୦ ଲକ୍ଷ ଟଙ୍କାରୁ କେନ୍ଦ୍ର ସରକାର ୫ ଲକ୍ଷ ଦେବାକୁ ଥିବା ବେଳେ ୫ ଲକ୍ଷ ଦେବାକୁ ଥିବା ବେଳେ ରାଜ୍ୟ ସରକାର ୫ ଲକ୍ଷ ଯୋଗାଇ ଦେବେ।

### ଭାଙ୍ଗିଲା ପାହାଡ଼...

ତେବେ ଯାତ୍ରା ବନ୍ଦ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଯାତ୍ରା କରୁଛନ୍ତି ସେମାନେ ପାଣିପାଗ ବିଭାଗର ସୂଚନା ପାଇବା ପରେ ଯାତ୍ରା କରିବା ଉଚିତ୍ ବୋଲି କୁହାଯାଇଛି। ଏଥିସହ ଯାତ୍ରା ସମୟରେ ରେନକୋଟ୍, ଛତା ଓ ଗରମ ପୋଷାକ ନେବାପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

### ସମୀକ୍ଷା କଲେ...

ଟର୍ମିନାଲ ହେଉଛି ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶାର ପ୍ରଥମ ବିଶ୍ୱସ୍ତରୀୟ ଟ୍ରାଞ୍ଜିଟ୍ ସିଷ୍ଟମ। ଏଥିରେ ସମସ୍ତ ଅତ୍ୟାଧୁନିକ ସୁବିଧା ସହିତ ୨ହଜାର ବସ୍ ଚଳାଚଳ କରିପାରିବ। ୧୧ ଏକର ପରିମିତ ଅଞ୍ଚଳରେ ୧୮୦ କୋଟି ଟଙ୍କା ବ୍ୟୟରେ ଏହି ଟର୍ମିନାଲ ନିର୍ମାଣ କରାଯାଉଥିବାବେଳେ ଭବିଷ୍ୟତରେ ସମ୍ପ୍ରସାରଣ ପାଇଁ ଆଉ ୪ ଏକର ଜମି ରହିଛି। ଏଥିରେ ଫୁଡ୍‌କୋର୍ଟ, ବହୁତଳୀୟ କାର୍ ପାର୍କିଂ ବ୍ୟବସ୍ଥା, ଏକ୍ସାଭେଟର ପ୍ରମୁଖ ରହିବ। ଏହାସହିତ ପ୍ରି-ପେଡ୍ ଅଟୋରିକ୍ସା, ଟାକ୍ସି ଏବଂ ଓଲା, ଉବର ଆଦି ସୁବିଧା ଯୋଗାଇ ଦିଆଯିବ। ଟର୍ମିନାଲକୁ ସଂପୂର୍ଣ୍ଣ ସୌରଶକ୍ତି ଦ୍ୱାରା ପରିଚାଳନା କରାଯିବ। ଏଥିରେ ୱାଇଫାଇ ସହିତ ବର୍ଜ୍ୟଜଳ ବିଶୋଧନ ବ୍ୟବସ୍ଥା କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଆହାର ପ୍ଲସ୍ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହି ବସ୍‌ଷ୍ଟାଣ୍ଡରୁ ବିଶାଖାପାଟଣା, ହାଇଦ୍ରାବାଦ, ରାୟପୁର, ରାଞ୍ଚି, କୋଲକାତା ଓ ବେଙ୍ଗାଲୁରୁ ସମେତ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବସ୍ ଚଳାଚଳ କରାଯିବ। ସମୀକ୍ଷା ସମୟରେ ପରିବହନ କମିଶନର ଅମିତାଭ ଠାକୁର, ବିଡିଏ ଉପାଧ୍ୟକ୍ଷ ବଲଓ୍ୱନ୍ତ ସିଂ, ବିଏମ୍ସି କମିଶନର ବିଜୟ ଅମୃତରାଜ କୁଲାଙ୍ଗେ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ବାପାକୁ ହାଣିଲା...

ସାନକଣ୍ଟି ଗାଁରେ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ହୃଷିକେଶ ପ୍ରଧାନ। ଏହି ଘଟଣାରେ ପୁଅ ଜିତୁକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ତେବେ ଜିତୁ ପ୍ରତିଦିନ ମଦ ପିଇ ଘରକୁ ଆସି ଗଣ୍ଡଗୋଳ କରିଥାଏ। ବୁଧବାର ରାତିରେ ମଧ୍ୟ ସେ ମଦ ପିଇ ବାପା ମା'ଙ୍କୁ ଗାଳି କରିଥିଲା। ବାପା ମା' ଭୟରେ ପଦାକୁ ପଳାଇ ଆସିଥିଲେ। ହେଲେ ଜିତୁ ନିଶାରେ ଏତେ ଚୂର ଥିଲା ଯେ ବାପା ମା'ଙ୍କୁ ଘର ଭିତରକୁ ଟାଣି ନେଇଥିଲା। ପରେ କୁରାଢୀରେ ବାପା ବେକକୁ ହାଣି ଦେଇଥିଲା। ଏହି ଘଟଣା ପରେ ଜିତୁ ଫେରାର ହୋଇ ଯାଇଥିଲା। ପଡ଼ୋଶୀ ପୋଲିସକୁ ଖବର ଦେବା ପରେ ପୋଲିସ ମୃତଦେହ ଉଦ୍ଧାର କରିବା ସହ ଜିତୁକୁ ଧରିବାରେ ସଫଳ ହୋଇଥିଲା।

### ଭାଙ୍ଗିଲା ଘର...

ହେବ ସେ ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିନାହିଁ। ୩୩ କେଭି ବିଦ୍ୟୁତ ସରବରାହର ବିଦ୍ୟୁତ ଖୁଣ୍ଟଗୁଡ଼ିକ ଭାଙ୍ଗିଯାଇଥିବାରୁ ବିଦ୍ୟୁତ ଯୋଗାଣ ଡେରି ହେବ ବୋଲି ଟାଟା ପାୱାର ସହକାରୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।


**OFFICE OF THE MUNICIPAL COUNCIL, BHAWANIPATNA**
**DIST-KALAHANDI, PIN-766001**

C-476

'e' Procurement NOTICE.
**Bid Identification No. BPM / 02 / 2023-24**

The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **158 (One Hundred Fifty Eight) numbers**
2. Estimated Costs: **2.26 lakhs to 16.95 lakhs**
3. Period of completion: As per NIT
4. Date and time of availability of the bid documents in the portal: From **10.00 A.M. of 01.06.2023 to 05.00 PM of 12.06.2023**
5. Last Date/ Time for receipt of bids in the portal: **05.00 PM of 12.06.2023**
6. Bids will be opened on: **10.00 AM of Dt. 13.06.2023**
7. Name and address of the officer inviting bid: **Executive Officer, Bhawanipatna Municipality**

Sd/-Executive Officer
Bhawanipatna Municipality

OIPR 13100/11/0004/2324

# ରାଜ୍ୟ ଖବର



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳର ତରଭା (କଳାପାଣି) ନିକଟସ୍ଥ ପ୍ରକୃତି ଇକୋ ଫାର୍ମରୁ ଆଜି ୨.୫ ମେଟ୍ରିକ୍ ଟନ୍ ଆମ୍ରପାଲୀ ଆମ୍ବ ଦୁବାଇକୁ ରପ୍ତାନୀ କରାଯାଇ ଆମ୍ବ ରପ୍ତାନୀର ଶୁଭାରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ଆପେଡା ସହଯୋଗରେ ଫାପ୍ ଗ୍ଲୋବାଲ ଏଜେନ୍ସି ମାଧ୍ୟମରେ ଏହି ଆମ୍ବ ରପ୍ତାନୀ କରାଯାଉଛି ଆଜି ଅପରାହ୍ନରେ ଜିଲ୍ଲାପାଳ ସରୋଜ କୁମାର ସେଠୀ ଆମ୍ବ ରପ୍ତାନୀ କଂଟେନରକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଆଗାମୀ ଦିନରେ ଜିଲ୍ଲାରୁ ଯେପରି ଅଧିକରୁ ଅଧିକ ପରିମାଣର ବିଭିନ୍ନ କିସମର ଆମ୍ବ ଏବଂ ଅନ୍ୟାନ୍ୟ ଫଳ ଉତ୍ପାଦ ବିଦେଶକୁ ରପ୍ତାନୀ ହୋଇପାରିବ ସେଥିପ୍ରତି ପ୍ରଶାସନ ପକ୍ଷରୁ ବିହିତ ବ୍ୟବସ୍ଥା କରାଯାଇ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏହାଦ୍ୱାରା ଚାଷୀମାନେ ଉପକୃତ ହେବା ସହିତ ଅଧିକ ଲାଭବାନ ହୋଇପାରିବେ ଏବଂ କର୍ମ ନିଯୁକ୍ତି ମିଳିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଜୈବିକ ଉପାୟରେ ଏହି ଆମ୍ବ ଚାଷ ହେଉଥିବାରୁ ଏହାର ଅଧିକ ଚାହିଦା ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ଜିଲ୍ଲାରେ ପ୍ରାୟ ୧୦ହଜାର ହେକ୍ଟର ଜମିରେ ୨୦୦ ରୁ ଅଧିକ ଚାଷୀ ବିଭିନ୍ନ କିସମର ଆମ୍ବ ଚାଷ କରି ୫୦ ହଜାର ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ କରୁଛନ୍ତି । ପ୍ରକୃତି ଇକୋ ଫାର୍ମରୁ ପ୍ରଥମ କରି ଦୁବାଇକୁ ଆମ୍ବ ରପ୍ତାନୀର ଶୁଭାରମ୍ଭ ହେଉଥିବାରୁ ଫାର୍ମର ସିଇଓ ସୁବ୍ରତ ଦାଶ ପ୍ରଶାସନକୁ ଧନ୍ୟବାଦ ଦେବା ସହିତ ନିଜର ଖୁସିବ୍ୟକ୍ତ କରିଛନ୍ତି । ଫାପ୍ ଗ୍ଲୋବାଲ୍ ଏଜେନ୍ସିର ମ୍ୟାନେଜିଙ୍ଗ ଡିରେକ୍ଟର ସୁବ୍ରତ ଘୋଷଙ୍କ ତତ୍ତ୍ୱାବଧାନରେ ଏହି ଆମ୍ବ ରପ୍ତାନୀ ହେଉଥିବା ଜଣାଯାଇଛି ।

## ଲୁଗା ଦୋକାନରୁ ଚୋରି

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ମାତିଛନ୍ତି ଚୋର। ଗୋଟିକ ପରେ ଗୋଟିଏ ଚୋରି କରି ଚାଲିଥିବା ବେଳେ ନିମାପଡା ବଡବଜାରର ଲୁଗା ଓ ଡ୍ରେସ ସୋ ରୁମରେ ଚୋରମାନେ କାଳକାଳ ବୁଲାଉଛନ୍ତି । ସମସ୍ତ ସାମଗ୍ରୀ ଲୁଟିନେବା ସହ କ୍ୟାସ ଡ୍ରୁ ଭାଙ୍ଗି ଟଙ୍କା ମଧ୍ୟ ଲୁଟି ନେଇଛନ୍ତି। ନିମାପଡା ପୋଲିସ ସାଇଣ୍ଟିଫିକ ଟିମ ଦ୍ୱାରା ଘଟଣାର ତଦନ୍ତ ଚଳାଇଥିବା ବେଳେ ଖୁବ ଶୀଘ୍ର ଏହି ଚୋରମାନେ ଧରାପଡିବେ ବୋଲି ନିମାପଡା ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ବଡବଜାରର ପ୍ରତିଷ୍ଠିତ ଲୁଗା ଓ ଡ୍ରେସ ସୋ ରୁମ ସର୍ବାର ଫ୍ୟାନସି କ୍ଲଥ ଷ୍ଟୋରରେ ଗତକାଲି ରାତ୍ର ୧୦ଟା ସମୟରେ କର୍ମଚାରୀମାନେ ଦୋକାନ ବନ୍ଦ କରି ମାଲିକଙ୍କୁ ଚାବି ଦେଇ ଘରକୁ ଫେରିଥିଲେ । ବିଳମ୍ବିତ ରାତ୍ରରେ ଚାରିଜଣ ଚୋର ମୁହଁରେ ଗାମୁଛା ଗୁଡାଇ ସୋରୁମ ପଛପଟ କବାଟ ଭାଙ୍ଗି ଭିତରେ ପଶି ଟଙ୍କା ବାକ୍ସ ଭାଙ୍ଗି ୩୫ହଜାର ଟଙ୍କା ନାମୀ ଦାମୀ କମ୍ପାନୀର ଡ୍ରେସ ଲୁଗା ପାଟ ବହୁ ସାମଗ୍ରୀ ଚୋରୀ କରିନେଇଥିବା ସକାଳୁ ସୋ ରୁମର ମାଲିକ ମହେନ୍ଦ୍ର ସିଂ ଭାଟିଆ ଏହା ଜାଣିପାରି ନିମାପଡା ଥାନାରେ ଅଭିଯୋଗ କରାଯରେ ପୋଲିସ ଏକ ମାମଲା ରୁଜୁ କରି ଜିଲ୍ଲା ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ଅନୁସନ୍ଧାନ ଜାରି ରଖିଛି ।

## ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ବରପଡା ଗ୍ରାମର ଜଣେ ଯୁବକ ନିଜ ଶୋଇବା ଘରେ ଫାଶିଲଗାଇ ଆତ୍ମହତ୍ୟା କରିବା ଘଟଣାଟି ସାଧାରଣରେ ଗଭୀର ଶୋକଚ୍ଛାୟା ଖେଳାଇଦେଇଛି । ବୁହାଲୋ ଗ୍ରାମର ମହେନ୍ଦ୍ର କୁମାର ବେହେରା(୩୩) ଗତକାଲି ରାତ୍ରରେ ନିଜ ଶୋଇବା ଘରେ ମାନସିକ ସ୍ତରରେ ଆଘାତ ପାଇ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଏସମ୍ପର୍କରେ ତାଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ମହେନ୍ଦ୍ରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି । ଏସମ୍ପର୍କରେ ଥାନା ଅପମୃତ୍ୟୁ କେଶ ନଂ ୧୧/୨୩ରେ ଏକ ମାମଲା ରୁଜୁ ହୋଇଥିବାର ଆଇଆଇସି ଚିନ୍ମୟୀ ସାହୁଙ୍କ ସୂତ୍ରରୁ ପ୍ରକାଶ।

## ଦେଢ଼ଶୁର କୋଦାଳ ଚୋଟରେ ଭାଇବୋହୂ ଗୁରୁତର

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଆଜି ଏକ ଅମାନବୀୟ ଘଟଣା କ୍ରମରେ ଦେଢ଼ଶୁରଙ୍କ କୋଦାଳ ଚୋଟରେ ଭାଇ ବୋହୂ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଅଭିଯୋଗ ପରେ ପୋଲିସ୍ ଆକ୍ରମଣକାରୀ ଦେଢ଼ଶୁରଙ୍କୁ ଥାନାରେ ଅଟକ ରଖିଛି । ସୂଚନା ଅନୁଯାୟୀ ବୁଧବାର ଦିନ ବନମାଳିପୁର ଫାଣ୍ଡି ଅଧିନସ୍ଥ ବାଲିକୁଦାପାଟଣା ଗ୍ରାମର ୨ ଯାଆ ରିଙ୍କୁବାଳା ସାହୁ ଏବଂ ସଂଯୁକ୍ତା ସାହୁଙ୍କ ମଧ୍ୟରେ ଜମିଜମା ବିବାଦକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ଦେଢ଼ଶୁର ବିଶ୍ୱନାଥ ସାହୁ ଉତକ୍ଷିପ୍ତ ହୋଇ ଏକ କୋଦାଳରେ ତାଙ୍କ ଭାଇ ବୋହୂ ରିଙ୍କୁବାଳାଙ୍କ ମୁଣ୍ଡକୁ କୋଦାଳରେ ଆକ୍ରମଣ କରିଥିଲା । ଆକ୍ରମଣରେ ରିଙ୍କୁବାଳା ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ସେ ରକ୍ତାକ୍ତ ହୋଇଯାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ବନମାଳିପୁର ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ଆକ୍ରମଣକାରୀ ବିଶ୍ୱନାଥକୁ ଥାନାରେ ଅଟକ ରଖିବା ସହିତ କେଶ୍ ୧୮୭/୨୩ ନମ୍ବରରେ ଏକ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

## କାଳବୈଶାଖୀରେ ସ୍କୁଲ୍ ଟିଣଛାତ ଉଡ଼ିଗଲା

ସାଲେପୁର, (ଭାସ୍କର ନ୍ୟୁଜ୍): କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ହେବା ଯୋଗୁ ସାଲେପୁର ବ୍ଲକ୍ ଅନ୍ତର୍ଗତ ପିକୋଳ ପଂଚାୟତ ମାଣିତ୍ରୀ ସ୍ଥିତ ଜାଗୁଲାଇ ବାଳିକା ଉଚ୍ଚ ବିଦ୍ୟାଳୟର ଘରର ଟିଣ ଉଡ଼ିଯିବା ସହ ଚାରିମାଣିଆ ବଜାରରେ ଥିବା ମନୋଜ ଦାସଙ୍କ ଦୋକାନ ଘର ଟିଣ ଛାତ ଉଡ଼ାଇ ନେଇଛି। ଏହି କାଳ ବୈଶାଖୀ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ବଡ଼ବଡ଼ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଛି । ତୁରନ୍ତ ସ୍କୁଲ ଗୃହର ମରାମତି କରିବା ପାଇଁ ସମିତି ସଭ୍ୟ ସୁଲୋଚନା ସାହୁ, ପୂର୍ବତନ ସରପଞ୍ଚ ହରିହର ସାହୁ , ହେମନ୍ତ ସ୍ୱାଇଁଙ୍କ ସମେତ ଗ୍ରାମବାସୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଅସ୍ତରଙ୍ଗରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ୍ ଯାଞ୍ଚ

# ନକଲି ଚାକିରିଆଙ୍କ ଛାତିରେ ଛନକା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜାଲ ସାର୍ଟିଫିକେଟ ନିଯୁକ୍ତି। ଧରା ପଡିବେ ମିଛ ଶିକ୍ଷକ। ରାଜ୍ୟର ବିଭିନ୍ନ ସ୍ଥାନରେ ନକଲି ସାର୍ଟିଫିକେଟ ସାମ୍ନାକୁ ଆସିବା ପରେ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟରୁ ଅନେକ ଭିନ୍ନକ୍ଷମ କୋଟାରେ ଚାକିରୀ ପାଇଛନ୍ତି. ଏମାନଙ୍କ ଭିତରୁ ଅନେକଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଜାଲ ଥିବା ଅଭିଯୋଗ ହେଉଛି। କେବଳ ଭିନ୍ନକ୍ଷମ କୋଟା ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ। ଅନ୍ୟମାନେ ସ୍କାନର ଅଛନ୍ତି। ଶିକ୍ଷାଗତ ପ୍ରମାଣ ପତ୍ର ଓ ଭିନ୍ନକ୍ଷମ ସାର୍ଟିଫିକେଟ ପୁନଃ ଯାଞ୍ଚ ଆରମ୍ଭ। ଅସ୍ତରଙ୍ଗ ବ୍ଲକର ୧୩ଟି କ୍ଲଷ୍ଟର ପ୍ରାଥମିକ ଓ ଉଚ୍ଚପ୍ରାଥମିକ



ବିଦ୍ୟାଳୟର ୩୪୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି. ପ୍ରତ୍ୟେକ ଦିନ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୩ଜଣ ଅତିରିକ୍ତ ଶିକ୍ଷାଧିକାରିଣୀ ରାଜଲକ୍ଷ୍ମୀ ପାତ୍ର, ମମତା ମଞ୍ଜରୀ ଦେଇ ଓ ସୁଧାଂଶୁବାଳା ଶତପଥୀ କ୍ଲଷ୍ଟର ଅନୁଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ତନତନ କରି ଯାଞ୍ଚ କରୁଛନ୍ତି। ୩୦ମେ ମଙ୍ଗଳବାର ଦିନ ଝାଡ଼ଲିଙ୍ଗ କ୍ଲଷ୍ଟର ୧୧ବିଦ୍ୟାଳୟ, ଅସ୍ତରଙ୍ଗ କ୍ଲଷ୍ଟର ୧୨ବିଦ୍ୟାଳୟ, ସରିପୁର କ୍ଲଷ୍ଟର ୧୨ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସାର୍ଟିଫିକେଟ ଯାଞ୍ଚ ହୋଇଥିବା ବେଳେ, ୩୧ ମେ ବୁଧବାର ଶିଶୁଅ କ୍ଲଷ୍ଟର ୧୦ବିଦ୍ୟାଳୟ, ନାଗପୁର କ୍ଲଷ୍ଟର ୧୨ବିଦ୍ୟାଳୟ, ଏଡବାଂଶ କ୍ଲଷ୍ଟର ୦୭ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ଯାଞ୍ଚ ହୋଇଥିବା ବେଳେ ୦୧ଜୁନ ଗୁରୁବାର ବଳଭଦ୍ରପୁର କ୍ଲଷ୍ଟର ୦୯ବିଦ୍ୟାଳୟ, ଅସନ କ୍ଲଷ୍ଟର ୧୧ବିଦ୍ୟାଳୟ ଓ ବାଲିପନ୍ତାଳ କ୍ଲଷ୍ଟର ର ୦୮ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସାର୍ଟିଫିକେଟ ଯାଞ୍ଚ ହୋଇଛି। କିନ୍ତୁ ଏଠାରେ ପ୍ରଶ୍ନ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ନକଲି ଭିନ୍ନକ୍ଷମ ସାର୍ଟିଫିକେଟ ସହ ରାଜ୍ୟ ବାହାରୁ ବିଇଡି ଓ ସିଟି ସାର୍ଟିଫିକେଟ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ସାର୍ଟିଫିକେଟକୁ ଉପଯୁକ୍ତ ୟୁନିଭରସିଟିକୁ ପଠାଇବା ସହ ଭିନ୍ନକ୍ଷମ ସାର୍ଟିଫିକେଟକୁ ଯାଞ୍ଚ ପାଇଁ ପୁରୀ ସିଡିଏମଓ ନିକଟକୁ ପଠାଇବାକୁ ବୁଦ୍ଧିଜୀବି ମହଲରେ ଦାବୀହୋଇଛି। ତାହା ସହ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ଯାଞ୍ଚ ସହ ପାଠପଢ଼ାଇବା ଜ୍ଞାନ ଓ ପୋଷ୍ଟାଲ ପରୀକ୍ଷାରେ ଯେଉଁ ଭଳି ସ୍ୱତନ୍ତ୍ର ଧରଣପରୀକ୍ଷା ହୋଇଥିଲା ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱତନ୍ତ୍ର ଟିମ୍ ପରୀକ୍ଷା କରିବା ପାଇଁ ବୁଦ୍ଧିଜୀବୀ ଦାବି ରଖିଛନ୍ତି। କିନ୍ତୁ ସାର୍ଟିଫିକେଟ ପ୍ରକୃତ ନକଲି ସାର୍ଟିଫିକେଟ ଧରାପଡୁଛି କି ନା କାଗଜ କଲମ ମାଧ୍ୟମରେ ତଦନ୍ତ ତଦନ୍ତରେ ରହିଯାଉଛି ତାହା ହିଁ ଅପେକ୍ଷା।

## ମରାମତି ହେଲା ପାଣିଟାଙ୍କି

**'ଓଡିଶା ଭାସ୍କର' ପ୍ରଭାବ**

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ବାହାରଣା ପଞ୍ଚାୟତ ବାହାରଣା ଗ୍ରାମ ମଝିରେ ଥିବା ମନ୍ଦିର ପାଖ ସୋଲାର ପାଣିଟାଙ୍କି ଭାଙ୍ଗି ଯାଇଥିଲା। ପାଣି ମୁନ୍ଦେ ପିଇବା ପାଇଁ ଗ୍ରାମବାସୀମାନେ ଡହଳ ବିକଳ ହେଉଥିଲେ ବି ବାରମ୍ବାର ଅଭିଯୋଗ ପରେ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁ ନଥିଲେ। ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଏହି ପାଣିଟାଙ୍କି ଉପରେ ଯେଉଁ ପରିବାର ନିର୍ଭରଶୀଳ ହୋଇ ରହୁଥିଲେ ସେମାନେ ପାଣିମୁନ୍ଦେ ପାଇବା ପାଇଁ ହା-ହୁତାଶରେ ରହୁଥିଲେ। ଏହି ଖବର ଓଡିଶା ଭାସ୍କରରେ ପ୍ରସାରଣ ହେବା ପରେ ୨୪ ଘଣ୍ଟା ମଧ୍ୟରେ ନୂତନ ପାଣିଟାଙ୍କି ଲଗାଇ ଦିଆ ଯାଇଛି।

### ବାଣ ବିସ୍ଫୋରଣରେ ୩ ନାବାଳକ ଆହତ ଘଟଣା

## 'ବର୍ଣ୍ଣ ଟୁ ହେଲ୍ପ ଅଲ୍' ନେଲା ସମସ୍ତଙ୍କ ଚିକିତ୍ସା ଦାୟିତ୍ୱ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ଥାନା ଅଠାନ୍ତର ଗ୍ରାମରେ ବୁଧବାର ମଧ୍ୟାହ୍ନରେ ବାଣ ବିସ୍ଫୋରଣ ଘଟି ୩ ନାବାଳକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆ ଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପରେ ରାତିରେ ୩ ଜଣଙ୍କୁ ପରିବାର ଲୋକେ ଘରକୁ ନେଇ ଆସିଥିଲେ। ସେମାନଙ୍କ ମଧ୍ୟରେ ଆରତ ଭୋଇଙ୍କ ପୁଅ ଦିଲ୍ଲୀପ ୧୦ ଏବଂ କୁନା ଭୋଇଙ୍କ ପୁଅ ଜନଜ (୧୧)ଙ୍କ ମୁହଁ ପୋଡି ଯାଇଥିବା ବେଳେ ଆଖିରେ ଗୁରୁତର ଆଘାତ ଲାଗିଛି। ଗୁରୁତର ନାବାଳକମାନେ ଅତି ଗରିବ ପରିବାରର ହୋଇଥିବାରୁ ସେମାନଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଛି 'ବର୍ଣ୍ଣ ଟୁ ହେଲ୍ପ ଅଲ୍' ସଙ୍ଗଠନ। ଉକ୍ତ ସଙ୍ଗଠନ ସମସ୍ତଙ୍କ ଚିକିତ୍ସା ପାଇଁ ଦାୟିତ୍ୱ ନେଇଛି। କର୍ମକର୍ତ୍ତାମାନେ ପହଞ୍ଚି ଗୁରୁତରଙ୍କୁ ହାଇଟେକ ମେଡ଼ିକାଲ ନେଇଯାଇ ଅଧିକ ଚିକିତ୍ସା କରାଉଥିବା ଜଣାପଡ଼ିଛି। ସଂଗଠନର ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

### ● ପ୍ରେମ ପାଇଁ ଜୀବନ ଗଲା ●

## ୧୫ ଦିନରେ ଫେରିଲା ମରଶରୀର

**ପରିବାର ପକ୍ଷରୁ ହତ୍ୟା ଅଭିଯୋଗ**

ବାଣପୁର, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଧିନସ୍ତ ଆଦିବାସୀ ବହୁଳ ଦାମିଆଁବରବରା ପଞ୍ଚାୟତ ବାଲିକଣିଆଁ ଗାଁର ଲକ୍ଷଣ ଶବରଙ୍କ ପୁଅ ଦେବ ଶବର। ସେ ସେହି ଗ୍ରାମର ଗୋପି ଶବରଙ୍କ ମଝିଆଣି ଝିଅକୁ ନିଶବରକୁ ଦିର୍ଘବର୍ଷ ଧରି ଭଲପାଇ ଆସୁଥିଲା। ଦୁହିଙ୍କ ବିବାହ ନିମନ୍ତେ ଉଭୟେ ନିଜନିଜ ପରିବାରକୁ ମଧ୍ୟ କହିଥିଲେ। କିନ୍ତୁ ପ୍ରେମିକା ପରିବାର ପକ୍ଷରୁ ଏହାକୁ ସିକୃତି ଦେଇନଥିଲେ। ଏହାଦ୍ୱାରା ଉଭୟଙ୍କ ପରିବାରରେ ଅସନ୍ତୋଷ ଦେଖା ଦେଇଥିଲା। ଫଳରେ କିଛିଦିନ ପରେ ପ୍ରେମିକର ବଡଭଉଣୀ ସୁମିତ୍ରା ଶବର ମୋହାରାଷ୍ଟ୍ରରୁ ଆସିବା ପରେ। ଗତ୧୭/୫/୨୦୨୩ ତାରିଖ ଦିନ ସାନ ଭଉଣୀକୁ ନିଶବର ଓ ତାହାର ପ୍ରେମିକ ଦେବରାଜ ଶବରକୁ ସାଥିରେ ଧରି ମୋହାରାଷ୍ଟ୍ର ନେଇ ଯାଇଥିଲେ। ତେବେ ଦେବରାଜ ସେଠାରେ କିଛିଦିନ ରହିବା ପରେ ଗ୍ରାମକୁ ଫେରି ଆସିବା ନିମନ୍ତେ ଗାଡି ଖର୍ଚ୍ଚ ପାଇଁ ତାଙ୍କ ପରିବାରକୁ ଗତ ୨୮ତାରିଖରେ ଜଣାଇବା ପରେ। ପରିବାର ପକ୍ଷରୁ ୨ହଜାର ଟଙ୍କା ଫୋନପେରେ ପଠା ଯାଇଥିଲା। ୨୯ ତାରିଖ ସନ୍ଧ୍ୟାରେ ଖବର ଆସିଥିଲା। ଦେବରାଜ ସନ୍ଧ୍ୟା ୭ଟାସମୟରେ ସେଠାରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଛି। ସେ ଗ୍ରାମକୁ ଫେରି ଆସିବା ନିମନ୍ତେ ଘରକୁ ଟଙ୍କା ମଗାଇଥିବାବେଳେ। ଘରଲୋକ ଟଙ୍କା ପଠାଇବା ପରେ କାହିଁକି ଦେବରାଜ ଆତ୍ମହତ୍ୟା କଲା ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି। ଅନ୍ୟପଖ୍ୟରେ ଦେବରାଜର ମରଶରୀରକୁ ବ୍ୟବଛେଦ କରାଯାଇ ମହାରାଷ୍ଟ୍ରରୁ ବାଣପୁରକୁ ଅଣାଜାଇ ଥିବାବେଳେ ପ୍ରେମିକାକୁ ନିଶବରର ବଡଭଉଣୀ ସୁମିତ୍ରା ଶବର ଓ ତାହାର ସମ୍ପର୍କିୟମାନେ ମହାରାଷ୍ଟ୍ରରେ ମାରିଦେଇଥିବା ବାଣପୁର ଥାନାରେ ଦେବରାଜ ଶବରର ବଡଭାଇ ମଙ୍ଗରାଜ ଶବର ଅଭିଯୋଗ ଆଣିଛନ୍ତି। ଏହାକୁନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## ନାହାଁନ୍ତି ଗ୍ରାମ୍ୟ କୃଷି କର୍ମଚାରୀ, ସହାୟତା ନ ପାଇ ଚାଷୀ ହଇହଇା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କୃଷକ ମାନଙ୍କୁ ରିହାତି ମୂଲ୍ୟରେ ରାସାୟନିକ ସାର, ବିହନ,କୃଷି ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। ଏଥିନିମନ୍ତେ ରାଜକୋଷରୁ କୋଟିକୋଟି ଟଙ୍କା ବିନଯୋଗ ହେଉଛି । ଏପରିସ୍ଥଳେ ସମସ୍ୟା ବହୁଳ ନିଶ୍ଚିନ୍ତକୋଇଲି ମଣ୍ଡଳ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକୀୟ ଗ୍ରାମ୍ୟ କୃଷି କର୍ମଚାରୀ ନଥିବା ହେତୁ କୃଷକମାନେ ସରକାରୀ ସହାୟତା ଓ ସୁବିଧା ପାଇବାରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ଚାଷୀ ମହଲରେ ଦୃଢ ଦାବି ହୋଇଛି। ସମସ୍ୟା ବହୁଳ ନିଶ୍ଚିନ୍ତକୋଇଲି ମଣ୍ଡଳ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଂଚାୟତକୁ ନେଇ ଗଠିତ। ଏହି ୪୧ଟିଗ୍ରାମପଂଚାୟତର ଶହ ଶହ ଚାଷୀ ବିଭିନ୍ନ ତାଲିମ,ସରକାରୀ ସହାୟତା ଓ ଚାଷ ବିଷୟରେ ବିଭିନ୍ନ ତଥ୍ୟ ଜାଣିବା ନିମନ୍ତେ ନିଶ୍ଚିନ୍ତକୋଇଲି କୃଷି କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ଦୀର୍ଘ ଦିନ ହେଲା ଏହି କୃଷି କାର୍ଯ୍ୟାଳୟ ଏକରକମ ଖୁସି କାର୍ଯ୍ୟାଳୟରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ୪୧ଟି ଗ୍ରାମପଂଚାୟତ ନିମନ୍ତେ ମାତ୍ର ୩ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ରହିଥିବାର ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ଏହି କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟକରୁଥିବା ଗ୍ରାମ୍ୟ କୃଷି କର୍ମଚାରୀ ଶୁଭ୍ରାଂଶୁ ଶେଖର ବେହେରା ଙ୍କୁ ୧୫ଟି , ରଶ୍ମିରଞ୍ଜନ ବହିରାଙ୍କୁ ୬ଟି ଓ ସ୍ମୃତି ରଞ୍ଜନ ନାୟକଙ୍କୁ ୨୦ଟି ଗ୍ରାମପଂଚାୟତର କୃଷି କାର୍ଯ୍ୟ ଦାୟୀତ୍ୱ ବଂଟନ କରାଯାଇଛି। ତେବେ ନଦୀ ନାଳ ଘେରା ସମସ୍ୟାବହୁଳ ୪୧ଟି ପଂଚାୟତ ରେ ଏହି ୩ ଜଣ କର୍ମଚାରୀ କିପରି କାର୍ଯ୍ୟ କରୁଥିବେ ତାହା ସହଜେ ଅନୁମେୟ।ଆବଶ୍ୟକ ପରିମାଣରେ ଗ୍ରାମ୍ୟ କୃଷି କର୍ମଚାରୀ ନଥିବା କାରଣରୁ ଏହି ବ୍ଲକର ଚାଷୀମାନେ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଆସୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇପାରୁନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ଏପରିକି ବହୁ ସମୟରେ ଚାଷୀମାନେ ନିଶ୍ଚିନ୍ତକୋଇଲି ଠାରେ ଥିବା କୃଷି କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ନେଇ ଆସୁଥିଲା ବେଳେ କର୍ମଚାରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ ହେଉଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ସେହିପରି ଭାବେ ଚାଷୀମାନେ ଦୂରଦୂରାନ୍ତରୁ ଆସି ଆର୍ଥୀକ ଖର୍ଚ୍ଚାନ୍ତର ଶୀକାର ହେଉଥିବାର ବହୁ ଚାଷୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଆବଶ୍ୟକୀୟ କୃଷି କର୍ମଚାରୀ ନଥିଲା ବେଳେ ପ୍ରଶାସନ ତରଫରୁ ଠିକାଦାରଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏହି କାର୍ଯ୍ୟାଳୟ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ କୋଠା ଉପରେ କୋଠା ନିର୍ମାଣ କରାଯିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେହିପରି ଭାବେ ଆବଶ୍ୟକୀୟ କର୍ମଚାରୀ ଅଭାବରୁ ଏହି ବ୍ଲକ ଅଂଚଳରେ ସରକାରଙ୍କ କୃଷି ସମ୍ପର୍କୀୟ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ଏସମ୍ପର୍କରେ ଆମ ପ୍ରତିନିଧି ବ୍ଲକ କୃଷି ଅଧିକାରୀ ସିର୍ଦ୍ଧାର୍ଥ ସଙ୍କର ପରିଡା କୁ ପଚାରିବାରୁ ସେ କୁହନ୍ତି କାର୍ଯ୍ୟାଳୟରେ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି। ସେ ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଏହି ବ୍ଲକ ନିମନ୍ତେ ଆବଶ୍ୟକୀୟ କୃଷି କର୍ମଚାରୀ ଯୋଗାଇ ଦେବା ନିମନ୍ତେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, କୃଷକ ନେତା ଷ୍ଟାଲିନ ରାଉତ, ଯୁବ ଚାଷୀ ଅମୀୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଂଚ ଦିଲିପ କୁମାର ରାଉତ ପ୍ରମୁଖ ଦୃଢ ଦାବି କରିଛନ୍ତି।

## ମହିଳାଙ୍କ ଗଳିତ ଶବ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ଗରୁଡଗାଁ ପଞ୍ଚାୟତ ସପନପୁର ମହିମା ଗାଦି ପାହାଡ଼ ତଳୁ ପଚାଶଢା ଅବସ୍ଥାରେ ଏକ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ପାହାଡକୁ ଯାତାୟାତ କରୁଥିବା ପଥଚାରୀ ଦୃଗନ୍ଧ ହେଉଥିବାର ବାରି ଖୋଜାଖୋଜି କରିବାରୁ ଏହି ପାହାଡ ଉପରକୁ ଦେଇ ଯାଇଥିବା ରାସ୍ତା ଡାହାଣ ପାର୍ଶ୍ୱରେ ଏକ ଲଟା ଭିତରେ ମହିଳାଙ୍କ ମୃତଦେହ ପଡି ଥିବାର ଦେଖି ଟାଙ୍ଗୀ ପୋଲିସିକୁ ଖବର ଦେଇଥିଲେ ଘଟଣା ସ୍ଥଳେ ପୋଲିସ ପହଞ୍ଚି ଶବଟିକୁ ଦେଖି କାହାକୁ ନଜଗାଇ ଛାଡି ପଳାଇଯାଇଥିଲ। ଏ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ପୋଲିସ ଅମାନୁଷିକ ପାରିବା ପଣିଆ କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଜି ଘଟଣାସ୍ଥଳେ ପୋଲିସି ଓ ସାଇଣ୍ଟିପିକ ଟିମ ପହଞ୍ଚି ଶବଟିକୁ ଉଦ୍ଧାର କରି ଶବ ବ୍ୱେଛେଦ ନିମନ୍ତେ ସାବିତ୍ରୀ ଜନସେବା ଦ୍ୱାରା କଟକ ବଡମେଡିକାଲ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରିରଖିଛି। ମହିଳା ଜଣକ ପରିଚୟ ମିଳିନଥିବାବେଳେ ବୟସ ପାଖାପାଖି ୩୦ବର୍ଷରୁ କମ ହେବବୋଲି ଜଣାପଡୁଛି। ଏହା ହତ୍ୟା କି ଆତ୍ମହତ୍ୟା ପୋଷ୍ଟମଡ଼ମ ରିପୋଟ ଆସିବାପରେ ତାହା ଜଣାପଡିବ ବୋଲି ଟାଙ୍ଗୀ ପୋଲିସି ଅଧିକାରୀ ସୂଚିତ୍ର ବୀର୍ଯ୍ୟ ଦାସ ପ୍ରକାଶ କରିଛନ୍ତି। ଅନ୍ୟ ପଟେ ଟାଙ୍ଗୀ ଅଞ୍ଚଳରୁ ୧୫ଦିନ ମଧ୍ୟରେ ଏହିଭଳି ୪ଜଣକ ମୃତଦେହ ମିଳିବା ଓ ଟାଙ୍ଗୀ ପୋଲିସ ମୃତକଙ୍କ ପରିଚୟ ନ ପାଇବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

### ପତିତପାବନ ପାଟଣାରେ ଡ୍ରେନଜ୍ ଅବସ୍ଥା ଶୋଚନୀୟ

## ଡ୍ରେନ୍‌ରେ ପଡ଼ି ୭ ଆହତ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ପୌରାଞ୍ଚଳରେ ସରକାରଙ୍କ ଡ୍ରେନଜ ଯୋଜନା ପହସନରେ ପରିଣତ ହୋଇଛି। ଅନେକ ବ୍ୟକ୍ତି ଡ୍ରେନରେ ପଡି ଆହତ ହୋଇଥିଲେ ମଧ ପୌରପରିଷଦର ନିଦ ଭାଙ୍ଗୁନାହିଁ। ପୌରପରିଷଦ ବିକାଶ ସଂପର୍କରେ ଡିଣ୍ଡିମ ପିଟୁଥିବା ବ୍ୟକ୍ତିମାନେ ଏବେ କୁଆଡେ ଗଲେ ବୋଲି ଜନସାଧାରଣ ଖୋଜିବୁଲୁଥିଲେ ମଧ ନେତୃବୃନ୍ଦ ଅଧିକାରୀଙ୍କ ଦେଖାମିଳୁନାହିଁ। ମିଳିଥିବା ସୂଚନା ଅନୁଯାୟୀ ପତିତପାବନ ପାଟଣା ଅବର୍ଜନାପୂର୍ଣ୍ଣ ହୋଇଥିବା ବେଳେ ପେସରପରିଷଦ ପକ୍ଷରୁ ଠିକାଦାରଙ୍କୁ ପୋଷିବା ପାଇଁ ନିମ୍ନମାନର ଡ୍ରେନେଜ ତିଆରି ହୋଇଛି । ଡ୍ରେନଜ ଉପରେ ସ୍ଲାବ ନଥିବାରୁ ମଣିଷ ଠାରୁ ଆରମ୍ଭ କରି ଗୋରୁଗାଈ ପର୍ଯ୍ୟନ୍ତ ପଡି ଗୋଡ ହାତ ଭାଙ୍ଗୁଛି । ଏହି ପତିତପାବନ ପାଟଣା ଗ୍ରାମର ନିତ୍ୟାନନ୍ଦ ସାହୁଙ୍କ ଘର ସମ୍ମୁଖରେ ଡ୍ରେନଜ ଯାଇଥିବା ବେଳେ ଡ୍ରେନଜ ଉପରେ ସ୍ଲାବ ନଥିବାରୁ ଦୁଇଜଣ ମହିଳା ତିନିଜଣ ପୁରୁଷ ପଡି ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଦୀର୍ଘଦିନ ହେବ ଏହାର ପ୍ରତିକାର ପାଇଁ ନିତ୍ୟାନନ୍ଦ ପୌରପରିଷଦରେ ଅଭିଯୋଗ କରିଥିଲେ ମଧ ନିତ୍ୟାନନ୍ଦଙ୍କ ଅଭିଯୋଗ ଉପରେ ଦୃଷ୍ଟି ଦିଆଯାଉନାହିଁ। କଣ ପାଇଁ ପୌରପରିଷଦ ମନୁଷ୍ୟ କ୍ଷତିକାରକ କାର୍ଯ୍ୟ କରୁଛି ୬ ନମ୍ବର ୱାର୍ଡରେ ଏପରି ଅବସ୍ଥା ହୋଇଥିବା ବେଳେ ଅନ୍ୟ ୱାର୍ଡମାନଙ୍କରେ ଆହୁରି ମଧ ପରିସ୍ଥିତି ଜଟିଳ ରହିଛି । ସରକାରଙ୍କ ବିକାଶ ଏଠାରେ ଲଙ୍ଗଳା ରୂପ ନେଇଛି । ଏହି ଘଟଣା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସ୍କୁଲ୍ ଜମି ହଡ଼ପ ଘଟଣାକୁ ବିରୋଧ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କରଂଜି ଗ୍ରାମପଂଚାୟତର ହଇଡ଼ାପାଳ ଗ୍ରାମରେ ଥିବା ଏକ ସରକାରୀ ସ୍କୁଲ ଜମିକୁ ହଡ଼ପ ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଉତେଜନା ସୃଷ୍ଟି ହୋଇଥିବା ବେଳେ ଗ୍ରାମର ୩ଜଣ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଥିବା ଘଟଣାକୁ କେନ୍ଦ୍ର କରି ଆଜି ଗ୍ରାମବାସୀଙ୍କ ପକ୍ଷରୁ ଚୌଦ୍ୱାର ଥାନାରେ



ପ୍ରତିବାଦ କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ଦୀର୍ଘ ବର୍ଷ ଧରି ଏହି ସ୍କୁଲ ଏଠାରେ ରହିଥିବା ବେଳେ ଜନୈକ ବ୍ୟକ୍ତି ଏହି ଜାଗାକୁ ନିଜ ନାମରେ ପଟ୍ଟା କରିବା ସହ ଉକ୍ତ ଜମିକୁ ଗ୍ରାମ ତଥା ଆଖପାଖର କିଛି ବ୍ୟକ୍ତିଙ୍କୁ ଏହି ଜମି ବିକ୍ରି କରିଦେଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହାସହ ଉକ୍ତ ଜମିକୁ ନିଜ ଅକ୍ତିଆରରେ ନେବା ପାଇଁ ସେମାନେ ସ୍ଥାନୀୟ ପୁଲିସ୍ ସହାୟତାରେ ଜେସିବି ଲଗାଇ କାମ ଆରମ୍ଭ କରୁଥିବା ବେଳେ ଏହାକୁ ନେଇ ଗ୍ରାମବାସୀମାନେ ଘୋର ବିରୋଧ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଚୌଦ୍ୱାର ପୁଲିସ୍ ପକ୍ଷରୁ ରାତି ଅଧରେ ଗ୍ରାମରେ ଚଢ଼ାଉ କରାଯାଇ ଗ୍ରାମର ୩ଜଣ ବ୍ୟକ୍ତିଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖିଥିବା ଜାଣିବା ପରେ ଗ୍ରାମବାସୀମାନେ ଏହାର ପ୍ରତିବାଦରେ ଚୌଦ୍ୱାର ଥାନାରେ ପ୍ରତିବାଦ ଜଣାଇବା ସହ ପୁଲିସ୍‌ର ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରତି ସନ୍ଦେହ ପ୍ରକାଶ କରିବା ସହ ଯଦି ଏହି ଘଟଣା ଉପରେ ସଠିକ୍ ତଦନ୍ତ କରାନଯାଏ ତେବେ ଆଗାମୀ ଦିନରେ ଗ୍ରାମବାସୀମାନେ ଆତ୍ମାହୁତି ଦେବେ ବୋଲି ଧମକ ଦେଇଛନ୍ତି।

# ଅମଲାଙ୍କ ଧର୍ମଘଟ: ସରକାରୀ କାର୍ଯ୍ୟାଳୟ ପ୍ରଭାବିତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ଧରି ରାଜ୍ୟର ଅମଲା ମାନେ ସେମାନଙ୍କ ଏକ ଦଫା ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାକୁ ସରକାର କର୍ଣ୍ଣପାତ କରୁନଥିବା କାରଣରୁ ଜୁନ୍ ୧ ତାରିଖ ଠାରୁ ଅମଲା ମାନେ ସମୂହ ଛୁଟି ରେ ଯିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଉପଖଣ୍ଡର ୪ଟି ବ୍ଲକ ର ବିଭିନ୍ନ ବିଭାଗର ଅମଲା ମାନେ ଏକାଠି ହୋଇ ଧାରଣା ଦେବା ସହ ନାରାବାଜି କରୁଥିବା ଦେଖିବାକୁ ମିଳିଛି। ବ୍ରିଟିଶ ଶାସନ ସମୟରୁ ଅମଲା ମାନଙ୍କ ଗ୍ରେଡ ପେ'ରେ ଆଜିଯାଏଁ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବରୁ ମାଟ୍ରିକ ପାସ ଆଉଟ୍‌ଙ୍କୁ ଅମଲା ଭାବେ ନିଆଯାଉଥିବା ବେଳେ ବର୍ତ୍ତମାନ ଗ୍ରାଜୁଏଟ୍ ସହ କମ୍ପ୍ୟୁଟର ଶିକ୍ଷା ସାର୍ଟିଫିକେଟ ଥିବା ବ୍ୟକ୍ତି ବିଶେଷଙ୍କୁ ଏଥିପାଇଁ ନିଆଯାଉଛି। ଶିକ୍ଷାଗତ ଯୋଗ୍ୟତା କୁ ବୃଦ୍ଧି କରାଯାଇଥିଲେ ମଧ ଗ୍ରେଡ୍ ପେରେ ଆଜିଯାଏଁ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏଣୁ ରାଜ୍ୟ ଅମଲା ସଂଘ ଏବେ ସାରା ରାଜ୍ୟରେ କାର୍ଯ୍ୟରତ ଅମଲା ମାନଙ୍କ ଗ୍ରେଡ ପେ ବୃଦ୍ଧି କରାଯାଇ ୪୨୦୦ ଟଙ୍କା



କରିବାକୁ ସରକାରଙ୍କ ଦାବି କରିଛି। ସମାନ କାମକୁ ସମାନ ଦରମା ପ୍ରଦାନ ସହ ଅମଲା ମାନଙ୍କୁ ଲେବେଲ୍ ୪ରୁ ଲେବେଲ୍ ୯କୁ ନେବା ଭଳି ଏକ ସୂତ୍ରୀ ଦାବିରେ ଅମଲା ସଂଘର ସଦସ୍ୟମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିଛନ୍ତି। ଏହା ଅନିର୍ଦ୍ଦିଷ୍ଟ କାଳ ଯାଏଁ ଚାଲିବ ବୋଲି ଉପଖଣ୍ଡ ସ୍ତରୀୟ ମିଳିତ ଅମଲା ସଂଘ ସଭାପତି କମଳ ଲୋଚନ ଦୋରା ଓ ସଂପାଦକ-ରବିନ୍ଦ୍ର ନାଥ ମଲ୍ଲିକ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଦୀର୍ଘ ବର୍ଷ ହେଲା ଜିଲ୍ଲାସ୍ତରୀୟ ଅମଲାମାନଙ୍କର ବେତନରେ ଥିବା ଅସଙ୍ଗତିକୁ ଦୂର କରିବାରେ ରାଜ୍ୟ ସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବ ଉପରେ ଘୋର ଅସନ୍ତୋଷ ଲାଗିରହିଛି। ରାଜ୍ୟ ସରକାର ୨୦୧୭ ମସିହା ଠାରୁ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରି ନାହାଁନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ସମଭାବାପନ୍ନ ଅମଲା ସଂଘ ମାନଙ୍କ ପକ୍ଷରୁ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ହୋଇ ସାରିଛି। କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ଫଳ ଶୂନ୍ୟ ହୋଇଅଛି। ଏହାର ପ୍ରତିବାଦରେ ଆଉ ଆଲୋଚନା ନୁହେଁ ଏଣିକି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦାବି ହାସଲ କରାଯିବ ବୋଲି ରାଜ୍ୟ ଅମଲା ସଂଘ ନିଷ୍ପତ୍ତି ଗ୍ରହଣ କରିଥିଲା। ପୂର୍ବରୁ ଅମଲାମାନେ ମଇ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରି ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ରାଜ୍ୟ ସରକାର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ରୁଇ ଜୁନ୍ ୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇ ବିଭିନ୍ନ ସ୍ଥାନରେ ଅମଲା ମାନେ ଧାରଣାରେ ବସି ରହିଛନ୍ତି। ଅପରପକ୍ଷରେ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ପ୍ରଥମ ଦିନରେ ସମସ୍ତ ସରକାରୀ ଦପ୍ତରରେ କିଛି ବି କାମ ହୋଇପାରିନଥିବା ବେଳେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ଘଟିଥିବା ଦେଖିବାକୁ ମିଳିଛି।

## ଯାଜପୁର ଜିଲ୍ଲା ଅମଲା ସଂଘ ପକ୍ଷରୁ ସମୂହ ଛୁଟି

ଯାଜପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅମଲା ମାରଣ ନୀତିକୁ ବିରୁଦ୍ଧ କରି ଜିଲ୍ଲା କାର୍ଯ୍ୟାଳୟର ଅମଲାମାନେ ମଇ ମାସ ଶେଷ ସପ୍ତାହରୁ ଧାରଣ କରିଥିବା କଳା ବ୍ୟାଚ୍ ଏବେ ସମୁହ ଛୁଟିକୁ ରୂପାନ୍ତରିତ ହୋଇଅଛି। ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଅମଲାମାନେ ଜୁନ୍ ମାସ ୧ ତାରିଖ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସମସ୍ତ ବିଭାଗର ଅମଲାମାନେ ଗୁରୁବାର ଦିନ ସମୁହ ଛୁଟିରେ ରହିଥିବାବେଳେ ଏମାନଙ୍କ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ। କନିଷ୍ଠ ସହାୟକଙ୍କ ଷଷ୍ଠ ବେତନ ଅନୁସାରେ ଦରମା ଲେବୁଲ-୯ରେ ଗ୍ରେଡ୍ ପେ ୪୨୦୦କୁ ଧାର୍ଯ୍ୟ କରାଯାଇଥିବାବେଳେ ଏହାର ବ୍ୟତିକ୍ରମ ନିମନ୍ତେ ଏହି ଆନ୍ଦୋଳନ କରାଯାଉଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ସମାନ କାମକୁ ସମାନ ବେତନ ସମ୍ବିଧାନ ସମ୍ମତ ହୋଇଥିବାବେଳେ ପୂର୍ବରୁ ମାଟ୍ରିକ୍ ପାଶ୍‌ମାନେ ଯେଉଁ ୧୯୦୦ ଗ୍ରେଡ୍ ପେ ପାଉଥିଲେ ତାହା ୨୦୧୭ ମସିହାରେ ପରିବର୍ତ୍ତିତ ହୋଇ ସ୍ନାତକ ସହ କମ୍ପ୍ୟୁଟର ଯୋଗ୍ୟତାସମ୍ପନ୍ନ କର୍ମଚାରୀମାନଙ୍କର ସେହି ପୂର୍ବ ଗ୍ରେଡ୍ ପେ ବଳବତ୍ତର ରହିବା ବିଡ଼ମ୍ବନାର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାର ସଂଶୋଧନ ନିମନ୍ତେ ବାରମ୍ବାର ଦାବୀ ହେଉଥିଲେ ହେଁ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଏହି କାରଣରୁ ଜିଲ୍ଲା ଅମଲା ସଂଘ, ସବ୍-ରେଜେଷ୍ଟ୍ରି ଅମଲା ସଂଘ ଓ ଅନ୍ୟାନ୍ୟ କାର୍ଯ୍ୟାଳୟର କର୍ମଚାରୀମାନେ ବାଧହୋଇ ସମୂହ ଛୁଟି ନେବାକୁ ସ୍ଥିର କରି ଗୁରୁବାର ଦିନ ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିଥିଲେ। ଏହି ଆନ୍ଦୋଳନ ସମୟରେ ଜିଲ୍ଲା ଅମଲା ସଂଘ ସଭାପତି କମଳାକାନ୍ତ ନନ୍ଦ, ଟ୍ରେଜେରୀ ଅମଲା ସଂଘ ପକ୍ଷରୁ ମଳୟ କୁମାର ସାମଲ, ଉପେନ୍ଦ୍ର ରାଉତରାୟ, ସବ୍-ରେଜିଷ୍ଟର ଅମଲା ସଂଘ ପକ୍ଷରୁ ରାଜକିଶୋର ସାହୁ, ମିଳିତ ମଞ୍ଚର ଉପଦେଷ୍ଟା ପ୍ରଦୀପ ଦାସ, ରାଜସ୍ୱ ଅମଲା ସଂଘର ସଭାପତି ନିଗମାନନ୍ଦ ମାନଧାତା, ସମ୍ପାଦକ ମଦନ ମୋହନ ପତିଙ୍କ ସମେତ ଶତାଧିକ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ବୋଲି ଜଣାଯାଇଛି । ଅଧ୍ୟାପକ ଆଶିଷ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଖୁବ୍ ଶୀଘ୍ର ସରକାର ଏସବୁ ସମସ୍ୟା ସମାଧାନ ନକଲେ ଆନ୍ଦୋଳନ ଅଧିକ ତୀବ୍ରତର ହେବ । କର୍ମଚାରୀମାନଙ୍କ ପକ୍ଷରୁ ସୁଦୀପ୍ତ ସାହୁ, ପ୍ରଦୀପ ଦାସ, ଦେବୀପ୍ରସନ୍ନ ଧଳ ଓ ଉପେନ୍ଦ୍ର ରାଉତରାୟ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ଜରିଆରେ ସେମାନଙ୍କ ଏହି ଏକମାତ୍ର ନ୍ୟାୟୋଚିତ ଦାବି ସମ୍ପର୍କରେ ସ୍ଥାନୀୟ ବିଧାୟକ ଓ ଜିଲ୍ଲାର ଅନ୍ୟାନ୍ୟ ଜନପ୍ରତିନିଧିମାନଙ୍କ ଜରିଆରେ ସରକାରଙ୍କୁ ଅବଗତ କରାଇବେ ବୋଲି ସୂଚନା ଦେଇଥିଲେ।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଭାରତୀୟ ବାୟୁସେନାର ଗୋଟିଏ କିରଣ ଟ୍ରେନର ଏୟାରକ୍ରାଫ୍ଟ କର୍ଣ୍ଣାଟକାର ସାମ୍ବାୟାନାପାଲୟା ଗାଁରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ବେଳେ ଏଥିରେ ୨ ଜଣ ପାଇଲଟ ରହିଥିଲେ। ସବୁଦିନ ଭଳି ଆଜି ବିମାନଟି ନିୟମିତ ଉଡ଼ାଣ ଭରିଥିଲା। ତେବେ କିଛି ସମୟ ପରେ ଏହା କ୍ରାଶ କରି ଯାଇଥିଲା। ବିମାନରେ ତେଜପାଲ ଓ ଭୂମିକା ନାମରେ ଦୁଇ ଜଣ ପାଇଲଟ ଥିଲେ। କ୍ରାଶ ଯୋଗୁ ବିମାନଟିରେ ନିଆଁ ଲାଗିଯିବା ସହ ଏହା ସଂପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି। କିନ୍ତୁ ଦୁଇ ପାଇଲଟ ସୁରକ୍ଷିତ ଭାବେ ଅବତରଣ କରି ଯାଇଛନ୍ତି। ଦୁର୍ଘଟଣାର କାରଣ ଜଣାପଡ଼ି ନଥିଲେ ହେଁ ବାୟୁସେନା ପକ୍ଷରୁ କୋର୍ଟ ଅଫ ଇନକ୍ୱାରୀ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ପ୍ରଶାସନର ସୂଚନା ଅନୁସାରେ, ଗାଁ ନିକଟରେ ବିମାନଟି କ୍ରାଶ କରିବାରୁ ଏଥିରେ ନିଆଁ ଲାଗି ଯାଇଥିଲା। ବିମାନଟି ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ବେଳେ ଏହାର ଧ୍ୱଂସାବଶେଷକୁ ବାୟୁସେନା ପକ୍ଷରୁ ସଂଗ୍ରହ କରାଯାଇଛି।

## 'ରାମ କଥା ଆମ ହୃଦୟରେ ଆବଦ୍ଧ'

## ଛତିଶଗଡରେ ଜାତୀୟସ୍ତରୀୟ ରାମାୟଣ ମହୋତ୍ସବ ଉଦ୍‌ଘାଟିତ



ରାୟପୁର: ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ କହିଛନ୍ତି ଯେ ଭଗବାନ ଶ୍ରୀରାମ ଛତିଶଗଡରେ ନିର୍ବାସନର ୧୦ ବର୍ଷ ବିତାଇଛନ୍ତି। ନିର୍ବାସନ ସମୟରେ ଭଗବାନ ଶ୍ରୀରାମ ଏତେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିଜର ସମ୍ମାନ ହରାଇନଥିଲେ। ଯେତେବେଳେ ପ୍ରଭୁ ରାମ ଜଙ୍ଗଲକୁ ଗଲେ, ସେତେବେଳେ ସେ ମର୍ଯ୍ୟାଦା ପୁରୁଷୋତ୍ତମ ହୋଇଥିଲେ। ତାଙ୍କ ଚରିତ୍ର ନିର୍ମାଣରେ ଛତିଶଗଡର ମଧ୍ୟ ଅଂଶ ରହିଛି। ଆଜି ରାୟଗଡ଼ର କଳା ଓ ସାହିତ୍ୟ ସହରର ଐତିହାସିକ ରାମଲିଲା ମୈଦାନରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ତିନି ଦିନିଆ ଜାତୀୟ ରାମାୟଣ ମହୋତ୍ସବର ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଆମର ଛତିଶଗଡ ହେଉଛି ମାତା କୌଶଲ୍ୟା ଏବଂ ଶବରୀ ମାତାଙ୍କ ରାଜ୍ୟ। ଏହା ଆଦିବାସୀ ଏବଂ ଜଙ୍ଗଲବାସୀଙ୍କ ଦେଶ, ଯେଉଁମାନେ ଏଠାରେ ଶତାବ୍ଦୀ ଧରି ବାସ କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶରେ ପ୍ରଥମ ଥର ପାଇଁ ଛତିଶଗଡରେ ଜାତୀୟ ସ୍ତରରେ ଆନୁଷ୍ଠାନିକ ଭାବେ ରାମାୟଣ ମହୋତ୍ସବ ଆୟୋଜିତ ହେଉଛି। ଶ୍ରୀରାମ ଜୀଙ୍କର ଆଦର୍ଶ ଚରିତ୍ର ଶୁଣିବା ପାଇଁ ଏହି ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି, ଯଦିଓ ଏହା ଏକ ଜାତୀୟ କାର୍ଯ୍ୟକ୍ରମ, କିନ୍ତୁ କାମ୍ବୋଡିଆ, ଇଣ୍ଡୋନେସିଆ ଭଳି ବିଦେଶୀ ଦଳ ମଧ୍ୟ ଏଥିରେ ଅଂଶଗ୍ରହଣ କରି ଏହି ପର୍ବକୁ ଆନ୍ତର୍ଜାତୀୟ ସ୍ତରରେ ପରିଣତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାମ କଥା ଆମ ହୃଦୟରେ ଆବଦ୍ଧ। ଆମର ସକାଳ ରାମ-ରାମରୁ ଆରମ୍ଭ ହୁଏ ଏବଂ ସନ୍ଧ୍ୟା ମଧ୍ୟ ରାମ-ରାମ ସହିତ ଶେଷ ହୁଏ । ଆମର ପ୍ରତ୍ୟେକ ଗାଁରେ ରାମଲିଲାର ସୁନ୍ଦର ଟ୍ରୁପ୍ ତିଆରି କରାଯାଏ । ସାଧାରଣ ଲୋକମାନେ ଶ୍ରୀ ରାମଙ୍କ ସହ ଗଭୀର ସମ୍ପର୍କ ଅନୁଭବ କରନ୍ତି କାରଣ ଶ୍ରୀ ରାମ ସମସ୍ତଙ୍କର। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଦିବାସୀ ସଂସ୍କୃତିର ପ୍ରଚାର ପାଇଁ ଆମେ ତିନି ବର୍ଷ ଧରି ଜାତୀୟ ଆଦିବାସୀ ମହୋତ୍ସବ ଆୟୋଜନ କରୁଛୁ। ଆଦିବାସୀମାନଙ୍କର ଦେବଗୁଡ଼ିକୁ ସୁରକ୍ଷା ଦେବା, ସେମାନଙ୍କର ଘୋଟୁଲକୁ ସୁରକ୍ଷା ଦେବା । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରୁଥିବାବେଳେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅମରଜିତ ଭାଗବତ କହିଛନ୍ତି ଯେ ସୀତା ରାମଙ୍କ ଚରିତ୍ର ଅତ୍ୟନ୍ତ ଶୁଦ୍ଧ, ମଧୁର ଏବଂ ଅତ୍ୟନ୍ତ ମନୋରମ ଅଟେ। ଏହା ନିଶ୍ଚିତ ଭାବରେ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଯେ ଆମେ ଏଠାରେ ଶ୍ରୀ ରାମଙ୍କ ଆଦର୍ଶ ଚରିତ୍ର ଶୁଣିବାକୁ ଯାଉଛୁ । ମୁଖ୍ୟମନ୍ତ୍ରୀ ଶ୍ରୀ ଭୁପେଶ ବାଗେଲଙ୍କ ଉଦ୍ୟମରେ ଏହି ଅନନ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ବିଦ୍ୟାଳୟ ଶିକ୍ଷା ମନ୍ତ୍ରୀ ଡକ୍ଟର ପ୍ରେମସାଇ ସିଂ ଟେକାମ କହିଛନ୍ତି। ରାମ କଥା ଶୁଣିବା ଦ୍ୱାରା ଆମେ ସମସ୍ତେ ଶ୍ରୀ ରାମଙ୍କ ଆଦର୍ଶରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଗ୍ରହଣ କରିବୁ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଉମେଶ ପଟେଲ କହିଛନ୍ତି ଯେ ରାମ ୱାନ ଗମନ ପଥ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଭୁପେଶ ବାଗେଲ ଭଗବାନ ଶ୍ରୀ ରାମଙ୍କ ସହ ଜଡିତ ସ୍ଥାନଗୁଡ଼ିକର ବିକାଶ ପାଇଁ ଏକ ମହତ୍ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ସାମୂହିକ ହନୁମାନ ଚଲିସା ଆୟୋଜିତ ହୋଇଥିଲା । ଭକ୍ତି ଗୀତର ଗାୟକ ଶ୍ରୀ ଦିଲୀପ ଶାଡାଙ୍ଗୀ ଏହି ଉପସ୍ଥାପନା କରିଥିଲେ । ଇଣ୍ଡୋନେସିଆ ଏବଂ କାମ୍ବୋଡିଆର ଦଳମାନେ ସେମାନଙ୍କର ପାରମ୍ପାରିକ ପୋଷାକରେ ଦର୍ଶକଙ୍କୁ ଆକର୍ଷିତ କରିଥିଲେ।



### ରାଜ୍ୟବାସୀଙ୍କୁ ଗେହଲୋଟଙ୍କ ଉପହାର

## ୧୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଘୋଷଣା

ଜୟପୁର: ରାଜସ୍ଥାନ ସରକାରଙ୍କ ବଡ଼ ଘୋଷଣା। ନିର୍ବାଚନ ପୂର୍ବରୁ ରାଜ୍ୟବାସୀଙ୍କୁ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋଟ। ୧୦୦ ୟୁନିଟ ମାଗଣା ବିଦ୍ୟୁତ ନେଇ ଘୋଷଣା କରିଛନ୍ତି। ଏହା ସହ ପରବର୍ତ୍ତୀ ୧୦୦ ୟୁନିଟ ଲାଗି ଫିକ୍ସଡ ରେଟ ବି ଧାର୍ଯ୍ୟ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗେହଲୋଟ କହିଛନ୍ତି- ମୁଦ୍ରାସ୍ଫୀତି ଓ ଜନତାଙ୍କ ପ୍ରସ୍ତାବ ଅନୁସାରେ ବିଦ୍ୟୁତ ବିଲ୍ ନୀତିରେ ପରିବର୍ତ୍ତନ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । କିଛିମାସ ତଳେ ଗ୍ୟାସ ସିଲିଣ୍ଡର ପିଛା ୫୦୦ ଟଙ୍କା ହ୍ରାସ କରି ଦେଶବ୍ୟାପୀ ଚର୍ଚ୍ଚାର



ପରିସରକୁ ଆସିଥିଲେ ଗେହଲଟ। ଗତବର୍ଷ ସରକାରୀ ହସ୍ପିଟାଲରେ ୨୫ ଲକ୍ଷ ଟଙ୍କା ଯାଏ ମାଗଣା ସ୍ୱାସ୍ଥ୍ୟ ସେବା ସହ ସାମାଜିକ ନିରାପତ୍ତା ଯୋଜନାରେ ମାସିକ ପେନସନ ପରିମାଣ ୧ ହଜାର ଟଙ୍କାକୁ ବୃଦ୍ଧିକରିଥିଲେ ସରକାର।

### ଲୋକସଭା ନିର୍ବାଚନ ପାଇଁ ବିରୋଧୀ ଏକଜୁଟ୍ ପ୍ରୟାସ

## ୧୨ରେ ପାଟନା ବୈଠକରେ ଯୋଗଦେବେ ବିରୋଧୀ ଦଳର ନେତା

ନୂଆଦିଲ୍ଲୀ: ଆସନ୍ତା ବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନ ପାଇଁ ବିରୋଧୀ ଦଳ ବିଜେପି ବିରୋଧରେ ଏକଜୁଟ ହେବାକୁ ଚେଷ୍ଟା ଜାରି ରଖିଛି। ବିରୋଧୀ ଦଳର ଭବିଷ୍ୟତ ରଣନୀତି ସମ୍ପର୍କରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୁନ୍ ୧୨ରେ ପାଟନାରେ ଏକ ବୈଠକ ଡାକିଛନ୍ତି। ଏହି ସମୟରେ କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ଆମେ ବୈଠକକୁ ଯିବା, କିନ୍ତୁ ଏଥିରେ କିଏ ଯୋଗଦେବେ ଏହା ସ୍ଥିର ହେବା ବାକି ଅଛି । ଏଥିସହ ସୂତ୍ର ଅନୁଯାୟୀ କଂଗ୍ରେସ ବୈଠକର ତାରିଖ ବଢ଼ାଇବାକୁ ଅନୁରୋଧ କରିଛି। ବିରୋଧୀଙ୍କୁ ମନାଇ ଏକ ହେବା ପାଇଁ ଗତ କିଛିଦିନ ହେବ ନୀତୀଶ କୁମାର ନିରନ୍ତର ବୈଠକ କରୁଛନ୍ତି। ସେ ଅତୀତରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ



ଖଡ୍‌ଗେ ଏବଂ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ଏହା ପରେ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ସଭାପତି ଶରଦ ପାୱାର ଏବଂ ଉଦ୍ଧବ ଠାକରେଙ୍କ ସମେତ ଅନେକ ନେତାଙ୍କୁ ଭେଟିଥିଲେ। ଏଥିରେ ସମସ୍ତେ କହିଥିଲେ ଯେ ବିରୋଧୀ ଦଳ ଏକାଠି ହେବା ଆବଶ୍ୟକ। ଉଦ୍ଧବ ଦଳର ନେତା ସଞ୍ଜୟ ରାଉତ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏବଂ ଏନସିପି ମୁଖ୍ୟ ଶରଦ ପାୱାର ନୀତୀଶ କୁମାରଙ୍କ ବୈଠକରେ ସାମିଲ ହେବେ। ଏହା ବ୍ୟତୀତ ତୃଣମୂଳ କଂଗ୍ରେସ ସଭାପତି ମମତା ବାନାର୍ଜୀ ମଧ୍ୟ ବୈଠକକୁ ଯାଇପାରନ୍ତି ବୋଲି ଆଶା କରାଯାଉଛି। ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ ମଧ୍ୟ ଏଥିରେ ଯୋଗଦେବେ। ବୈଠକରେ ଯୋଗଦେବା ପାଇଁ ବିଜେପି ସହିତ ସମ୍ପର୍କରେ ନଥିବା ନେତାମାନଙ୍କୁ ଆମନ୍ତ୍ରଣ କରାଯାଇଛି। କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଏକ ଅଭିଭାଷଣରେ ବୁଧବାର ବିରୋଧୀ ଏକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯଦି ବିରୋଧୀ ସଠିକ୍ ଭାବରେ ମିଳିତ ହୁଅନ୍ତି ତେବେ କେନ୍ଦ୍ରରେ ଶାସକ ବିଜେପି ପରାସ୍ତ ହୋଇପାରିବ ବୋଲି ସେ କହିଛନ୍ତି। ସମାନ କଥା ପୁନରାବୃତ୍ତି କରି ସାଂସଦ ସଞ୍ଜୟ ରାଉତ ମଧ୍ୟ କହିଛନ୍ତି ଯେ ଯଦି ଏହା ଘଟେ ତେବେ ଲୋକସଭା ନିର୍ବାଚନର ଫଳାଫଳ ସମ୍ପୂର୍ଣ୍ଣ ବଦଳିଯିବ।

## ପାକିସ୍ତାନ ଜେଲ୍‌ରୁ ମୁକୁଳିବେ ୨୦୦ ଭାରତୀୟ ମତ୍ସ୍ୟଜୀବୀ

ନୂଆଦିଲ୍ଲୀ: ପାକିସ୍ତାନ ଜେଲ୍‌ରୁ ମୁକୁଳିବେ ୨୦୦ ଭାରତୀୟ ମତ୍ସ୍ୟଜୀବୀ। ପାକିସ୍ତାନ ଜଳସୀମାରେ ବେଆଇନ ମାଛ ମାରିବା ଅଭିଯୋଗରେ ଏହି ମତ୍ସ୍ୟଜୀବୀମାନଙ୍କୁ ଗିରଫ କରିଥିଲା ପାକିସ୍ତାନ। କରାଚି ଡିଷ୍ଟ୍ରିକ୍ଟ ଜେଲ୍ ମାଲିରରୁ ଏହି ମତ୍ସ୍ୟଜୀବୀମାନଙ୍କୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ଭାରତୀୟ ମତ୍ସ୍ୟଜୀବୀଙ୍କୁ ପାକିସ୍ତାନ ଜେଲ୍‌ରୁ ମୁକୁଳିବାରେ ଏହା ଦ୍ୱିତୀୟ ପର୍ଯ୍ୟାୟ ହେବ। ୱାଘା ବର୍ଡରରେ ମତ୍ସ୍ୟଜୀବୀମାନଙ୍କୁ ଭାରତୀୟ ଅଧିକାରୀଙ୍କୁ ହସ୍ତାନ୍ତରଣ କରିବ ପାକିସ୍ତାନ। ଏହା ପୂର୍ବରୁ ମେ ୧୨ ତାରିଖରେ ୧୯୮ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମାଲିର ଜେଲ୍‌ରୁ ମୁକୁଳାଇ ଭାରତୀୟ ଅଧିକାରୀଙ୍କୁ ଫେରାଇଥିଲା ପାକିସ୍ତାନ। ପ୍ରଥମ ପର୍ଯ୍ୟାୟରେ ପାକିସ୍ତାନ ୨୦୦ ଜଣଙ୍କୁ ଫେରାଇବାକୁ ଚେଷ୍ଟା କରିଥିଲା। ହେଲେ ଜେଲ୍‌ରୁ ମୁକୁଳିବା ପୂର୍ବ ଦିନ ହିଁ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ମେ ୬ ତାରିଖରେ ଜୁଲଫିକର ଓ ମେ ୯ ତାରିଖରେ ସୋମା ଦେବାଙ୍କର ପାକିସ୍ତାନ ଜେଲ୍‌ରେ ଅସୁସ୍ଥତା କାରଣରୁ ମୃତ୍ୟୁ ହୋଇଥିଲା। ଜୁଲାଇ ୩ ତାରିଖରେ ତୃତୀୟ ପର୍ଯ୍ୟାୟରେ ୧୦୦ ମତ୍ସ୍ୟଜୀବୀଙ୍କୁ ଭାରତକୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ସଂପୃକ୍ତ ଖବର ଆସିବା ପରେ ମତ୍ସ୍ୟଜୀବୀଙ୍କ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ବାଣିଜ୍ୟ

ନୂଆଦିଲ୍ଲୀ: ଫୋନପେ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିବା ସମ୍ପର୍କରେ ଘୋଷଣା କରିଛି । ୟୁନିଫାଏଡ ପେମେଂଟ ଇଂଟରଫେସ ସହ ଦୁଇ ଲକ୍ଷ ରୂପେ କ୍ରେଡିଟ କାର୍ଡକୁ ସଫଳତାର ସହ ସଂଯୋଗ କରିବାରେ ଏହି କମ୍ପାନୀ ପ୍ରଥମ ଡିଜିଟାଲ ପେମେଂଟ ଆପ୍‌ରେ ପରିଣତ ହୋଇଛି । ଏହା ସହିତ ଫୋନପେ ୟୁପିଆଇରେ ରୁପେ କ୍ରେଡିଟ ମାଧ୍ୟମରେ ୧୫୦ କୋଟି ଟଙ୍କାର ମୋଟ ପେମେଂଟ ମୂଲ୍ୟ(ଟିପିଭି) ମଧ୍ୟ ପ୍ରକ୍ରିୟାକରଣ କରିଛି । ଏନପିସିଆଇ ସହଭାଗିତାରେ ଫୋନପେ ୟୁପିଆଇରେ ରୁପେ କ୍ରେଡିଟ ପାଇଁ ବ୍ୟାପକ ଶ୍ରେଣୀର ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଯାହାଦ୍ୱାରା ଗ୍ରାହକ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଏହାର ବ୍ୟବହାର ସମାନ ରୂପେ ଲୋକପ୍ରିୟ ହୋଇପାରିବ । କମ୍ପାନୀ ଦେଶରେ ୧୨ ନିୟୁତ ବ୍ୟବସାୟୀ ଆଉଟଲେଟରେ ୟୁପିଆଇରେ ରୁପେ କ୍ରେଡିଟ କାର୍ଡର ଗ୍ରହଣୀୟତାକୁ ସକ୍ଷମ କରିସାରିଛି ।

## ଟିପିଏସ୍‌ଓଡିଏଲ୍‌ରେ ଅମିତ ଗର୍ଗ ଓ ଟିପିସିଓଡିଏଲ୍‌ରେ ଅରବିନ୍ଦ ସିଂହ ହେଲେ ନୂଆ ସିଇଓ



ଅମିତ ଗର୍ଗ



ଅରବିନ୍ଦ ସିଂହ

ବ୍ରହ୍ମପୁର(ଭାସ୍କର ନ୍ୟୁଜ୍) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍)ରେ ଶ୍ରୀ ଅମିତ ଗର୍ଗଙ୍କୁ ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ତାଙ୍କ କାର୍ଯ୍ୟକାଳ ୨୦୨୩ ଜୁନ୍ ୧ରୁ ଆରମ୍ଭ ହେବ। ୨୦୨୩ ମାର୍ଚ୍ଚ ୨୫ରେ ଅନୁଷ୍ଠିତ ଟିପିଏସ୍‌ଡିଏଲ୍‌ର ନିର୍ଦ୍ଦେଶକଙ୍କ ବୋର୍ଡ ବୈଠକରେ ଶ୍ରୀ ଅମିତ ଗର୍ଗଙ୍କୁ ସିଇଓ ଭାବେ ନିଯୁକ୍ତି ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବ ପାରିତ ହୋଇଥିଲା। ଶ୍ରୀ ଅମିତ ଗର୍ଗଙ୍କୁ ଟାଟା ପାୱାରର ସଭାପତି, ଟ୍ରାନ୍ସମିସନ ଆଣ୍ଡ୍ ଡିଷ୍ଟ୍ରିବ୍ୟୁସନ (ଟିଆଣ୍ଡଡି) ଶ୍ରୀ ସଂଜୟ ବାଙ୍ଗା ସ୍ୱାଗତ କରି କହିଛନ୍ତି ଯେ. 'ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍‌ର ନୂଆ ସିଇଓ ଭାବେ ଶ୍ରୀ ଅମିତ ଗର୍ଗଙ୍କୁ ସ୍ୱାଗତ କରି ଆମେ ଉଲ୍ଲସିତ। ବିଦ୍ୟୁତ ଶକ୍ତି ଶିଳ୍ପରେ ତାଙ୍କ ବ୍ୟାପକ ଅଭିଜ୍ଞତା ଓ ଉତ୍କୃଷ୍ଟ ପ୍ରଦର୍ଶନକୁ ନେଇ ଆମେ ନିଶ୍ଚିତ ଯେ ଶ୍ରୀ ଗର୍ଗ ଟିପିଏସ୍‌ଓଡିଏଲ୍‌କୁ ସଫଳତାର ନୂତନ ଶିଖରରେ ପହଂଚାଇବାର ନେତୃତ୍ୱ ନେବେ। ସିଇଓ ଭାବେ ନିଯୁକ୍ତି ପାଇବା ପୂର୍ବରୁ ଶ୍ରୀ ଅମିତ ଗର୍ଗ ୨୦୨୨ ଅଗଷ୍ଟରୁ ଟିପିଏସ୍‌ଓଡିଏଲ୍‌ରେ ଚିଫ୍ ଅପରେଟିଂ ଅଫିସର (ସିଓଓ) ଭାବେ କାର୍ଯ୍ୟ କରୁଥିଲେ। ସେ ଟାଟା ପାୱାର ଟ୍ରେଡିଂ କଂପାନି ଲିମିଟେଡ୍ (ଟିପିଟିସିଏଲ୍)ର ସିଇଓ ପଦରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍‌ରେ କାର୍ଯ୍ୟ କରିବା ସମୟ ସହିତ ତାଙ୍କ ସୁଦୀର୍ଘ କ୍ୟାରିୟରରେ ଶ୍ରୀ ଗର୍ଗ ବିଦ୍ୟୁତ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିଛନ୍ତି। ବିଦ୍ୟୁତ ଶିଳ୍ପରେ ତିନି ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ରଖିଥିବା ଶ୍ରୀ ଗର୍ଗ ମଧ୍ୟପ୍ରଦେଶର ଜବଲପୁର ଇଂଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ୍ ଇଂଜିନିୟରିଂରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ଟିପିଏସ୍‌ଓଡିଏଲ୍‌ର ସିଇଓ ଭାବେ ନିଯୁକ୍ତି ପାଇଥିବା ଶ୍ରୀ ଅମିତ ଗର୍ଗ କହିଛନ୍ତି ଯେ, 'ଟିପିଏସ୍‌ଓଡିଏଲ୍‌ର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟର ନେତୃତ୍ୱ ନେବା ଲାଗି ମୋ ଉପରେ ଭରସା ପ୍ରକଟ କରିଥିବାରୁ ମୁଁ ଟିପିଏସ୍‌ଓଡିଏଲ୍ ବୋର୍ଡକୁ ଧନ୍ୟବାଦ ଜଣାଉଛି। ଭରସାଯୋଗ୍ୟ ଓ ପ୍ରଭାବଶାଳୀ ବିଦ୍ୟୁତ ବଂଟନ ସେବା ଜରିଆରେ ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ଅଂଚଳ ସମେତ ସମସ୍ତ ଗ୍ରାହକଙ୍କ ଜୀବନକୁ ସଶକ୍ତ କରିବାର ମିସନକୁ ଜାରି ରଖିବାକୁ ମୁଁ ଚାହିଁ ରହିଛି ବୋଲି ସେ କହିଛନ୍ତି। ଶ୍ରୀ ଗର୍ଗଙ୍କ ପୂର୍ବରୁ ଟିପିଏସ୍‌ଓଡିଏଲ୍‌ର ସିଇଓ ପଦରେ କାର୍ଯ୍ୟ କରିଥିବା ଶ୍ରୀ ଅରବିନ୍ଦ ସିଂହଙ୍କ ମୂଲ୍ୟବାନ ଯୋଗଦାନକୁ ବୋର୍ଡ ପକ୍ଷରୁ ପ୍ରଶଂସା କରାଯାଇଛି। ୨୦୨୧ ଜାନୁଆରିରେ ଟିପିଏସ୍‌ଓଡିଏଲ୍ ଶୁଭାରମ୍ଭ ହେବା ପରଠାରୁ କଂପାନିର ସଫଳତାରେ ସେ ଅବିଚ୍ଛେଦ୍ୟ ଭୂମିକା ନିର୍ବାହ କରୁଛନ୍ତି। ଶ୍ରୀ ଅରବିନ୍ଦ ସିଂହ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍)ର ନୂଆ ସିଇଓ ଭାବେ ଭୁବନେଶ୍ୱରରେ ରହି ଦାୟିତ୍ୱ ଗ୍ରହଣ କରିବା ସହ ଟିପିସିଓଡିଏଲ୍‌ର ଅଭିବୃଦ୍ଧି ଓ ବିକାଶ ପାଇଁ ତାଙ୍କ ଅଭିଜ୍ଞତା ଓ ଗୁରୁତ୍ୱପୂର୍ଣ୍ଣ ଦୂରଦୃଷ୍ଟିକୁ ବ୍ୟବହାର କରିବେ। ଟାଟା ପାୱାରର ସଭାପତି, ଟ୍ରାନ୍ସମିସନ ଆଣ୍ଡ୍ ଡିଷ୍ଟ୍ରିବ୍ୟୁସନ (ଟିଆଣ୍ଡଡି) ଶ୍ରୀ ସଂଜୟ ବାଙ୍ଗା କହିଛନ୍ତି ଯେ, 'ଟିପିଏସ୍‌ଓଡିଏଲ୍‌ର ସିଇଓ ଭାବେ ଉଲ୍ଲେଖନୀୟ ନେତୃତ୍ୱ ପ୍ରଦର୍ଶନ କରିଥିବା ଶ୍ରୀ ଅରବିନ୍ଦ ସିଂହଙ୍କୁ ଆମେ ପ୍ରଶଂସା କରିବାକୁ ଚାହୁଁଛୁ। ଶ୍ରୀ ସିଂହଙ୍କ ନେତୃତ୍ୱରେ ଟିପିଏସ୍‌ଓଡିଏଲ୍ ଗ୍ରାମୀଣ ବିଦ୍ୟୁତ୍‌କରଣ, ନେଟୱର୍କରେ ଉନ୍ନତି, ଏଟିଆଣ୍ଡସି କ୍ଷତିରେ ଦୁଇ ଅଙ୍କ ବିଶିଷ୍ଟ ହ୍ରାସ ଏବଂ ପାୱାର ଫାଇନାନ୍ସ କର୍ପୋରେସନ ଜରିଆରେ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ୧୧ତମ ବାର୍ଷିକ ବିଦ୍ୟୁତ ବଂଟନ ୟୁଟିଲିଟି ରେଟିଂରେ ଜାତୀୟ ସ୍ତରରେ ଶ୍ରେଷ୍ଠ ୟୁଟିଲିଟିଙ୍କ ମଧ୍ୟରେ ସ୍ଥାନ ପାଇବାର ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିବାରେ ସଫଳ ହୋଇଥିଲା। ତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ଲକ୍ଷ୍ୟ ଓ ଉତ୍ସର୍ଗୀକୃତ ମନୋଭାବ କଂପାନିର ଅଭିବୃଦ୍ଧି ଓ ସଫଳତା ଲାଗି ଗୁରୁତ୍ୱପୂର୍ଣ୍ଣ ହୋଇରହିଛି।

## ଉଷା ନିଫ୍ଟ ଶ୍ରେଷ୍ଠ ବସ୍ତ୍ର ନିର୍ମାଣ ପୁରସ୍କାର ୨୦୨୩ର ବିଜେତା ସମ୍ମାନିତ




ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ସିଲେଇ ମେସିନ କମ୍ପାନୀ ଉଷା ଇଂଟରନ୍ୟାସନାଲ ପକ୍ଷରୁ ଦେଶର ଅଗ୍ରଣୀ ଫ୍ୟାସନ ସଂସ୍ଥାନ ନିଫ୍ଟ(ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜି)ରୁ ଉତୀର୍ଣ୍ଣ ହୋଇଥିବା ଉଦୀୟମାନ ଫ୍ୟାସନ ଡିଜାଇନରମାନଙ୍କର ସୃଜନଶୀଳତାକୁ ପୁରସ୍କୃତ କରିବା ଲାଗି ଏହି ସଂସ୍ଥାନ ସହିତ ସହଭାଗୀତା କରାଯାଇଛି । ଭୁବନେଶ୍ୱରରେ ସ୍ନେହନା ନିସାସରୀ, ଉଷା ନିଫ୍ଟ ଶ୍ରେଷ୍ଠ ବସ୍ତ୍ର ନିର୍ମାଣ ପୁରସ୍କାର ୨୦୨୩ ଜିତିଥିବାବେଳେ, ଉଷାର ଆଂଚଳିକ ପ୍ରତିନିଧିମାନଙ୍କ ଦ୍ୱାରା ତାଙ୍କୁ ସିଲେଇ ମେସିନ ସହିତ ସମ୍ବର୍ଦ୍ଧିତ କରାଯାଇଛି । ଉଷା ୨୦୦୦ ମସିହାରୁ ପ୍ରତିବର୍ଷ ଏହି ସମ୍ମାନଜନକ ପୁରସ୍କାରକୁ ପ୍ରାୟୋଜିତ କରିଆସୁଛି । ଏହି ପୁରସ୍କାରର ଅଂଶ ଭାବରେ ବିଜେତା ଏକ ଉଷା ଜୁନୋମ ଏଲ୍ୟୁଅର ଡିଏଲଏକ୍ସ ଅଟୋମାଟିକ ସିଲେଇ ମେସିନ, ଏକ ପ୍ରମାଣପତ୍ର, ଏବଂ ୧୦,୦୦୦ଟଙ୍କାର ଏକ ନଗଦ ପୁରସ୍କାର ରାଶି ଗ୍ରହଣ କରିଛନ୍ତି । ଏହି ସନ୍ଧ୍ୟାରେ ନିଫ୍ଟ ଅଧ୍ୟାପକ ଏବଂ ନିଫ୍ଟ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କ ପରିବାର ସଦସ୍ୟମାନେ ଏକତ୍ର ହୋଇଥିଲେ । ଉଷା ନିଫ୍ଟ ଶ୍ରେଷ୍ଠ ବସ୍ତ୍ର ନିର୍ମାଣ ପୁରସ୍କାର' ୨୦୨୩ ପୁରସ୍କାର ପ୍ରଦାନ କରାଯିବା କେନ୍ଦ୍ରଗୁଡ଼ିକ ମଧ୍ୟରେ ବେଙ୍ଗାଲୁରୁ, ଭୁବନେଶ୍ୱର, ଭୋପାଳ, ଚେନ୍ନାଇ, ଗାନ୍ଧିନଗର, ହାଇଦ୍ରାବାଦ, ଯୋଧପୁର, କାଙ୍ଗଡା, କନ୍ନୁର, କୋଲକାତା, ମୁମ୍ବାଇ, ନୂଆଦିଲ୍ଲୀ, ପଂଚକୁଲା, ପାଟନା, ରାୟବରେଲୀ ଏବଂ ଶିଲଙ୍ଗ ପ୍ରମୁଖ ଅର୍ନ୍ତଭୁକ୍ତ ରହିଛି । ଏହି ସହଭାଗିତା ଉପରେ ମତବ୍ୟକ୍ତ କରି ଉଷାର ମୁଖପାତ୍ର କହିଛନ୍ତି ଯେ, 'ନିଫ୍ଟ ସହିତ ଏହି ସହଭାଗିତା ଫ୍ୟାସନ ଉଦ୍ୟୋଗରେ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଛି ଏବଂ ଏହି ଯୁବ ଛାତ୍ରଛାତ୍ରୀମାନଙ୍କ ଅତୁଳନୀୟ ସୃଜନଶୀଳତା ଏବଂ ଦକ୍ଷତାର ଉତ୍ସବ ପାଳନ କରୁଛି ।

## ୬୦୦୦ରୁ ଅଧିକ ବ୍ରାଣ୍ଡରେ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ

ମୁମ୍ବାଇ: ଭାରତର ଅନ୍ୟତମ ଅଗ୍ରଣୀ ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ୍ ଗଂବ୍ୟସ୍ଥଳୀ ମିନ୍ତ୍ରା ଏହାର ଦ୍ୱିବାର୍ଷିକ ଏଣ୍ଡ୍ ଅଫ୍ ରିଜନ ସେଲ୍ (ଇଓଆର୍‌ଏସ୍)ର ୧୮ତମ ସଂସ୍କରଣ ସହିତ ଫେରିଛି । ଏଥିରେ ୬୦୦୦ରୁ ଅଧିକ ଅଗ୍ରଣୀ ଆର୍ନ୍ତଜାତୀୟ, ଘରୋଇ ଓ ଡି୨ସି ବ୍ରାଣ୍ଡଗୁଡିକରୁ ୨୦ ଲକ୍ଷରୁ ଅଧିକ ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ପ୍ରଡକ୍ଟ ରହିଛି ଯାହା ଚଳିତ ଜୁନ୍ ୧ ତାରିଖରୁ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ରୋମାଂଚିତ କରିବା ପାଇଁ ପ୍ରସ୍ତୁତ ରହିଛି। କମ୍ପାନୀ ସର୍ବାଧିକ ୯ ଲକ୍ଷ ବିଦ୍ୟମାନ ଗ୍ରାହକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ରହିଛି। ମିନ୍ତ୍ରାର କିରାନା ସହଯୋଗୀମାନଙ୍କର ୧୭୦୦୦ରୁ ଅଧିକ ମେନ୍‌ସା ନେଟୱର୍କ ଦେଶବ୍ୟାପୀ ଅର୍ଡରଗୁଡିକର ନିରବଚ୍ଛିନ୍ନ ବିତରଣକୁ ସକ୍ଷମ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏସମ୍ପର୍କରେ ମିନ୍ତ୍ରାର ସିଇଓ ନନ୍ଦିତା ସିହ୍ନା କହିଛନ୍ତି, 'ଆମର ପ୍ରୟାସ ହେଉଛି ଜେନ୍ ଜେଡ୍ ହୁଅନ୍ତୁ କିମ୍ବା ମିଲେନିଆଲ କିମ୍ବା ଟିୟର ୨ ଓ ୩ ସହରଗୁଡିକରେ ଥିବା ଆମର ଗ୍ରାହକ କିମ୍ବା ସୌନ୍ଦର୍ଯ୍ୟ ଉତ୍ସାହୀ, ପ୍ରତ୍ୟେକ ଗ୍ରାହକ ଯେପରି ଅତୁଳନୀୟ ଅଫର୍‌ଗୁଡିକ ଦ୍ୱାରା ଉତ୍ସାହିତ ହେବେ ଏବଂ ମିନ୍ତ୍ରାରେ ବୈଷୟିକ ଉନ୍ନତିକରଣ ଓ ବୈଶିଷ୍ଟ୍ୟଗୁଡିକ ମାଧ୍ୟମରେ ଆନନ୍ଦଦାୟକ ସପିଙ୍ଗ ଅନୁଭୂତି ପାଇପାରିବେ ତାହା ସୁନିଶ୍ଚିତ କରିବା। ଆମର ଇଓଆର୍‌ଏସ୍ ଫିଲ୍ମଗୁଡିକରେ ଶାହରୁଖ୍ ଖାନଙ୍କ ଭଳି ସୁପରଷ୍ଟାରଙ୍କ ଉପସ୍ଥିତି ବିଭିନ୍ନ ବୟସ ବର୍ଗ ଓ ଭୌଗୋଳିକ ସ୍ଥାନଗୁଡିକରେ ଏହି ସପିଙ୍ଗ୍ ଏକ୍ସଟ୍ରାଭାଗାକୁ ଅନୁବାଦିତ କରୁଛି। ସେହିପରି ବିୟୁଟି ଓ ପର୍ସନାଲ କେୟାର ବର୍ଗରେ ୧୪୫୦ରୁ ଅଧିକ ଅଗ୍ରଣୀ ଆର୍ନ୍ତଜାତୀୟ, ଘରୋଇ ଓ ଡି୨ସି ବ୍ରାଣ୍ଡଗୁଡିକରୁ ୮୩୦୦୦ରୁ ଅଧିକ ଉତ୍ପାଦ ପ୍ରଦର୍ଶିତ ହେବ। ଶାହରୁଖ୍ ଖାନ୍ ଇଓଆର୍‌ଏସ୍ -୧୮ର ଚେହେରା ହେବା ସହିତ ମିନ୍ତ୍ରା ତାଙ୍କର ବିଶାଳ ବ୍ୟକ୍ତିତ୍ୱକୁ ଉପଯୋଗ କରିବା ପାଇଁ ଲକ୍ଷ୍ୟ ରଖିଛି ।

## ଆର୍‌ଏସ୍‌ପି ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗର ଆରଏଲ୍ ପିଟ୍ ଲୁପ୍ ଲାଇନ୍ ଉଦଘାଟିତ




ରାଉରକେଲା (ଭାସ୍କର ନ୍ୟୁଜ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ଉପକରଣର ଉପଲବ୍ଧତାକୁ ବଢାଇବା ସହ କାରଖାନାର ଉତ୍ପାଦନ ଏବଂ କାର୍ଯ୍ୟଦକ୍ଷତା ସହିତ ଗତି କରିବା ପାଇଁ ଡାଉନ୍ ଟାଇମ ହ୍ରାସ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଅଛି। ନିକଟରେ ମଇ୨୫ ତାରିଖରେ ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗର ଆରଏଲ ପିଟ୍- ୨ ରେ ଏକ ଲୁପ୍ ଲାଇନ ସେବା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଦେବବ୍ରତ ଦତ୍ତଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏହି ଅବସରରେ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଜିଏମ, ଶ୍ରୀ ହିରାଲାଲ ମହାପାତ୍ର, ବିଭିନ୍ନ ସେକ୍ସନ ମୁଖ୍ୟ ତଥା ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନଯୋଗ୍ୟ ଯେ, ଆରଏସପିର ପ୍ରକଳ୍ପ ବିଭାଗ ଦ୍ୱାରା ଷ୍ଟିଲ ମେଲ୍ଟିଂ ସପ-୨ର ଆରଏଲ୍ ପିଟ୍ -୨ଠାରେ ୫୨ ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ଟ୍ରାକ୍ ଲାଇନ ବିଛା ହୋଇଥିଲା ଏବଂ ଦୁଇଟି ୧:୭ ଟର୍ନଆଉଟ୍ ମଧ୍ୟ ଅବସ୍ଥାପିତ କରାଯାଇଥିଲା। ଏହି ନୂତନ ଲୁପ୍ ଲାଇନ୍ ପ୍ରଦାନ କରି ଗୋଟିଏ ଖାଲି ଲୋକୋ ଏବଂ ସ୍ଥାନିତ ଲୋଡ୍ ଟର୍ପେଡୋକୁ ଷ୍ଟିଲ ମେଲ୍ଟିଂ ସପ-୨ ଆରଏଲ ପିଟରେ ୧୫ ମିନିଟ ମଧ୍ୟରେ ଅପସାରଣ କରିପାରିବ। ଲୋଡ୍ ପ୍ଲେସମେଣ୍ଟ ଏବଂ ଖାଲି ଅପସାରଣ ସମୟ ମଧ୍ୟ ହ୍ରାସ ହେବ। ପୂର୍ବରୁ ଯାହା ଲୋଡ୍ ଏବଂ ଖାଲି ଲୋକୋ ପ୍ଲେସମେଣ୍ଟ ବ୍ୟବଧାନ ଦୁଇଟି ଲୋକୋମୋଟିଭ୍ ସହିତ ଏକ ଘଣ୍ଟା ଥିଲା ।

## ଏଲନ୍ ମସ୍କ ବିଶ୍ୱର ୧ନମ୍ବର ଧନୀ

ନୂଆଦିଲ୍ଲୀ: ବିଶ୍ୱ ଧନୀ ତାଲିକାର ଶୀର୍ଷକୁ ଉଠିଲେ ଟେସଲା ସିଇଓ। ବିଶ୍ୱର ୧ ନମ୍ବର ଧନୀ ହେଲେ ଏଲନ ମସ୍କ। ଏହି ଦୌଡର ପ୍ରଥମରେ



ଥିବା ବର୍ଣ୍ଣାଡ ଆର୍ନାଲ୍ଟଙ୍କୁ ପକାଇଛନ୍ତି ପଛରେ। ଗତ ୨୪ ଘଣ୍ଟା ମଧ୍ୟରେ ଏଲୋନ୍ ମସ୍କଙ୍କ ମୋଟ ସମ୍ପତ୍ତି ୧.୯୮ ବିଲିୟନ ଡଲାର ବୃଦ୍ଧି ପାଇଛି। ଏଥିସହିତ ଫ୍ରାନ୍ସ ବ୍ୟବସାୟୀ ବର୍ଣ୍ଣାଡ୍ ଆର୍ନାଲ୍ଟ୫.୩୫ ବିଲିୟନ ଡଲାରର ବ୍ୟାପକ କ୍ଷତି ସହିଛନ୍ତି।




ମୁମ୍ବାଇ: ଭାରତୀୟ କ୍ରିକେଟ ଟିମର ୩ଟି ଫର୍ମାଟ ପାଇଁ ସ୍ୱତନ୍ତ୍ର ଜର୍ସି ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ୱାଙ୍ଖେଡ ଷ୍ଟାଡିୟମରେ ଭାରତୀୟ କ୍ରିକେଟ ଟିମର ନୂତନ କିଟ୍ ସ୍ପନଶର ପକ୍ଷରୁ ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜୁନ୍ ୭ରୁ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଥିବା ଆଇସିସି ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ପୂର୍ବରୁ ଆଡିଦାସ ଭାରତୀୟ ଖେଳାଳିମାନଙ୍କ ପାଇଁ ୩ଟି ଯାକ ଫର୍ମାଟ ନିମନ୍ତେ ଅଲଗା ଅଲଗା ଜର୍ସି ପ୍ରସ୍ତୁତ କରିଛି। ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ଟେଷ୍ଟ ଦଳର ଖେଳାଳିମାନେ ନୂତନ ଟ୍ରେନିଂ ଜର୍ସିରେ ଅଭ୍ୟାସ କରୁଛନ୍ତି। ଗତ ମାସରେ ବିସିସିଆଇ ୨୦୨୮ ପର୍ଯ୍ୟନ୍ତ ଆଡିଦାସ ସହ ଏ ନେଇ ଚୁକ୍ତି ସାଇନ କରିଛି । ୱାଙ୍ଖେଡରେ ବିଶାଳ ଜର୍ସିକୁ ଆକାଶରେ ଉଡାଇ କମ୍ପାନୀ ଏହାକୁ ପ୍ରଦର୍ଶିତ କରିଥିଲା। ଟି୨୦ ଟିମ ପାଇଁ କଲରଲେସ ଜର୍ସି ପ୍ରସ୍ତୁତ କରାଯାଇଛି । ୩ଟି ଯାକ ଫର୍ମାଟର ଜର୍ସିରେ ୩-୩ ପଟି ରହିଛି । ଜୁନ ୭ରୁ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଓଭାଲ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବ। ଇଂଲଣ୍ଡ ପହଞ୍ଚିବା ପରେ ଖେଳାଳିମାନଙ୍କ ପାଇଁ ଟ୍ରେନିଂ କିଟ୍ ପ୍ରଦାନ କରାଯାଇଥିଲା । ନୂତନ ଜର୍ସି ଟିମ ଇଣ୍ଡିଆ ଭଲ ପ୍ରଦର୍ଶନ କରିବା ପାଇଁ ନିଆରା ଉତ୍ସାହ ପ୍ରଦାନ କରିବ ବୋଲି ବିସିସିଆଇ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।

### ରେସ୍‌ଲରଙ୍କ ଆନ୍ଦୋଳନ: ବିଭିନ୍ନ ଦିଗରୁ ସମର୍ଥନ ଜାରି

# ରାଷ୍ଟ୍ରପତିଙ୍କୁ ଭେଟିବେ ଖାପ୍ ମହାପଞ୍ଚାୟତ ପ୍ରତିନିଧି



ନୂଆଦିଲ୍ଲୀ: ଭାରତୀୟ କୁସ୍ତି ମହାସଂଘର ବିବାଦୀୟ ଅଧ୍ୟକ୍ଷ ତଥା ବିଜେପି ସାଂସଦ ବ୍ରିଜଭୂଷଣ ଶରଣ ସିଂଙ୍କୁ ଗିରଫ ଦାବିରେ ଆନ୍ଦୋଳନକାରୀ ରେସଲର ଅଟଳ ରହିଥିବା ବେଳେ ସେମାନଙ୍କୁ ବିଭିନ୍ନ ଦିଗରୁ ସମର୍ଥନ ମିଳିବାରେ ଲାଗିଛି। କେନ୍ଦ୍ର ସରକାର ଓ କେନ୍ଦ୍ର କ୍ରୀଡା ମନ୍ତ୍ରାଳୟ କାଳକ୍ଷେପଣ ନୀତି ଅବଲମ୍ବନ କରି ରେସଲରଙ୍କ ଦାବି ପ୍ରତି କର୍ଣ୍ଣପାତ ନ କରିବା ଯୋଗୁଁ ଦିନକୁ ଦିନ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ରେସଲରଙ୍କ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଆଗେଇ ଆସୁଛନ୍ତି। ରେସଲରଙ୍କ ଆନ୍ଦୋଳନକୁ ସମର୍ଥନ କରି ଗୁରୁବାର ଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ଏକ ବିଶାଳ ର୍ୟାଲିର ଆୟୋଜନ କରା ଯାଇଥିବା ବେଳେ ପଞ୍ଜାବ, ହରିୟାଣା,ରାଜସ୍ଥାନ ଓ ଦିଲ୍ଲୀର ଖାପ ପଞ୍ଚାୟତ ନେତା ମାନେ ଉତ୍ତର ପ୍ରଦେଶର ମୁଜାଫରନଗର ଠାରେ ଏକତ୍ରିତ ହୋଇ ରେସଲରଙ୍କ ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଖାପ ମହାପଞ୍ଚାୟତ ନେତା ରାକେଶ ଟିକାୟତ କହିଛନ୍ତି ଯେ ଶୁକ୍ରବାର ହରିୟାଣାର କୁରୁକ୍ଷେତ୍ରରେ ଆଉଏକ ବୈଠକ ଆହ୍ୱାନ କରା ଯାଇଛି। ଏଥିରେ ରେସଲରଙ୍କ ଆନ୍ଦୋଳନ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ସେହିପରି ଏହି ପ୍ରସଙ୍ଗ ନେଇ ଖାପ ମହାପଞ୍ଚାୟତର ନେତା ମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବେ। ସେହିପରି ରେସଲରଙ୍କ ଦାବି ପୂରଣ ସହିତ ଉପଯୁକ୍ତ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ସୂଚନା ଯୋଗ୍ୟ ଯେ ରେସଲରଙ୍କୁ ସମର୍ଥନ କରି ଗୁରୁବାର କୃଷକ ମାନେ ସାମୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ପଞ୍ଜାବ ଓ ହରିୟାଣାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି। ଏହା ସହିତ କୋଲକାତାରେ ଦ୍ୱିତୀୟ ଦିନ ପାଇଁ ରେସଲରଙ୍କ ସମର୍ଥନରେ ର୍ୟାଲି ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଜୀବନ,ନ୍ୟାୟ ଓ ସ୍ୱାଧୀନତା ପାଇଁ ରେସଲର ମାନେ ଲଢ଼େଇ କରୁଛନ୍ତି। ଭାରତୀୟ କୁସ୍ତି ମହାସଂଘ ମୁଖ୍ୟ ବ୍ରିଜଭୂଷଣ ଶରଣ ଗିରଫ ନ ହେବା ପର୍ଯ୍ୟନ୍ତ ରେସଲରଙ୍କ ଆନ୍ଦୋଳନ ଜାରି ରହିବ। ବରିଷ୍ଠ କଂଗ୍ରେସ ନେତା ଭୁପିନ୍ଦର ହୁଡା କହିଛନ୍ତି ଯେ ହରିୟାଣା ସରକାର ରେସଲରଙ୍କ ଆନ୍ଦୋଳନ ପ୍ରତି ଆଖି ବୁଜି ଦେଇଛନ୍ତି। ମହିଳା ରେସଲରଙ୍କ ଅଭିଯୋଗ ଓ ଦାବି ପ୍ରସଙ୍ଗ ନେଇ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରିବା ଉଚିତ। ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ହରିୟାଣା ମୁଖ୍ୟମନ୍ତ୍ରୀ ଭୁପିନ୍ଦର ହୁଡା ଆହୁରି ମଧ୍ୟ କହିଛନ୍ତି ଯେ ଦେଶ ପାଇଁ ଯେଉଁ ମାନେ ଗର୍ବ ଓ ଗୌରବ ଆଣିଛନ୍ତି,ସେମାନଙ୍କୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିଲା ନାହିଁ। ତେଣୁ ବାସ୍ତବିକ ଏହା ଅତି କ୍ଷୋଭ ଓ ପରିତାପର ବିଷୟ। ଅନ୍ୟ ପକ୍ଷରେ କେନ୍ଦ୍ର କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ କେନ୍ଦ୍ର ସରକାର ରେସଲରଙ୍କ ଦାବିକୁ ଗୁରୁତର ସହ ବିଚାର କରୁଛନ୍ତି ଓ ତଦନ୍ତ ପରେ ଉପଯୁକ୍ତ ପଦକ୍ଷେପ ନେବେ।

## ଧୋନୀଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର




ମୁମ୍ବାଇ : ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଆଣ୍ଠୁରେ ସଫଳତାର ସହିତ ଅସ୍ତ୍ରୋପଚାର ହୋଇଛି। ଆଣ୍ଠୁରେ ଲାଗିଥିବା ଆଘାତ ଯୋଗୁଁ ଅସ୍ତ୍ରୋପଚାର କରିବା ପାଇଁ ପଡିଥିଲା। ଆଇପିଏଲରେ ସେ ଯନ୍ତ୍ରଣା ସହିତ ଖେଳିଥିଲେ। ମାତ୍ର ୱିକେଟକିପିଂ ଠିକ୍ କରୁଥିଲେ ହେଁ ବ୍ୟାଟିଂ ବେଳେ ସମସ୍ୟା ଅନୁଭବ କରୁଥିଲେ। ତେଣୁ ସବୁ ମ୍ୟାଚ୍‌ରେ ସେ ପଛରେ ବ୍ୟାଟିଂ କରିବାକୁ ଆସୁଥିଲେ। ତେବେ ଏହି ଯନ୍ତ୍ରଣା ଅଧିକ ଗୁରୁତର ହେବାରୁ ଅସ୍ତ୍ରୋପଚାର କରିବା ପାଇଁ ବାଧ ହୋଇଥିଲେ। ତେଣୁ ଆସନ୍ତା ବର୍ଷ ଆଇପିଏଲ୍ ଖେଳିବେ କି ନାହିଁ ତାହା ଆଜିଠାରୁ ଆକଳନ କରିପାରିବେ ନାହିଁ ବୋଲି ଧୋନି ନିଜେ କହିଛନ୍ତି। ଗୁରୁବାର ସକାଳେ ମୁମ୍ବାଇର କୋକିଲାବେନ୍ ହସ୍ପିଟାଲରେ ମାହିଙ୍କ ଆଣ୍ଠୁ ସର୍ଜରୀ ସଫଳତାର ସହ ଶେଷ ହୋଇଥିଲା। ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆହତ ହୋଇଥିଲେ ମହେନ୍ଦ୍ର ସିଂହ ଧୋନୀ । ମ୍ୟାଚରେ ୧୯ତମ ଓଭରରେ ଡାଇଭ୍ ମାରି ବଲ ଧରିବାକୁ ଚେଷ୍ଟା କରୁଥିବାବେଳେ ଆଣ୍ଠୁରେ ଆଘାତ ଲାଗିଥିଲା। ତଥାପି ସେ ଖେଳ ଜାରି ରଖିଥିଲେ। ପରବର୍ତ୍ତୀ ମ୍ୟାଚ୍ ଗୁଡିକ ମଧ ଖେଳିଥିଲେ । ସୂଚନା ଅନୁଯାୟୀ, କୋକିଲାବେନ୍ ହସ୍ପିଟାଲର ବରିଷ୍ଠ ସର୍ଜନ୍ ଡାକ୍ତର ଦୀନ୍‌ଶ ପାର୍ଡିୱାଲା, ମହେନ୍ଦ୍ର ସିଂହ ଧୋନୀଙ୍କ ଆଣ୍ଠୁ ସର୍ଜରୀ କରିଛନ୍ତି। ଡାକ୍ତର ପାର୍ଡିୱାଲା ପୂର୍ବରୁ ଋଷଭ ପନ୍ତଙ୍କ ସର୍ଜରୀ ମଧ କରିଥିଲେ। କେବଳ ଧୋନୀ କି ପନ୍ତ ନୁହନ୍ତି, ଅଲମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ସର୍ଜରୀ ମଧ ଡାକ୍ତର ଦୀନ୍‌ଶ ପାର୍ଡିୱାଲା କରିଥିଲେ । ତେବେ ଧୋନି ଦୁଇ କିମ୍ବା ୩ଦିନ ମଧରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବେ ବୋଲି ସୂଚନା ମିଳିଛି।

## ପିଏସଜି ପାଇଁ ଶେଷ ମ୍ୟାଚ ଖେଳିବେ ମେସି



ପ୍ୟାରିସ: ଆର୍ଜେଣ୍ଟିନାର ବିଶ୍ୱକପ ବିଜୟୀ ଅଧିନାୟକ ତଥା ବିଶ୍ୱର ଅନ୍ୟତମ ପ୍ରଖ୍ୟାତ ଫୁଟବଲ ତାରକା ଲିଓନେଲ ମେସି ଆଉ ଗୋଟିଏ ମ୍ୟାଚ ଖେଳିବା ପରେ ପ୍ୟାରିସ ସେଣ୍ଟ ଜର୍ମେନ(ପିଏସଜି) କ୍ଲବକୁ ଅଲବିଦା ଜଣାଇବେ। ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବାକୁ ଥିବା କ୍ଲେରମୋଣ୍ଟ ବିପକ୍ଷ ମ୍ୟାଚରେ ଏହି କ୍ଲବ ପାଇଁ ମେସି ଖେଳିବେ ଶେଷ ମ୍ୟାଚ। ପିଏସଜି କ୍ଲବର କୋଚ ଖ୍ରୀଷ୍ଟୋଫେ ଗାଲଟେର କହିଛନ୍ତି ଯେ ଫୁଟବଲ ଇତିହାସର ଅନ୍ୟତମ ପ୍ରଖ୍ୟାତ ଖେଳାଳି ମେସିଙ୍କୁ ତାଲିମ ଦେବା ସୁଯୋଗ ପାଇବା ଅତି ଗୌରବର ବିଷୟ। ତେବେ ମେସିଙ୍କ ଶେଷ ମ୍ୟାଚ ପଦାର୍ପଣ ଅବସରରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯିବ। ଚଳିତ ସିଜିନରେ ମେସି ପିଏସଜି କ୍ଲବ ପାଇଁ ୨୧ ଗୋଲ ସ୍କୋର କରିଥିବା ବେଳେ ଅନ୍ୟ ୨୦ ଗୋଲ ସ୍କୋର କ୍ଷେତ୍ରରେ ସହାୟତା କରିଥିଲେ। ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ଅନୁଷ୍ଠିତ ଫିଫା ପୁରୁଷ ଫୁଟବଲ ବିଶ୍ୱକପରେ ଆର୍ଜେଣ୍ଟିନାକୁ ଚାମ୍ପିଅନ କରାଇଥିବା ମେସି ୨୦୨୧ରେ ସ୍ପେନର ବାର୍ସେଲୋନା କ୍ଲବ ଛାଡି ପ୍ୟାରିସର ପିଏସଜି କ୍ଲବ ସହିତ ଦୁଇ ବର୍ଷ ପାଇଁ ଅନୁବନ୍ଧିତ ହୋଇଥିଲେ। ତେଣୁ ଶନିବାର ତାଙ୍କର ଦୁଇ ବର୍ଷୀୟା ଚୁକ୍ତି ସମାପ୍ତ ହେବାକୁ ଯାଉଛି। ତେବେ ସେ ଏହା ପରେ ସାଉଦି ଆରବର କ୍ଲବ ଅଲ-ହିଲାଲ ପାଇଁ ଆସନ୍ତା ସିଜିନ ଖେଳିବେ ବୋଲି ଅଫର ପାଇଛନ୍ତି।

## ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ : ଭାରତ ପାଇଁ ଡ୍ୟୁକ୍ ବଲ୍ ସମସ୍ୟା




ନୂଆଦିଲ୍ଲୀ: ଜୁନ୍ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ଲଣ୍ଡନର ଓଭାଲରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ଡ୍ୟୁକ ବଲର ବ୍ୟବହାର ହେବ । ତେଣୁ ଭାରତୀୟ ଦଳ ପାଇଁ ଏହା ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ୨୦୨୧ରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବା ବେଳେ ଏହି ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେଣୁ ଚଳିତ ବର୍ଷର ଏହି ମ୍ୟାଚ୍ ପାଇଁ ଭାରତୀୟ ଖେଳାଳିମାନେ ଡ୍ୟୁକ ବଲରେ ଜୋରଦାର ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି । ଅଲରାଉଣ୍ଡର ଅକ୍ଷର ପଟେଲ କହିଛନ୍ତି ଯେ, ଡ୍ୟୁକ ବଲରେ ଅଭ୍ୟାସ କରିବା ପାଇଁ ଆମ ପାଖରେ ଯଥେଷ୍ଟ ସମୟ ରହିଛି । ଭାରତରେ ୪୦ ଡିଗ୍ରୀ ପରିବେଶରେ ଖେଳିବା ପରେ ଆମେ ଏଠାରେ ଏବେ ଥଣ୍ଡା ପରିବେଶରେ ଅଭ୍ୟାସ କରୁଛୁ । ଅବଶ୍ୟ ଇଂଲଣ୍ଡ ପିଚରେ ସ୍ପିନରଙ୍କ ତୁଳନାରେ ପେସ ବୋଲରଙ୍କ ପ୍ରଭାବ ଅଧିକ ରହିବ । ଏଠାକାର ସୁଇଂ ବୋଲିଂ ଟ୍ରମ୍ପ କାର୍ଡ ସାଜିବ ବୋଲି ସେ କହିଛନ୍ତି । ଆମେ ଏବେ ଯୋଜନା ମୁତାବକ ପ୍ରସ୍ତୁତ କରୁଛୁ । ଲାଇନ ଲେନ୍ଥ ବୋଲିଂ ସହ ବ୍ୟାଟ୍ସମ୍ୟାନମାନେ ମଧ ସୁଇଂ ବୋଲିଂ ସାମ୍ନା କରିବା ପାଇଁ ଅଭ୍ୟାସ କରୁଛନ୍ତି ।

## ବିଶ୍ୱର ଅନ୍ୟ କୌଣସି ଟି-୨୦ ଲିଗ ଆଇପିଏଲ ପ୍ରତି ବିପଦ ସୃଷ୍ଟି କରିପାରିବେ ନାହିଁ: ଧୁମାଲ

ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ଅଧ୍ୟକ୍ଷ ଅରୁଣ ଧୁମାଲ କହିଛନ୍ତି ଯେ ଦିନକୁ ଦିନ ଟି-୨୦ କ୍ରିକେଟ ଲିଗ ପ୍ରତି ଅହେତୁକ ଆଗ୍ରହ ଓ ଚାହିଦା ବୃଦ୍ଧି ପାଉଛି। ଭାରତ ୨୦୦୮ରେ ପ୍ରଥମେ ଆଇପିଏଲ ଆରମ୍ଭ କରିବା ପରେ ଅଷ୍ଟ୍ରେଲିଆରେ ଟି-୨୦ ବିଗବାଶ ଲିଗ ଓ ପାକିସ୍ତାନରେ ଟି-୨୦ ସୁପର ଲିଗ ଓ ୱେଷ୍ଟଇଣ୍ଡିଜରେ କାରବିୟାନ ଟି-୨୦ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଶ୍ରୀଲଙ୍କା ,ବାଂଲାଦେଶରେ ମଧ୍ୟ ଏହି ଲିଗ ଚାଲିଛି। ସେହିପରି ଚଳିତ ବର୍ଷ ଦକ୍ଷିଣ ଆଫ୍ରିକା ଓ ୟୁନାଇଟେଡ ଆରବ ଏମିରେଟ୍ସରେ ମଧ୍ୟ ଟି-୨୦ ଲିଗ ଆରମ୍ଭ ହୋଇଛି। ଏହା ସହିତ ଆମେରିକା ଓ ସାଉଦି ଆରବରେ ଏହି ଲିଗ ଆୟୋଜନ ପାଇଁ ଯୋଜନା ଚାଲିଛି। ତେବେ ଅନ୍ୟ ଦେଶରେ ଏହି ଫର୍ମାଟ ଲିଗ ଅନୁଷ୍ଠିତ ହେଲେ ମଧ୍ୟ ବିସିସିଆଇ ପକ୍ଷରୁ ଆୟୋଜିତ ଆଇପିଏଲ ପାଇଁ କୌଣସି କ୍ଷତି ପହଞ୍ଚାଇ ପାରିବେ ନାହିଁ। କାରଣ ଅନ୍ୟ କୌଣସି ଲିଗ ଆଇପିଏଲ ସମକକ୍ଷ ହୋଇ ପାରିବେ ନାହିଁ। ବର୍ତ୍ତମାନ ଆଇପିଏଲର ବ୍ରାଣ୍ଡ ଭାଲ୍ୟୁ ୮.୪ ବିଲିଅନ ଡଲାର ରହିଛି। ଆକର୍ଷଣୀୟ ପାରିଶ୍ରମିକ ଦେଇ ବିଶ୍ୱର ବଡ ବଡ ଖେଳାଳି, କୋଚ ଓ ଅନ୍ୟାନ୍ୟ ଅଫିସିଆଲଙ୍କୁ ଅନୁବନ୍ଧିତ କରି ପାରୁଛି। ସେହିପରି ଆଇପିଏଲର ଦର୍ଶକଙ୍କ ସଂଖ୍ୟା ମଧ୍ୟ ପ୍ରତିବର୍ଷ ବୃଦ୍ଧି ପାଉଛି। ବିଗତ ସମସ୍ତ ବର୍ଷ ତୁଳନାରେ ଚଳିତ ବର୍ଷ ଆଇପିଏଲ ଉପଭୋଗକାରୀଙ୍କ ସଂଖ୍ୟା ଏକ ନୂଆ ରେକର୍ଡ ସୃଷ୍ଟି କରିଛି ବୋଲି ଜିଓ ସିନେମା ସୂତ୍ରରୁ ସୂଚନା ମିଳିଛି। ଚଳିତ ବର୍ଷର ଆଇପିଏଲ ଫାଇନାଲ ଖେଳିଥିବା ଚେନ୍ନାଇ ସୁପର କିଙ୍ଗସ ଓ ଗୁଜରାଟ ଟାଇଟନ୍ସ ମୁକାବିଲାକୁ ରେକର୍ଡ ସଂଖ୍ୟକ ୧୨୦ ମିଲିୟନ ଦର୍ଶକ ଟିଭି ମାଧ୍ୟମରେ ଉପଭୋଗ କରିଥିଲେ। ପୂର୍ବ ବର୍ଷ ଅପେକ୍ଷା ୩୨.୧ ମିଲିଅନ ଅଧିକ ଥିଲା। ସେହିପରି ଗତ ବର୍ଷ ଠାରୁ ୧୦ ଦଳକୁ ନେଇ ଆଇପିଏଲ ଅନୁଷ୍ଠିତ ହେଉଳ ଥିବାରୁ ସମସ୍ତ ମ୍ୟାଚ ସଂଘର୍ଷ ପୂର୍ଣ୍ଣ ଓ ରୋମାଞ୍ଚକର ହେଉଛି। ତେଣୁ ଦିନକୁ ଦିନ ଦର୍ଶକଙ୍କ ଆଗ୍ରହ ବଢ଼ି ଚାଲିଛି। ସବୁଠାରୁ ମଜାର ବିଷୟ ହେଲା ଯେ ଅଧିକାଂଶ ମ୍ୟାଚର ଶେଷ ଓଭର ଅଧିକ ଆର୍ଷଣୀୟ ଓ ରୋମାଞ୍ଚକର ହୋଇଥିଲା। ତେବେ ବର୍ତ୍ତମାନ ଆଇପିଏଲରରେ ମୋଟ ୭୪ ମ୍ୟାଚ ଅନୁଷ୍ଠିତ ହେଉଛି। ପରବର୍ତ୍ତୀ ସମୟରେ ଏହା ୯୪କୁ ବୃଦ୍ଧି କରିବା ନେଇ ଆଲୋଚନା ଚାଲିଛି।

# ମା’ ହିଙ୍ଗୁଳା କ୍ରିକେଟ୍ : ଟେଣ୍ଟୁଲେଇ ଚାମ୍ପିଅନ



ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ସାମନ୍ତସାହି ଠାରେ ଥିବା ଆମ୍ବତୋଟା ଗ୍ରାଉଣ୍ଡରେ ମା’ ହିଙ୍ଗୁଳା କ୍ରିକେଟ୍ କ୍ଲବ ପକ୍ଷରୁ ୪ର୍ଥ ବାର୍ଷିକ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଟେଣ୍ଟୁଲେଇ ଦଳ ୧୨ ଓଭରରେ ୧୨୪ ରନ୍ କରିଥିବାବେଳେ ବହ୍ଲର ଦଳ ୧୨ ଓଭରରେ ୮୦ ରନ୍ କରି ପରାସ୍ତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘଣ୍ଟପଡା ପଞ୍ଚାୟତର ସମିତିସଭ୍ୟ କରୁଣାକର ସାହୁ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁନିଲ ବିଶ୍ୱାଳ, ସମାଜସେବୀ ବିଭୁତି ସାହୁ, ସମାଜସେବୀ କ୍ଷିରୋଦ ସାହୁ, ସୁରେଶ ଚନ୍ଦ୍ର ସାହୁ, କାହ୍ନୁ ଚରଣ ଦାସ, ମନୋଜ ଦାସ, ଅଜୟ ଦାସ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ନଗଦ ୮ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଟେଣ୍ଟୁଲେଇ ଦଳର କ୍ୟାପ୍ଟେନ୍ ପପୁନ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଟେଣ୍ଟୁଲେଇ ଦଳର ଭିକୁ ଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଦିଲିପ୍ କୁମାର ଦାସ ଓ ଚିନୁ ସାହୁ ଖେଳକୁ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ଟିକନ ମାଷ୍ଟ୍ରେ, ସ୍କୋରର ଭାବେ ପିଲୁ ଦାସ, ସିତନ ମହାନ୍ତି ଦାୟିତ୍ୱ ତୁଲାଇଥିଲେ । କ୍ଲବର ଅଶୋକ ଦାସ, ମଣ୍ଟୁ ଦାସ, ଶିବା ସାହୁ, ସିଙ୍ଗୁଲ ଦାସ, ସମୀର ସାହୁ, ଅମୀର ସାହୁ, ପିନୁ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଗତ ୨୫ ତାରିଖ ଦିନ ଆରମ୍ଭ ହୋଇଥିବା ଖେଳକୁ ସମାଜସେବୀ କ୍ଷିରୋଦ ସାହୁ, ଅଶୋକ ଦାସ ଓ ରିଙ୍କୁ ଦାସ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

### ଆଇପିଏଲରେ ମୋହିତ ଶର୍ମାଙ୍କ ଅପୂର୍ବ ସଫଳତା

## ଭାରତୀୟ ଟି-୨୦ ଦଳରେ ସ୍ଥାନ ପାଇବା ସମ୍ଭାବନା



ନୂଆଦିଲ୍ଲୀ: ଗତ ବର୍ଷ ଆଇପିଏଲରେ ଗୁଜରାଟ ଟାଇଟନ୍ସ ଦଳର ନେଟ ବୋଲର ଥିବା ପେସ୍ ବୋଲର ମୋହିତ ଶର୍ମା ଚଳିତ ବର୍ଷର ଆଇପିଏଲରେ ଅପୂର୍ବ ସଫଳତା ହାସଲ ସହିତ ଭାରତୀୟ ଟି-୨୦ ଦଳରେ ସ୍ଥାନ ପାଇବା ପାଇଁ ହକଦାର ସାବ୍ୟସ୍ତ ହୋଇଛନ୍ତି। ଆଇପିଏଲର ପ୍ରତି ମ୍ୟାଚରେ ସେ ଗୁରୁତ୍ୱପୂର୍ଣ୍ଣ ୱିକେଟ ଅକ୍ତିଆର କରି ଗୁଜରାଟକୁ ବିଜୟ ପଥରେ ଆଗେଇ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରି ଥିଲେ। ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ଆଇପିଏଲ ଫାଇନାଲ ମ୍ୟାଚରେ ମଧ୍ୟ ୩ ୱିକେଟ ଅକ୍ତିଆର କରି ମୋହିତ ନିଜ ବୋଲିଂ ଦକ୍ଷତାର ପ୍ରମାଣ ଦେଇଥିଲେ। ଶେଷ ଓଭରର ପ୍ରଥମ ୪ ବଲରେ ୩ ରନ ବିନିମୟ କରି ଗୁଜରାଟ ପାଇଁ ବିଜୟ ଆଶା ସଞ୍ଚାର କରିଥିଲେ। ମାତ୍ର ଶେଷ ଦୁଇ ବଲ ତାଙ୍କ ପାଇଁ ଶୁଭଙ୍କର ନ ଥିଲା। ତେଣୁ ଚେନ୍ନାଇ ବ୍ୟାଟର ରବିନ୍ଦ୍ର ଜାଡେଜା ଛକା ଓ ଚୌକା ମାରି ଦଳକୁ ପଥରେ ଆଗେଇ ନେଇଥିଲେ। ତଥାପି ଆଇପିଏଲରେ ମୋହିତ ଶର୍ମାଙ୍କ ବୋଲିଂ ଅତି ପ୍ରଶଂସନୀୟ ଥିଲା। ସେ ୧୪ ମ୍ୟାଚ ଖେଳି ୨୭ ୱିକେଟ ହାସଲ କରିଥିଲେ। ସୂଚନା ଯୋଗ୍ୟ ଯେ ୩୪ ବର୍ଷୀୟ ମୋହିତ ୨୦୧୫ ବିଶ୍ୱକପ ସେମିଫାଇନାଲ ଖେଳିବା ପରେ ଭାରତୀୟ ଦଳରୁ ବାଦ ପଡିଥିଲେ। ତେବେ ପୁଣି ୮ ବର୍ଷ ପରେ ଦେଖାଇ ପାରିଛନ୍ତି ନିଜ ବୋଲିଂ ଦକ୍ଷତା। ତେଣୁ ଜାତୀୟ ଟି-୨୦ ଦଳକୁ ସେ ଫେରିବା ନେଇ ବର୍ତ୍ତମାନ ଚର୍ଚ୍ଚା ଚାଲିଛି। ମାତ୍ର ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ସେ ଖେଳିବା ସମ୍ଭବ ହୋଇ ନ ପାରେ ବୋଲି ଅନୁମାନ। ମାତ୍ର ଆସନ୍ତା ବର୍ଷ ଆଇପିଏଲ ପରେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପରେ ସେ ଭାରତ ପାଇଁ ଖେଳିବା ସୁଯୋଗ ପାଇବେ ବୋଲି ସମ୍ଭାବନା ସୃଷ୍ଟି ପାରିଛନ୍ତି। ଅବଶ୍ୟ ସେତେବେଳ ପର୍ଯ୍ୟନ୍ତ ସେ ନିଜର ଟି-୨୦ ଫର୍ମାଟ ବୋଲିଂ ଫର୍ମ ବଜାୟ ରଖିବା ଜରୁରି। ତେବେ ଜୁଲାଇ ମାସରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବା ପାଇଁ ଥିବାରୁ ସେ ଦୀପକ ଚହରଙ୍କ ସହିତ ଭାରତ ପାଇଁ ବୋଲିଂ ଦାୟିତ୍ୱ ସମ୍ଭାଳି ପାରନ୍ତି ବୋଲି ଅନୁମାନ। ମୋହିତ କହିଛନ୍ତି ଯେ ଧୋନିଙ୍କ ନେତୃତ୍ୱରେ ପରିଚାଳିତ ଚେନ୍ନାଇ ସୁପର କିଙ୍ଗସ ପାଇଁ ପ୍ରଥମେ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ଆଇପିଏଲ ଖେଳି ବଡ ସଫଳତା ପାଇଥିଲି। ଏହା ମୋ କ୍ୟାରିୟର ପାଇଁ ଥିଲା ଏକ ସୁବର୍ଣ୍ଣ ଯୁଗ। ସେହି ସଫଳତା ଗୁଜରାଟ ଟାଇଟନ୍ସ ପାଇଁ ଖେଳି ପ୍ରତିଫଳନ କରି ପାରିଛି।

## ଧୋନିଙ୍କ ବିଶ୍ୱାସକୁ ଚରିତାର୍ଥ କଲେ ଜାଡେଜା: ଫ୍ଲେମିଂ




ଅହମ୍ମଦାବାଦ: ଚେନ୍ନାଇ ସୁପର କିଙ୍ଗସ ମୁଖ୍ୟ କୋଚ ଷ୍ଟେଫାନ ଫ୍ଲେମିଂ ଦଳର ବିଜୟ ନେଇ ଅତ୍ୟନ୍ତ ଆନନ୍ଦିତ। ମ୍ୟାଚ ଶେଷରେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଶେଷ ଓଭରର ଶେଷ ଦୁଇ ବଲରେ ରବିନ୍ଦ୍ର ଜାଡେଜାଙ୍କ କମାଲ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ବାସ୍ତବିକ ଏହା ଏକ ଅବିଶ୍ୱସନୀୟ ସଫଳତା କହିଲେ ଅତ୍ୟୁକ୍ତି ହେବନି। ଗୁଜରାଟ ବୋଲର ମୋହିତ ଶର୍ମାଙ୍କୁ ସଠିକ ମୁକାବିଲା କରି ପଞ୍ଚମ ବଲରେ ଛକା ଓ ଷଷ୍ଠ ବଲରେ ବିଜୟ ସୂଚକ ଚୌକା ମାରିବା ଏକ ବ୍ୟତିକ୍ରମ ଘଟଣା। କାରଣ ଏହା ଏକ ନାଟକୀୟ ତଥା ରୋମାଞ୍ଚକର ବିଜୟ ବୋଲି ନିଶ୍ଚିତ କୁହା ଯାଇ ପାରେ। ସେହିପରି ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ କ୍ରୀଡାରେ ଯେ କୌଣସି ଆଶ୍ଚର୍ଯ୍ୟ ଘଟିବାରେ ଓ ଅବାସ୍ତବ ମଧ୍ୟ ବାସ୍ତବରେ ପରିଣତ ହୋଇ ପାରେ। କାରଣ ଗୁଜରାଟ ପ୍ରଥମେ ବ୍ୟାଟିଂ କରି ୨୧୪ ରନ କରିବା ପରେ ବର୍ଷା ହେଲା। ଚେନ୍ନାଇ ପାଇଁ ଡକଓ୍ୱର୍ଥ ଲୁଇସ ପନ୍ଥା(ଡିଏଲଏସ)ଅନୁସରଣ ଅନୁଯାୟୀ ୧୫ ଓଭରରେ ୧୭୧ ରନ ବିଜୟ ଟାର୍ଗେଟ ଧାର୍ଯ୍ୟ କରାଗଲା। ଆଗଧାଡିର ବ୍ୟାଟର ମାନେ ଦଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟାଟ ଚାଳନା କଲେ। ସମସ୍ତଙ୍କର ମିଳିତ ଯୋଗଦାନରେ ଚେନ୍ନାଇ ବିଜୟ ସମ୍ଭାବନା ସୃଷ୍ଟି କରି ଥିଲେ ହେଁ ଶେଷ ଓଭରରେ ୧୩ ରନ ସଂଗ୍ରହ କରିବା ମଧ୍ୟ ଚାଲେଞ୍ଜ ସୃଷ୍ଟି କରିଥିଲା। ତେବେ ପ୍ରଥମ ୪ ବଲରେ ମାତ୍ର ୩ ରନ ସଂଗ୍ରହ ହେବା ପରେ ଚେନ୍ନାଇ ବିଜୟ ଆଶା ହରାଇ ବସିଥିଲା। ମାତ୍ର ପଞ୍ଚମ ବଲକୁ ଛକା ମାରି ରବିନ୍ଦ୍ର ଜାଡେଜା ପୁଣି ମ୍ୟାଚର ଗତିଧାରା ବଦଳାଇବା ସଙ୍ଗେସଙ୍ଗେ ରୋମାଞ୍ଚ ଭରି ଦେଇଥିଲେ। ସେହିପରି ଶେଷ ବଲକୁ ଚୌକାରେ ପରିଣତ କରି ଜାଡେଜା ଏକ ଅବିସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ମ୍ୟାଚ ଶେଷରେ ଜାଡେଜା କହିଥିଲେ ହେଁ ଏହି ବିଜୟ ଅଧିନାୟକ ଧୋନିଙ୍କ ପାଇଁ ସମର୍ପିତ। ତେବେ ସବୁଠାରୁ ବଡ କଥା ହେଲା ଯେ ଜାଡେଜାଙ୍କ ଉପରେ ଧୋନିଙ୍କର ଅଖଣ୍ଡ ବିଶ୍ୱାସ ଥିଲା। ଧୋନି ଜଣେ ଶ୍ରେଷ୍ଠ ଫିନିଶର ହୋଇ ଥିବାରୁ ସେ ଗୁରୁତ୍ୱପୂର୍ଣ୍ଣ ସମୟରେ ବ୍ୟାଟିଂ କରିବାକୁ ଆସି ପ୍ରଥମ ବଲରେ ହିଁ ଆଉଟ ହେଲେ। ଏହା ତାଙ୍କ ମନରେ ଗଭୀର ଦୁଃଖ ଆଣି ଥିଲେ ହେଁ ରବିନ୍ଦ୍ର ଜାଡେଜାଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖିଥିଲେ। ଶେଷରେ ଜାଡେଜା ତାହା ପ୍ରମାଣିତ କରି ଦେଖାଇଲେ ବୋଲି କହିଛନ୍ତି କୋଚ ଫ୍ଲେମିଂ।

## ଗ୍ରୀଷ୍ମକାଳୀନ ବ୍ୟାଡ୍‌ମିଣ୍ଟନ ଶିବିର ଉଦ୍‌ଯାପିତ




ହିଞ୍ଜିଳିକାଟୁ (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଗତ ମେ’ ମାସ ୧ତାରିଖ ଠାରୁ ଚାଲିଥିବା ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ସ୍ପର୍ଦ୍ଧା ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲାଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ଗ୍ରୀଟ୍ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ସଫଳ ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥି ମାନେ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ।



ସ୍ୱାସ୍ଥ୍ୟ ପକ୍ଷେ ନଡ଼ିଆ ପାଣି ପାଇଁ ବହୁତ ଉପକାରୀ ବୋଲି କୁହାଯାଏ । ଗରମ ଦିନରେ ବହୁତ ଆରାମ ଦେଇଥାଏ , କିନ୍ତୁ ଜାଣିଛନ୍ତି କି ଏହାକୁ ପିଇବାର ସଠିକ ସମୟ ? ଆପଣମାନେ ନଡ଼ିଆ ପାଣି ପିଇବାର ଫାଇଦା ତ ଜାଣିଛନ୍ତି, ସେ ପେଟକୁ ଥଣ୍ଡା କରିବା ସହିତ ଶରୀରକୁ ଆରାମ ମଧ୍ୟ ଦେଇଥାଏ । ଏହା ସହିତ ସେ ଜଳ ଶୂନ୍ୟତାକୁ ଦୂର କରିଥାଏ ଏବଂ ଚର୍ମ ପାଇଁ ମଧ୍ୟ ବହୁତ ଉପକାରୀ ଅଟେ । ଯାହା ବି ହେଉ ଗରମ ଦିନରେ ଆମେ ଅଧିକ ନଡ଼ିଆ ପାଣି ସେବନ କରିଥାଉ, କିନ୍ତୁ ନଡ଼ିଆ ପାଣି କିଛି ଲୋକଙ୍କ କ୍ଷତି ମଧ୍ୟ କରିଥାଏ । ସଠିକ ସମୟରେ, ସଠିକ ଉପାୟରେ ଏବଂ ସଠିକ ପରିମାଣରେ ନଡ଼ିଆ ପାଣି ପିଇବା ଆବଶ୍ୟକ ।

ନଡ଼ିଆ ପାଣି ପିଇବା ଦ୍ୱାରା ନିମ୍ନ ରକ୍ତଚାପ, ବିଭିନ୍ନ ପେଟ ଯନ୍ତ୍ରଣା , ଥଣ୍ଡା-କାଶ-ଜ୍ୱର , ଓଜନ ବଢ଼ିବାର ମଧ୍ୟ ସମସ୍ୟା ଇତ୍ୟାଦି ଦେଖାଦେଇଥାଏ । ଏହାକୁ ଅଧିକ ପରିମାଣରେ ସେବନ କରିବା ଦ୍ୱାରା କିଛି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଯେଉଁ ବ୍ୟକ୍ତି ମାନଙ୍କର ଠାରେ ସୁଗର ଭଳି ରୋଗ ଥାଏ,ସେମାନେ ପଇଡ଼ ପାଣି ପିଇବା ଉଚିତ ନୁହେଁ କାରଣ ଏହା ଦ୍ୱାରା ସୁଗରର ସ୍ତର ଶୀଘ୍ର ବଢ଼ିଥାଏ । ଯଦି ଶରୀରରେ କୌଣସି ତତ୍ୱ ବଢ଼ିଯାଏ ତେବେ ଶରୀରରୁ ପାଣି ସୁଖିବାରେ ଲାଗିଥାଏ। ଯାହାଫଳରେ କି ଡ଼ାଇରିଆ ହେବାର ସମ୍ଭାବନା ଥାଏ ।

## ମୁମ୍ବାଇରେ ନୂଆ ଫ୍ଲାଟ କିଣିଲେ ସୋନାକ୍ଷୀ



ବର୍ତ୍ତମାନ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପର୍ସନାଲ ଲାଇଫ୍ ଓ ପ୍ରୋଫେସନାଲକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ପୁଣି ଏକ ଖବର ସାମନାକୁ ଆସିଛି। ଯାହା ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି। ଅଭିନେତ୍ରୀ ମୁମ୍ବାଇରେ ଏକ ନୂଆ ଫ୍ଲାଟ୍ କିଣିଥିବା ଜଣାପଡିଛି। ଯାହାର ଫଟୋ ସେ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଘରଟି ଭିତରୁ ବହୁତ ସୁନ୍ଦର ଦେଖାଯାଉଛି। ଘର ଭିତର ଅପେକ୍ଷା ବାହାରର ଦୃଶ୍ୟ ବେଶ ମନୋରମ ହୋଇଛି । ପ୍ରଶଂସକମାନେ ତାଙ୍କ ନୂଆ ଘରକୁ ଦେଖି ଖୁବ୍‌ପସନ୍ଦ ଆସିଛି। ସୋନାକ୍ଷୀ ଏହା ପୂର୍ବରୁ ୨୦୨୧ରେ ବାନ୍ଦ୍ରାଠାରେ ୪ ବିଏଚ୍‌କେ ଘର କିଣିଥିଲେ। ଏବେ ସେ ଆଉ ଏକ ଫ୍ଲାଟ୍ କିଣିଛନ୍ତି। ଏହାର ଫଟୋ ଇନ୍‌ଷ୍ଟାଗ୍ରାମରେ ସେୟାର କରି ନୂଆ ଘର ବିଷୟରେ ପ୍ରଶଂସକମାନଙ୍କୁ ସୂଚନା ବି ଦେଇଛନ୍ତି। ଏହି ଫଟୋଗୁଡ଼ିକରେ ସେ ତାଙ୍କ ନୂଆ ଡ୍ରିମ ହାଉସ୍ ସହିତ ପୋଜ୍ କରୁଥିବା ନଜର ଆସିଛନ୍ତି। ଫଟୋ ଦେଖି ଏହା ସ୍ପଷ୍ଟ ଯେ ସୋନାକ୍ଷୀ ବର୍ତ୍ତମାନ ଏକ ମଲ୍ଟିଫ୍ଲୋରା ସମୁଦ୍ର ମୁହାଁ ଫ୍ଲାଟରେ ରହିବାକୁ ପ୍ରସ୍ତୁତ ହେଉଛନ୍ତି। ଫଟୋରେ ସୋନାକ୍ଷୀ ତାଙ୍କ ଘରେ ନୂଆ ଜିନିଷ ଗୁଡିକ ସେଟ୍ କରୁଛନ୍ତି। ଫଟୋ ସେୟାର କରି ସୋନାକ୍ଷୀ କ୍ୟାପସନ୍‌ରେ ଲେଖିଛନ୍ତି, ବହୁତ କଷ୍ଟ: ତାରା, ବାସନ, ଆଲୋକ, ପ୍ଲେଟ୍, କୁଶନ, ଚେୟାର ଏବଂ ଟେବୁଲ, ଫୋକ୍, ସିଙ୍କ୍, ଡବା ଆଦି କରିବା ସହଜ ନୁହେଁ'। ସୋନାକ୍ଷୀଙ୍କ ଏହି ଫଟୋ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି।

## ଅଲ୍‌ବିଦା ହରିଶ ପେଙ୍ଗନ



ଜଣାଶୁଣା ସାଉଥ ଇଣ୍ଡଷ୍ଟ୍ରିର ଅଭିନେତା। ହରିଶ ପେଙ୍ଗନଙ୍କ ଦେହାନ୍ତ ଘଟିଛି । ମାତ୍ର ୪୯ ବର୍ଷ ବୟସରେ ହରିଶଙ୍କ ଆରପାରିକୁ ଚାଲିଯାଇଛନ୍ତି । ଫୁସଫୁସ ଜନିତ ବୀମାରୀରେ ସେ କିଛିଦିନ ଧରି ସଂକ୍ରମିତ ଥିଲେ । ତେଣୁ ଚଳିତ ମାସରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହାପରେ ତାଙ୍କର ପାକସ୍ଥଳୀ ଯନ୍ତ୍ରଣା ହେବାରୁ ତାଙ୍କର କିଛି ମେଡିକାଲ ଟେଷ୍ଟ କରାଯାଇଥିଲା । ମାତ୍ର ଶେଷରେ ସେ କୋଚିର ଏକ ଘରୋଇ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି । ହରିଶଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହିତ ତାଙ୍କର ଲିଭର ପ୍ରତିରୋପଣ କରାଇବା ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ । ଏହାପରେ ହରିଶଙ୍କୁ ଲିଭର ଡୋନେଟ୍ କରିବା ପାଇଁ ତାଙ୍କର ଦୁଇ ଭଉଣୀ ରାଜି ହୋଇଥିଲେ । ମାତ୍ର ହରିଶଙ୍କ ପରିବାର ନିକଟରେ ୩୦ ଲକ୍ଷ ଟଙ୍କା ନ ଥିଲା । ତେଣୁ ହରିଶଙ୍କ ବନ୍ଧୁମାନେ ଅର୍ଥ ଯୋଗାଡ଼ କରିବା ନେଇ ପ୍ରୟାସ କରିଥିଲେ । ତେବେ ଶେଷରେ ହରିଶ ସମସ୍ତଙ୍କୁ ଆରପାରିକୁ ଛାଡ଼ି ଚାଲିଥିଲେ । ହରିଶଙ୍କ ଅଭିନୀତ ଫିଲ୍ମ ମଧ୍ୟରେ 'ମହେଶିନ୍ତେ ପ୍ରତିକାରମ', ଶେଫିକିନ୍ତେ ସନ୍ତୋଶାମ', 'ହନି ବି ୨.୫', 'ଜାନେ ମନ', 'ଜୟ ଜୟ ଜୟ ଜୟ ହେ', 'ପ୍ରିୟାନ ଓଟ୍ଟାଥିଲାନୁ', 'ଜୋ ଆଣ୍ଡ ଜୋ', 'ମିନ୍ନାଲ ମୁରଲୀ' ରହିଛି । ମାଲୟାଲମ ଫିଲ୍ମ ଚାର୍ଲସ ଏଣ୍ଟରପ୍ରାଇଜେସରେ ଶେଷ ଥର ପାଇଁ ହରିଶ ପରଦାରେ ଆସିଥିଲେ ।

## ୮ରେ ଚାରୁ- ରାଜୀବଙ୍କ ଛାଡପତ୍ରର ଚୂଡାନ୍ତ ଶୁଣାଣି



ଲୋକପ୍ରିୟ ସେଲିବ୍ରିଟି ଦମ୍ପତିଙ୍କ ମଧ୍ୟରେ ଅଛନ୍ତି ଚାରୁ ଆସୋପା ଏବଂ ରାଜୀବ ସେନ୍ । ଏହି ଦମ୍ପତ୍ତିଙ୍କ ବୈବାହିକ ଜୀବନରେ ସୃଷ୍ଟି ହୋଇଥିବା ଝଡ଼କୁ ନେଇ ଚର୍ଚ୍ଚାକୁ ଆସିଥିଲେ ଉଭୟ। ପରସ୍ପର ବିରୋଧରେ ଅନେକ ଆରୋପ ପ୍ରତ୍ୟାରୋପ କରିଥିଲେ। ଚାରୁ ରାଜୀବଙ୍କ ନାମରେ ଘରୋଇ ହିଂସା ଏବଂ ଅନ୍ୟାନ୍ୟ ଅଭିଯୋଗ କରିଥିଲେ। ଗତ ବର୍ଷ ସମସ୍ତ ଅଭିଯୋଗ ଏବଂ ପ୍ରତିପକ୍ଷ ଅଭିଯୋଗ ପରେ ଏହି ଦମ୍ପତି ପରସ୍ପରଠାରୁ ଅଲଗା ହେବା ଭଲ ବୋଲି ଭାବି ଆଇନର ଆଶ୍ରୟ ନେଇ ଛାଡପତ୍ର ପାଇଁ ଆବେଦନ କରିଥିଲେ। ଏହାର ଅନ୍ତିମ ଶୁଣାଣି ଜୁନ୍ ୮ରେ ହେବ ବୋଲି ସ୍ଥିର ହୋଇଛି। ଚାରୁ ଏବଂ ରାଜୀବ ସେନଙ୍କ ଛାଡପତ୍ର ପ୍ରକ୍ରିୟା ଚଳିତ ବର୍ଷ ଜାନୁଆରୀରୁ ଚାଲିଲାଣି। କୋର୍ଟ ଏହି ଦମ୍ପତିଙ୍କୁ କିଛି ମାସ ସମୟ ଦେଇଥିଲେ । ଚାରୁ ଆସୋପା ଏବଂ ରାଜୀବ ସେନ୍‌ଙ୍କୁ ୨୦୧୯ରେ ବିବାହ କରିଥିଲେ । ଚାରୁ ଆସୋପା ଏବଂ ରାଜୀବ ସେନ୍ ଦୀର୍ଘ ବର୍ଷ ଧରି ପରସ୍ପରକୁ ଭଲ ପାଉଥିଲେ। ଏହା ପରେ ଦୁହେଁ ଗୋଆରେ ୯ ଜୁନ୍ ୨୦୧୯ ରେ ବିବାହ କରିଥିଲେ। ୨୦୨୧ ମସିହାରେ, ଚାରୁ ଏବଂ ରାଜୀବ ଔରସରୁ ଝିଅ ଜିଆନା ଜନ୍ମ ହୋଇଥିଲା। ଝିଅ ଜନ୍ମ ହେବା ପରେ ସେମାନଙ୍କ ସଂପର୍କରେ ଫାଟ ହୋଇଥିଲା। ସେମାନଙ୍କର ମନ ଆଉ ମିଶିନଥିଲା। ଉଭୟ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ସୋସିଆଲ ମିଡିଆରେ ଏହି ଖବର ଭାଇରାଲ ହେବା ପରେ ପ୍ରଶଂସକ ତାଟ୍‌କା ହୋଇଯାଇଥିଲେ। ଯେଉଁ ଦମ୍ପତ୍ତି ସେମାନଙ୍କର ଜୀବନର ପ୍ରତ୍ୟେକ ଖୁସିର ମୁହୂର୍ତ୍ତକୁ ସେୟାର କରନ୍ତି ଆଜି ସେମାନେ ଅଲଗା ହେବା ଖବର ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କିମାରିଥିଲା। ବର୍ତ୍ତମାନ ଚାରୁ ଏବଂ ରାଜୀବ ଅଲଗା ରହୁଛନ୍ତି। ଝିଅ ଜିଆନା ମା' ଚାରୁଙ୍କ ପାଖରେ ଅଛି। ନିକଟରେ ରାଜୀବ ତାଙ୍କ ଝିଅ ସହିତ ସମୟ ବିତାଇବା ପାଇଁ ଚାରୁଙ୍କ ନୂଆ ଘରକୁ ଯାଇଥିଲେ। ରାଜୀବ ସୋସିଆଲ ମିଡିଆରେ ଏହାର ଭିଡିଓ ମଧ୍ୟ ସେୟାର କରିଥିଲେ। ରାଜୀବ କିନ୍ତୁ ଅନେକ ଥର କହିଥିଲେ ଯେ ସେ ଚାରୁଙ୍କୁ ତାଙ୍କ ଜୀବନରେ ସ୍ୱାଗତ କରିବାକୁ ପ୍ରସ୍ତୁତ ଅଛନ୍ତି। ଦେଖିବାକୁ ବାକି ରହିଲା ଜୁନ୍ ୮ରେ ହେବାକୁ ଚୂଡାନ୍ତ ନିଷ୍ପତ୍ତିର ଫଳାଫଳକୁ।

## ପୁଣି ପରଦାକୁ ଫେରିବେ ରାମାୟଣର ସୀତା



ଦୀର୍ଘ ଦିନ ହେବ ପରଦାରୁ ଠାରୁ ଦୂରେଇ ରହିଥିଲେ ରାମାୟଣର ସୀତା। ପୁଣି ୩୩ ବର୍ଷ ପରେସେ ଛୋଟ ପରଦାକୁ ଫେରୁଛନ୍ତି ଜଣାଶୁଣା ଅଭିନେତ୍ରୀ ଦୀପିକା ଚିଖାଲିୟା । ସାଧାରଣତଃ ତାଙ୍କ ନାଁ ଆସିଲେ ରାମାୟଣର ସୀତାଙ୍କ କଥା ମନକୁ ଆସେ । ରାମାୟଣରେ ଦୀପିକା ସୀତା ଭୂମିକାରେ ଅଭିନୟ କରି ଘରେ ଘରେ ବେଶ୍ ପରିଚିତ ହୋଇପାରିଥିଲେ । ଏବେ ସେ ପୁଣି ଛୋଟ ପରଦାକୁ ଫେରୁଥିବା ଜଣାଯାଇଛି । ଏହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ରାମାନନ୍ଦ ସାଗରଙ୍କ ଧାରାବାହିକ ରାମାୟଣରେ ସୀତା ଭୂମିକାରେ ଅଭିନୟ କରିବା ପରେ ଦୀପିକା ବେଶ୍ ଲୋକପ୍ରିୟ ହୋଇଥିଲେ । ୧୯୯୦ ମସିହାରେ ଧାରାବାହିକ 'ଦ ସୋଡ ଅଫ ଟିପୁ ସୁଲତାନ'ରେ ଦୀପିକାଙ୍କୁ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା । ପରେ ସେ ଅଭିନୟ ଦୁନିଆରୁ ନିଜକୁ ଦୂରେଇ ରଖିଥିଲେ । ଏବେ ୩୩ ବର୍ଷ ପରେ ପୁଣିଥରେ ଛୋଟ ପରଦାରେ ନଜର ଆସିବେ । ସେ ଧର୍ମପୁତ୍ର ନନ୍ଦିନୀ ନାମକ ଏକ ଧାରାବାହିକରେ ଦେଖିବାକୁ ମିଳିବେ । ଏହି ଧାରାବାହିକର ଶୁଟିଂ ମଧ୍ୟ ଆରମ୍ଭ ହୋଇଯାଇଛି । ସେ ଏନେଇ ନିଜେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ସୁଟିଂ ସେଟରୁ ଦୀପିକା ଅନେକ ଫଟୋ ମଧ୍ୟ ସେୟାର କରିଛନ୍ତି । ଏହି ଫଟୋଗୁଡ଼ିକ ଧାରାବାହିକର ଶୁଭ ମହୁରତ ସମୟର ଅଟେ । ଏହାର ନିର୍ମାତା ଆଉ କେହି ନୁହଁନ୍ତି, ନିଜେ ଦୀପିକା । ଦୀପିକା ୧୯୯୧ ମସିହା ନଭେମ୍ବରରେ ହମେନ୍ତ ଟୋପିୱାଲାଙ୍କୁ ବିବାହ କରିଥିଲେ । ତାଙ୍କର ଦୁଇ ଝିଅ ଅଛନ୍ତି ।

## ମାଂସପେଶୀ ଯନ୍ତ୍ରଣାରୁ ମୁକ୍ତି ଦେବ ଏହି ୭ଟି ଆୟୁର୍ବେଦ ଜିନିଷ





ଆଧୁନିକ ଜୀବନଶୈଳୀରେ ଶରୀରର ବିଭିନ୍ନ ଅଙ୍ଗରେ ଯନ୍ତ୍ରଣା ହେବା ଏକ ସାଧାରଣ କଥା। ବହୁତ ସମୟ ଧରି ଗୋଟିଏ ସ୍ଥାନରେ ବସିବା, ପାଣିପାଗରେ ପରିବର୍ତ୍ତନ ହେବା ଅବା କୌଣସି ଆଘାତ ଲାଗିବା ଆଦି କାରଣ ପାଇଁ ଶରୀରର ବିଭିନ୍ନ ଅଙ୍ଗରେ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏହା ବ୍ୟତୀତ ଅନେକ କାରଣ ପାଇଁ ଶରୀରରେ ଟେନସନ ମଧ୍ୟ ରହିଥାଏ , ତେଣୁ ଶରୀରରେ ବିଶ୍ରାମର ବହୁତ ଆବଶ୍ୟକତା ଅଛି। ତଥାପି, ଆଜିର ବ୍ୟସ୍ତବହୁଳ ଜୀବନରେ ବିଶ୍ରାମ ନେବା ପାଇଁ କାହା ପାଖରେ ସମୟ ନାହିଁ। ଶରୀରର ଓ ମାଂସପେଶୀ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆୟୁର୍ବେଦ କିଛି ପ୍ରତିକାର ପ୍ରଦାନ କରିଥାଏ। ତେବେ ଏହି ପ୍ରତିକାରଗୁଡ଼ିକ କେବଳ ଲୋକଙ୍କୁ ଆରାମ ପ୍ରଦାନ କରେ ନାହିଁ, ବରଂ ସେମାନଙ୍କୁ ଅଧିକ ସକ୍ରିୟ ଏବଂ ସୁସ୍ଥ ଜୀବନଯାପନ କରିବାରେ ମଧ୍ୟ ସାହାଯ୍ୟ କରେ। ଆୟୁର୍ବେଦ ହେଉଛି ଏକ ପ୍ରାଚୀନ ଭାରତୀୟ ଚିକିତ୍ସା ପଦ୍ଧତି, ଯାହା ବହୁତ ଦିନ ଧରି ଲୋକମାନେ ବ୍ୟବହାର କରିଆସୁଛନ୍ତି। ଏହି ପଦ୍ଧତିରେ ରୋଗର ଚିକିତ୍ସା ପାଇଁ ହର୍ବାଲ ଔଷଧ, ଡାଏଟ୍ ବ୍ୟବସ୍ଥା, ଔଷଧ ଏବଂ ବ୍ୟାୟାମ ଭଳି ବିଭିନ୍ନ କୌଶଳର ବ୍ୟବହାର କରାଯାଏ। ଆୟୁର୍ବେଦର ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟରୁ ଗୋଟିଏ ହେଉଛି ଜଡିବୁଟିର ବ୍ୟବହାର କରି ରୋଗକୁ ଠିକ୍ କରିବା। ତେବେ ଏହି ଶରୀର ଓ ମାଂସପେଶୀ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆସନ୍ତୁ ୭ଟି ଆୟୁର୍ବେଦିକ ଉପଚାର ବିଷୟରେ ଜାଣିବା।

**ଅଶ୍ୱଗନ୍ଧା:** ଅଶ୍ୱଗନ୍ଧା ହେଉଛି ଏକ ଆୟୁର୍ବେଦିକ ଜଡିବୁଟି ଯାହାକି ମାଂସପେଶୀର ଯନ୍ତ୍ରଣା ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଏହା ଶରୀରକୁ ସୁଖଦ ଓ ଶାନ୍ତ ଅନୁଭବ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।



♦ **ଅଦା:** ଅଦା ଏକ ଏଭଳି ଔଷଧ ଯେଉଁଥିରୁ ଅନେକ ରୋଗର ଉପଶମ ମିଳିଥାଏ। ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି। ଏହା ଶରୀରର ଯନ୍ତ୍ରଣାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ମାଂସପେଶୀ ଟେନସନକୁ ମଧ୍ୟ ହ୍ରାସ କରିଥାଏ। ଥଣ୍ଡା ଓ କାଶ ଭଳି ଅନେକ ରୋଗରୁ ମୁକ୍ତି ପାଇବା ପାଇଁ ମଧ୍ୟ ଅଦାକୁ ବ୍ୟବହାର କରାଯାଏ।

♦ **କ୍ଷୀର ଓ ଘିଅ:** କ୍ଷୀର ଏବଂ ଘିଅ ଖାଇବା ଦ୍ୱାରା ଏହା ଶରୀରର ଯନ୍ତ୍ରଣାକୁ ହ୍ରାସ କରିବାରେ ସାହାଯ୍ୟ କରେ। କ୍ଷୀରରେ ଥିବା କେସିନ୍ ନାମକ ଏକ ପ୍ରୋଟିନ୍ ଯାହା ଯନ୍ତ୍ରଣା ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଘିଅକୁ ଶରୀରରେ ମସାଜ୍ କରିବା ଦ୍ୱାରା ଏହା ଶରୀରର ଯନ୍ତ୍ରଣାକୁ ହ୍ରାସ କରିଥାଏ।

♦ **ଲବଙ୍ଗ:** ଲବଙ୍ଗ ହେଉଛି ଏକ ଔଷଧ ଯାହା ଯନ୍ତ୍ରଣା ହ୍ରାସ କରିବାରେ ସାହାଯ୍ୟ କରେ। ଆପଣ ଏହାକୁ ଦାନ୍ତରେ ଚୋବାଇ ଖାଇପାରିବେ। ଏହାକୁ ମଧ୍ୟ ଚା' କିମ୍ବା କଫିରେ ମିଶାଇ ପିଇପାରିବେ। ଏହା ମଧ୍ୟ ଦାନ୍ତର ମାଢ଼ିକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।



♦ **ଘିକୁଆଁରୀ:** ଘିକୁଆଁରୀ ବା ଆଲୋ ଭେରାରେ ମିଳୁଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଶରୀରର ଯନ୍ତ୍ରଣାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଆପଣ ଘିକୁଆଁରୀର ବ୍ୟବହାର କରିବା ଦ୍ୱାରା ଆପଣଙ୍କୁ ସତେଜତାର ଅନୁଭବ ହେବ। ଏହାର ରସକୁ ତ୍ୱଚାରେ ଲଗାଇବା ଦ୍ୱାରା ଏହା ତ୍ୱଚାରେ ଉଜ୍ୱଳତା ଆଣିଥାଏ।

♦ **ରାଶି ତେଲ:** ରାଶି ତେଲରେ ଲିନୋଲିକ୍ ନାମକ ଏକ ଫ୍ୟାଟି ଏସିଡ୍ ଥାଏ ଯାହା ଶରୀରର ଯନ୍ତ୍ରଣା ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଆପଣ ଏହାର ତେଲକୁ ଗରମ କରି ଯନ୍ତ୍ରଣା ହେଉଥିବା ସ୍ଥାନରେ ମସାଜ କରିପାରିବେ।

♦ **ଗୁଗୁଲ:** ଗୁଗୁଲ ହେଉଛି ଏକ ଆୟୁର୍ବେଦିକ ଔଷଧ ଯାହା ଶରୀରର ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଶରୀରର ବିଭିନ୍ନ ଅଙ୍ଗରେ ଯନ୍ତ୍ରଣା ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଗୁଗୁଲର ବ୍ୟବହାର କରିବା ଦ୍ୱାରା ଏହା ଚର୍ମକୁ କୋମଳ ରଖିବାରେ ସାହାଯ୍ୟ କରିଥାଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ବାଲେଶ୍ୱର, (ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ସମ୍ଭାବ୍ୟ ସୁନାମୀର ମୁକାବିଲା ପ୍ରସ୍ତୁତି ନିମନ୍ତେ ମାଷ୍ଟର ଟ୍ରେନରମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଚାରୁ ବଳ ଏଥିରେ ଅଧ୍ୟକ୍ଷତା କରି ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଦର ବିଡିଓ ନରେନ୍ଦ୍ର ଖମାରୀ ଏଥିରେ ଯୋଗ ବାଲେଶ୍ୱର ଜିଲାର ସୁଦୀର୍ଘ ଉପକୂଳ ସୁନାମୀପ୍ରବଣ ହୋଇଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କୁ ସୁନାମୀ ମୁକାବିଲା ପାଇ ସଚେତନ କରିବାରେ ମାଷ୍ଟର ଟ୍ରେନରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଥିଲେ । ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଡେପୁଟି କଲେକ୍ଟର ସ୍ମିତିରଞ୍ଜନ ମଲିକ, ରାଜ୍ୟ ପ୍ରକଳ୍ପ ଅଧିକାରୀ ଗୌରୀଶଙ୍କର ମିଶ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏଥିରେ ପ୍ରଶିକ୍ଷକମାନେ ସୁନାମୀ ସଚେତନତା, ସୁନାମୀ ସମୟରେ ସତର୍କତା, ସୁରକ୍ଷା ପାଇଁ ପଦକ୍ଷେପ, ଉଦ୍ଧାର କୌଶଳ ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବାଲେଶ୍ୱର ଜିଲାର ୫ଗୋଟି ସୁନାମୀ ପ୍ରବଣ ବ୍ଲକର ୬୩ଗୋଟି ଗ୍ରାମରେ ଥିବା ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କର୍ମୀ, ପଞ୍ଚାୟତ ଓ ପୌରପାଳିକା କର୍ମଚାରୀ ପ୍ରମୁଖ ମାଷ୍ଟର ଟ୍ରେନର ହେବା ପାଇଁ ଏହି ଶିବିରରେ ତାଲିମ ନେଇଥିଲେ।

### ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ଟେଣ୍ଡରକୁ ପ୍ରତିବାଦ

# କାର୍ଯ୍ୟରତ ମହିଳାଙ୍କ ଗେଟ୍ ସମ୍ମୁଖରେ ଧାରଣା



ରାଇଘର, (ଭାସ୍କର ନ୍ୟୁଜ୍): ସ୍ୱଚ୍ଛ ଭାରତ ମିଶନ ଅଧିନ ରେ ଉମରକୋଟର ୮ ନମ୍ବର୍ ୱାର୍ଡ ଠାରେ ନିର୍ମାଣ କରାଯାଇ ଥିବା ଏମସିସି ଓ ଏମଆରଏଫ୍ କେନ୍ଦ୍ର ଯାହାକୁ ମହିଳା ଆବର୍ଜନା ଭିନ୍ନ କରିବା ସ୍ଥାନର ପରିଚଳନ। ଦାୟିତ୍ୱ ଉମରକୋଟ ପୌର ପରିଷଦର ୮ନ ୱାର୍ଡର ଉମରକୋଟର ମା ସନ୍ତୋଷୀ ମହିଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ପ୍ରଦାନ କର।ଯାଇଥିଲା। ଏହି କେନ୍ଦ୍ରର କିପରି ପରିଚଳନ। କରାଯିବ ସେଥିନେଇ ଏହି ଗୋଷ୍ଠୀ ର ମହିଳା ମାନଙ୍କୁ ତାଲିମ ମଧ୍ୟ ପ୍ରଦାନ କରାଯାଇଥିଲା। ଦୀର୍ଘ ୩ବର୍ଷ ସୂଚାରୁ ରୂପେ ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ସମ୍ପନ୍ନ କରି ଆସୁଥିବା ବେଳେ ହଠାତ ଉମରକୋଟ ପୌର ପରିଷଦ ଟେଣ୍ଡର କରି ଅନ୍ୟ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନେଇ ଆଜି ମା ସନ୍ତଶି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ କେନ୍ଦ୍ରର ମୁଖ୍ୟ ଫାଟକକୁ ବନ୍ଦ କରି ଧାରଣାରେ ବସିଛନ୍ତି।ଫଳରେ ଆଜି ଉମରକୋଟ ସହରର ମହିଳା ଆବର୍ଜନା ଏହି କେନ୍ଦ୍ରରେ ଅନଲଡ ହେଇ ପ।ରିଲା ନାହି। ମିଳିଥିବା ସୂଚନା ଅନୁସାରେ କଭିଡ ସମୟରେ ଏହି କେନ୍ଦ୍ରର ପରିଚାଳନ। ପାଇଁ କୌଣସି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରସ୍ତୁତ ନଥିଲେ।ସେତେବେଳର ପ୍ରଶାସନ ଏହି ମା ସନ୍ତସି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏହାର ଦାୱିତ୍ୱ ନେବା ପାଇଁ ରାଜି କର।ଇଥିଲେ। ଏହି କେନ୍ଦ୍ରରେ ୧୦ ଜଣ ମହିଳା ନୀୟଜିତ ଅଛନ୍ତି ଓ ପ୍ରତ୍ୟେକ ମହିଳାଙ୍କୁ ମାସକୁ ୪ ହଜାର ଟଙ୍କା ମଜୁରୀ ପ୍ରଦାନ କର।ଯାଉଛି।ପ୍ରତିବର୍ଷ ଫେବୃଆରୀ ମାସରେ ଏହି କାମର ରେନ୍‌ୱ।ଲ କରାଯାଉଛି ଓ ଏହି ମହିଳା ଗୋଷ୍ଠୀ ଏହାର ପରିଚାଳନ। ଦାୟିତ୍ୱ କରି ଆସୁଛନ୍ତି।ଏପରିକି ଏହି ବର୍ଷ ଫେବୃଆରି ୧୫ ତାରିଖ ଦିନ ରେନ୍‌ୱ।ଲ ପାଇଁ ଉପଯୁକ୍ତ କାଗଜ ପତ୍ର ପୌର ପରିଷଦ କାର୍ଯ୍ୟାଳୟରେ ଦାଖଲ ମଧ୍ୟ କରିଛନ୍ତି।ହଠାତ ପୌର ପରିଷଦର କିଛି କର୍ମଚାରୀ ଲାଞ୍ଚ ନେଇ ଏହି ଟେଣ୍ଡର କରିଦେଲେ ଯଦ୍ୱାରାକି ଅନ୍ୟ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏହାର ପରିଚାଳନ।ଦାୟିତ୍ୱ ନେବା ପାଇଁ ଯାଉଛନ୍ତି। ଏହି ଟେଣ୍ଡର ପ୍ରକ୍ରିୟାକୁ ତୁରଂତ ବାତିଲ କରି ଏହି ମା ସନ୍ତୋଶି ଗୋଷ୍ଠୀକୁ ଦିଆଯାଉ ବୋଲି ଦାବି କରି ଏହାର ମହିଳା ମାନେ ଫାଟକ ବନ୍ଦ କରି ଧାରଣାରେ ବସିଛନ୍ତି। ଏପରିକି ପରିଷଦ ର ୪ ଟା ମଇଳା ଆବର୍ଜନା ବୋଝେଇ ଗାଡ଼ି ଏହି କେନ୍ଦ୍ରକୁ ଯାଇଥିଲା କିନ୍ତୁ ଉତ୍ୟକ୍ତ ମହିଳା ଅନଲଡିଂ ପାଇଁ ଦେଇନଥିଲେ।ଏହାର ପୂର୍ବତନ ସଭାପତି ତଥା ବର୍ତ୍ତମାନର ୮ ନମ୍ବର୍ ୱାର୍ଡ ର କାଉନସିଲର ସରୋଜିନୀ ଶବରଙ୍କ ଅଭିଯୋଗ ହେଲା ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ଏହି ବିପଦ ପୂର୍ଣ୍ଣ କାମ କଲୁ, ଏଥିପାଇଁ ତାଲିମ ମଧ୍ୟ ନେଲୁ, ସେତେବେଳେ ମାସକୁ ୪୦୦୦/ ଟଂକା ପ୍ରଦାନ କରାଯାଉଥିଲା।ବର୍ତ୍ତମାନ ଏହି କେନ୍ଦ୍ର ପରିଚାଳନା ପାଇଁ ଆମ ପାଖରେ ୩ ବର୍ଷର ଅଭିଜ୍ଞତା ରହିଛି।ତେବେ ତାଲିମ ନନେଇ, କୌଣସି ଅଭିଜ୍ଞତା ନଥିବା ମହିଳା ଦଳକୁ ଏହି କାର୍ଯ୍ୟ କରିବା ପାଇଁ ପରିଷଦ କିପରି ଦେଲା ବୋଲି ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ୯୦୦୦/ ଦରମା ହେଇଥିବାରୁ ଏପ୍ରକାର ବେନିୟମ କାର୍ଯ୍ୟ କରାଯାଉଛି ବୋଲି ସରୋଜିନୀ ଅଭିଯୋଗ କରିଛନ୍ତି। ଯେତେ ପର୍ଯ୍ୟନ୍ତ ଏହି ଟେଣ୍ଡର ପ୍ରକ୍ରିୟା ବାତିଲ ନହେବ ଆମେ ଧାରଣାରେ ବସି ରହିବୁ ବୋଲି ଶବର ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ ତୁରଂତ ଏଥିରେ ପଦକ୍ଷେପ ନେବା ପାଇଁ ମଧ୍ୟ କାଉନସିଲର ସରୋଜିନୀ ଶବର ଦାବୀ କରିଛନ୍ତି। ଆଜି ସଂଧ।ରେ ପୌର ନିର୍ବାହୀ ଅଧିକାରୀ ରଷି ମାଝୀ, ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର,ଓ ସାନିଟେଶନ ବିଭାଗର କର୍ମଚାରୀ ଆନ୍ଦୋଳନ ସ୍ଥଳକୁ ଯାଇ ଗେଟ ଖୋଲିବା ପାଇଁ ଅନୁରୋଧ କରିଥିଲେ, କାରଣ ମହିଳା ବୋଝେଇ ଟ୍ରକ ଠିଆ ହେବାରୁ ସ୍ଥାନୀୟ ଲୋକେ ନାନା ଅସୁବିଧାର ସମ୍ମୁଖିନ ହେଉଥିବା ନିର୍ବାହୀ ଅଧିକାରୀ ଜଣାଇଥିଲେ। ଏହାକୁ ଦୃଷ୍ଟିରେ ରଖି ଗେଟ ଖୋଲିବା ପାଇଁ ରାଜି ହେଇଥିଲେ। ତେବେ ତୁରନ୍ତ ପୌର। ଦକ୍ଷା ଘଟଣା ସ୍ଥଳରେ ପହଁଚି ସମସ୍ୟ। ର ସମାଧାନ ପାଇଁ କାଉନସିଲର ନିର୍ବାହୀ ଅଧିକାରୀଙ୍କୁ ଦାବୀ କରିଛନ୍ତି।ଅପରପକ୍ଷେ ଆମକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଗେଟ ବନ୍ଧ କରି ଧାରଣରେ ବସିବୁ ବୋଲି କାଉନସିଲର ସୋରଜିନି ଶବର ସୁଚନା ଦେଇଛନ୍ତି।

## ଗ୍ରେଡ୍ ପେ’ ଦାବିରେ ସମୂହ ଛୁଟି, ଜନସାଧାରଣ ଅସ୍ତବ୍ୟସ୍ତ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଆଜି ଠାରୁ ଗ୍ରେଡ୍ ପେ’ ବୃଦ୍ଧି ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟିରେ ସରକାରୀ କାର୍ଯ୍ୟାଳୟ ର କିରାଣୀମାନେ ରହିବା ହେତୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଜନ ସାଧାରଣ ବିନା ସମାଧାନ ରେ ଫେରିଯାଉଥିବା ଦେଖା ଦେଇଛି। ସୂଚନା ଅନୁଯାୟୀ ସମଗ୍ର ଓଡ଼ିଶାରେ ସରକାରୀ କିରାଣୀମାନେ ୨୦୧୩ ମସିହା ଠାରୁ ଗ୍ରେଡ୍ ପେ ୧୯୦୦ ଟଙ୍କାରୁ ବୃଦ୍ଧି କରି ୪୨୦୦ ଟଙ୍କା ପ୍ରଦାନ ପାଇଁ ଦାବି କରିଆସୁଛନ୍ତି । ଏଥି ପାଇଁ ଗତ ମାସ ୨୨ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ଧାରଣ କରି କାର୍ଯ୍ୟାଳୟକୁ ଆସୁଥିଲେ କିନ୍ତୁ ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜିଠାରୁ ସମସ୍ତ କିରାଣୀ ସମୂହ ଛୁଟି ଘୋଷଣା କରିଛନ୍ତି । ଏଥିପାଇଁ ମାତ୍ର ଗୋଟିଏ ଦିନ ରେ ଜନ ସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଆଜି ବାଲିପାଟଣା ବ୍ଲକ, ଉପନିବନ୍ଧକ କାର୍ଯ୍ୟାଳୟ, ମେଡିକାଲ୍ ଏବଂ ତହସିଲ୍ କାର୍ଯ୍ୟାଳୟରେ କିରାଣୀ ଚୌକି ଖାଲି ପଡିଥିବା ଦେଖା ଦେଇଥିଲା। ଖାସ୍ କରି ତହସିଲ କାର୍ଯ୍ୟାଳୟରେ ଆଜି କା ଦିନରେ ୨୯ ଟି ବିଭିନ୍ନ ପ୍ରକାର ଅଭିଯୋଗ ଯଥା ଜନ୍ମ ମୃତ୍ୟୁ ପ୍ରମାଣପତ୍ର, ଜାତିଗତ ପ୍ରମାଣ ପତ୍ର, ରେସିଡେନ୍ସ, ଜମି ପଟ୍ଟା ଇତ୍ୟାଦି ଅଭିଯୋଗ ବିଚାରଧିନ ହୋଇ ପଡି ରହିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସମୁଦାୟ ୩୪୨ ଟି ଅଭିଯୋଗ ପେଣ୍ଡିଂ ହୋଇ ରହିଛି। ଏବେ ଛାତ୍ର ଛାତ୍ରୀ ମାନଙ୍କ ଆଡ୍‌ମିଶନ ଋତୁ ଚାଲିଥିବାବେଳେ ସେମାନଙ୍କର ବିଭିନ୍ନ ପ୍ରମାଣପତ୍ର ଦରକାର ପଡୁଥିବା ବେଳେ ଏହି ସମୂହ ଛୁଟି ସେମାନଙ୍କୁ ବହୁ ଅସୁବିଧାରେ ପକାଇବ ନିଶ୍ଚିତ। ପ୍ରଚଣ୍ଡ ଖରା ରେ ଆଜି ଲୋକ ମାନେ ନିଜ କାମ କରି ନ ପାରି ଦୁଃଖ ବ୍ୟକ୍ତ କରି ଫେରିଯିବାର ଦେଖିବାକୁ ମିଳିଛି। ଏହି ଗମ୍ଭିର ସମସ୍ୟାର ଯଦି ତୁରନ୍ତ ସମାଧାନ ନହୁଏ ଏହି ସମୂହ ଛୁଟିରେ ବହୁ ଜନସାଧାରଣ, ଛାତ୍ର ଛାତ୍ରୀ ବଳି ପଡିବେ ବୋଲି ବୁଦ୍ଧିଜିବି ମତ ବ୍ୟକ୍ତ କରିଛନ୍ତି।

## ଦଧିବାମନ ଜୀୟୁଙ୍କ ରଥକୁ ଉଠିଲା ଚାରି ନାହାକା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ କୋଇଲୋ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଜୀୟୁଙ୍କ ରଥଯାତ୍ରା ନିମନ୍ତେ ପରମ୍ପରା ଅନୁଯାଇ ପବିତ୍ର ଅକ୍ଷୟ ତୃତୀୟ ଦିବସରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଇଥିଲା। ସେବେଠାରୁ ଦୃତ ଗତିରେ ରଥ ନିର୍ମାଣ କାର୍ଯ୍ୟ କରାଯାଇ ଆସୁଥିଲା। ପ୍ରଥମେ ରଥର ଅଖ ଓ ପରେ ଚକ ପ୍ରସ୍ତୁତ କରାଯାଇଥିଲା। ଉଭୟ ଚକ ଓ ଅଖକୁ ସଂଯୋଗ କରାଯାଇଥିଲା। ଆସନ୍ତା ୨୦ ତାରିଖରେ ମହାପ୍ରଭୁ ଦଧିବାମନ ଜୀୟୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ପଡୁଥିବା କାରଣରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମଧ୍ୟ ମହାରାଣୀ ,ଚକ୍ରଧର ମହାରଣା ଓ ମିସ୍ତ୍ରୀ ରବିନ୍ଦ୍ର କୁମାର ମହାରଣାଙ୍କ ତତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଦୃତଗିରେ ଆଗେଇ ଚାଲିଛି। ଆଜି ଚାରି ନାହାକା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହାପରେ ଛତ୍ରୀ ଚଢାଯିବ ବୋଲି ଜଣାଯାଇଛି। ରାଜ୍ୟ ସରକାରଙ୍କ ନିୟମକୁ ମାନି ରଥ କାର୍ଯ୍ୟରେ ଲାଗୁଥିବା ସମସ୍ତ କାଠ ଗୁଡିକୁ ସୁରକ୍ଷିତ ଭାବେ ରଖାଯାଇଥାଏ। ଆବଶ୍ୟକ ସ୍ଥଳେ ପୁରୁଣା ରଥ କାଠ ଗୁଡିକୁ ପରିବର୍ତ୍ତନ କରାଯାଇଥାଏ। ଏହି ରଥ ନିର୍ମାଣ କାର୍ଯ୍ୟରେ ୧୦ ଜଣରୁ ଅଧିକ କାରିଗର ଲାଗିଥିବାର ଜଣାଯାଇଛି।

## ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକରିଣୀ ବୈଠକ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଅଦ୍ୟ ଦିନ ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଭାରତୀୟ ଜନତା ଯୁବମୋର୍ଚ୍ଚା ଢେଙ୍କାନାଳ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା ସଭାପତିତ୍ୱ କରିଥିଲେ । ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ବର୍ଷ ସରକାରର ସଫଳତା ଓ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନର ଯୁବୋମୋର୍ଚ୍ଚାର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୁବମୋର୍ଚ୍ଚା ର କାର୍ଯ୍ୟକର୍ତ୍ତା ମାନେ ସୋସିଆଲ ମିଡ଼ିଆ ଓ ଘରକୁ ଘର ବୁଲି ଜନ ସଂପର୍କ ଅଭିଯାନ କରିବା ପାଇଁ ସଂକଳ୍ପ ବଦ୍ଧ ହେଲେ। ଉକ୍ତ କାର୍ଯ୍ୟକାରିଣୀ ବୈଠକ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଜନ ପାଣି ଓ ସତ୍ୟରଞ୍ଜନ ଭୁଇଁଆ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଲୋକସଭା ବିସ୍ତାରକ ଅମୃତ ସ୍ୱାଇଁ ମଂଚରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକାରିଣୀ ରେ ଜିଲ୍ଲା ଯୁବମୋର୍ଚ୍ଚା ର ଦୁଇ ସାଧାରଣ ସମ୍ପାଦକ ରଞ୍ଜିତ ବିଶାଳ ଓ ହରିଶନ୍ଦ୍ର ବେହେରା, ଦୁଇ ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅନିବେଶ୍ ଚାନ୍ଦ ଓ ପଦ୍ମଭୂଷଣ ସାହୁ ସମସ୍ତ ଜିଲ୍ଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସାଯୋଜକ, ଜିଲ୍ଲାର ସମସ୍ତ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଓ ମଣ୍ଡଳ ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ସଂଜୀବ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।




## ଅଭିନବ ଢଙ୍ଗରେ କଏଦୀ ଫେରାର

କଟକ, (ଭାସ୍କର ନ୍ୟୁଜ୍): ଅସୁସ୍ଥ ଥାଇ ଚୌଦ୍ୱାର ଜେଲରୁ କଟକ ବଡ଼ ଡାକ୍ତରଖାନା ଚିକିତ୍ସା ପାଇଁ ଆସିଥିବା ଜଣେ କଏଦୀ ଅଭିନବ ଢଙ୍ଗରେ ଫେରାର ହୋଇଯାଇଛି। ଶୌଚ ହେବା ବାହାନାରେ ଶାଢୀ ପିନ୍ଧି ମହିଳା ବେଶରେ ଫେରାର ହୋଇଥିବା ପୋଲିସ କହିଛି। ଉକ୍ତ କଏଦୀଙ୍କ ନାମ ସାଜନ ଦାସ ଓ ତାର ଘର ଜଗତସିଂହପୁର ଜିଲ୍ଲା ନାଉଗାଁରେ ବୋଲି ଜଣାପଡ଼ିଛି। ପୋଲିସ ତାକୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

## ବାଣିଜ୍ୟରେ ଲକ୍ଷ୍ମୀପୁରର ଛାତ୍ର ରାୟଗଡା କଲେଜରେ ୮୮ ପ୍ରତିଶତ ମାର୍କରେ ଉତ୍ତୀର୍ଣ୍ଣ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଗତକାଲି ପ୍ରକାଶ ପାଇଥିବା ଯୁକ୍ତ ୨ ବାଣିଜ୍ୟରେ ଲକ୍ଷ୍ମୀପୁର ବ୍ଲକକୁ ସେତେଟା ସଫଳତା ମିଳି ନଥିଲେ ମଧ୍ୟ ଲକ୍ଷ୍ମୀପୁ ହରିଜନ ସାହିର ମନୋଜ କୁମାର ସୁଚେନଙ୍କ ପୁଅ ରୋଟେଶ୍ କୁମାର ସୁଚେନ୍ ବାହାର କଲେଜରେ ପାଠ ପଢି ସଫଳତା ଆଣି ଦେଇଛନ୍ତି। ସିଏ ରାୟଗଡା କଲେଜରେ ୮୮ ପ୍ରତିଶତ ନମ୍ବର ରଖି ଉତିର୍ଣ ହୋଇଛନ୍ତି। ରିତେଶ ସମୁଦାୟ ୬୦୦ ମାର୍କ ରୁ ୫୨୯ ନମ୍ବର ରଖି ରାୟଗଡା ଅଟୋନମସ କଲେଜ୍ ପାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।ସେ ଜଣେ ମେଧାବି ଛାତ୍ର ହୋଇଥିବା ବେଳେ ଲକ୍ଷ୍ମୀପୁର ସାଙ୍ଗାନ୍ନା ହାଇସ୍କୁଲ ରେ ପାଠ ପଢି ମାଟ୍ରିକରେ ମଧ୍ୟ ଏ-୧ ଗ୍ରେଡ୍ ରେ ଉତିର୍ଣ ହୋଇଥିଲେ।ଏହି ସଫଳତା ପଛରେ ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ଙ୍କ ସମେତ ମାତାପିତାଙ୍କ ଆଶିର୍ବାଦ ରହିଥିବା ସେ କହିଛନ୍ତି।ଆଗକୁ ଚାଟାର୍ଡ ଆକାଉଣ୍ଟ ପାଠ ପଢିବେ ବୋଲି ସେ କହିଛନ୍ତି। ତାଙ୍କର ଏହି ସଫଳତା ପରେ ଲକ୍ଷ୍ମୀପୁର ଅଞ୍ଚଳରେ ସବୁ ମହଲରେ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଜାଇଛି।

## ଫାଲକନ୍ ମେରାଇନ ଏକ୍ସପର୍ଟ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଆଇଟି ରେଡ୍

ଟାଙ୍ଗୀ, (ଭାସ୍କର ନ୍ୟୁଝ୍): ଆକ୍ସନ ମୁଡ୍‌ରେ ଆଇଟି ବିଭାଗ । ଫାଲକନ୍ ମେରାଇନ୍ ଏକ୍ସପୋର୍ଟ୍ ପ୍ରାଇଭେଟ୍ ଲିମିଟେଡ୍ ଉପରେ ଆୟକର ବିଭାଗ ପକ୍ଷରୁ ଚାଲିଛି ରେଡ୍ । କମ୍ପାନୀର ବିଭିନ୍ନ ଶାଖା ଉପରେ ମଧ୍ୟ ଚଢ଼ାଉ ଜାରି ରଖିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ଜୟମଙ୍ଗଳପୁର ଛକ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଫାଲକନ୍ ଫିଡ୍ସ କମ୍ପାନୀ ଉପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆୟକର ବିଭାଗ ପକ୍ଷରୁ ରେଡ୍ କରାଯାଉଛି। କମ୍ପାନୀ ରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କ ଫୋନ ଗୁଡିକୁ ସୁଇଚ୍-ଅପ୍ କରାଯାଇ କମ୍ପାନୀର ବିଭିନ୍ନ ନଥିପତ୍ର ଯାଞ୍ଚ କରୁଛନ୍ତି ଆୟକର ବିଭାଗର ଅଧିକାରୀ । କମ୍ପାନୀର ବିଭିନ୍ନ ଶାଖା ଉପରେ ମଧ୍ୟ ଚଢ଼ାଉ ଜାରି ରହିଛି । ଖବର ଅନୁଯାୟୀ, ଆଜି ସକାଳ ସମୟରୁ ଓଙ୍କ ପକ୍ଷରୁ ଫାଲକନ୍ ମେରାଇନ୍ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍‌ରେ ରେଡ୍ ଚାଲିଛି । ଆଇଟି ପକ୍ଷରୁ କମ୍ପାନୀ ଏବଂ ତାର ବିଭିନ୍ନ ଶାଖାରେ ଏକା ସାଙ୍ଗରେ ଚାଲିଛି ଚଢାଉ । ତେବେ ଚଢାଉ ହୋଇଥିବା ସ୍ଥାନମାନଙ୍କ ମଧ୍ୟରେ ଭୁବନେଶ୍ୱର ଓ ବାଲେଶ୍ୱରର ମଧ୍ୟ କିଛି ଅଫିସ ରହିଛି।

## ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଦେଶପାଇଁ ଗୌରବ ଆଣିଥିବା ମଲ୍ଲଯୋଦ୍ଧାଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ ଓ ଯୌନ ନିର୍ଯ୍ୟାତନା ଦେଇଥିବା ସାଂସଦ ବ୍ରିଜଭୂଷଣଙ୍କୁ ଗିରଫ ସହ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ୨ମାସ ଧରି ଦିଲୀରେ ଧାରଣାରତ ମହିଳା କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲା ଶାଖା ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛି। ମୋର୍ଚ୍ଚାର ଅଭିଯୋଗ ଅନୁସାରେ ଗତ ୨୮ ତାରିଖରେ ଆୟୋଜିତ ହେବାକୁ ଥିବା ମହିଳା ମହାପଞ୍ଚାୟତ ସମାବେଶକୁ ଭଣ୍ଡୁର କରିବା ଏବଂ ପୁଲିସ ବଳ ଲଗାଇ ଧାରଣାରତ ମହିଳା କୁସ୍ତିଯୋଦ୍ଧା ଓ ବିଭିନ୍ନ ଗଣସଂଗଠନର କର୍ମକର୍ତ୍ତାଙ୍କୁ ଧାରଣାସ୍ଥଳରୁ ଜୋର ଜବରଦସ୍ତ ଉଠାଇଦେବା, ଧାରଣାସ୍ଥଳକୁ ଭାଙ୍ଗିଦେବା ଭଳି ଅଗଣତାନ୍ତ୍ରିକ କାର୍ଯ୍ୟ କରିବା ଦୁର୍ଭାଗ୍ୟର ବିଷୟ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏହାର ଦୃଢ଼ ପ୍ରତିବାଦରେ ସଂଯୁକ୍ତ କିଶାନ୍ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଥିବା ବେଳେ ବାଲେଶ୍ୱର ଜିଲା ସଂଯୁକ୍ତ କିସାନ ମୋର୍ଚ୍ଚା ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଡେପୁଟି କଲେକ୍ଟର ସାଗରିକା ଦାସଙ୍କୁ ପ୍ରଦାନ କରାଯାଇଛି। ସ୍ମାରକ ପତ୍ର ପ୍ରଦାନ ବେଳେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲା ଆବାହକ ଶିଶିର ହୁଇ, ବରିଷ୍ଠ କୃଷକ ନେତା ସୀତାଂଶୁ ସେନାପତି, ଭାଗବତ ପ୍ରତିହାରୀ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ପ୍ରେମରଞ୍ଜନ ପାତ୍ର, ଆଇଏନଟିୟୁସିର ବିକାଶ ଦାସ, ଚାଷୀ ଏକତା ମଞ୍ଚ ଜିଲା ସଭାପତି ଅରୁଣ ଜେନା, ଆଇନଜୀବୀ ମନୋଜ ନାୟକ, ସର୍ବୋଦୟ ନେତା ବିଧାନ ଚନ୍ଦ୍ର ରାୟ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ଭରତ ସେଠୀ, ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### ବ୍ଲକ୍ ପରିସରରେ ସ୍ୱାମୀ-ସ୍ତ୍ରୀଙ୍କ ହାଇଡ୍ରାମା ଘଟଣା

## ସ୍ୱାମୀ, ପୁଅ ଓ ସରପଞ୍ଚଙ୍କ ନାମରେ ହତ୍ୟା ଅଭିଯୋଗ

ଗୋପ, (ଭାସ୍କର ନ୍ୟୁଜ୍): ଗତ ବୁଧବାର ଅପରାହ୍ନରେ ଗୋପ ବ୍ଲକ ପରିସରରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ହାଇଡ୍ରାମା ଭିନ୍ନ ମୋଡ ନେଇଛି । ଗତ ୩୦ ବର୍ଷ ଧରି ସ୍ୱାମୀ ରାଜ କିଶୋର ଶାରିରିକ ମାନସିକ ନିର୍ଯ୍ୟାତନା ଦେଉଥରବା କଥା କହୁଥରବା ବେଳେ ଥାନାରେ ଅଟକ ପରେ ତାଙ୍କ ସ୍ୱାମୀ, ପୁଅ ଓ ଇସାଣପୁର ସରପଂଚ ବସନ୍ତ ପାଳ ତାଙ୍କୁ ହତ୍ୟା ଧମକ ଦେବା ଏବଂ ଗାଡି ଚଢାଇ ମାରିଦେବା ପାଇଁ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଥାନା ପକ୍ଷରୁ ୨୫୨/୨୩ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାପଡିଛି । ସୁଚନାମୁତାବକ ଗତ କାଲି ଗୋପ ବ୍ଲକ ପରିସରରେ ଏକ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଗୋପ ଥାନା ଅଧିନ ଇସାଣପୁର ପଂଚାୟତ ମହନିପୁର ଗ୍ରାମର ରାଜ କିଶୋର ବିଶ୍ୱାଳ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କ ମଧ୍ୟରେ ପାରିବାରିକ ଗଣ୍ଡୋଗୋଳକୁ ନେଇ ବ୍ଲକ ପରିସରରେ ସ୍ୱାମୀ ସ୍ତ୍ରୀ ପାଟିତୁଣ୍ଡ ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ପରେ ନିଜର ହକ୍ ଦାବି କରି ସ୍ୱାମୀଙ୍କ କାର ଆଗରେ ଲକ୍ଷ୍ମୀପ୍ରିୟା ଶୋଇଥିଲେ । ଏହି ଡ୍ରାମାକୁ ଶହଶହ ଦେଖଣାହାରି କେବଳ ଦେଖିଥିଲେ । ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଁଚି ଉଭୟ ସ୍ୱାମୀ ସ୍ତ୍ରୀ ଙ୍କୁ ଥାନାକୁ ଉଠାଇ ଆଣିଥିଲା । ମାତ୍ର ଲକ୍ଷ୍ମୀପ୍ରିୟା ଥାନାରେ ଅଭିଯୋଗ କରିଛନ୍ତି ଆଜକୁ ୩୦ ବର୍ଷ ହେଲା ତାଙ୍କ ସ୍ୱାମୀ ରାଜ କିଶୋର ଏବଂ ତାଙ୍କ ପୁଅ ତପନ ତାଙ୍କୁ ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଛନ୍ତି । ଏପରିକି ମାଡ ମାରି ରକ୍ତାକ୍ତ କରିବା ସହିତ ବିଭିନ୍ନ ସମୟରେ ଖଣ୍ଡା ଓ କଟୁରି ସାହାର୍ଯ୍ୟରେ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଛନ୍ତି । ତାଙ୍କ ସ୍ୱାମୀ ଅଣ୍ଡା ବୋତଲରେ ମଦ ମିଶାଇ ପର ପୁରୁଷ ପାଖରେ ଶୋଇବାକୁ ବାଧ୍ୟ କରୁଛନ୍ତି। ନିରୁପାୟ ହୋଇ ମୁଁ ମୋ ବାପା ଘରକୁ ଆସି ରହୁଥିବା ବେଳେ ଏନେଇ ଥାନା ଓ କୋର୍ଟରେ ଅଭିଯୋଗ କରିଥିଲି। ଫ୍ୟାମିଲି କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ମୋ ସ୍ୱମୀ କିଛି ଦିନ ମୋତେ ରକ୍ଷାଣାବେକ୍ଷଣା ନିମନ୍ତେ ମାସିକ ୩ ହଜାର ଟଙ୍କା ଦେଉଥିବା ବେଳେ ପରମୂହୁର୍ତ୍ତରେ କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ଏବେ ଦୀର୍ଘ ଦିନ ହେଲା ଆଉ ଟଙ୍କା ଦେଉନାହାଁନ୍ତି। ଗତ ବୁଧବାର ଲକ୍ଷ୍ମୀପ୍ରିୟା ତାଙ୍କ ସ୍ୱାମୀଙ୍କ ସହ କଥା ହେବାକୁ ଗୋପ ବ୍ଲକକୁ ଆସିଥିବା ବେଳେ ସେଠାରେ ତାଙ୍କ ସରପଂଚ ବସନ୍ତ ପାଳ, ତାଙ୍କ ସ୍ୱାମୀ ମିଶି ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହିତ ବିଧା ଗୋଇଠା ମାରି ତଳେ ପକାଇଦେଇ ଗାଡି ଚଳାଇ ତାକୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ । ଏପରିକି ତାଙ୍କ ପୁଅକୁ ଡକାଇ ୩ ଜଣଯାକ ମିଶି ଏକ ଖଣ୍ଡା ଧରି ରାସ୍ତାରେ ଗୋଡାଇ ଗୋଡାଇ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ । ଜୀବନ ବଂଚାଇବାକୁ ଯାଇ ସେ ଦୌଡି ଦୌଡି ଆସି ଥାନାରେ ଆଶ୍ରୟ ନେଇଥିବା ବେଳେ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାପଡିଛି।

## ଜଟିଳ ରୋଗୀଙ୍କୁ ଚିକିତ୍ସା ପାଇଁ କଟକ ପଠାଇଲେ ବୌଦ୍ଧ ଜିଲ୍ଲାପାଳ

ବୌଦ୍ଧ,(ଭାସ୍କର ନ୍ୟୁଜ): ବିଭିନ୍ନ ଜଟିଳ ରୋଗରେ ପୀଡିତ ଥିବା ଗରିବ ଅସହାୟ ରୋଗୀଙ୍କୁ ଅଧିକ ଉତ୍ତମ ଚିକିତ୍ସା ପାଇଁ ସହାୟତାର ହାତ ବଢାଇଲେ ବୌଦ୍ଧ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ। ଆଜି ବୌଦ୍ଧ ଜିଲ୍ଲାର ଏଭଳି ଜଟିଳ ରୋଗରେ ପୀଡ଼ିତ ଥିବା ୭ ଜଣ ରୋଗୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଶାସନିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ପଠାଯାଇଛି ।ରୋଗୀଙ୍କ ମଧ୍ୟରେ କିଡନୀ ରୋଗୀ, କର୍କଟ ରୋଗୀ ମଧ୍ୟ ରହିଥିବା ସୂଚନା ରହିଛି। ହରଭଙ୍ଗା ବ୍ଲକ କରଞ୍ଜକଟା ଗ୍ରାମର କିଡ଼ନୀ ପୀଡିତ ପ୍ରଦୀପ ଜାନି, ଉପରକଟା ଗ୍ରାମର ଚୈତନ୍ୟ ଦୀପ, ମକୁନ୍ଦପୁର ଗ୍ରାମର ଭାରତୀ ନନ୍ଦି, ତିଳେଶ୍ୱରରର ସୁବନ୍ୟ ନାୟକ, ଜଟେସିଙ୍ଗା ଗ୍ରାମର ନିଦ୍ରା ବେହେରାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଥିବା ବେଳେ କର୍କଟ ରୋଗରେ ପୀଡିତ ଥିବା ବୌଦ୍ଧ ରକ୍ସା ଗ୍ରାମର ପାର୍ବତୀ ରାଜହଁସଙ୍କୁ ଚିକିତ୍ସା ପାଇଁ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲକୁ ପଠାଯାଇଛି। ୭ଜଣ ମହିଳା ପୁରୁଷ ଓ ଶିଶୁଙ୍କୁ ଅଧିକ ଚିକିତ୍ସା ପାଇଁ ଆଜି ତିନୋଟି ଆମ୍ବୁଲାନ୍ସ ଯୋଗେ କଟକକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରେଡକ୍ରସ ତରଫରୁ ତାଙ୍କୁ ୪୬ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ ଆଜି ରୋଗରେ ପୀଡିତ ଥିବା ରୋଗୀ ଓ ତାଙ୍କର ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ।ଅର୍ଥ ଅଭାବ ଯୋଗୁଁ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହେଉଥିବା ଗରିବ ଅସହାୟ ରୋଗୀଙ୍କୁ ସାହାଯ୍ୟ ସହୋଯୋଗର ହାତ ବଢ଼ାଇଥିବା ଜିଲ୍ଲାପାଳଙ୍କୁ ବିଭିନ୍ନ ମହଲରେ ଭୂରିୟ ପ୍ରଶଂସା କରାଯାଇଛି।

## ବେତନ ଅସଙ୍ଗତି ଦୂର ଦାବିରେ ଅମଲା ମିଳିତ ମଞ୍ଚର ଧାରଣା

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାରମ୍ବାର ଦାବି ସତ୍ତ୍ୱେ ବେତନ ଅସଙ୍ଗତି ଦୂର ନେଇ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦରେ ସମଗ୍ର ଓଡ଼ିଶାର ଅମଲାମାନେ ଗୁରୁବାରଠାରୁ ତୀବ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୪ ଗୋଟି ଅମଲା ସଂଘକୁ ନେଇ ଗଠିତ ମିଳିତ ମଞ୍ଚର ଆହ୍ୱାନକ୍ରମେ ଅମଲାମାନେ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି ପ୍ରତିବାଦ ଜଣାଇବା ପରେ ଆଜି ସମୂହ ଛୁଟିରେ ରହି ଧାରଣାରେ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବା ଲକ୍ଷ୍ୟ କରାଯାଇଥିଲା। ବିଭିନ୍ନ ସରକାରୀ ବିଭାଗରେ ନିୟୋଜିତ ଶତାଧିକ ଅମଲା ଏହି ଧାରଣାରେ ସାମିଲ ହେବା ସହ ପ୍ଲାକାର୍ଡ ଓ ପୋଷ୍ଟର ମାଧ୍ୟମରେ ସେମାନଙ୍କ ଏକମାତ୍ର ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ ଜାରି ରଖିଥିଛନ୍ତି। ସରକାର ସେମାନଙ୍କ ଏକମାତ୍ର ଦାବି ପୂରଣ ନ କରିବା ଯାଏଁ ସମସ୍ତ ଅମଲା ସମୂହ ଛୁଟିରେ ରହି ଆନ୍ଦୋଳନ ଜାରି ରଖିବେ ବୋଲି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧକ୍ଷ ଲକ୍ଷ୍ମୀଧର ବେହେରା କହିଛନ୍ତି। ମଞ୍ଚର ଆବାହକ ପ୍ରଦୀପ କୁମାର ଦାଶ ଏଥିରେ ଉପସ୍ଥିତ ରହି ଅମଲାମାନଙ୍କ ଏକମାତ୍ର ଦାବି ପ୍ରତି ସରକାରୀ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ ସହିତ ଆନ୍ଦୋଳନର ଚରମ ସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ । ସରକାରୀ ସେବା ବାଧା ପ୍ରାପ୍ତ ହେଇଥିବାରୁ ସେ ଦୁଃଖ ପ୍ରକାଶ ସହ ତୁରନ୍ତ ସରକାର ସେମାନଙ୍କ ଦାବି ମାନିନେବାକୁ ନିବେଦନ କରିଛନ୍ତି।ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ମଞ୍ଚର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ସୁକାନ୍ତ ପ୍ରଧାନ, ସ୍ୱସ୍ତିକ ଦାସ, ଧର୍ମେଶ ଶତପଥୀ, ରୂପକ କୁମାର ଦାସ, ସତ୍ୟାନନ୍ଦ ବେହେରା, ପ୍ରାର୍ଥସାରଥୀ ଅଗସ୍ତି, ରାଜେନ୍ଦ୍ର କୁମାର ମହାନ୍ତି, ସ୍ୱାଗତିକ ମଲିକ, ବିନୟ କୁମାର ସେଠୀ, ଦେବୀଦତ୍ତ ସାହୁ ପ୍ରମୁଖ ଏହି ଗଣଧାରଣାକୁ ପରିଚାଳନା କରିଥିଲେ।

# ଆସିକା ନୂତନ କୋର୍ଟ ନିର୍ମାଣ ପାଇଁ ପରିଦର୍ଶନ କଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଓ ଶେରଗଡ଼ ଠାରେ ନୂତନ କୋଠା ଉଦଘାଟନ ଉଦେଷ୍ୟରେ ଆସିଥିବା ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟବିଚାରପତି ଡ.ଏସ ମୁରଲୀଧର। ଆସିକା ଠାରେ ନୂତନ କୋର୍ଟ ନିର୍ମାଣ ପାଇଁ ପ୍ରସ୍ତାବିତ ସ୍ଥାନ ଗୁଡିକ ପରିଦର୍ଶନ କରିଥିଲେ। ଆସିକା ବ୍ଲକ ବାବନପୁର ପଞ୍ଚାୟତର ବାବନପୁର ମୌଜର ଥିବା ସରକାରୀ ବାବନପୁର ହାଇସ୍କୁଲ ନିକଟରେ ଥିବା ଗୋଚର କିସମ ଭୂତତୋଟା କାଙ୍କରା ଖାଲଠାରେ ୫ ଏକର ସ୍ଥାନକୁ ମୂଖ୍ୟ ବିଚାରପତି ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଓଡିଶା ଉଚ୍ଚନ୍ୟାୟାଳୟର ଅନ୍ୟତମ ବିଚାରପତି ତଥା ରାଜ୍ୟ କୋର୍ଟ କୋଠା ନିର୍ମାଣ ଅଧକ୍ଷ ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ, ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଗଞ୍ଜାମ ଆଡମିଷ୍ଟେଟର ବିଚାରପତି ଦେବଦତ୍ତ ଦାସ, ଗଞ୍ଜାମ ଜିଲ୍ଲା ଜର୍ଜ ରୁପଶ୍ରୀ ଚୌଧୁରୀ, ଗଞ୍ଜାମ ଜିଲ୍ଲା ଦେୱାନ କୋର୍ଟ ରେଜିଷ୍ଟର ସୁଶାନ୍ତ କୁମାର ବିଶ୍ୱାଳ,ଆସିକା ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର, ଆସିକା ବରିଷ୍ଠ ଦେୱାନୀ ଜର୍ଜ ସୌଦାମିନୀ ବିଶ୍ୱାଳ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ୱେତା ଦାସ, ଗଞ୍ଜାମ ଜିଲ୍ଲା ପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧିକାରୀ ଜଗମୋହନ ମିନା, ବ୍ରହ୍ମପୁର ଆରକ୍ଷୀ ଅଧିକାରୀ ଡ଼ଃ ବିବେକ ଶ୍ରବଣ ଏମ, ଭଞ୍ଜନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଆସିକା ବି ଡି ଓ ଫକୀର ଚରଣ ପରିଡା, ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମାଶଙ୍କର ସିଂ, ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ,କୋଟିନାଡ଼ା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା,ଆସିକା ଓକିଲ ସଙ୍ଘ ସଭାପତି ରବୀନ୍ଦ୍ର ନାଥ ଶର୍ମା, ଉପସଭାପତି ଛବିଳ ରାମ ମିଶ୍ର, ସମ୍ପାଦକ ନାରାୟଣ ମୁନି, ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା, ଅଜିତ ଚୌଧୁରୀଙ୍କ ସମେତ ସମସ୍ତ ଆଇନ ଜୀବି ଯୋଗ ଦେଇଥିଲେ କ୍ଷମୁଖ୍ୟ ବିଚାରପତି କବିସୂର୍ଯ୍ୟନଗର ନବନିର୍ମାଣ କୋର୍ଟ ଉଦଘାଟନ କରି ସିଧାସଳଖ ସେ ବାବନପୁର ଗୋଚର ଭୂତତୋଟା କାଙ୍କର ଖାଲ ସ୍ଥାନ ପରିଦର୍ଶନ କରି ଶେଷରେ ଦକ୍ଷିଣ ଓଡିଶାର ସର୍ବ ପୁରାତନ ବ୍ରିଟିଶ ଶାସନ ଯୁଗର ୧୯୫୭ ନିର୍ମିତ ଆସିକା କୋର୍ଟ ପରିଦର୍ଶନ କରିଥିଲେ। ଏହି ସମୟରେ ମୁଖ୍ୟ ବିଚାରପତି ଓ ସମସ୍ତ ଉଚ୍ଚ ନ୍ୟାୟାଳୟ ର ବିଚାର ପତିଙ୍କୁ ଆସିକା ଓକିଲ ସଙ୍ଘ ପକ୍ଷରୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ମାନ୍ୟବର ବିଚାର ପାତି ମାନେ ଏହି ଐତିହାସିକ କୋର୍ଟ ଯାହାକି ଦକ୍ଷିଣ ଓଡ଼ିଶାର ବ୍ରିଟିଶ ମାନଙ୍କ ଦ୍ୱାରା ୧୯୦୪ରେ ମୁନସିଫ କୋର୍ଟ ଆରମ୍ଭ ହୋଇ ପରବର୍ତ୍ତି ସମୟ ୧୮୫୭ ସମ୍ପୂର୍ଣ୍ଣ ପଥରରେ ନିର୍ମିତ ଏହି ଐତିହାସିକ କୋର୍ଟ ନିର୍ମାଣ ହୋଇଥିଲା। ଏହି କୋଠର ପୁରାତନ ଐତିହ୍ୟ ଦେଖି ଚିଫ ଯଶଷ୍ଟି ପ୍ରଶଂସା କରିଥିଲେ। କୋର୍ଟର ନୂତନ କୋଠା ନିର୍ମାଣ ପରେ ମଧ୍ୟ ଏହି ପୁରାତନ କୋର୍ଟକୁ ଐତିହ୍ୟ ସ୍ମାରକ ରୂପେ ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଥାଉକି ପ୍ରାୟ ଏକ ଏକର ଠାରୁ କମ ଜମି ଉପରେ ଏହି କୋର୍ଟ ନିର୍ମାଣ ହୋଇଛି। ବର୍ତ୍ତମାନ ନୂତନ କୋର୍ଟ କୋଠା ନିର୍ମାଣ ପାଇଁ ପାଞ୍ଚ ଏକର ଜମି କୋର୍ଟ ନିର୍ମାଣ ପାଇଁ ଯୋଜନା ରହିଛି। ଓକିଲ ଓ ସହର ବାସୀ ଏହି କୋର୍ଟ ଆସିକା ସହର ମଧ୍ୟରେ କୋର୍ଟ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଆଜି ଆସିକା ବ୍ଲକ ସମ୍ମୁଖରେ ଥିବା ସରକାରୀ ଦାଖଲରେ ଥିବା ମତ୍ସ୍ୟ ବିଭାଗର ନଅ ଟି ପୁରୁଣା ବନ୍ଧ ଯାହାକି ପ୍ରାୟ ପାଞ୍ଚ ଏକର ଏହି ଜମିରେ ନୂତନ କୋର୍ଟ ନିର୍ମାଣ ପାଇଁ ମୁଖ୍ୟ ବିଚାର ପତିଙ୍କୁ ଓକିଲ ସଙ୍ଘ ପକ୍ଷରୁ ସ୍ମାରକୀ ପତ୍ର ପ୍ରଦାନ କରାଯାଇଛି। ୨୦୦୩ ମସିହାରୁ କୋର୍ଟର ନୂତନ କୋଠା ନିର୍ମାଣ ପାଇଁ ଅନେକ ସ୍ଥାନ ନିରୁପଣ ସହ କୋଠା ନିର୍ମାଣ ହେଉଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଇପାରୁନାହିଁ। ପ୍ରଶାସନ ଓ ଉଚ୍ଚସ୍ତରୀୟ କମିଟି ଆସିକା ବ୍ଲକ ସମ୍ମୁଖରେ ତ କେତେବେଳ ପକାଲାପଲ୍ଲୀ ମସାଣି ଠାରେ, କାଳକଣ୍ଠ ପୁର ଏରେଗଲା ବସା ଠାରେ, ଆସିକା ସୂତାକଳ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ଯୋଜନା ହେଉଥିଲା ବେଳେ ଶେଷରେ ବାବନପୁର ସ୍ଥିତ ଏକ ବିବାଦୀୟ ଗୋଚର ଭୁତ ତୋଟାର ପାଞ୍ଚ ଏକର ଜାଗାରେ ମୁରୁମ ନେଇ ୨୫ ଫୁଟ ଖାଲ ଥିବା ସ୍ଥାନରେ ଏହି ନୂତନ କୋର୍ଟ ନିର୍ମାଣ କେତେଦୂର ବାସ୍ତବ ଉପଯୋଗୀ ଏହା ସମସ୍ତ ଙ୍କ ମନରେ ପ୍ରଶ୍ନ। ଆସିକା ସହରରେ ସରକାରୀ ଜମି ଅଭାବ ଆଳରେ ଆସିକା କଲେଜ କେନ୍ଦ୍ରୀୟ ବିଦ୍ୟାଳୟ, ମେଡିକାଲ, କୃଷି ବିଭାଗ, ଅବକାରୀ ବିଭାଗ, ଥାନା ସହର ବାହାରେ ଅନୁପଯୋଗୀ ଜାଗା କୁ ସ୍ଥାନାନ୍ତରିତ ହେଉଥିବା ଯୋଗୁଁ ଆସିକା ବାସୀଙ୍କ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସିକା ଏକ ଶ୍ରୀହୀନ ସହରରେ ପରିଣତ ହେବାକୁ ଯାଉଛି।



ରାଜନଗର (ଭାସ୍କର ନ୍ୟୁଜ୍) : ଓଡିଶା ସମବାୟ ସମିତି କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ସାରା ରାଜ୍ୟରେ ଆଜି ଠାରୁ ସମସ୍ତ ସେବା ସମବାୟ ସମିତି ଓ ଲ୍ୟାମ୍ପସ ରେ ତାଲା ପକାଇ କର୍ମଚାରୀ ମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । ଏହି ଆନ୍ଦୋଳନ ଜାରି ରଖି ୯.୬.୦୨୩ରିଖ ଦିନ ବିଧାନସଭା ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବାର ସଂଘ ପକ୍ଷରୁ ନିଷ୍ପତି ହୋଇଛି । ଏହି ପରି ପ୍ରେକ୍ଷିରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ୧୪ଗୋଟି ସେବା ସମବାୟ ସମିତିର ସଭାପତି ନୀଳମଣି ପ୍ରଧାନ ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ କର୍ମଚାରୀ ମାନେ ଆଜି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ କଳା ବ୍ୟାଚ ପିନ୍ଧି ତିନି ଦଫା ଦାବୀ ନେଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଧାରଣା କାରୀ ମାନଙ୍କର ଦାବୀ ରହିଛି ସମସ୍ତ ବର୍ଗର କର୍ମଚାରୀ ମାନଙ୍କୁ ସରକାରୀ କ୍ୟାଡ଼ରରେ ଭୁକ୍ତ କରାଯିବା, ବାର୍ଷିକ ସରକାରୀ ବଜେଟରେ ୩୦୦କୋଟି ଟାଙ୍କାର ବ୍ୟୟ ବରାଦ କରାଯିବା ଓ ସୁଧ ରିହାତି ଅର୍ଥ ଟଙ୍କା ସମିତିର ସଂଚୟ ଖାତାକୁ ପେଠ କରା ଯିବାକୁ ଦାୟୀ ରହିଛି ।



# ବିବାହ ଭୋଜିକୁ ନେଇ ଗଣ୍ଡଗୋଳ, ଦୁଇ ଆହତ



ଡେଲାଙ୍ଗ,(ଭାସ୍କର ନ୍ୟୁଜ): ଡେଲାଙ୍ଗ ଥାନା ଅନ୍ତର୍ଗତ ହରିରାଜପୁର ଛକରେ ବୁଧବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ବିଧାୟକ ପ୍ରଥମେ କେଉଁ ବିବାହ ଭୋଜିରେ ଯୋଗ ଦେବେ ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁଁ ୨ଜଣ ଲହୁଲୁହାଣ ହୋଇଥିବା ଖବର ମିଳିଛି।ଏକ ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ବୁଧବାର ଦିନ ଟାଙ୍ଗି ଭଅଁସର ଓ ହରିରାଜପୁର ଗ୍ରାମରେ ଦୁଇଟି ବିବାହ ଭୋଜି ହୋଇଥିଲା।ଏଥିରେ ସ୍ଥାନୀୟ ବିଧାୟକଙ୍କ ଯୋଗଦାନ କରିବାର କାର୍ଯ୍ୟକ୍ରମ ଥିବାବେଳେ ତାଙ୍କ ଅନୁପସ୍ଥିତିରେ ତାଙ୍କ ପତ୍ନୀ ଏହି ବିବାହ ଭୋଜିରେ ଯୋଗ ଦେବା ପାଇଁ ଆପାତତଃ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା।ତେବେ ରାତି ପ୍ରାୟ ସାଢ଼େ ନଅଟା ବେଳକୁ ହରିରାଜପୁର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ମହାଦେବ ରାଉତରାୟ ତାଙ୍କ ସମର୍ଥକଙ୍କ ସହ ହରିରାଜପୁର ଛକରେ ପହଞ୍ଚି ପ୍ରଥମେ ବିଧାୟକଙ୍କ ପତ୍ନୀଙ୍କୁ ସ୍ୱାଗତ କରି ଟାଙ୍ଗି ଭଅଁସର ବିବାହ ଭୋଜିକୁ ପାଛୋଟି ନେବାକୁ ପହଞ୍ଚି ଯାଇଥିଲେ। ଅପରପକ୍ଷେ ହରିରାଜପୁର ଗ୍ରାମର ଲକ୍ଷ୍ମଣ ସ୍ୱାଇଁ ତାଙ୍କ ସାନଭାଇଙ୍କ ବିବାହ ଭୋଜିରେ ବିଧାୟକଙ୍କ ପତ୍ନୀ ଯୋଗଦେବା ନିମନ୍ତେ ତାଙ୍କୁ ପାଛୋଟି ନେବାକୁ ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ସମେତ ତାଙ୍କ ସମର୍ଥକଙ୍କ ସହ ଆସି ହରିରାଜପୁର ଛକରେ ଏକଜୁଟ ହୋଇଥିଲେ। ଏଠାରେ ପ୍ରକାଶଯୋଗ୍ୟ ତଥା ଲୋକଙ୍କ କହିବାନୁଯାୟୀ,ଗତ ପଞ୍ଚାୟତ ନିର୍ବାଚନଠାରୁ ଉଭୟ ଶାସକ ଦଳର ସମର୍ଥକ ହେଲେ ମଧ୍ୟ ହରିରାଜପୁର ପଞ୍ଚାୟତ ସରପଞ୍ଚ ଏବଂ ସମିତି ସଭ୍ୟା ତଥା ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷାଙ୍କ ମଧ୍ୟରେ ଛକାପଞ୍ଝା ଓ ଶୀତଳଯୁଦ୍ଧ ଲାଗି ରହିଥିବାରୁ ସେବେଠାରୁ ଉଭୟେ ଦୁଇଟି ଭିନ୍ନ ସମର୍ଥକ ଗୋଷ୍ଠୀ କରି ନିଜ ନିଜର ରଣକୌଶଳ ଓ ରାଜନୈତିକ ପତିଆରା ଜାହିର କରି ଆସୁଛନ୍ତି ।ତେବେ ବୁଧବାର ରାତିରେ କିଏ ପ୍ରଥମେ ବିଧାୟକଙ୍କ ପତ୍ନୀଙ୍କୁ ସ୍ୱାଗତ କରି ବିବାହ ଭୋଜିକୁ ପାଛୋଟି ନେବ ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି ।ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ହେବାରୁ ସରପଞ୍ଚଙ୍କ ସ୍ୱାମୀ ମହାଦେବ ରାଉତରାୟ ଓ ତାଙ୍କ ସାନଭାଇ ସହଦେବ ରାଉତରାୟଙ୍କ ଆକ୍ରମଣରେ ହରିରାଜପୁର ଗ୍ରାମର ଲକ୍ଷ୍ମଣ ସ୍ୱାଇଁଙ୍କ ନାକ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ସେ ଗୁରୁତର ଆହତ ହୋଇଥିବା ନେଇ ତାଙ୍କ ପତ୍ନୀ ରୂପାଲିନ୍ ନାୟକ ହରିରାଜପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କ ସ୍ୱାମୀଙ୍କୁ ଲୁହା ରଡରେ ଆକ୍ରମଣ କରି ସେମାନେ ୬ଭରି ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ରୂପାଲିନ୍ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।ଅନୁରୂପ ଭାବେ ଲକ୍ଷ୍ମଣ ସ୍ୱାଇଁଙ୍କ ସହ ଅନ୍ୟ ୫ଜଣ ବ୍ୟକ୍ତି ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିବା ଯୋଗୁଁ ତାଙ୍କ ଆଖି ଓ କାନରେ ଗଭୀର ଆଘାତ ଲାଗିଥିବା ନେଇ ହରିରାଜପୁର ପଞ୍ଚାୟତ ସରପଞ୍ଚ ରୀନାରାଣୀ ରାଉତରାୟ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।ଏବେ ମହାଦେବ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସା ହେଉଥିବା ନେଇ ସରପଞ୍ଚଙ୍କ ପରିବାର ସୂତ୍ରରୁ ସୂଚନା ମିଳିଛି ।ଖବର ପାଇ ବୁଧବାର ରାତିରେ ଡେଲାଙ୍ଗ ଥାନାଧିକାରୀ ଅନିଲ କୁମାର ମହାନ୍ତି ଏବଂ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ସହ ସମ୍ଭାବ୍ୟ ପରିସ୍ଥିତି ପ୍ରତି ସଜାଗ ଦୃଷ୍ଟି ରଖିଥିବା ନେଇ ଥାନା ପକ୍ଷରୁ ସୂଚନା ମିଳିଛି ।ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ ୧୬୦/୨୩ ଓ ୧୬୧/୨୩ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିବାବେଳେ ଏହି ଘଟଣାରେ ପୋଲିସ୍ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରିପାରିନାହିଁ । ତେବେ ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି ।ଏହି ଘଟଣାକୁ ନେଇ ଉଭୟ ଟାଙ୍ଗି ଭଅଁସର ଏବଂ ହରିରାଜପୁର ଗ୍ରାମରେ ସମ୍ପ୍ରତି ଚାପା ଉତ୍ତେଜନା ପ୍ରକାଶ ପାଇଛି ।

### ମୋ ୱାର୍ଡ ଅଭିଯାନ
## ୨ୟ ଦିନରେ ୫ନମ୍ବର ୱାର୍ଡରେ ବିଭିନ୍ନ କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ୍): ମୋ ୱାର୍ଡ ଅଭିଯାନର ଆଜି ୨ୟ ଦିବସରେ ୫ନମ୍ବର ୱାର୍ଡରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଶୁକ୍ରବାର ପ୍ରାତଃ ୬ଘଟିକା ସମୟରେ ମେୟର ସୁବାସ ସିଂ ୱାର୍ଡ ନ ୫ରେ ପରିମଳ ବ୍ୟବସ୍ଥାର ଦାୟିତ୍ୱରେ ଥିବା ସଂସ୍ଥା ତାହାର ପରିମଳ ବ୍ୟବସ୍ଥାର କିପରି ଭାବରେ ୱାର୍ଡରେ ତାହାର କାର୍ଯ ପରିଚାଳନା କରୁଛି ସେହି ବିଷୟରେ ମର୍କତ ନଗର ପୋଲିସ ଷ୍ଟେସନ ନିକଟ ହାଜିରା ପଏଣ୍ଟ୍ ପାଖରେ ପହଞ୍ଚି, ସେମାନଙ୍କର ଉପସ୍ଥାନ ନେବା ସହିତ ୱାର୍ଡର ପରିମଳ ବ୍ୟବସ୍ଥା ଉପରେ ତଦାରଖ କରିଥିଲେ। ଏହି ତଦାରଖ ସମୟରେ କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରି ସତ୍ୟବ୍ରତ ମହାପାତ୍ର, ଯନ୍ତ୍ରୀ ଦିଲୀପ ସ୍ୱାଇଁ, କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, ୱାର୍ଡ ଅଫିସର ସନ୍ତୋଷ କୁମାର୍, ସାନିଟାରୀ ଇନ୍ସପେକ୍ଟର ପ୍ରଭାତ କୁମାର୍ ପାଇଟାଲ, ବିଶ୍ୱନାଥ ଧୀର, ଦୀପ୍ତି ରନ ରାୟ, ବିନୋଦ ପଣ୍ଡା, ୱାର୍ଡ ସଭାପତି ଦେବେନ୍ଦ୍ର ନାଥ ମିଶ୍ର, ପ୍ରେମାଂସୁ ବେହେରା, ରବୀନ୍ଦ୍ର ନାଥ ପଣ୍ଡା, ସବିତା ରଞ୍ଜନ ପଟ୍ଟନାୟକ, ମନୋରନ ଦାସ, ବଂଶୀଧର ଶତପଥୀ, ଅବକାଶ ଭଟ୍ଟ, ବିନୟ ଝା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ସକାଳ ୧୦ଘଟିକା ସମୟରେ ମେୟରଙ୍କ ସହିତ ମହାନଗର ନିଗମର କମିଶନର ନିଖିଲ ପବନ କଲ୍ୟାଣ, ମୁଖ୍ୟ ଯନ୍ତ୍ରୀ ନନ୍ଦ କିଶୋର ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ପ୍ରଧାନ, ୱାଟକୋ ର ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, ଯାଇକା ର ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା, କନିଷ୍ଠ ଯନ୍ତ୍ରୀ ଦିଲୀପ ସ୍ୱାଇଁ, କର୍ପୋରେଟର ୱାର୍ଡ ନଂ୫ ଓ ସ୍ଥାନୀୟ ଜନ ସାଧାରଣ ମାନେ ଏକତ୍ର ହୋଇ ୱାର୍ଡ ରେ ଥିବା ସମସ୍ତ ସ୍କୁଲ, ଖେଳ ପଡିଆ, ଡାକ୍ତରଖାନା,ପାର୍କ, ନୂତନ ଭାବରେ ନିର୍ମାଣ ହେଉଥିବା ଡ୍ରେନ, ତାହାର ତଦାରଖ କରାଯିବା ସହିତ ଅଧିକାରୀ ମାନଙ୍କୁ କମିଶନର ଏବଂ ମେୟର ତୁରନ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସାକ୍ଷୀ ହତ୍ୟା ପ୍ରତିବାଦରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କଟକ(ଭାସ୍କର ନ୍ୟୁଜ୍): ଦିଲ୍ଲୀରେ ସାକ୍ଷୀ ନାମକ ନାବାଳିକାର ବର୍ବରୋଚିତ ହତ୍ୟା ପ୍ରତିବାଦରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ କଟକ ଜିଲ୍ଲାପାଳଙ୍କ ଜରିଆରେ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସର୍ବଭାରତୀୟ ସ୍ତରରେ ଦୁଇ ହଜାରରୁ ଅଧିକ ସ୍ଥାନରେ କରାଯାଇଥିବା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି । ସ୍ମାରକ ପତ୍ରରେ ଦାବୀ କରାଯାଇଛି ଯେ ଲବଜେହାଦ ଦ୍ୱାରା ସାକ୍ଷୀର ହତ୍ୟା କରିଥିବା ସାହିଲର ବିଚାର ଫାଷ୍ଟଟ୍ରାକ କୋର୍ଟରେ କରି ତାକୁ ଫାଶୀ ଦିଆଯାଉ । ଏହି କାର୍ଯ୍ୟକ୍ରମରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ରାଜ୍ୟ ସଭାପତି ଦୀପକ କୁମାର ମହାନ୍ତ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ରାଜ୍ୟ ସମ୍ପାଦକ ଦୀନବନ୍ଧୁ ସିଂହ , ରାଷ୍ଟ୍ରୀୟ ଛାତ୍ର ପରିଷଦର ରାଜ୍ୟ ସଭାପତି ମହେନ୍ଦ୍ର ବିଶ୍ୱାଳ, ରାଷ୍ଟ୍ରୀୟ ବଜରଙ୍ଗ ଦଳର କଟକ ଜିଲ୍ଲା ସଭାପତି ୱାଇ. ନରେଶ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ ।

## ୭ ଷ୍ଟେସନରେ ୧୯ଟି ଟ୍ରେନ୍ ପାଇଁ ଅତିରିକ୍ତ ରହଣି ବ୍ୟବସ୍ଥା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାତ୍ରୀମାନଙ୍କ ସୁବିଧା ପାଇଁ ଏବଂ ଯାତ୍ରୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପରୀକ୍ଷାମୂଳକ ଭିତିରେ ୦୭ ଷ୍ଟେସନରେ ୧୯ଟି ଟ୍ରେନର ଅତିରିକ୍ତ ରହଣି ପାଇଁ ରେଳମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତି ନିଆଯାଇଛି । ସୂଚନା ଅନୁଯାୟୀ ୧୮୧୦୭/ ୧୮୧୦୮ ରାଉରକେଲା-ଜଗଦଳପୁର-ରାଉରକେଲା ଏକ୍ସପ୍ରେସ ରାଉରକେଲା ଠାରୁ ଜୁନ ପହିଲା ଠାରୁ ଏବଂ ଜଗଦଳପୁରରୁ ଜୁନ ୨ ତାରିଖ ଠାରୁ କୋଟପାଡ଼ ରୋଡ୍ ଷ୍ଟେସନ ଠାରେ ରହଣି କରିବ । ୧୮୪୪୭/ ୧୮୪୪୮ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ଜୁନ ପହିଲା ଠାରୁ କୋଟପାଡ଼ ରୋଡ୍ ଷ୍ଟେସନ ଠାରେ ରହଣି କରିବ। ୧୮୫୧୪/୧୮୫୧୩ ବିଶାଖାପାଟନମ୍-କିରାଣ୍ଡୁଲ୍-ବିଶାଖାପାଟନମ୍ ଏକ୍ସପ୍ରେସ୍ ବିଶାଖାପାଟନମ୍ ଠାରୁ ଜୁନ ପହିଲା ଠାରୁ ଏବଂ କିରାଣ୍ଡୁଲ୍ ଠାରୁ ଜୁନ ୨ ତାରିଖ ଠାରୁ କୋଟପାଡ଼ ରୋଡ୍ ଷ୍ଟେସନ ଠାରେ ରହଣି କରିବ । ୧୮୧୧୭/୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରଣୀ ଏକ୍ସପ୍ରେସ ରାଉରକେଲାରୁ ଜୁନ ୪ ତାରିଖ ଠାରୁ ଏବଂ ଗୁଣୁପୁରରୁ ଜୁନ ୫ ତାରିଖ ଠାରୁ କାଲୁପଡାଘାଟ ଷ୍ଟେସନରେ ରହଣି କରିବ । ସେହିପରି ୧୨୮୪୩/୧୨୮୪୪ ପୁରୀ-ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ୍ ପୁରୀରୁ ୬ ଜୁନ୍ ଠାରୁ ଏବଂ ଅହମ୍ମଦାବାଦରୁ ୫ ଜୁନ୍ ଠାରୁ ସାକ୍ଷୀଗୋପାଳ ଷ୍ଟେସନରେ ରହଣି କରିବ । ୧୨୮୨୨/୧୨୮୨୧ ପୁରୀ-ଶାଲୀମାର-ପୁରୀ ଧଉଳି ଏକ୍ସପ୍ରେସ୍ ୬ ଜୁନ୍ ଠାରୁ ଉଭୟ ପାର୍ଶ୍ୱରୁ ସାକ୍ଷୀଗୋପାଳ ଷ୍ଟେସନରେ ରହଣି କରିବ । ୨୦୮୦୯/୨୦୮୧୦ ସମ୍ବଲପୁର-ନନ୍ଦେଡ-ସମ୍ବଲପୁର ଏକ୍ସପ୍ରେସ୍ ଉଭୟ ଦିଗରୁ ଜୁନ୍ ପହିଲା ଠାରୁ ଅଣ୍ଡାବିରା ଷ୍ଟେସନରେ ରହଣି କରିବ। ୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ ଭୁବନେଶ୍ୱରରୁ ଜୁନ୍ ୩ ତାରିଖରୁ ଏବଂ ଜୁନାଗଡ ରୋଡରୁ ୪ ଜୁନ୍ ଠାରୁ ଲାଞ୍ଜିଗଡ଼ ରୋଡରେ ରହଣି କରିବ। ୧୮୪୧୦ ପୁରୀ-ଶାଲୀମାର ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ପୁରୀରୁ ୩୦ ମଇ ଠାରୁ ସୋରୋ ଷ୍ଟେସନରେ ରହଣି କରୁଛି। ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ପୁରୀରୁ ୩୦ ମଇ ୨୦୨୩ ଠାରୁ ସୋରୋ ଷ୍ଟେସନରେ ରହଣି କରୁଛି। ୧୮୪୪୯ ପୁରୀ-ପାଟନା ବୈଦ୍ୟନାଥଧାମ ପୁରୀରୁ ୫ ଜୁନ୍ ୨୦୨୩ ଠାରୁ ବିଦ୍ୟାସାଗରରେ ରହଣି କରିବ। ପୁରୀରୁ ଏହି ଟ୍ରେନ୍ ବିଦ୍ୟାସାଗରରେ ଭୋର ୩ଘ.୧୪ମି.ରେ ପହଂଚି ଭୋର ୩ଘ.୧୬ମି.ରେ ଛାଡିବ।

## ଜିଏସ୍‌ଟି ଫଇସଲା ବାବଦରେ ୧୬୭୫.୭୭ କୋଟି ସଂଗ୍ରହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୋଟ ଜିଏସ୍‌ଟି କ୍ଷେତ୍ରରେ ଓଡ଼ିଶା ଚଳିତ ବର୍ଷ ମେ' ମାସରେ ୧୧.୧୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ସହ ୪୩୯୭.୭୩ କୋଟି ଟଙ୍କା ସଂଗ୍ରହ କରିଛି। ଗତବର୍ଷ ମେ' ମାସରେ ଏହି ସଂଗ୍ରହ ପରିମାଣ ଥିଲା ୩୯୫୫.୭୫ କୋଟି ଟଙ୍କା । ଚଳିତ ଆର୍ଥିକ ବର୍ଷର ମେ' ମାସ ସୁଦ୍ଧା ସାମଗ୍ରିକ ଜିଏସ୍‌ଟି ସଂଗ୍ରହ ୯୪୩୩.୪୭ କୋଟି ଟଙ୍କା ହୋଇଥିବାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏହା ୮୮୬୫.୯୮ କୋଟି ଟଙ୍କା ଥିଲା । ପୁନଶ୍ଚ, ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦକୁ ୨୦୨୩ ମସିହା ମେ' ମାସରେ ମିଳିଥିବା ଅର୍ଥରାଶିରେ ୩୦.୨୮ ପ୍ରତିଶତ ଅଭିବୃଦ୍ଧି ହେବା ସହ ଏ କ୍ଷେତ୍ରରେ ୧୬୭୫.୭୭ କୋଟି ଟଙ୍କା ସଂଗ୍ରହ କରାଯାଇଛି । ଗତ ବର୍ଷ ମେ' ମାସରେ ଏହି ସଂଗ୍ରହ ପରିମାଣ ଥିଲା ୧୨୮୬.୨୯ କୋଟି ଟଙ୍କା। ୨୦୨୩-୨୪ ଆର୍ଥିକ ବର୍ଷର ମେ' ମାସ ସୁଦ୍ଧା ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦକୁ ରାଜ୍ୟ ପାଇଥିବା ସାମଗ୍ରିକ ଜିଏସ୍‌ଟି ସଂଗ୍ରହ ପରିମାଣ ୪୦୩୪.୯୪ କୋଟି ଟଙ୍କା ହୋଇଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏହା ଥିଲା ୨୯୬୬.୨୯ କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ରହିଛି ୩୬.୦୩ ପ୍ରତିଶତ । ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ବିଭାଗ ଆଦାୟ କରୁଥିବା ସମସ୍ତ ଟିକସ ଯଥା: ଜିଏସ୍‌ଟି, ଭାଟ, ପ୍ରବେଶ ଶୁଳ୍କ, ବୃତିଗତ କର ଅଧୀନରେ ଚଳିତ ବର୍ଷ ମେ' ମାସରେ ମୋଟ ୨୭୧୧.୦୪ କୋଟି ଟଙ୍କା ସଂଗ୍ରହ କରାଯାଇଥିବାବେଳେ ଗତ ବର୍ଷ ମେ' ମାସରେ ଏହି ସଂଗ୍ରହ ପରିମାଣ ଥିଲା ୨୩୧୧.୭୮ କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ରହିଛି ୧୭.୨୭ ପ୍ରତିଶତ । ଚଳିତ ବର୍ଷ ମେ' ମାସରେ ୨୦.୪୦ ଲକ୍ଷ ଇ-ୱେବିଲ୍ ନିର୍ଗମନ କରାଯାଇଥିବାବେଳେ ୨୦୨୨ ମସିହା ମେ' ମାସରେ ୧୭.୨୬ ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିଲା। ଏ କ୍ଷେତ୍ରରେ ୧୮.୧୯ ପ୍ରତିଶତ ହୋଇଛି ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର କାର୍ଯ୍ୟାବଳୀ ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂତନ ଶିଳ୍ପନୀତି ଅନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷରୁ ୨୮୦ କୋଟି ଆର୍ଥିକ ପ୍ରୋତ୍ସାହନ ସହ ୨୫୦୭ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌କୁ ବଣ୍ଟନ କରାଯାଇଛି। ଗତ ବର୍ଷ (୨୦୨୨-୨୩ ଆର୍ଥିକ ବର୍ଷ)ରେ ପ୍ରାୟ ୫୦ କୋଟି ଟଙ୍କା ବିଭିନ୍ନ ନୀତି ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏମ୍‌ଏସ୍‌ଏମ୍‌ଇ ରପ୍ତାନୀ କ୍ଷେତ୍ରରେ ଉଲ୍ଲେଖନୀୟ ରପ୍ତାନୀ ଅଭିବୃଦ୍ଧି ଘଟିଛି । ରପ୍ତାନୀ୨୦୦୧-୦୨ ଆର୍ଥିକ ବର୍ଷରେ ୫୬୨.୭୦ କୋଟିରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୧,୩୨,୪୦୫ କୋଟି ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ଏମ୍‌ଏସ୍‌ଏମ୍‌ଇର ସଫଳତା ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଙ୍କୁ ଉଲ୍ଲେଖନୀୟ ଋଣ ପ୍ରଦାନ କରାଯାଉଛି । ୧୯୯୯-୨୦୦୦ ଆର୍ଥିକ ବର୍ଷରେ ୧୭୦.୩୮ କୋଟିରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୬୨୨୨୮.୮୧ କୋଟିକୁ ବୃଦ୍ଧି ପାଇଛି । ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏମ୍‌ଏସ୍‌ଏମ୍‌ଇ ପାର୍କ ସଂପର୍କରେ ସୂଚନା ଦେଇ କହିଲେ ଯେ ମୁଖ୍ୟତଃ ରାଜ୍ୟ ପାଣ୍ଠିରୁ ପ୍ରତ୍ୟେକ ଜିଲ୍ଲାରେ ପାର୍କଗୁଡ଼ିକ ବିକଶିତ କରାଯାଇଛି। ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଡିଆଇସି ମାଧ୍ୟମରେ ୧୬୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ କରାଯାଇଥିଲା। ୧୬୦୦ଟି ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୪୯୫୯୬ ଓଡ଼ିଶା ଷ୍ଟାର୍ଟଅପ୍ ନୀତି ୨୦୧୬ ଅଧିନରେ 'ଷ୍ଟାର୍ଟଅପ୍ ଓଡ଼ିଶା' ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ଏବଂ ଇନ୍‌କ୍ୟୁବେଟରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ଆଜି ପର୍ଯ୍ୟନ୍ତ ୨୨୪ ଷ୍ଟାର୍ଟଅପ୍ ମାସିକ ଭତା ଅନୁଦାନ, ୮୬ ଷ୍ଟାର୍ଟଅପ୍ ପାଇଁ ଉତ୍ପାଦ ବିକାଶ ଓ ମାର୍କେଟିଂ ସହାୟତା ଅନୁଦାନ,୧୭ ଷ୍ଟାର୍ଟଅପ୍ ପାଇଁ ଆବଶ୍ୟକତାଭିତିକ ସହାୟତା ଏବଂ ୮୬ ଷ୍ଟାର୍ଟଅପ୍ ପାଇଁ ସବସିଡିଯୁକ୍ତ ଇନ୍‌କ୍ୟୁବେସନ୍ ପ୍ରଦାନ କରାଯାଉଛି। ମୋଟ ଉପରେ ଗତ ୨ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ଏବଂ ଇନ୍‌କ୍ୟୁବେଟରକୁ ୧୮.୬୩ କୋଟି ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଷ୍ଟାର୍ଟଅପ୍ ରାଙ୍କିଂରେ ଟପ୍ ପରଫର୍ମର ମାନ୍ୟତା ପାଇଛି। ଏହା ସହ ଜାତୀୟ ଏମ୍‌ଏସ୍‌ଏମ୍‌ଇ ସମ୍ମାନରେ ସମ୍ମାନିତ ହୋଇଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଥିଲେ।

## ସହକାରୀ ପ୍ରଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଥିବା ସରକାରି ତାଲିମ ଶିଳ୍ପ କେନ୍ଦ୍ରରେ କାର୍ଯ୍ୟରତ। ସହକାରୀ ପ୍ରଶିକ୍ଷକ ଜୟଲକ୍ଷ୍ମୀ ହେମ୍ବ୍ରମ(୪୨ ବର୍ଷ) ଙ୍କ ଲାଇବ୍ରେରୀ ରୁମରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଜୟଲକ୍ଷ୍ମୀ ଦୀର୍ଘ ଦିନ ହେଲା ମାନସିକ ରୋଗରେ ଆକ୍ରାନ୍ତ ହେଇ ଚିକିତ୍ସିତ ହେଉଥିଲେ।ଦୀର୍ଘ ଦିନ ଧରି ମେଡ଼ିକାଲ ଲିଭ୍ ରେ ରହି ଗତ ୧୫ ଦିନ ହେଲା କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ଏହି ଅନୁଷ୍ଠାନରେ ଇଲେକ୍ଟ୍ରୋନିକ ଓ ମେକାନିକ ବିଭାଗରେ ସହକାରୀ ପ୍ରଶିକ୍ଷକ ଭାବେ ୨୦୧୯ ରେ ଠିକା କର୍ମଚାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ।କିନ୍ତୁ ୨୦୨୨ ରେ ତାଙ୍କ ଚାକିରି ନିୟମିତ ହେଇଥିଲା।ଘର ମୟୂରଭଞ୍ଜ ବୋଲି ଜଣାପଡିଛି। ସେ ଏଠାରେ ଲାଇବ୍ରେରୀର ଦାୟିତ୍ୱରେ ମଧ ଥିଲେ। ଯେହେତୁ ବର୍ତ୍ତମାନ ଫର୍ମ ଫିଲ ଅପ ଚାଲିଛି ତେଣୁ ଛାତ୍ର ଛାତ୍ରୀ ମାନେ ବହି ଫେରାଉ ଥିଲେ। ୨/୩୦ରେ ଯେତେ ବେଳେ ରାଜ ଲକ୍ଷ୍ମୀ ଘର କୁ ଖାଇବା ପାଇଁ ଫେରି ନଥିଲେ, ସ୍ୱାମୀ ଭରତ ଚଂଦ୍ର କିସ୍କୁ ଲାଇବ୍ରେରି ରୁମକୁ ଯାଇ ଦେଖିବା ବେଳକୁ ଜୟଲକ୍ଷ୍ମୀ ନିଜ ଓଢଣୀକୁ ଫେନରେ ଲଗେଇ ଝୁଲିକି ରହିଛନ୍ତି। ତୁରନ୍ତ ସବୁ ଷ୍ଟାଫ କୁ ଡ଼ାକିଥିଲେ। ସେତେବେଳକୁ ଆଉ ଜୟ ଲକ୍ଷ୍ମୀ ମୃତ ଅବସ୍ଥାରେ ଥିଲେ। ଖବର ପାଇଁ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଁଚି ଲାଇବ୍ରେରୀ ରୁମକୁ ସିଲ୍ କରିଦେଇଛନ୍ତି। ମୃତା ଶିକ୍ଷୟତ୍ରୀଙ୍କ ଭାଇ କୋରାପୁଟରୁ ପହଞ୍ଚିବ। ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ତେବେ ଏହି ସରକାରୀ ଶିଳ୍ପ ଅନୁଷ୍ଠାନରେ ବର୍ତ୍ତମାନ ସୁଦ୍ଧା ୩ ଜଣ ଆତ୍ମହତ୍ୟା କରି ସାରିଲେଣି। ଗତ ବର୍ଷ ରାଇଘର ଅଂଚଳର ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ୫ ବର୍ଷ ପୂର୍ବେ ଜଣେ ଛାତ୍ରୀଙ୍କ ସନ୍ଦେହ ଜନକ ମୃତ୍ୟୁ ହେଇଥିଲା, ବର୍ତ୍ତମାନ ଜଣେ ସହକାରୀ ପ୍ରଶିକ୍ଷକ ଆତ୍ମହତ୍ୟା କରିଛନ୍ତି।

## ବ୍ରିଜର ଉଭୟ ପାର୍ଶ୍ୱ ଦବି ସୃଷ୍ଟିହେଲା ବିରାଟ ଗର୍ତ୍ତ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଅଧିନସ୍ଥ ପହଙ୍ଗାରୁ କାଳକକୁ ସଂଯୋଗ କରୁଥିବା ବ୍ରିଜର ମୁହଁ ଉଭୟ ପାର୍ଶ୍ୱ ଦବିବା ସହ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ଏହି ସେତୁ ଦେଇ ଦୈନିକ ଶହ ଶହ ହାଇୱା ବୋଝେଇ ଗାଡି ଯାଉଥିବା ବେଳେ ବହୁ ଯାତ୍ରୀବାହୀ ଗାଡି ଯାତାୟତ କରୁଛି। କିନ୍ତୁ ଏଭଳି ଗାତ ସୃଷ୍ଟି ହେବା ଦ୍ୱାରା ଦୁର୍ଘଟଣା ଘଟୁଛି ଏବଂ ବଡ ବଡ ଦୁର୍ଘଟଣାକୁ ଏଡେଇ ଦିଆଯାଇ ନ ପାରେ। ଏହା ଉପରେ ବିଭାଗୀୟ କର୍ତ୍ତୁପକ୍ଷ ତୁରନ୍ତ ଦୃଷ୍ଟିଦେଇ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶୀତଳ ପାନୀୟ ଜଳ ସିଷ୍ଟମ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ଗୁରୁବାର ଦିନ ଭୁବନେଶ୍ୱରର ବିଭିନ୍ନ ମନ୍ଦିର ଓ ସାର୍ବଜନିନ ସ୍ଥାନ ମାନଙ୍କରେ ଶୀତଳ ପାନୀୟ ଜଳ ସିଷ୍ଟମର ଉଦଘାଟନ କରିଛନ୍ତି । ଏହି ଶୀତଳ ପାନୀୟ ଜଳ ସିଷ୍ଟମକୁ ଲଗାଇବା ପାଇଁ ସହାୟତା କରିଥିବା ଲୋକ ଓ ସଂସ୍ଥା ମାନଙ୍କୁ ସେ ଏହି ଅବସରରେ ଧନ୍ୟବାଦ ଦେଇଛନ୍ତି ।

## ଏନ୍. ମୋହିନୀଙ୍କ ଉଦ୍ଦେଶ୍ୟରେ ଶୋକସଭା

କଟକ(ଭାସ୍କର ନ୍ୟୁଜ୍): କଟକ କେଶରପୁର ନିକଟରେ ନିର୍ମାଣଧୀନ ବକ୍ସ ଡ୍ରେନ୍ କାମ ଚାଲିଥିବା ସମୟରେ ବ୍ୟବହାର ହେଉଥିବା ପାଇପ୍ ତଳେ ଚାପି ହୋଇ ଛାତ୍ରୀ ଏନ୍. ମୋହିନୀଙ୍କ ପରଲୋକ ଘଟିଛି । ସେ ନୟାସଡ଼କସ୍ଥ ଇମର୍ତ୍ତୀଦେବୀ ମହିଳା ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ (କଳା) ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସେ ଜଣେ ଶାନ୍ତ, ସରଳ ଓ ମେଧାବୀ ଛାତ୍ରୀ ଥିଲେ । ତାଙ୍କ ମୃତ୍ୟୁରେ କଲେଜ ପରିଚାଳନା କମିଟି ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । କଲେଜର ଅଧ୍ୟକ୍ଷା, ସମସ୍ତ ଅଧ୍ୟାପିକା ଓ କର୍ମଚାରୀମାନେ ଶୋକସଭା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

### ଅଙ୍ଗନୱାଡି ଛତୁଆର ମାନ ନେଇ ଉଠିଲା ପ୍ରଶ୍ନ
## କଲମରେ ଲେଖାଗଲା ପ୍ରସ୍ତୁତି ତାରିଖ

ନିଆଳି, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ୨ମାସ ହେବ ଛତୁଆ ଦେବା ବନ୍ଦ ରହିଥିବା ବେଳେ ଏବେ ଗତକାଲି ଠାରୁ ଛତୁଆ ଦେବା ଆରମ୍ଭ ହୋଇଛି। ଛତୁଆ ପ୍ରସ୍ତୁତ ପୂର୍ବରୁ ୨.୪୫୦ ଗ୍ରାମ୍ ଥିବାବେଳେ ଛତୁଆ ପ୍ରସ୍ତୁତ ପରେ ମୋଟ ଓଜନ ୨.୨୦୫ ଗ୍ରାମ୍ ଓଜନ ହେଉଛି। ଅବଶିଷ୍ଟ ଛତୁଆ ଯାଉଛି କୁଆଡେ। ଏହି ଛତୁଆକୁ ଯୋଗାଉଛି ଅଡସପୁରର ଓମ ସାଇରାମ ଏସ.ଏଚ୍.ଜି. ଗ୍ରୁପ୍। ଛତୁଆ ପ୍ରସ୍ତୁତ ସମୟ ହାତ କଲମରେ ଲେଖା ଯାଇଥିବା ବେଳେ ଏହାକୁ କେତେଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରିବ ତାହାର ତାରିଖ ଉଲ୍ଲେଖ କରାଯାଇ ନାହିଁ। ଏହି ଛତୁଆର ମାନ କିଏ ତଦାରଖ କରୁଛି ତାହା ତଦନ୍ତ ସାପେକ୍ଷ।

## ଚୋରି ମୋବାଇଲ ଉଦ୍ଧାର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ଅଧୀନ ଭେଜିପୁଟ ଠାରେ ଗତ ଠାକୁରାଣୀ ଯାତ୍ରା ସମୟରେ ହୋଇଥିବା ମୋବାଇଲ ଚୋରୀ ଅଭିଯୋଗରେ ପୁଲିସ ତଦନ୍ତ କରିବା ସହ ଅଭିଯୋଗକାରୀଙ୍କୁ ତାଙ୍କ ଘରେ ଯାଇ ମୋବାଇଲ ଫେରାଇଥିବ ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କନ୍ଧମାଳ ଜିଲ୍ଲା ବିଶିପଡ଼ା ଅଞ୍ଚଳର ଚନ୍ଦ୍ରଶେଖର ସାହୁ ଠାକୁରାଣୀ ଯାତ୍ରା ସମୟରେ ନିଜ ବଡ଼ ମାଆଙ୍କ ଘର ଭଞ୍ଜନଗର ଭେଜିପୁଟ କୁ ଆସିଥଲେ। ଯାତ୍ରା ଦେଖି ରାତିରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ନିକଟରେ ଥିବା ୩ ଟି ମୋବାଇଲ ଚୋରୀ କରି ନେଇଯାଇଥିଲେ। ଋ ସମ୍ପର୍କ ରେ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ ନମ୍ବର ୪୨୨ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଭଞ୍ଜନଗରର ଆକାଶ ନାୟକ ଓ ସୋରଡ଼ାର ନିଲୁ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଅଭିଯୋଗକାରୀଙ୍କୁ ଚୋରୀ ମୋବାଇଲ ଦିଆ ଯାଇଥିବା ଥାନା ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

### ମୟୂରଝାଲିଆ ଖଣି ଲୁଟ୍ ମାମଲା:
## ଲିଜ୍‌ଧାରୀ ସୁଶାନ୍ତ ବରାଡ଼ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ ଖଣି ମୟୂରଝାଲିଆ ଖଣି ଲୁଟ୍ ମାମଲାରେ ଲିଜଧାରୀ ସୁଶାନ୍ତ ବରାଡକୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସ୍ୱତନ୍ତ୍ର ପୋଲିସ ଟିମ୍ ଖଣ୍ଡଗିରି ନିକଟରେ ବୁଧବାର ରାତିରେ ଚଢାଉ କରି ସୁଶାନ୍ତକୁ ଗିରଫ କରିଛି। ସୂଚନାନୁଯାୟୀ, ରଣପୁର ତହସିଲ ର ମୟୁରଝାଲିଆ ଖଣି କୁ ଲିଜ୍ ସୂତ୍ରେ ସୁଶାନ୍ତ କୁମାର ବରାଡ ନେଇଥିଲେ । ଲିଜ୍ ନେଇଥିବା ଖଣି ରୁ ଅଧିକ ମାଙ୍କଡା ପଥର ଉତ୍ତୋଳନ କରିବାକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଙ୍କ ରାୟ ପରେ ୨ କୋଟି ୮୧ ଲକ୍ଷ ଟଙ୍କା ଜରିମାନା ହୋଇଥିଲା। ଅନ୍ୟପଟରେ ରଣପୁର ତହସିଲ ର ସରକାରୀ କର୍ମଚାରୀମାନେ ପଥର ମାଫିଆ ଙ୍କୁ ବେଆଇନ କାର୍ଯ୍ୟ ପାଇଁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ସଂପୃକ୍ତି ଥିବା ଯୋଗୁଁ ରଣପୁର ତହସିଲ ପ୍ରଶାସନ ପକ୍ଷରୁ ଚାନ୍ଦପୁର ଥାନାରେ ଅଭିଯୋଗ ପରେ ସୁଶାନ୍ତ କୁମାର ବରାଡ ଙ୍କ ସମେତ ବହୁ ସରକାରୀ ଅଧିକାରୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ରଣପୁର ତହସିଲର ୬ ଜଣ କର୍ମଚାରୀଙ୍କୁ ନୟାଗଡ଼ ଜିଲ୍ଲାପାଳ ନିଲମ୍ବିତ କରିଥିଲେ। ସେହିଦିନ ଠାରୁ ଖଣି ଲିଜ୍ ଧାରୀ ସୁଶାନ୍ତ କୁମାର ବରାଡ ଫେରାର ଥିଲା । ସ୍ୱତନ୍ତ୍ର ପୋଲିସ ଟିମ୍ ଏବଂ ଚାନ୍ଦପୁର ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ଛକ ନିକଟରୁ ଗତକାଲି ରାତିରେ ଚଢାଉ କରି ଗିରଫ କରିଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ : 'ସମାଜ ଶିକ୍ଷିତ ହେଲେ ଶାସକଙ୍କୁ ଅଡୁଆ'



ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ ବେଲପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋଲଖ ବିହାରୀ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ସଂଘ ଉପଦେଷ୍ଟା ଅଭିନ୍ନ ନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଏବଂ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ରାମ ନାରାୟଣ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ଜାଳି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପ୍ରାକ୍ତନ ସଭାପତି ଦୁର୍ଯ୍ୟୋଧନ ସାହୁ, ଡେଲାଙ୍ଗ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ,ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା,ଅବସରପ୍ରାପ୍ତ ସହମଣ୍ଡଳ ଶିକ୍ଷାଧିକାରୀ ଶ୍ୟାମସୁନ୍ଦର ଦାସ, ଅବସରପ୍ରାପ୍ତ ସହକାରୀ ଶିକ୍ଷକ ମିଟୁ କିଶୋର ପ୍ରଧାନ, ସିଆରସିସି ଦୟାନିଧି ମାର୍ଥା ଓ ମୁନିନ୍ଦା ପଞ୍ଚାୟତ ସରପଞ୍ଚ ଶେଷଦେବ ବାରିକ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଅନନ୍ତ ଚରଣ ସାହୁଙ୍କ ବହୁମୁଖୀ ପ୍ରତିଭା ଓ କାର୍ଯ୍ୟଦକ୍ଷତାର ସ୍ତୁତିଚାରଣ କରିଥିଲେ ।ପିଲାମାନେ ନିଜର ଦୃଢ଼ ଇଚ୍ଛା ଶକ୍ତି ବଳରେ ଭଲ ପାଠ ପଢି ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ ।ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ଜେନା ଅତିଥି ପରିଚୟ,ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ ।ଅନନ୍ତ ସାର୍ ଜଣେ ଦକ୍ଷ,ସଚ୍ଚୋଟ,ଛାତ୍ରବତ୍ସଳ,କର୍ତ୍ତବ୍ୟ ପରାୟଣ, ପରୋପକାରୀ,ସରଳ,ନିଷ୍କପଟ ଓ ଦରଦୀ ହୃଦୟର ବ୍ୟକ୍ତିତ୍ୱ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।ତେବେ ଆଧୁନିକ ସମାଜରେ ଶିକ୍ଷାର ଗୁଣାତ୍ମକ ବିକାଶ ଧାରା ଆଖିଦୃଶିଆ ଭାବେ ଅଭିବୃଦ୍ଧି ହେବା ଦିଗରେ ସେଭଳି ସକାରାତ୍ମକ ଲକ୍ଷଣ ପରିଦୃଷ୍ଟ ହେଉ ନ ଥିବାରୁ ସମାଜ ଶିକ୍ଷିତ ହେଲେ ଶାସକଙ୍କୁ ଅଡୁଆ କଥାଟିର ତାତ୍ପର୍ଯ୍ୟ ବେଶ୍ ପ୍ରତିପାଦିତ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ବିଭିନ୍ନ ଶିକ୍ଷକ ସଂଘ,ବିଦ୍ୟାଳୟ ପରିଚାଳନା କମିଟି,ପୁରାତନ ଛାତ୍ରଛାତ୍ରୀ,ଅଭିଭାବକ ଓ ଅନୁଷ୍ଠାନ ପକ୍ଷରୁ ସେବା ନିବୃତ୍ତ ପ୍ରଧାନଶିକ୍ଷକ ଅନନ୍ତ ସାରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ମାଷ୍ଟର ଗୁଡୁଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା ।ଏହି ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କାର୍ଯ୍ୟରେ ପ୍ରାକ୍ତନ ସିଆରସିସି ପବିତ୍ର ମୋହନ ଜେନା,ସୁଧୀର କୁମାର ଜେନା,ତପନ କୁମାର ମଲ୍ଲିକ,ପ୍ରଭାତ ସେଠୀ,କୈଳାସ ଚନ୍ଦ୍ର ପ୍ରଧାନ,ଦୁର୍ଯ୍ୟୋଧନ ପ୍ରଧାନ ଓ ବିଚିତ୍ରାନନ୍ଦ ପରିଡାଙ୍କ ସମେତ ବେଲପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ ।ଉତ୍ସବ ପରିଚାଳନାରେ ସହଯୋଗ ପାଇଁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ଜେନା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।